# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ମେ ୨୧/୨୦୨୪ (୧୮ ପୃଷ୍ଠା) | Bhubaneswar, Tuesday, May 21/2024 | Page 18 | ₹ 7.00 | BERHAMPUR

୫୦ଶ ଭାଗ ୧୭୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 176 | ମୂଲ୍ୟ ₹୭/-



## Admission Going on for +2 1st Yr. Sc. & NEET -2024-25

Hurry up only 200 seats for NEET-2025

# TETRAHEDRON

## RESIDENTIAL COACHING FOR NEET & JEE

## Tetrahedron Higher Secondary School

## Tetrahedron Women's Higher Secondary School

Tangi,Cuttack, For Admission Contact : 8093064522, 8093064525,9040363480,7008222977

Tetrahedron Tangi | Tetrahedrongroup, www.tetrahedrontangi.com

# EXPECTED

110 to 135

GOVT. MBBS ADMISSION IN NEET 2024 Out of 280 Normal Students

More than 700 : 04

More than 680 : 10

More than 660 : 30

More than 650 : 43

More than 600 : 123

- Kamalakanta Dash, 715/720, Mob. : 8249906661
- Jijnasu Parida, 705/720, Mob. :9178102675
- Rahul Karmi, 705/720, Mob. :6372741832
- Swagatika, 700/720, Mob. : 9937364977
- Abhisek Samal, 695/720, Mob. : 8260549163
- OMM PRAKASH, 690/720, Mob. :6372521307
- Sushree Sangita, 688/720, Mob. : 7735011969
- Ashutosh, 686/720, Mob. : 9178545331
- Shakti Swarup, 680/720, Mob. : 6370213092
- Sushree Asmita, 680/720, Mob. :7848947386
- Biswashree, 675/720, Mob. : 8480715205
- Gyana Ranjan, 675/720, Mob. : 9668089772
- Priyabrata Dash, 675/720, Mob. : 9861668335
- Ananya Anindita Swain, 672/720, Mob. : 7008775766
- Deepak Rout, 670/720, Mob. : 9337210273
- S.A.Gourangi Rout, 670/720, Mob. : 8260823873
- Santosh Ku. Sahoo, 670/720, Mob. : 9861387108
- Anshuman Mohanty, 668/720, Mob. : 9938403854
- Hitaismi Sahoo, 667/720, Mob. : 9338017644
- Sambit Das, 665/720, Mob. : 7847950802
- Aditya Narayan Lenka, 665/720, Mob. : 8908612788
- Sonali Samal, 665/720, Mob. : 8144561917
- Abhiram Moharana, 661/720, Mob. : 8658966579
- Bairiganjan Sahoo, 660/720, Mob. : 8144640129
- Jyotiranjan Sahoo, 660/720, Mob. : 8018158921
- Sandip Parida, 660/720, Mob. : 8260537030
- Subhankar Behera, 660/720, Mob. : 9658607511
- Swayam P. Swain, 660/720, Mob. : 7327866845
- Satyajit Mallick, 657/720, Mob. : 898481360
- Supriya P. Dash, 657/720, Mob. : 9178823790
- Akankshya Satapathy, 656/720, Mob. : 8080227149
- Pratikshya Bal, 656/720, Mob. : 9337254025
- Rahul Das, 656/720, Mob. : 7735208952
- Milan Ku. Sahoo, 655/720, Mob. : 6371420155
- Ariyan Sahoo, 653/720, Mob. : 9178620767
- Sushree Sangita Dash, 652/720, Mob. : 993750534
- Swagatika Barik, 652/720, Mob. : 9437931284
- Omm prativa Sahoo, 650/720, Mob. : 9777034182

### FRESHER STUDENTS

- Abinash Sahoo, 662/720, Mob. : 9692121982
- Satyajeet Swain, 660/720, Mob. :9439830875
- Diptimayee Behera(SC), 600/720, Mob. : 8249355019
- Satyajit(SC), 600/720, M. : 6370706476
- Swastik(SC), 570/720, M. : 9777071130

## Qualifying & Scholarship Test For NEET on 26th May, 2nd June & 23rd June (any one)

Exam from 11am. to 2.20pm. , Reporting at 10.00am)


Course Fees For NEET-2024-25 , Rs. 1,00,000/- + (18% GST)

- For Student Scoring 600 above : Free
- For Student Scoring 590 above : Rs. 20,000/-
- For Student Scoring 575 above : Rs. 40,000/-
- For Student Scoring 550 above : Rs. 50,000/-
- For Student Scoring 525 above : Rs. 60,000/-
- For Student Scoring 500 above : Rs. 75,000/-
- For Student Scoring 450 above : Rs. 90,000/-
- Test Series : Rs. 10,000/-

FOR ONLINE REGISTRATION VISIT OUR WEBSITE : www.tetrahedroncoaching.com

## Name of Examination Centre :

| TETRAHDRON | SAI SRISTI RESIDENTIAL | SRIRAM H.S.SCHOOL |
|---|---|---|
| Tangi, Cuttack<br>M. : 9040363480 | +2 SC. COLLEGE<br>Plot No. : 62/63, Unit -6<br>Near Governer House<br>BBSR, Mob. : 8093064525 | Near NH-16,<br>Soro,Balasore<br>M. : 8117097375 |


TETRAHEDRON
RESIDENTIAL COACHING FOR NEET & JEE
Tangi,Cuttack, For Admission Contact : 8093064522, 8093064525,9040363480,7008222977
650/720 Priti Paramita Prusty Mob. : 8260876952
650/720 Smruti Ranjan Patri Mob. : 7978611374
650/720 Paresh Singh Mob. :7978663327
649/720 Sanjeeb Ku. Jena Mob. : 8658284937
649/720 Dibyaranjan Sahoo Mob. : 8984117752
647/720 Sanghamitra Nayak Mob. : 7205839872
646/720 Priyabrata Behera Mob. : 7751039100
646/720 Saswati Pradhan Mob. : 9938978585
645/720 Priyanka Giri Mob. : 8327773796
645/720 Rudra Narayan Nanda Mob. : 8249569211
645/720 Asish Ku. Jena Mob. : 9348161859
643/720 Ashutosh Pal Mob. : 8018668664
640/720 Amaresh Ku. Satapathy Mob. : 7077202009
640/720 Ankita Sahoo Mob. : 7846946454
640/720 Anshuman P. Sahoo Mob. : 7847064075
640/720 Gyana Ranjan Behera Mob. : 8984012686
640/720 Rahul Rout Mob. : 7653898338
640/720 Aditya Kishore Sahoo Mob. :9438213231
640/720 Ritikesh Nayak Mob. : 9938656083
639/720 Abhipsa Jena Mob. : 9178812353
639/720 Manaswini Mahanta Mob. : 6371584439
639/720 Soumya Ranjan Rout Mob. : 9853490176
638/720 Smruti Ranjan Behera Mob. : 7064195954
637/720 Gayatri Samal Mob. : 9205434830
636/720 Sovna Mishra Mob. : 9437121967
635/720 Abhisek Swain Mob. : 9692354875
635/720 Aditya Narayan Sarangi Mob. : 7735008592
633/720 Dona Sahoo Mob. : 9937680198
632/720 Sunilata Paramanik Mob. : 7894010960
630/720 Binapani Panda Mob. : 6371448781
630/720 Jayashree Nayak Mob. : 8260507634
630/720 Panthika Samal Mob. : 9337424271
630/720 Suchismita Sahoo Mob. : 8279230285
630/720 Swaraj Mishra Mob. : 9938350460
629/720 Pratyasha Satapathy Mob. : 9777608592
628/720 Aditya Ku. Jena Mob. : 9827855549
626/720 Ira Mohanty Mob. : 9938174925
626/720 Jagadish Sundaray Mob. : 9556371124
625/720 Prabhuraj Jena Mob. : 7978718764
625/720 Pranab Ku. Rout Mob. :9238484011
625/720 Subhranshu Sethy Mob. : 7008521684
625/720 Sourav Pradhan Mob. :7377362643
625/720 Abhisek Pradhan Mob. : 8018452991
625/720 Subhashree P. Jena Mob. : 9438176401
621/720 Omkar Punyasloka Mob. : 7978990814
620/720 Amit Anshuman Panda Mob. : 8260552053
620/720 Pally Pri. Bhuyan Mob. : 9853419350
620/720 Sonali Nayak Mob. : 8249476208
620/720 Soubhagya Ranjan Mob. :9692767335
620/720 Harapriya Das Mob. : 8280412269
619/720 Pradipta Ku. Samal Mob. : 8260148481
617/720 Saumya Sekhar Mob. : 8260559869
616/720 Debasmita Panda Mob. : 8018428224
616/720 Satyaranjan Dutta Mob. : 7847940518
615/720 Ramakrishna Biswal Mob. : 7684000422
615/720 Sahil Saswat Swain Mob. : 7853851833
615/720 Subhalaxmi Panda Mob. : 7205291154
615/720 Swarnaprabha Parida Mob. : 9583576551
614/720 Upasana Nayak Mob. : 7606035599
614/720 Mitramonalisha Kar Mob. : 9437080953
613/720 Manisha Dhal Mob. : 8984037711
612/720 Biswarupa Acharya Mob. : 6371780995
612/720 Dibyasek Sethy Mob. : 8260310450
612/720 Rudrajeet Samal Mob. : 8249259790
611/720 Anupama Barik Mob. : 8260543757
610/720 Abhipsa Das Mob. : 9777415617
610/720 Swaraj Swain Mob. :6372514243
610/720 Ayushman Satapathy Mob. : 8984563421
610/720 Bibhu Asis Pati Mob. : 7894666914
610/720 Kunal Bagh Mob. : 7978002776
610/720 Subhransu Mallik Mob. : 8984764751
607/720 Medhashree Das Mob. : 9668560885
606/720 Tanmaya Ku.Biswal Mob. : 8144015093
605/720 Deepankar Satapathy Mob. : 8280227149
605/720 Jagyaseni Sahoo Mob. : 9861162663
605/720 Rojalin Panigrahi Mob. : 8895265664
605/720 Sadhana Parida Mob. : 9777988782
605/720 Subhajeet Nayak Mob. : 8144966408
600/720 Anil Ch. Patra Mob. : 8249590800
600/720 Debasmita Sahoo(ESIC) Mob. :9778089209
600/720 Pratikshya Patra(SGS) Mob. : 8895770054
590/720 Pratikshya (SGS) M. : 9178163921
580/720 Rupali(SC) M. : 8984713671
580/720 Subhashree(ESIC) M. : 9439003463
575/720 S.Suvenka(SC) M. : 8144115130
567/720 Baishnabi(ESIC) M. : 9439219033
561/720 Nikhil (SC) M. : 7735428276
560/720 Chintu(SC) M. : 8260345704
557/720 Pallavi(SC) M. : 8327753620
550/720 Ratish (SC) M. :7978517115
541/720 Ganga (SC) M. : 9556587033
522/720 Prachi Pri(SC) M. : 9937978296
512/720 S. Mallick(SC) M. : 9178426437
510/720 Prativa(SC) M. : 9937978296
510/720 Sonali (SC) M. : 6371635236
503/720 Sarmistha(SC) M. : 9438673135
502/720 Barsha(SC) M. : 8144403589
Tetrahedron Tangi Tetrahedrongroup, www.tetrahedroncoaching.com

# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ମେ ୨୧/୨୦୨୪ Bhubaneswar, Tuesday, May 21/2024





## ସରିଲା ୨ୟ ପର୍ଯ୍ୟାୟ ନିର୍ବାଚନ


### ରାତି ସାଢ଼େ ୧୦ଟା ସୁଦ୍ଧା ୬୪.୪୫% ମତଦାନ

**ଭୁବନେଶ୍ୱର, ୨୦।୫ (ଅସମାପିକା ସାହୁ)**

ରାଜ୍ୟରେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି। ଆସିକା, କନ୍ଧମାଳ, ବରଗଡ଼, ବଲାଙ୍ଗୀର ଓ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ର ସହ ଏହା ଅନ୍ତର୍ଗତ ୩୫ ବିଧାନସଭା ନିର୍ବାଚନମଣ୍ଡଳୀରେ ଲୋକେ ମତଦାନ କରି ନିଜ ନେତା ବାଛିଛନ୍ତି। ତେବେ ରାତି ସାଢ଼େ ୧୦ଟା ସୁଦ୍ଧା ମତଦାନ ୬୪.୪୫ ପ୍ରତିଶତ ହୋଇଥିବା ନିର୍ବାଚନ କମିଶନ ପକ୍ଷରୁ ସୂଚନା ଦିଆଯାଇଛି। ବରଗଡ଼ରେ ସର୍ବାଧିକ ୬୮.୨୩ ପ୍ରତିଶତ ଓ ଆସିକାରେ ସବୁଠୁ କମ୍ ୫୮.୪୬ ପ୍ରତିଶତ ଭୋଟିଂ ହୋଇଛି। ସେହିଭଳି ସୁନ୍ଦରଗଡ଼ରେ ୬୬.୮୮ ପ୍ରତିଶତ, କନ୍ଧମାଳ ୬୪.୭୭ ପ୍ରତିଶତ, ବଲାଙ୍ଗୀରରେ ୬୪.୦୫ ପ୍ରତିଶତ ମତଦାନ ହୋଇଥିବା ସୂଚନା ମିଳିଛି। ତେବେ ଶାନ୍ତିଶୃଙ୍ଖଳାର ସହ ମତଦାନ ସରିଥିଲେ ମଧ୍ୟ ଭଞ୍ଜନଗର, ବୌଦ୍ଧ, ବରଗଡ଼, ରାଉରକେଲା ଆଦି କିଛି ସ୍ଥାନରେ ନିର୍ବାଚନୀ ହିଂସାକାଣ୍ଡ ଘଟିଛି।

ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ନିକୁଞ୍ଜ ଧଳ କହିଛନ୍ତି, ସୋମବାର ତାପମାତ୍ରା ଅଧିକ ରହିଥିଲେ ମଧ୍ୟ ମତଦାନ ସବୁଠି ଭଲରେ ହୋଇଛି। ଭଞ୍ଜନଗର ଏବଂ ଦାରିଙ୍ଗବାଡ଼ିରେ ଶେଷ ବେଳକୁ ପ୍ରବଳ ବର୍ଷା ହୋଇଥିଲା। ☞ପୃଷ୍ଠା-୧୧


**ଆଜିର ସମ୍ପାଦକୀୟ** ସଂଘୀୟ ବ୍ୟବସ୍ଥାରେ ପୋଲିସ




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୩୩ତମ ବଳିଦାନ ଦିବସ, ସ୍ଥାନ: ରାଜଭବନସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଭାରତୀୟ ଭାଷା ଆନ୍ଦୋଳନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପାନ୍ଥ ନିବାସ, ସମୟ: ପୂର୍ବାହ୍ନ ୧୧ଟା।
- ଶିବାଜୀ ପଟ୍ଟନାୟକ ସ୍ମାରକୀ ବକ୍ତୃତା, ସ୍ଥାନ: ସିଓ୍ୱାଇଏସ୍‌ଡି ହଲ୍, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ୧୮ତମ ବାର୍ଷିକ ଯଜ୍ଞ ଉତ୍ସବର ପୂର୍ଣ୍ଣାହୁତି, ସ୍ଥାନ: ଶିରିଡି ସାଇ ମନ୍ଦିର ପରିସର, ହାଟବଜାର, ଜଟଣୀ, ସମୟ: ସନ୍ଧ୍ୟା ୬ଟା।
- ବ୍ରଜନାଥ ଶତପଥୀଙ୍କ ୯ମ ଶ୍ରାଦ୍ଧବାର୍ଷିକ ଓ ସ୍ମୃତି ସଭା, ସ୍ଥାନ: ଗୀତାଭବନ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ରାଉତପଡା ସେବା ସମବାୟ ସମିତିରେ ରବି ଧାନମଣ୍ଡି ଉଦ୍‌ଘାଟନ, ସ୍ଥାନ: ସମବାୟ ସମିତି କାର୍ଯ୍ୟାଳୟ, ରୂପସା, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି ସାଧାରଣ ସଭା, ସ୍ଥାନ: ମୁରୁଡା ହାଟ ପଡ଼ିଆ, ସିନ୍ଧିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ନିର୍ବାଚନ ପ୍ରଚାର ପାଇଁ ଆସିବେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ସ୍ଥାନ: ବାଲେଶ୍ୱର ରେଳଷ୍ଟେଶନ, ସମୟ: ମଧ୍ୟାହ୍ନ ୧୨ଟା।
- ଭାଜପା ମହିଳା ସମାବେଶ, ସ୍ଥାନ: ଥାନାଛକ ମାଛ ମାର୍କେଟ ସମ୍ମୁଖ, ଭୋଗରାଇ, ସମୟ: ଅପରାହ୍ନ ୨ଟା ୩୦।
- ଭାଜପା ଯୁବ ସମାବେଶ, ସ୍ଥାନ: ବସ୍‌ଷ୍ଟାଣ୍ଡ ପଡ଼ିଆ, ବାଲିଆପାଳ, ସମୟ: ଅପରାହ୍ନ ୩ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଟପ୍ ଆଣ୍ଡ ଟେଷ୍ଟି ହୋଟେଲ, ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ୩୦।
- ମହିଳା ସମ୍ମିଳନୀକୁ ସମ୍ବୋଧିତ କରିବେ ରେଳମନ୍ତ୍ରୀ, ସ୍ଥାନ: ବାଲିପାଳ ପଡ଼ିଆ, ରେମୁଣା, ସମୟ: ଅପରାହ୍ନ ୪ଟା।
- ଜନସଭାକୁ ସମ୍ବୋଧିତ କରିବେ ରେଳମନ୍ତ୍ରୀ, ସ୍ଥାନ: କସିପଦା ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭାଜପାର ଦୋବଲ ଜୋନ୍‌ସ୍ତରୀୟ ମହିଳା ସମାବେଶ, ସ୍ଥାନ: ସୁଜାନସିଂପୁର, ଖିଲାଟେଶ୍ୱର, ଧାମନଗର, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ବାର୍ଷିକ ଶାନ୍ତି ଯଜ୍ଞ ଏବଂ ନାମ ସଂକୀର୍ତ୍ତନ ପାଇଁ ଶୁଭାଧିବାସ ଏବଂ ଘଟ ସ୍ଥାପନ, ସ୍ଥାନ: କୁଶଚିଙ୍କିରି, ହାଟଡ଼ିହୀ, ସମୟ: ପ୍ରାତଃ ୫ ଟା।
- ବିଭିନ୍ନ ପଞ୍ଚାୟତରେ ଭାଜପାର ନିର୍ବାଚନୀ ପ୍ରଚାର, ସ୍ଥାନ: ହାଟଡିହୀ, ସମୟ: ସକାଳ ୮ ଟା।
- ବିଭିନ୍ନ ପଞ୍ଚାୟତରେ ବିଜେଡିର ଘର ଘର ବୁଲି ନିର୍ବାଚନୀ ପ୍ରଚାର, ସ୍ଥାନ: ହାଟଡ଼ିହୀ, ସମୟ: ସକାଳ ୯ ଟା।
- ଅମିତ ଶାହାଙ୍କ ନିର୍ବାଚନୀ ସଭା, ସ୍ଥାନ: କେନ୍ଦୁଝର ମେଡ଼ିକାଲ କଲେଜ ପଡିଆ, ସମୟ: ଅପରାହ୍ନ ୧ ଟା।
- କାର୍ତ୍ତିକ ପାଣ୍ଡିଆନଙ୍କ ନିର୍ବାଚନୀ ସଭା, ସ୍ଥାନ: ପାଟଣା ବିଧାନସଭା କ୍ଷେତ୍ର, ସାହାରପଡ଼ା ବ୍ଲକ୍ ମୁଖ୍ୟାଳୟ ହାଇସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୧ ଟା।

## ମୟୂରଭଞ୍ଜ

- ଅଷ୍ଟପ୍ରହର ନାମ ଯଜ୍ଞ, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଶୀର୍ଷାପାଳ ଛକ, ଚିତ୍ରଡ଼ା, ସମୟ:ସକାଳ ୭ଟା ।
- ଓଆର୍‌ଏସ୍ କର୍ନର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ସକାଳ ୯ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଜୋନସ୍ତରୀୟ କର୍ମୀ ସମ୍ମିଳନୀ, ସ୍ଥାନ: ରାସଗୋବିନ୍ଦପୁର ବ୍ଲକ ଅଧୀନ ସାନମାଣିଦା, ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ

- ଠାକୁରାଣୀ ଯାତ୍ରାର ଦ୍ୱିତୀୟ ଦିନ, ସ୍ଥାନ: ପାତ୍ରପୁର ବ୍ଲକ ସୁବର୍ଣ୍ଣପୁର, ସମୟ : ସକାଳ ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଆସିକା ବ୍ଲକ ନିରାଳ,ସମୟ: ସକାଳ ୮ଟା ୪୫।।

## ରାୟଗଡ଼ା

- ମା' ମଝି ଘରିଆଣିଙ୍କ ଘଟ ନଗର ପରିକ୍ରମା, ସ୍ଥାନ: ରାୟଗଡ଼ା ଇନ୍ଦିରା ନଗରସ୍ଥିତ ମଝି ଘରିଆଣି କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

## କୋରାପୁଟ

- ବିଶ୍ୱଶାନ୍ତି ମହାଯଜ୍ଞ ଓ ବେଦ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଦାମନଯୋଡ଼ି ନାଲକୋ ଟାଉନଶିପ, ସେକ୍ଟର ୧ ଯଜ୍ଞ ମଣ୍ଡପ, ସମୟ: ସକାଳ ୮ରୁ ଆରମ୍ଭ।

## ସମ୍ବଲପୁର

- କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସାଧାରଣ ସଭା, ସ୍ଥାନ ଅଇଁଠାପାଲି ପିଏଚ୍‌ଡି ପଡିଆ, ସମୟ: ପୂର୍ବାହ୍ନ ୧୦ ଟା
- ସାଓଲିନ କୁମ୍ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ହରିଶଙ୍କରଠାରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖି ମେଳା ଆରମ୍ଭ, ସ୍ଥାନ: ହରିଶଙ୍କର, ଖପ୍ରାଖୋଲ ବ୍ଲକ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର

- ସ୍ୱପ୍ନେଶ୍ୱର ବାବା ଶିବ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ବୀରମହାରାଜପୁର ବ୍ଲକର ଗୌଡଗାଡ ଶିବ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ରାତ୍ରିକାଳୀନ ୟଙ୍ଗ ଷ୍ଟାର କ୍ରିକେଟ୍ ଟୁର୍ନାମେଣ୍ଟର ଉଦ୍‌ଘାଟନୀ, ସ୍ଥାନ: ତରଭା ବ୍ଲକର ଫଟକରା ଖେଳପଡିଆ, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ନବଦିନାତ୍ମକ ରାମାୟଣ ପାରାୟଣ, ସ୍ଥାନ: ସରଣ୍ଡା ଶିବ ମନ୍ଦିର ପ୍ରାଙ୍ଗଣ, ଅତାବିରା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ନୃସିଂହନାଥଙ୍କ ବୈଶାଖ ମେଳାରେ ମାର୍ଜାର କେଶରୀ ସାଂସ୍କୃତିକ ମଣ୍ଡପ ଉଦ୍‌ଘାଟନ, ସ୍ଥାନ: ପାଇକମାଳ ଶ୍ରୀଶ୍ରୀ ନୃସିଂହନାଥ ମନ୍ଦିର ନିକଟ, ସମୟ: ରାତି ୮ଟା।

## କଳାହାଣ୍ଡି

- ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ଚାରବାହାଲ ସବ୍‌ଡିଭିଜନ ଅଫିସ, ଜୁନାଗଡ଼ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଚନ୍ଦନଯାତ୍ରା ଉପଲକ୍ଷେ ପୂଜାରମ୍ଭ ଓ ଦଣ୍ଡନୃତ୍ୟ ପରିବେଷଣ, ସ୍ଥାନ: କେସିଙ୍ଗା ବ୍ଲକ କାଣ୍ଡେଲ ଗ୍ରାମସ୍ଥିତ ଆୟୁର୍ବେଦ ସେବାସଦନ, ସମୟ: ରାତି ୮ଟା।

## ନୂଆପଡ଼ା

- ଷୋହଳପ୍ରହର ନାମଯଜ୍ଞ ଭୋଗ ଅର୍ପଣ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ଗଣ୍ଡରାମୁଣ୍ଡା ଗାଁ, ସମୟ: ପ୍ରାତଃ ୫ଟା ।
- ଭାଗବତ ମହାପାରାୟଣ: ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ଷୋହଳପ୍ରହର ନାମଯଜ୍ଞ ନାମଧାରଣ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ତିଖାଳି ଗାଁ, ସମୟ: ସକାଳ ୮ଟା ୩୦ ।
- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ କାମକେଡା ଗାଁ, ସମୟ: ସକାଳ ୯ଟା ।
- ଷୋହଳପ୍ରହର ନାମଯଜ୍ଞ ନାମଧାରଣ, ସ୍ଥାନ: କୋମନା ବ୍ଲକ ଠିକପାଲି ପଞ୍ଚାୟତ ଶୁକ୍ଲିମୁଣ୍ଡି ଗାଁ ମାଝିପଡା, ସମୟ: ସକାଳ ୯ଟା ।
- ଷୋହଳପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ କାଣ୍ଡେତାରା ଗାଁ, ସମୟ: ଅପରାହ୍ନ ୨ଟା ୩୦ ।

## ଦେବଗଡ଼

- ମା' ତାରିଣୀ ମନ୍ଦିର ବାର୍ଷିକ ଉତ୍ସବ ଉଦ୍‌ଯାପିତ, ସ୍ଥାନ: ମଠସାହି, ଦେବଗଡ଼ ସହର, ସମୟ: ସକାଳ ୯ଟା।
- ଭାଜପା ପକ୍ଷରୁ ଘରକୁ ଘର କାର୍ଯ୍ୟକ୍ରମ, ସ୍ଥାନ: ପୌରାଞ୍ଚଳ ବିଭିନ୍ନ ୱାର୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି ପକ୍ଷରୁ ନିର୍ବାଚନୀ ପ୍ରଚାର, ସ୍ଥାନ: ରିଆମାଳ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- କେନ୍ଦ୍ରମନ୍ତ୍ରୀ ଅମିତ ଶାହାଙ୍କ ନିର୍ବାଚନୀ ସଭା, ସ୍ଥାନ: ବାଟଗାଁ, କଙ୍କଡାହାଡ, ଢେଙ୍କାନାଳ, ସମୟ: ଅପରାହ୍ନ ୨ଟା ୩୦ ।

## ଅନୁଗୋଳ

- ଭାଜପା ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ: ଅନୁଗୋଳ, ସମୟ: ସକାଳ ୮ଟା।
- ବିଜେଡି ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ: ଅନୁଗୋଳ, ସମୟ: ସକାଳ ୯ଟା।
- ନିର୍ବଚନ ପାଇଁ ତାଲିମ୍, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦।
- ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୧ଟା।
- ଭାଜପା ପକ୍ଷରୁ ନିର୍ବାଚନ ପ୍ରଚାର, ସ୍ଥାନ: ଛେଣ୍ଡିପଦା, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ଚତୁର୍ଦ୍ଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ପୂରଣଓଡପଡା ସ୍ଥିତ ଦଖିଣେଶ୍ୱରୀ ଦେବୀ ପୀଠ, ସମୟ: ସକାଳ ୬ଟା ୫୧ ମିନିଟ।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବାରମାଣିଆ ବଟମହାପୁରୁଷ ପୀଠ, ପୁରୁଷୋତ୍ତମପୁର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୫ଟା।

## ଯାଜପୁର

- ସପ୍ତସତୀ ଚଣ୍ଡୀ ମହାଯଜ୍ଞର କଳସାଧିବାସ, ସ୍ଥାନ: ଧର୍ମଶାଳା ବ୍ଲକ ନୂଆଗାଁସ୍ଥିତ ମା' ପଳାସବୁଡ଼ି ପୀଠ, ସମୟ: ସକାଳ ୬ଟା।
- ବ୍ୟାସନଗର ପୌର ପରିଷଦରେ କୋରେଇ ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ଯୋଡାବର ପଡିଆ, ସମୟ: ସନ୍ଧ୍ୟା ୬ଟା।
- ବ୍ୟାସନଗର ପୌର ପରିଷଦରେ ଭାଜପାର କର୍ମୀ ସମ୍ମିଳନୀ ଓ ବୈଠକ, ସ୍ଥାନ: ଚୋରଦା ପଡିଆ। ସମୟ: ସନ୍ଧ୍ୟା ୬ଟା।
- ବ୍ୟାସନଗର ପୌର ପରିଷଦରେ କୋରେଇ ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: କୋପଣ୍ଡ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ନିର୍ବାଚନୀ ସଭା, ସ୍ଥାନ: ନୟାଗଡ଼ ବ୍ଲକ୍ ଲଠିପଡାର ଟାଙ୍ଗି ପଡ଼ିଆ, ସମୟ: ଅପରାହ୍ନ ୩ଟା।
- କଣ୍ଟିଲୋ ନୀଳମାଧବ ଜୀଉଙ୍କ ଚନ୍ଦନ ଯାତ୍ରାର ଦ୍ୱାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା।
- ନୟାଗଡ଼ର ଶ୍ରୀଜଗନ୍ନାଥଙ୍କ ଭଉଁରୀ ଯାତ୍ରାର ଦ୍ୱାଦଶ ଦିବସ, ସ୍ଥାନ:ନୟାଗଡ଼ ସାଗର ପୋଖରୀ, ସମୟ:ଅପରାହ୍ନ ୫ଟା।
- ଶ୍ରୀରଘୁନାଥ ଜୀଉଙ୍କ ଭଉଁରୀ ଯାତ୍ରାର ଦ୍ୱାଦଶ ଦିବସ, ସ୍ଥାନ: ଓଡ଼ଗାଁ ଶ୍ରୀରାମ ସାଗର, ସମୟ: ସନ୍ଧ୍ୟା ୭ଟା।
- ଶରଣକୁଳ ଲଡୁବାବାଙ୍କ ଭଉଁରୀ ଯାତ୍ରାର ଦ୍ୱାଦଶ ଦିବସ, ସ୍ଥାନ:ଶରଣକୁଳ ମନ୍ଦିର କୁଣ୍ଡରେ ଚାପଖେଳ,ସମୟ:ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜିର ସପ୍ତମ କେନ୍ଦ୍ରସ୍ଥ ଚନ୍ଦ୍ର ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବ୍ୟବସାୟରେ ସୁଫଳ ପ୍ରଦାନ କରିବ। ସ୍ୱାସ୍ଥ୍ୟ ଓ ପାରିବାରିକ ଦିଗଟି ଭଲ ରହିବ ଏବଂ ବିଳାସବ୍ୟସନ ପାଇଁ ଆକୃଷ୍ଟ ହେବେ। ଶତ୍ରୁମାନେ ଚେଷ୍ଟାକରି ଥକିଯିବେ ସିନା କିଛି କ୍ଷତି କରିପାରିବେ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗର ହାତ ଆପଣଙ୍କ ପାଖକୁ ଲମ୍ବି ଆସିବ।

**ବୃଷ**

ଶୁକ୍ରଙ୍କ ସହ ଅନ୍ୟ ୨ ଗ୍ରହ ରାଶିରେ ଅବସ୍ଥାନ କରୁଥିବାରୁ ଏକାଧିକ କାମରେ ଅନୁପ୍ରବେଶ କରାଇବେ। ଶାରୀରିକ ସୁସ୍ଥତା ସହ ଅର୍ଥ ସମ୍ପର୍କିତ ସମସ୍ୟା ସମାଧାନ ହେବ। ବନ୍ଧୁଙ୍କ ସମର୍ଥନ କାମକୁ ଆଗକୁ ନେବାରେ ସାହାଯ୍ୟ କରିବ। ସଭାସମିତିରେ ଯୁକ୍ତି ବଳରେ ସମସ୍ୟାର ସମାଧାନ କରିବାରେ ସମର୍ଥ ହେବେ।

**ମିଥୁନ**

ରାଶ୍ୟାଧିପତି ଶନିଦୃଷ୍ଟିରେ ଥିବାରୁ ସ୍ୱାସ୍ଥ୍ୟରେ ଅବନତି ଓ ପାରିବାରିକ କ୍ଷେତ୍ର ସମସ୍ୟାବହୁଳ ରହିପାରେ। ବନ୍ଧୁଙ୍କ ସାହାଯ୍ୟ, ସହଯୋଗ ଅଟକି ରହିଥିବା କାମକୁ ଆଗକୁ ନେବାରେ ସାହାଯ୍ୟ କରିବ। ଶୁକ୍ର ଓ ଚନ୍ଦ୍ର ପ୍ରଭାବରୁ ରେଷ୍ଟୁରାଣ୍ଟ, ହୋଟେଲ, ଛୋଟ ଦୋକାନୀ, ଲାଭବାନ୍ ହେବେ। ପିଲାଙ୍କ ସମସ୍ୟାକୁ ନେଇ ମନ ଭଲ ରହି ନ ପାରେ।

**କର୍କଟ**

ରାଶ୍ୟାଧିପତି ବ୍ୟୟାଧିପ ଦୃଷ୍ଟିରେ ଥିବାରୁ ଆକସ୍ମିକ ଦୂରଯାତ୍ରା କରିବା ଯୋଜନା କରିପାରନ୍ତି। ନୂତନ କାମ, ଗୃହ ନିର୍ମାଣ, ଯାନବାହନାଦି କ୍ରୟ କରିବାକୁ ମନ ବଳାଇବେ। ସାମାଜିକ ସମ୍ମାନ,ବନ୍ଧୁମିଳନ ସହ କଳା, ସାହିତ୍ୟ, ସଙ୍ଗୀତ ପ୍ରତି ମଧ୍ୟ ଅଭିରୁଚି ବଢ଼ିବ। ନିଷ୍ପତ୍ତି ବଦଳାଇବା ପାଇଁ କଷ୍ଟକର ହୋଇପାରେ।

**ସିଂହ**

କର୍ମସ୍ଥାନରେ ରବି ପଣ୍ଡିତଦ୍ୱୟ ସଂଯୋଗରୁ ଆଜି ଯାହା ଚାହିଁବେ କରିବାରେ ସମର୍ଥ ହେବେ। ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା, ଜମିଜମା ବିବାଦର ଫଇସଲା, ପରିବହନ, ଦୋକାନ, ହୋଟେଲରୁ ଲାଭବାନ୍ ହେବେ। ପ୍ରଶାସନିକ, ରାଜନୈତିକ, ଉଚ୍ଚଶିକ୍ଷା, ପରୀକ୍ଷାଦି କ୍ଷେତ୍ର ଭଲ ରହିବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ କ୍ଷେତ୍ର ସମସ୍ୟା ଦୂରହେବ।

**କନ୍ୟା**

ସମସ୍ୟା ବହୁଳ ଜୀବନଚର୍ଯ୍ୟା ମଧ୍ୟରେ ଅନ୍ୟମାନଙ୍କ ସହାୟତାରେ କାମ ହାସଲ କରିବେ। ଅର୍ଥ, ସମ୍ମାନ, ବନ୍ଧୁମିଳନ ଓ ସାମାଜିକ ପ୍ରତିଷ୍ଠାର୍ଜନରେ ବିଶିଷ୍ଟ ବ୍ୟକ୍ତି ସହାୟତା କରିପାରନ୍ତି। ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ଧର୍ମାନୁଷ୍ଠାନ କିମ୍ବା ସାଙ୍ଗଠନିକ କାର୍ଯ୍ୟର ନେତୃତ୍ୱ ନେଇ ପ୍ରଶଂସିତ ହେବାର ସୌଭାଗ୍ୟ ଅର୍ଜନ କରିବେ।

**ତୁଳା**

ଚନ୍ଦ୍ର ନିଜ ରାଶିରେ ଥିବାରୁ ସାମାଜିକ ସମ୍ମାନ, କାର୍ଯ୍ୟସିଦ୍ଧି, ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ଓ ପ୍ରଶାସନିକ ସଫଳତା ହାସଲ କରିବେ। ଶନି ଦୃଷ୍ଟ ନବମାଧିପତି ହେତୁ ସନ୍ତାନଜନିତ ସମସ୍ୟା ମନକୁ ଆକ୍ରାନ୍ତ କରିପାରେ। ପ୍ରିୟଜନଙ୍କ ସହ ତିକ୍ତତା ଆଶଙ୍କା ରହିଛି। କାର୍ଯ୍ୟବ୍ୟସ୍ତତା ଯୋଗୁ ବିଶ୍ରାମ କିମ୍ବା ଭୋଜନର ଅବସର ପାଇବେ ନାହିଁ।

**ବିଛା**

ଅନୁକୂଳ ଗ୍ରହସ୍ଥିତିଜନିତ ଉତ୍ସାହର ସହ ଲକ୍ଷ୍ୟପଥରେ ଅଗ୍ରସର ହେବେ। ରବିଙ୍କ ସ୍ଥିତି କାରଣରୁ କାର୍ଯ୍ୟସିଦ୍ଧି, ସରକାରୀ ସାହାଯ୍ୟ ପ୍ରାପ୍ତି , ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇ ନେଇପାରିବେ। ପାରିବାରିକ କ୍ଷେତ୍ରରେ ଭୁଲ୍ ବୁଝାମଣା ଅଶାନ୍ତିର କାରଣ ହୋଇପାରେ। ମିଥ୍ୟା ପ୍ରଲୋଭନ ଦେଖାଇ କୌଣସି ବ୍ୟକ୍ତି ଠକିପାରନ୍ତି।

**ଧନୁ**

ଚନ୍ଦ୍ର ଅଷ୍ଟମସ୍ଥ ବୃହସ୍ପତି ରାଶିରୁ ଷଷ୍ଠସ୍ଥ ଯୋଗୁ ସ୍ୱାସ୍ଥ୍ୟହାନି, କାର୍ଯ୍ୟରେ ବିଫଳତା, ପାରିବାରିକ ଅଶାନ୍ତି ଘଟିପାରେ। ପଡ଼ୋଶୀ କିମ୍ବା ପ୍ରିୟଜନଙ୍କ ସାହାଯ୍ୟ, ସହାନୁଭୂତି ସମସ୍ୟା ସମାଧାନର ମାଧ୍ୟମ ହୋଇପାରେ। ବ୍ୟବସାୟ ଓ ପରିବହନରେ ଆକସ୍ମିକ ସମସ୍ୟାକୁ ଅତି ଚତୁରତାର ସହ ସମାଧାନ କରିପାରିବେ।

**ମକର**

ଆଜି କେନ୍ଦ୍ରସ୍ଥ ଚନ୍ଦ୍ର ପ୍ରଭାବରେ ପଡ଼ୋଶୀ, ସହକର୍ମୀଙ୍କ ସାହାଯ୍ୟ ଲାଭକରିବେ। ଦୀର୍ଘଦିନର ଅଭିଳାଷ ପୂରଣ ସହ କଳା, ସାହିତ୍ୟାଦି କ୍ଷେତ୍ରରୁ ପ୍ରଶଂସିତ ହେବେ। ଧନହାନି, ମିତ୍ରବନ୍ଧୁ ବିରୋଧ, ତର୍କବିତର୍କ ଘଟିପାରେ। ଶିଳ୍ପ, ବ୍ୟବସାୟ, ସାମ୍ବାଦିକତା, ଏଜେନ୍ସିପ୍ ଓ ଆନୁଷ୍ଠାନିକ କାମରେ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ**

ଷଷ୍ଠାଧିପ ଭାଗ୍ୟସ୍ଥ ହେତୁ ଆଜି ଆପଣଙ୍କ ଉଦ୍ୟମ ପୂର୍ଣ୍ଣମାତ୍ରାରେ ସଫଳତା ପାଇ ନ ପାରେ। ଦୁଃସ୍ଥାନସ୍ଥ କେତୁଜନିତ ବିଭିନ୍ନ ଦୁଶ୍ଚିନ୍ତା ମଧ୍ୟରେ ମନ ଭାରାକ୍ରାନ୍ତ ରହିବ। ଭୁଲ୍ ବୁଝାମଣାଜନିତ ପରିବାରରେ ମତଭେଦ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ସମସ୍ୟା ଲାଗି ରହୁଥିଲେ ମଧ୍ୟ କାମଟିକୁ ସମ୍ପନ୍ନ କରିବାରେ କୌଣସି ଅସୁବିଧା ରହିବନାହିଁ।

**ମୀନ**

ଚତୁର୍ଥଭାବସ୍ଥ ଗ୍ରହଜନିତ ଘରୋଇ ସମସ୍ୟା ରହିଥିଲେ ମଧ୍ୟ ସମ୍ପର୍କୀୟଙ୍କ କାମରେ ନିଜକୁ ମଜାଇ ରଖିବେ। ମନଲୋଭା ପରିବେଶରେ ସୌନ୍ଦର୍ଯ୍ୟାନୁଭୂତି, ବନ୍ଧୁଙ୍କ ଆଦରବୋଳା କଥାରୁ ମନ ଖୁସି ହୋଇଯିବ। ଜନାଦୃତ ସହ ସାମାଜିକ ପ୍ରତିଷ୍ଠା ମିଳିବ। ସ୍ୱାସ୍ଥ୍ୟ ଖରାପ ସହ ଋଣଭାର ବଢ଼ିଯାଉଥିବା କାରଣରୁ ଚିନ୍ତିତ ରହିପାରନ୍ତି।

ଆଜି ମେ ୨୧ ତାରିଖ ମଙ୍ଗଳବାର, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ, ଆତଙ୍କବାଦ ବିରୋଧୀ ଦିବସ, ବୈଶାଖ ଶୁକ୍ଳ ତ୍ରୟୋଦଶୀ। ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ପାର୍ବଣ ଓ ଶ୍ରାଦ୍ଧ। ସକାଳ ଘ.୦୫।୧୨ ଗତେ, ଘ.୦୬।୫୦ ମଧ୍ୟେ, ଦିବା ଘ.୦୯। ୩୩ ଗତେ, ୧୨।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୨।୫୮ ଗତେ, ଘ.୦୪।୩୬ ଗତେ ରାହୁକାଳ।

# ମମତାଙ୍କୁ ଲିଗାଲ ନୋଟିସ୍

**କୋଲକାତା,୨୦।୫**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଭାରତ ସେବାଶ୍ରମ ସଂଘ (ବିଏସ୍‌ଏସ୍)ର ସମ୍ପାଦକ ସ୍ୱାମୀ ପ୍ରଦୀପ୍ତାନନ୍ଦ ସୋମବାର ଲିଗାଲ ନୋଟିସ୍ ପଠାଇ ୪୮ ଘଣ୍ଟା ମଧ୍ୟରେ ନିଃସର୍ତ୍ତ କ୍ଷମା ମାଗିବାକୁ କହିଛନ୍ତି। ପ୍ରଦୀପ୍ତାନନ୍ଦଙ୍କ ସମେତ ଗୋଟିଏ ଗୋଷ୍ଠୀ ସନ୍ଥ ଭାଜପା ପାଇଁ କାର୍ଯ୍ୟ କରୁଥିବା ମମତା ଅଭଯୋଗ କରିଥିଲେ। ସେଥିପାଇଁ ତୃଣମୂଳ କଂଗ୍ରେସ ଅଧକ୍ଷା ନୋଟିସ ପାଇବାର ୪୮ ଘଣ୍ଟା ମଧ୍ୟରେ ଖବରଦାତା ସମ୍ମିଳନୀ ଡାକି ନିଃସର୍ତ୍ତ କ୍ଷମା ମାଗିବା ସହ ନିଜର ବିବାଦୀୟ ମନ୍ତବ୍ୟ ଫେରାଇ ନେବାକୁ ଏଥିରେ କୁହାଯାଇଛି। ଯଦି ମମତା ୪ ଦିନ ମଧ୍ୟରେ ଜବାବ ନ ଦିଅନ୍ତି, ତେବେ ସେ ପ୍ରଦୀପ୍ତାନନ୍ଦଜୀଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣି ତାଙ୍କୁ ସର୍ବସାଧାରଣରେ ଅପମାନିତ କରିବାକୁ ଚାହୁଁଥିବା ବୁଝାଯିବ। ମମତାଙ୍କ ବିରୋଧରେ ଆପରାଧିକ ମାମଲା ଦାଏର କରିବା ଅଧିକାର ପ୍ରଦୀପ୍ତାନନ୍ଦଙ୍କର ରହିଥିବା ତାଙ୍କ ଓକିଲ କହିଛନ୍ତି।

# ଆଜି ଓଡ଼ିଶା ଗସ୍ତରେ ଆସୁଛନ୍ତି ଶାହା

**ଭୁବନେଶ୍ୱର, ୨୦।୫(ସୁନିତ୍ ମିଶ୍ର)**

୨୦୨୪ ନିର୍ବାଚନକୁ ନିଜ ସପକ୍ଷରେ ପୂର୍ଣ୍ଣ ବହୁମତ ସହ ନେବା ଲାଗି ଭାଜପା ନିଜର ଜୋରଦାର ଉଦ୍ୟମ ଚଳାଇଛି। ଭାଜପାର ନିର୍ବାଚନୀ ପ୍ରଚାରକୁ ଶାଣିତ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ନେତୃବୃନ୍ଦ ବିଭିନ୍ନ ସ୍ଥାନ ଗସ୍ତ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପୂର୍ବାହ୍ନ ୧୦.୩୦ରେ ସମ୍ବଲପୁର ଗସ୍ତ କରି ପ୍ରଥମେ ମାଁ ସମଲେଶ୍ୱରୀଙ୍କ ଦର୍ଶନ କରି ଆଶୀର୍ବାଦ ଗ୍ରହଣ କରିବେ। ଏହାପରେ ରେମେଡ ଗାଁ ପଡିଆଠାରେ ପୂର୍ବାହ୍ନ ୧୧ଟା ୧୫ରେ ଜନସଭାକୁ ସମ୍ବୋଧନ କରିବେ। ଏହି ଜନସଭାରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା, ସାଂସଦ ପ୍ରତାପ ଷଡ଼ଙ୍ଗୀ, ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ପ୍ରମୁଖ ଯୋଗଦେବେ। ଶାହା ଅପରାହ୍ନ ୧ଟାରେ କେନ୍ଦୁଝର, ଅପରାହ୍ନ ୨ଟା ୧୫ରେ ଢେଙ୍କାନାଳର ପରଜଙ୍ଗ(ବାଟଗାଁ ଖେଳପଡିଆ)ଠାରେ ଏବଂ ଅପରାହ୍ନ ୩ଟା ୧୫ରେ ନୟାଗଡ(ଲାଠିପଡା ଟାଙ୍ଗି ପଡିଆ)ଠାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ। ସେହିପରି କେନ୍ଦ୍ର କୃଷି କଲ୍ୟାଣ ମନ୍ତ୍ରୀ ଅର୍ଜୁନ ମୁଣ୍ଡା ମଙ୍ଗଳବାର ମୋରଡା, ଉଦଳା, ଯଶୀପୁର ଏବଂ ରାଇରଙ୍ଗପୁର, ବାଙ୍ଗିରୀପୋଷି, ବାରିପଦାରେ ଅନୁଷ୍ଠିତ ଜନସଭାକୁ ସମ୍ବୋଧନ କରିବେ ବୋଲି ଭାଜପା ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି।

### ସମ୍ବଲପୁର ସମେତ ୫ ସ୍ଥାନରେ କରିବେ ଜନସଭା

# ପରାଜୟ ଜାଣିବା ପରେ ବିଜେଡି ରକ୍ତମୁଖା: ଭାଜପା

**ଭୁବନେଶ୍ୱର, ୨୦।୫(ସୁନିତ୍ ମିଶ୍ର)**

ଚଳିତ ନିର୍ବାଚନରେ ଭାଜପାର ବିପୁଳ ବିଜୟ ଜାଣିବା ପରେ ଓଡ଼ିଶାରେ ବିଜେଡି ରକ୍ତମୁଖା ହୋଇଛି। ନିଶ୍ଚିତ ପରାଜୟରେ ବ୍ୟତିବ୍ୟସ୍ତ ହୋଇ ୨ୟ ପର୍ଯ୍ୟାୟ ନିର୍ବାଚନରେ ବିଭିନ୍ନ ପ୍ରକାର ଅଘଟଣ ଘଟାଇଛି ବିଜେଡି। ଭଞ୍ଜନଗର, କନ୍ଧମାଳ, ଟିଟିଲାଗଡ, ବିଜେପୁର, ଖଲ୍ଲିକୋଟ, ରାଉରକେଲାରେ ହିଂସାକାଣ୍ଡ ଦେଖିବାକୁ ମିଳିଛି। ସେହିପରି ବରଗଡରେ ବିଜେଡି ଗୁଣ୍ଡାଙ୍କ ଶିକାର ହୋଇଛନ୍ତି ଜଣେ ଅଟୋ ଚାଳକ। ଭାଜପା ସମର୍ଥକଙ୍କୁ ନେଇ ମତଦାନ କେନ୍ଦ୍ର ଯାଉଥିବାବେଳେ ଭୁଜାଲି ଚୋଟରେ ଅଟୋଚାଳକ ବିଶ୍ୱନାଥ ମିର୍ଦ୍ଧାଙ୍କ ପ୍ରାଣ ଚାଲିଯାଇଛି। ଏହି ହତ୍ୟାକାଣ୍ଡ ପରେ ପୋଲିସ ବିଜେଡିର ଗୁଣ୍ଡାକୁ ଧରିବା ପରିବର୍ତ୍ତେ ପରିବାର ଲୋକଙ୍କୁ ଥାନାରେ ଅଟକ ରଖିଛି। ସବୁଠୁ ଦୁଃଖର ବିଷୟ, ଏହି ଘଟଣାକୁ ବ୍ୟକ୍ତିଗତ ଶତ୍ରୁତା କହି ସିଇଓ ଦେଢ଼ଘଣ୍ଟା ପରେ ରାଜନୈତି ହିଂସା ନୁହେଁ ଏହା ବ୍ୟକ୍ତିଗତ କାରଣ ଜନିତ ହିଂସା କହି ହତ୍ୟାକାରୀଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି। କେତେଜଣ ମୁଷ୍ଟିମେୟ ଜିଲାପାଳ ବିଜେଡି ପାଇଁ କାର୍ଯ୍ୟ କରୁଛନ୍ତି। ଏନେଇ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

# ସଂସ୍କୃତି ବିଭାଗ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ, ଉପନିର୍ଦ୍ଦେଶିକାଙ୍କୁ ୪ ଏକାଡେମୀର ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର,୧୯।୫ (ଅନୁରାଧା ମହାରଣା)**



ଅବସର ନେଇଥିବା କାର୍ଯ୍ୟକର୍ତ୍ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ସଙ୍ଗୀତ ନାଟକ ଏକାଡେମୀର ସଭାପତି ଓ ଉପସଭାପତିଙ୍କ କାର୍ଯ୍ୟକାଳ ସୋମବାର ଶେଷ ହୋଇଛି। ତେଣୁ ଏହି ୪ ଦାୟିତ୍ୱ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଦିଲୀପ ରାଉତରାୟଙ୍କ ଉପରେ ନ୍ୟସ୍ତ କରାଯାଇଛି। ସେ ମଙ୍ଗଳବାରଠାରୁ ନିଜ ମୂଳ ଦାୟିତ୍ୱ ତୁଲାଇବା ସହ ଅତିରିକ୍ତ ଭାବେ ୨ ଏକାଡେମୀର ସଭାପତି ଓ ଉପସଭାପତି ଦାୟିତ୍ୱ ତୁଲାଇବେ। ସେହିପରି ଓଡ଼ିଶା ଲଳିତ କଳା ଏକାଡେମୀ ସଚିବ ପଞ୍ଚାନନ ସାମଲଙ୍କ କାର୍ଯ୍ୟକାଳ ମଧ୍ୟ ସୋମବାର ଶେଷ ହୋଇଥିବାରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ଦେବାନନ୍ଦ ବରିହା ଅତିରିକ୍ତ ଭାବେ ସଚିବ କାର୍ଯ୍ୟ ସମ୍ପାଦନ କରିବେ। ଅନ୍ୟପକ୍ଷରେ ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ସଚିବ ଡ. ସୟଦ ମୁସିର ଆଲାମଙ୍କ କାର୍ଯ୍ୟକାଳ ଶେଷ ହୋଇଥିବାରୁ ବିଭାଗର ଉପନିର୍ଦ୍ଦେଶିକା ଶୁଚିସ୍ମିତା ମନ୍ତ୍ରୀଙ୍କୁ ଅତିରିକ୍ତ ଭାବେ ଏହାର କାର୍ଯ୍ୟଭାର ପ୍ରଦାନ କରାଯାଇଛି। ବିଭାଗ ପକ୍ଷରୁ ପରବର୍ତ୍ତୀ ନିର୍ଦ୍ଦେଶନାମା ଜାରି ହେବା ପର୍ଯ୍ୟନ୍ତ ସମସ୍ତେ ଅତିରିକ୍ତ ଭାବେ କାର୍ଯ୍ୟ କରିବେ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଭାବେ ଶାରଳା ପୁରସ୍କାରପ୍ରାପ୍ତ କବି ଡ. ହୃଷୀକେଶ ମଲ୍ଲିକ ଓ ଉପସଭାପତି ଭାବେ ଡ. ସଂଗ୍ରାମ ଜେନା ୨୦୨୧ ମେ ୨୧ରୁ ଦାୟିତ୍ୱ ତୁଲାଇ ଆସୁଥିଲେ। ସେହିପରି ଉକ୍ତଦିନ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ଭାବେ ପଦ୍ମଶ୍ରୀ ଅରୁଣା ମହାନ୍ତି ଏବଂ ଉପସଭାପତି ଭାବେ ମନ୍ମଥ କୁମାର ଶତପଥୀ ଦାୟିତ୍ୱ ଗ୍ରହଣ କରିଥିଲେ। ସୋମବାରଠାରୁ ସେମାନଙ୍କର କାର୍ଯ୍ୟକାଳ ଶେଷ ହୋଇଥିବାରୁ ବିଭାଗ ପକ୍ଷରୁ ବିଦାୟୀ କାର୍ଯ୍ୟକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ଭବିଷ୍ୟତ ଜୀବନ ପାଇଁ ଶୁଭେଚ୍ଛା ପ୍ରଦାନ କରାଯାଇଛି। ଏହି ଅବସରରେ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ୬ କାର୍ଯ୍ୟକର୍ତ୍ତାଙ୍କ କାର୍ଯ୍ୟକାଳ ସରିଲା

# ବୁଥ୍‌ରେ ମତଦାନ ବନ୍ଦ ନେଇ ଉତ୍ତେଜନା

**ବୌଦ୍ଧ/କନ୍ଧମାଳ,୨୦।୫(ଅଜିତ କୁମାର ବାରିକ)**

- ପୋଲିସ୍‌ର ଲାଠିଚାର୍ଜ, ଫାଙ୍କା ଗୁଳିଚାଳନା, ଢେଲାପଥର ମାଡ଼
- ଭାଜପା ପ୍ରାର୍ଥୀଙ୍କ ଧାରଣା

ବୌଦ୍ଧ ଜିଲା କନ୍ଧମାଳ ନିର୍ବାଚନମଣ୍ଡଳୀର ମହେଶ୍ୱରପିଣ୍ଡା ବୁଥ୍‌ରେ ସୋମବାର ଭୋଟ ବନ୍ଦକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଲୋକେ ଉତ୍ୟକ୍ତ ହୋଇ ବୁଥ୍ ଆଗରେ ଧାରଣା ଦେବା ସହ ଅପରାହ୍ନରେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଏହି ଆନ୍ଦୋଳନରେ ଭାଜପା ପ୍ରାର୍ଥୀ କହ୍ନେଇ ଚରଣ ଡାଙ୍ଗ ଓ ସମର୍ଥକମାନେ ସାମିଲ ହୋଇଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସକୁ ଫାଙ୍କା ଗୁଳିଚାଳନା କରିବା ସହ ଲାଠିଚାର୍ଜ କରିବାକୁ ପଡିଥିଲା। ଲୋକେ ମଧ୍ୟ ପ୍ରତିବାଦ କରିବାକୁ ଯାଇ ପୋଲିସ ଉପରକୁ ଢେଲାପଥର ମାଡ଼ କରିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଯାଇ ଘଟଣାସ୍ଥଳରେ ପୋଲିସ ମୁତୟନ ରହିଛି।

ପ୍ରକାଶ ଯେ, ମହେଶ୍ୱରପିଣ୍ଡା ବୁଥ ନଂ.୨୮ରେ ଶାନ୍ତିଶୃଙ୍ଖଳାର ସହ ଭୋଟ ଚାଲିଥିବା ବେଳେ ପ୍ରଶାସନ ପକ୍ଷରୁ ବୁଥ୍ ଜବରଦଖଲ ହେବା ଅଭିଯୋଗରେ ଅପରାହ୍ନ ୧ଟାରେ ଭୋଟ ଗ୍ରହଣ ବନ୍ଦ କରି ଦିଆଯାଇଥିଲା। ତେବେ ଭୋଟ ଦେବାକୁ ଲୋକମାନେ ଜିଦ୍ କରିବାରୁ ସେଠାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ବୁଥ୍‌କୁ ଭୋଟ ଦେବାକୁ ଆସିଥିବା ବେଳେ ମତଦାନ କେନ୍ଦ୍ରକୁ ବନ୍ଦ କରାଯାଇଥିବାରୁ ଭାଜପା ପକ୍ଷରୁ ବିକ୍ଷୋଭ କରାଯିବା ସହ ଏହି ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ କହ୍ନାଇ ଚରଣ ଡାଙ୍ଗ ଓ ଜନସାଧାରଣ ବୁଥ୍ ଆଗରେ ଧାରଣାରେ ବସିଥିଲେ। ଉକ୍ତ ବୁଥ୍‌ରେ ଭାଜପା ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ ଯାଉଥିବା ଯୋଗୁ ପ୍ରଶାସନ ଜାଣିଶୁଣି ଏପରି କରିଥିବା ପ୍ରାର୍ଥୀ ଡାଙ୍ଗ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଦୀର୍ଘ ସମୟ ଧରି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଭାଜପା ପକ୍ଷରୁ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଗଛ ଡ଼ାଳ ପକାଇ ଅବରୋଧ କରାଯାଇଥିଲା। ଜାତୀୟ ରାଜପଥ ଅବରୋଧ କରିବାରୁ ଉକ୍ତ ରାସ୍ତା ଦେଇ କନ୍ଧମାଳ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ବୁଥ୍‌ରୁ ବୌଦ୍ଧଠାରେ ହୋଇଥିବା ଷ୍ଟ୍ରଙ୍ଗରୁମ୍‌କୁ ଆସୁଥିବା ଇଭିଏମ୍ ବୋଝେଇ ଗାଡିଗୁଡିକ ଅଟକି ରହିଥିଲା। ଫଳରେ ପୋଲିସ ଜୋରଜବରଦସ୍ତ ଲୋକଙ୍କୁ ଉଠାଇବାକୁ ଚେଷ୍ଟା କରିବାରୁ ଲୋକମାନେ ବିରୋଧ କରିବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ପୋଲିସ ଲାଠିଚାର୍ଜ କରିବା ସହ ଫାଙ୍କା ଗୁଳିଚାଳନା କରିଥିଲା। ଲାଠିଚାର୍ଜ ପରେ ଲୋକମାନେ ପଳାଇବାରୁ ରାସ୍ତାରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଏପଟେ ପୋଲିସ ଜୋରଜବରଦସ୍ତ ମହେଶ୍ୱରପିଣ୍ଡାରୁ ଇଭିଏମ୍ ଧରି ବୌଦ୍ଧ ଷ୍ଟ୍ରଙ୍ଗରୁମ୍‌କୁ ଆଣିଥିବା ଜଣାପଡିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ସେଠାରେ ଉତ୍ତେଜନା ଲାଗିରହିଛି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ ୨୧/୨୦୨୪ | Bhubaneswar, Tuesday, May 21/2024 | ପୃଷ୍ଠା-୧







## ବାଇକ୍‌କୁ ଧକ୍କା ଦେଲା ହାଇୱା, ୪ ମୃତ

ଢେଙ୍କାନାଳ,୨୦।୫(ରତନ ନାୟାର)

ଜଣେ ସମ୍ପର୍କୀୟଙ୍କୁ ବସ୍‌ଷ୍ଟାଣ୍ଡରେ ଛାଡ଼ିବାକୁ ବାଇକ୍‌ରେ ଯାଉଥିବା ବେଳେ ହାଇୱା ଧକ୍କା ଦେବାରୁ ବାଇକ୍‌ରେ ଥିବା ୪ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ସମ୍ପୃକ୍ତ ସମ୍ପର୍କୀୟଙ୍କ ସହ ମା' ଝିଅ ଓ ମାମୁ ରହିଛନ୍ତି। ଢେଙ୍କାନାଳ ଜିଲା ନିହାଲପ୍ରସାଦ ଥାନା ଟୋଲରପଶି ଗ୍ରାମ ନିକଟରେ ସୋମବାର ଅପରାହ୍ନ ପ୍ରାୟ ୧ଟାରେ ଘଟିଥିବା ଏହି ଦୁର୍ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ସୂଚନା ଅନୁଯାୟୀ, ନିହାଲପ୍ରସାଦ ଥାନା ଖଙ୍କିରା ପଞ୍ଚାୟତର ଛୋଟତେନ୍ତୁଳି ନିକଟସ୍ଥ ଫୁଲଝର ଗ୍ରାମର ଗୋବିନ୍ଦ ଦେଓଗାମ୍(୩୦) ☞ପୃଷ୍ଠା-୧୧

# ଭୋଟରଙ୍କୁ ଆଣିଥିବା ଅଟୋ ଚାଳକଙ୍କୁ ହତ୍ୟା

■ ମତଦାନ କେନ୍ଦ୍ରର ଅନତିଦୂରରେ ହିଂସା
■ ହତ୍ୟାକାଣ୍ଡ ଭିଆଇ ଅଭିଯୁକ୍ତ ଫେରାର

ବରଗଡ଼,୨୦।୫(ପ୍ରେମାନନ୍ଦ ଖମାରୀ)

ରାଜ୍ୟରେ ସୋମବାର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ସମ୍ପନ୍ନ ହୋଇଛି। ବରଗଡ଼ ଜିଲାରେ ମତଦାନ ଚାଲିଥିବାବେଳେ ସଦର ବ୍ଲକ ଅନ୍ତର୍ଗତ ସରସରା ଗ୍ରାମରେ ଏକ ହତ୍ୟାକାଣ୍ଡ ଘଟିଛି। ମତଦାନ କେନ୍ଦ୍ରକୁ ଭୋଟରଙ୍କୁ ଆଣିଥିବା ଜଣେ ଅଟୋଚାଳକଙ୍କୁ ସ୍ୱଷ୍ଟ ଦିବାଲୋକରେ ଭୁଜାଲିରେ ହାଣି ଅଭିଯୁକ୍ତ ଫେରାର ହୋଇ ଯାଇଛନ୍ତି। ମୃତକ ଜଣକ ହେଲେ ଗ୍ରାମର ବିଶ୍ୱନାଥ ମିର୍ଦ୍ଧା(୩୨)। ନିର୍ବାଚନ ସମୟରେ ଗ୍ରାମର ଭୋଟ ଗ୍ରହଣ କେନ୍ଦ୍ରର ଅନତିଦୂରରେ ବିଟ୍‌ରାସ୍ତାରେ ଏଭଳି ଘଟଣା ପୋଲିସର ସୁରକ୍ଷା ବ୍ୟବସ୍ଥାକୁ ପଦାରେ ପକାଇ ଦେଇଛି। ହତ୍ୟାକାଣ୍ଡ ପରେ ଭୋଟ ଗ୍ରହଣ କେନ୍ଦ୍ର ଆଗରେ ଉତ୍ତେଜନା ଲାଗି ରହିଥିଲା। ଉତ୍ତେଜିତ ଲୋକେ ଭୋଟ ଗ୍ରହଣ କେନ୍ଦ୍ର ଆଗରେ ବସିରହିବାରୁ କିଛି ସମୟ ଧରି ମତଦାନ ମଧ୍ୟ ପ୍ରଭାବିତ ହୋଇଥିଲା। ପରେ ପୋଲିସ ସେମାନଙ୍କୁ ଉଠାଇ ନେଇଥିଲା ଏବଂ ମତଦାନ ପୁଣି ସ୍ୱାଭାବିକ ଭାବେ ଚାଲିଥିଲା। ଏହାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଥିବାବେଳେ ବ୍ୟାପକ ପୋଲିସ ମୁତୟନ ଅଛନ୍ତି। ହତ୍ୟାକାଣ୍ଡ ପରେ ଏହା ଏକ ନିର୍ବାଚନୀ ହିଂସା ବୋଲି ଚର୍ଚ୍ଚା ଚାଲିଥିଲା। ମାତ୍ର ପୋଲିସ, ପ୍ରଶାସନ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇ ବ୍ୟକ୍ତିଗତ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ସୂଚନା ଦିଆଯାଇଛି।

ବିଶ୍ୱନାଥ ମତଦାନ ପାଇଁ ଗ୍ରାମ ପାର୍ଶ୍ୱବର୍ତ୍ତୀ ପଡ଼ା(ସାହି)ରୁ ଭୋଟରଙ୍କୁ ସରସରା ପ୍ରାଥମିକ ବିଦ୍ୟାଳୟ ଭୋଟଗ୍ରହଣ କେନ୍ଦ୍ର(ବୁଥ୍ ନଂ.୧୨୮, ୧୨୯)କୁ ନେବାଆଣିବା କରୁଥିଲେ। ତେବେ ସେ ଅଟୋରେ ଆଣିଥିବା ଭୋଟରମାନେ ମତଦାନ ପାଇଁ ଭୋଟ ଗ୍ରହଣ କେନ୍ଦ୍ରକୁ ଯାଇଥିବାବେଳେ ବିଶ୍ୱନାଥ କିଛିଦୂରରେ ଅଟୋ ସହିତ ଥିଲେ। ପୂର୍ବାହ୍ନ ପ୍ରାୟ ୧୦ଟାରେ ଅଭିଯୁକ୍ତ ଅଶୋକ ମହାନନ୍ଦ ଭୁଜାଲିରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବରଗଡ଼ ଡାକ୍ତରଖାନାକୁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ହତ୍ୟାକାଣ୍ଡ ସହିତ ଭାଜପାର ସମ୍ପୃକ୍ତିକୁ ନେଇ ସ୍ଥାନୀୟ ସରପଞ୍ଚ ସୁନୀତା ଭୋଇଙ୍କ ସ୍ୱାମୀ ଧର୍ମରାଜ ଅଭିଯୋଗ କରିଥିଲେ। ସେହିପରି ଭାଜପାର ବରଗଡ଼ ଲୋକ ସଭା ପ୍ରାର୍ଥୀ ପ୍ରଦୀପ ପୁରୋହିତ ଏହି ହତ୍ୟାକାଣ୍ଡରେ ବିଜେଡିକୁ ଟାର୍ଗେଟ୍ କରିଥିଲେ। ତେବେ ଏହା ନିର୍ବାଚନୀ ହିଂସା ନୁହେଁ ଏବଂ ମତଦାନ ସହିତ ଉକ୍ତ ହତ୍ୟାକାଣ୍ଡର କିଛି ସମ୍ପର୍କ ନାହିଁ ବୋଲି ଉଭୟ ପୋଲିସ ଏବଂ ପ୍ରଶାସନ ସ୍ୱଷ୍ଟ କରିଥିଲେ। ଜିଲା ନିର୍ବାଚନ ଅଧିକାରୀ ତଥା ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇ କହିଛନ୍ତି, ଗ୍ରାମର ଭୋଟ ଗ୍ରହଣ କେନ୍ଦ୍ରର ୩୦୦ରୁ ୪୦୦ ମିଟର ଦୂରରେ ଉକ୍ତ ଘଟଣା ଘଟିଛି। ଏହି ହିଂସା ମତଦାନ ସହିତ ଜଡ଼ିତ ନୁହେଁ, ପୂର୍ବ ଶତ୍ରୁତାରୁ ଉକ୍ତ ଘଟଣା ଘଟିଥିବା ଜିଲାପାଳ ଗୋୟଲ ସୂଚନା ଦେଇଛନ୍ତି। ☞ପୃଷ୍ଠା-୧୧






## ମିନିଟ୍ରକ୍ ଖାତକୁ ଖସି ୧୮ ମୃତ

କୱର୍ଦ୍ଧା(ଛତିଶଗଡ଼), ୨୦।୫(ପି.ଟି.)

ଛତିଶଗଡ଼ର କବୀରଧାମ ଜିଲାରେ ସୋମବାର ଅପରାହ୍ନରେ ଏକ ମିନି ଟ୍ରକ୍ ୨୦ ଫୁଟ୍ ଗଭୀର ଗର୍ତ୍ତକୁ ଖସିପଡ଼ିବାରୁ ୧୮ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରୁ ୧୭ ଜଣ ମହିଳା। ସେମାନେ ଜଙ୍ଗଲରୁ କେନ୍ଦୁପତ୍ର ତୋଳି ଫେରୁଥିବାବେଳେ କୁକ୍‌ଦୁର ଥାନା ଅନ୍ତର୍ଗତ ବାହପାନି ଗ୍ରାମ ନିକଟରେ ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରେ ପୋଲିସ ଟିମ୍ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲା। ଘଟଣାସ୍ଥଳରେ ଜଣେ ପୁରୁଷ ଓ ୧୨ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ହସ୍ପିଟାଲରେ ଅନ୍ୟ ୫ ମହିଳା ପ୍ରାଣ ହରାଇଥିବା କବୀରଧାମ ଏସ୍‌ପି ଅଭିଷେକ ପଲ୍ଲଭ କହିଛନ୍ତି। ଅନ୍ୟ ୩ ମହିଳାଙ୍କ ସମେତ ୪ ଜଣ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ମୃତକମାନଙ୍କ ପାଇଁ ଶୋକବ୍ୟକ୍ତ କରିବା ସହ ଆହତମାନଙ୍କୁ ଉତ୍ତମ ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

# ମୋଦିଙ୍କ ଭକ୍ତ ଜଗନ୍ନାଥ: ସମ୍ବିତ

■ ମହାପ୍ରଭୁଙ୍କ ପ୍ରତି ଏହା ସବୁଠାରୁ ବଡ଼ ଉପହାସ: ମୁଖ୍ୟମନ୍ତ୍ରୀ
■ ଏଭଳି ଅପ୍ରସଙ୍ଗଙ୍କୁ ପ୍ରସଙ୍ଗ କରନ୍ତୁ ନାହିଁ: ସମ୍ବିତ
■ ଭାଜପା ଭାବୁଛି ସେମାନେ ଭଗବାନଙ୍କ ଉପରେ: କେଜ୍‌ରିୱାଲ

ଭୁବନେଶ୍ୱର, ୨୦।୫(ସୁନିତ୍ ମିଶ୍ର)

ମୋଦିଙ୍କ ଭକ୍ତ ହେଉଛନ୍ତି ଜଗନ୍ନାଥ। ଆମେ ସବୁ ମୋଦିଙ୍କ ପରିବାର। ଏ ଅଦ୍ଭୁତ ଦୃଶ୍ୟ ଦେଖି ନିଜ ଭାବନାକୁ ନିୟନ୍ତ୍ରଣ କରିପାରୁ ନାହିଁ। ସବୁ ଓଡ଼ିଆଙ୍କ ପାଇଁ ଆଜି ଏକ ବିଶେଷ ଦିନ ବୋଲି ପୁରୀ ଲୋକ ସଭା ଆସନରୁ ଭାଜପା ଏମ୍‌ପି ପ୍ରାର୍ଥୀ ହୋଇଥିବା ସମ୍ବିତ ପାତ୍ର ସୋମବାର କହିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ସମ୍ପର୍କରେ ସମ୍ବିତଙ୍କ ଏଭଳି ମନ୍ତବ୍ୟକୁ ନେଇ ସାମାଜିକ ଗଣମାଧ୍ୟମରେ ଝଡ଼ ସୃଷ୍ଟି ହୋଇଛି। ଏପରିକି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ତାଙ୍କ ଏକ୍ସ ଆକାଉଣ୍ଟ ଜରିଆରେ ଏହାକୁ ନିନ୍ଦା କରିଛନ୍ତି। ନବୀନ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥ ବିଶ୍ୱର ଭଗବାନ। ମହାପ୍ରଭୁଙ୍କୁ ଜଣେ ବ୍ୟକ୍ତିଙ୍କ ଭକ୍ତ ବୋଲି କହିବା ଭଗବାନଙ୍କ ପ୍ରତି ଏହା ସବୁଠାରୁ ବଡ଼ ଉପହାସ। ଏହା ବିଶ୍ୱରେ ରହୁଥିବା ସମସ୍ତ ଜଗନ୍ନାଥ ପ୍ରେମୀ ଏବଂ ଓଡ଼ିଆମାନଙ୍କୁ ଦୁଃଖ ଦେଇଛି। ଜଗନ୍ନାଥ ହେଉଛନ୍ତି ଓଡ଼ିଆ ଅସ୍ମିତାର ସବୁଠାରୁ ବଡ ପ୍ରତୀକ। ମହାପ୍ରଭୁଙ୍କୁ ଜଣେ ବ୍ୟକ୍ତିଙ୍କ ଭକ୍ତ ବୋଲି କହିବା ସମ୍ପୂର୍ଣ୍ଣ ଦୁର୍ଭାଗ୍ୟଜନକ। ଭାଜପା ମହାପ୍ରଭୁଙ୍କୁ ରାଜନୀତି ଭିତରୁ ଦୂରେଇ ରଖୁ। ଏହା ଓଡ଼ିଆ ଅସ୍ମିତାକୁ ଦୁଃଖ ଦେବା ସହିତ ଏହାକୁ ଓଡ଼ିଆ ଲୋକମାନେ କେବେ ହେଲେ ଭୁଲିବେ ନାହିଁ ଏବଂ ଏହାକୁ ବିରୋଧ କରିବେ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

ସମ୍ବିତ ନିଜ ମନ୍ତବ୍ୟକୁ ନେଇ ପରବର୍ତ୍ତୀ ସମୟରେ କ୍ଷମା ପ୍ରାର୍ଥନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏକ୍ସ ପୋଷ୍ଟକୁ ରିପୋଷ୍ଟ କରି ସମ୍ବିତ ପାତ୍ର ଉଲ୍ଲେଖ କରିଛନ୍ତି ଯେ, ନବୀନ ଜି ନମସ୍କାର। ଦିନକ ଭିତରେ ଅନେକ ଗୁଡିଏ ଗଣମାଧ୍ୟମକୁ ପୁରୀରେ ମୋଦିଙ୍କ ସଫଳ ରୋଡ୍ ଶୋ ଲାଗି ପ୍ରତିକ୍ରିୟା ଦେଇଛନ୍ତି। ସବୁଠାରେ ମହାପ୍ରଭୁ ଜଗନ୍ନାଥଙ୍କ ଭକ୍ତ ମୋଦି ବୋଲି କହିଛି। ଗୋଟିଏ ସ୍ଥାନରେ ପ୍ରତିକ୍ରିୟା ଦେବାବେଳେ ଭୁଲ୍‌ବଶତଃ ମନ୍ତବ୍ୟ ସାମାନ୍ୟ ଓଲଟା ଦେଇଦେଇଛି। ଏକଥା ଆପଣ ଭଲ ଭାବେ ଜାଣନ୍ତି ବୋଲି ଜାଣିଛି। ତେଣୁ ଏହାକୁ ନେଇ ପ୍ରସଙ୍ଗ ନ କଲେ ଭଲ। କାରଣ ସମସ୍ତଙ୍କର ପାଟିରୁ ଭୁଲ୍ ବଶତଃ ବେଳେବେଳେ କିଛି ବାହାରି ପଡିଥାଏ। ଧନ୍ୟବାଦ ଏବଂ ନମସ୍କାର ବୋଲି ସମ୍ବିତ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ସକାଳୁ ପୁରୀ ଗସ୍ତ କରି ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବା ସଙ୍ଗେସଙ୍ଗେ ଏକ ବିଶାଳ ରୋଡ୍ ଶୋ କରିଥିଲେ। ମୋଦିଙ୍କୁ ଦେଖିବା ଲାଗି ଲକ୍ଷାଧିକ ଲୋକ ଆସିଥିଲେ। ଏହି ସମୟରେ ସମ୍ବିତଙ୍କ ଏଭଳି ମନ୍ତବ୍ୟ ପରେ ସାମାଜିକ ଗଣମାଧ୍ୟମରେ ତାଙ୍କୁ ବହୁ ସମାଲୋଚନାର ଶିକାର ହେବାକୁ ପଡିଛି। ବହୁତ ଲୋକ ଉକ୍ତ ଭିଡିଓକୁ ଶେୟାର କରିବାରେ ବ୍ୟସ୍ତ ଥିବା ଲକ୍ଷ୍ୟ କରାଯାଉଛି।

ଏହି ପ୍ରସଙ୍ଗରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏକ୍ସ ଆକାଉଣ୍ଟ ଜରିଆରେ କହିଛନ୍ତି, ଭାଜପା ଦେଇଥିବା ପ୍ରତିକ୍ରିୟାକୁ ନିନ୍ଦା କରୁଛି। ସେମାନେ ନିଜକୁ ଭଗବାନଙ୍କ ଉପରେ ବୋଲି ଭାବିଲେଣି। ଏହା ତାଙ୍କ ଅହଂକାରର ଚରମ ସୀମା। 'ଭଗବାନ ମୋଦିଙ୍କ ଭକ୍ତ' ବୋଲି କହି ସେମାନେ ମହାପ୍ରଭୁଙ୍କୁ ଅପମାନିତ କରିଛନ୍ତି।

## ନୂଆ ଆପରାଧିକ ଆଇନ ବିରୋଧରେ ପିଟିଶନ ଖାରଜ

ନୂଆଦିଲ୍ଲୀ,୨୦।୫ (ପି.ଟି.)

କେନ୍ଦ୍ର ସରକାର ଆଣିଥିବା ୩ ନୂଆ ଆପରାଧିକ ଆଇନକୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନକୁ ବିଚାର କରିବା ପାଇଁ ସୁପ୍ରିମକୋର୍ଟ ସୋମବାର ମନା କରିଦେବା ସହ ଏହାକୁ ପ୍ରତ୍ୟାହାର କରିନେବା ପାଇଁ ଆବେଦନକାରୀଙ୍କୁ ଅନୁମତି ପ୍ରଦାନ କରିଥିଲେ। ଆବେଦନକାରୀ ଆଇନଜୀବୀ ବିଶାଲ ତିୱାରୀ ପିଟିଶନ ଫେରାଇନେବା ଫଳରେ ଏହା ଖାରଜ ହୋଇଯାଇଥିବା ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ ଓ ପଙ୍କଜ ମିଥାଲଙ୍କ ଅବକାଶକାଳୀନ ଖଣ୍ଡପୀଠ କହିଛନ୍ତି। ଗତବର୍ଷ ଡିସେମ୍ବର ୨୧ରେ ୩ ଆପରାଧିକ ବିଧେୟକ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ବିଲ୍ ଲୋକ ସଭାରେ ଗୃହୀତ ହୋଇ ୨୫ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମଞ୍ଜୁରୀ ପରେ ଆଇନରେ ପରିଣତ ହୋଇଥିଲା। ଭାରତୀୟ ଦଣ୍ଡ ସଂହିତା (ଆଇପିସି), ଆପରାଧିକ ପ୍ରକ୍ରିୟା ସଂହିତା (ସିଆର୍‌ପିସି) ☞ପୃଷ୍ଠା-୧୧

## ହେଲିକପ୍ଟର ଦୁର୍ଘଟଣାରେ ଇରାନ ରାଷ୍ଟ୍ରପତିଙ୍କ ମୃତ୍ୟୁ





ଦୁବାଇ,୨୦।୫

ଇରାନ ରାଷ୍ଟ୍ରପତି ଇବ୍ରାହିମ ରଇସିଙ୍କର ହେଲିକପ୍ଟର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସୋମବାର ଦୁର୍ଘଟଣାସ୍ଥଳରୁ ରଇସିଙ୍କ ମୃତଦେହ ମିଳିଥିବା ସରକାରୀ ଗଣମାଧ୍ୟମରେ ସ୍ୱଷ୍ଟ କରାଯାଇଛି। ରବିବାର ଆଜରବୈଜାନ ସୀମାନ୍ତ ପାର୍ବତ୍ୟାଞ୍ଚଳରେ ରଇସିଙ୍କ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେଥିରେ ଥିବା ଇରାନ ବହିର୍ବ୍ୟାପାର ମନ୍ତ୍ରୀ ହୋସେନ୍ ଅମିରାବଦୋଲ୍ଲାହିଆନ, ପୂର୍ବ ଆଜରବୈଜାନ ପ୍ରଦେଶର ରାଜ୍ୟପାଳ, ଅନ୍ୟ ଅଫିସର ଓ ଅଙ୍ଗରକ୍ଷୀଙ୍କର ମଧ୍ୟ ମୃତ୍ୟୁ ଘଟିଛି। ହେଲିକପ୍ଟରଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ରଇସିଙ୍କ ପରଲୋକରେ ବିଭିନ୍ନ ଦେଶର ନେତା ଶୋକବ୍ୟକ୍ତ କରିଛନ୍ତି। ଦିବଂଗତ ରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ମଙ୍ଗଳବାର ଗୋଟିଏ ଦିନ ଶୋକଦିବସ ପାଳନ ପାଇଁ ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ମଙ୍ଗଳବାର ବିଭିନ୍ନ ସରକାରୀ ଅଟ୍ଟାଳିକାରେ ଲାଗିଥିବା ଜାତୀୟ ପତାକା ଅର୍ଦ୍ଧନମିତ ରହିବ ଏବଂ କୌଣସି ସରକାରୀ ମନୋରଞ୍ଜନ କାର୍ଯ୍ୟକ୍ରମ ହେବ ନାହିଁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଘନ କୁହୁଡ଼ି ଓ ପ୍ରତିକୂଳ ☞ପୃଷ୍ଠା-୧୧

# ମହାପ୍ରଭୁଙ୍କ ଦର୍ଶନ ସହ ରୋଡ୍ ଶୋ' କଲେ ମୋଦି

ପୁରୀ,୨୦।୫(ଅଜିତ୍ କୁମାର ମହାନ୍ତି)



ପୁରୀ ବଡ଼ଦାଣ୍ଡରେ ଭାଜପା ପକ୍ଷରୁ ସୋମବାର ସକାଳେ ଆୟୋଜିତ ରୋଡ୍ ଶୋ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟମାନେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଭାଜପା ପ୍ରାର୍ଥୀଙ୍କ ପାଇଁ ବଡ଼ଦାଣ୍ଡରେ ରୋଡ୍ ଶୋ' ମାଧ୍ୟମରେ ପ୍ରଚାର କରିଛନ୍ତି। ଏହି ରୋଡ୍ ଶୋ' ଦେଖିବାକୁ ପ୍ରବଳ ଜନସମାଗମ ହୋଇଥିଲା। ଏହି ସମୟରେ 'ମୋଦି-ମୋଦି' ଓ 'ଜୟ ଶ୍ରୀରାମ' ନାରାରେ କମ୍ପିଉଠିଥିଲା ବଡ଼ଦାଣ୍ଡ ଅଞ୍ଚଳ।

ନିର୍ଦ୍ଧାରିତ ସମୟରେ ପ୍ରଧାନମନ୍ତ୍ରୀ ମୋଦି ଭୁବନେଶ୍ୱରସ୍ଥିତ ରାଜଭବନରୁ ପୁରୀ ଅଭିମୁଖେ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ବାହାରିଥିଲେ। ସକାଳ ପ୍ରାୟ ୭ଟାରେ ସେ ପୁରୀ ତାଳବଣିଆ ହେଲିପ୍ୟାଡ୍‌ରେ ପହଞ୍ଚିଥିଲେ। ସେଠାରୁ ସ୍ୱତନ୍ତ୍ର ସୁରକ୍ଷା ବଳୟ ମଧ୍ୟରେ ଯାଇ ୭ଟା ୧୫ରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲେ। ବଡ଼ଛତା ନିକଟରେ ନିର୍ମିତ ଅସ୍ଥାୟୀ ଗୃହରେ କିଛି କ୍ଷଣ ରହି ସେ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ବାହାରିଥିଲେ। ସିଂହଦ୍ୱାରଠାରେ ବରିଷ୍ଠ ସେବାୟତ ତଥା ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ମଧୁସୂଦନ ସିଂହାରୀ, ରାଜ୍ୟ ଉପସଭାପତି ତଥା ଦଇତାପତି ସେବାୟତ ଭବାନୀ ଦାସମହାପାତ୍ର, ସେବାୟତ ରବିନାରାୟଣ ଦାସ, ମୋଦିଙ୍କ କୌଳିକ ପଣ୍ଡା ରଘୁନାଥ ଗୋଚ୍ଛିକାର, ପୁରୀ ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ର ଏବଂ ବିଧାୟକ ପ୍ରାର୍ଥୀ ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ତାଙ୍କୁ ସ୍ୱାଗତ କରିଥିଲେ। ମୋଦି ଅରୁଣ ସ୍ତମ୍ଭ ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ପତିତପାବନଙ୍କୁ ଦର୍ଶନ କରି ବାଇଶି ପାହାଚ ଦେଇ ଶ୍ରୀମନ୍ଦିର ଯାଇଥିଲେ। ଗର୍ଭଗୃହରେ ରତ୍ନସିଂହାସନରୂଢ଼ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ମୁକ୍ତି ମଣ୍ଡପ, ମହାଲକ୍ଷ୍ମୀ ମନ୍ଦିର, ମା' ବିମଳା ମନ୍ଦିର ସହ ଭିତରବେଢାରେ ☞ପୃଷ୍ଠା-୧୧

# 'ଲିଙ୍ଗରାଜ ମନ୍ଦିର ପ୍ରକଳ୍ପ କାର୍ଯ୍ୟ ବନ୍ଦ ପାଇଁ ଜଣେ ଏମ୍‌ପି ଚେଷ୍ଟା କରିଥିଲେ'

ପୁରୁଣା ଭୁବନେଶ୍ୱର,୨୦।୫ (ସୁବାସ ଚନ୍ଦ୍ର ପ୍ରଧାନ)




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭୁବନେଶ୍ୱରରେ ଏକ ବିଶାଳ ରୋଡ୍ ଶୋ' କରି ଶକ୍ତି ପ୍ରଦର୍ଶନ କରିଛନ୍ତି। ବିଭିନ୍ନ ସ୍ଥାନରେ ଉପସ୍ଥିତ ଜନତା ମୁଖ୍ୟମନ୍ତ୍ରୀଙ୍କୁ ଦେଖିବାକୁ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲେ। ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ରୋଡ୍ ଶୋ' ପାଇଁ ସନ୍ଧ୍ୟାରେ ପଳାଶପଲ୍ଲୀ ଓଭରବ୍ରିଜ୍‌ଠାରେ ନବୀନଙ୍କ ଗାଡ଼ି ପହଞ୍ଚିଥିଲା। ଏହାପରେ ନବୀନ ଗାଡ଼ି ଉପରକୁ ଉଠି ଜନତାଙ୍କୁ ଉଦ୍‌ବୋଧନ ଦେବା ସହ ହାତ ହଲାଇ ଶୁଭେଚ୍ଛା ଜଣାଇଥିଲେ। ଆସନ୍ତା ଜୁଲାଇରୁ ମାଗଣା ବିଦ୍ୟୁତ୍ ମିଳିବ। ସମସ୍ତଙ୍କୁ ବିଏସ୍‌କେୱାଇ କାର୍ଡ ମିଳିବ। ଏହି ଅବସରରେ ଆପଣମାନେ ଖୁସି ତ' ବୋଲି ଜନତାଙ୍କୁ ପଚାରିଥିଲେ। ଏପରିକି ପୁରୀ ଶ୍ରୀମନ୍ଦିର ଏବଂ ଏକାମ୍ର ଭୁବନେଶ୍ୱରର ଶ୍ରୀଲିଙ୍ଗରାଜ ମନ୍ଦିର ମେଗା ପ୍ରକଳ୍ପ କାର୍ଯ୍ୟ ବନ୍ଦ କରିବା ପାଇଁ ଜଣେ ଏମ୍‌ପି ଚେଷ୍ଟା କରିଥିବା କହିଥିଲେ। ରାଜ୍ୟ ସରକାର ୭୦ଲକ୍ଷ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିଛନ୍ତି। ଲିଙ୍ଗରାଜ ମନ୍ଦିରର ରୂପରେଖ ବଦଳାଇଛନ୍ତି। ଏହି ଅବସରରେ ଏକାମ୍ର ବିଧାୟକ ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା ଏବଂ ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କୁ ଶଙ୍ଖଚିହ୍ନରେ ଭୋଟ ଦେଇ ଜିତାଇବାକୁ ନିବେଦନ କରିଥିଲେ। ଏହାପରେ ସେଠାରୁ ପୁନମା ଗେଟ୍, ଭୀମଟାଙ୍ଗି

### ଏକାମ୍ରରେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ

ରୋଡ୍ ଦେଇ ଭୀମେଶ୍ୱର ମନ୍ଦିର ଛକ,ଏକାମ୍ର କଲେଜ ଛକ, ଲିଙ୍ଗରାଜ ପାସେଞ୍ଜର ହଲ୍ଟ ଛକ ଏବଂ ସେଠାରୁ ସୁନ୍ଦରପଦା ହାଟ ଛକଠାରେ ରୋଡ୍‌ଶୋ' ଶେଷ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଲୋକମାନେ ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋ'କୁ ଦୀର୍ଘ ସମୟ ଧରି ଅପେକ୍ଷା କରିଥିବା ଦେଖାଯାଇଥିଲା। ରୋଡ୍ ଶୋ' ବେଳେ ମୁଖ୍ୟମନ୍ତ୍ରୀ ବସ୍‌ର ଖୋଲା ରୁଫ୍ ଦେଇ ଲୋକଙ୍କୁ ହାତ ହଲାଇ ଅଭିନନ୍ଦନ ଜଣାଇବା ସହ ଦଳୀୟ ପ୍ରାର୍ଥୀମାନଙ୍କୁ ବହୁସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ଅନୁରୋଧ କରିଥିଲେ। ଏହି ରୋଡ୍ ଶୋ'ରେ ଭୁବନେଶ୍ୱର ଏକାମ୍ର ବିଧାୟକ ପ୍ରାର୍ଥୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ପ୍ରମୁଖ ବିଜେଡିର ବହୁ ବରିଷ୍ଠ ନେତା ଓ କର୍ମୀ ସାମିଲ ହୋଇଥିଲେ।

"ସଂସାରରେ କର୍ମର ଗତି ବଡ଼ ଗହନ। ଅବତାର ଶ୍ରୀରାମ ଯେତେବେଳେ ବାଳୀକୁ ହତ୍ୟାକଲେ ଏବଂ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଯେତେବେଳେ ତାଙ୍କ ଜାତିକୁ ମୁକ୍ତ କରିବା ଲାଗି ନିଜର ମାମୁଁ କଂସକୁ ବଧ କଲେ- କିଏ କହିବ- ସେମାନଙ୍କର ଏଇ କର୍ମ ପାପ ନା ପୁଣ୍ୟ ? କିନ୍ତୁ ତେବେ ବି, ଆମେ ଅନୁଭବ କରୁ ଯେ, ଭାଗବତ ଭାବରେ ଇ ଉଦ୍‌ବୁଦ୍ଧ ହୋଇ ସେମାନେ ଏ କାର୍ଯ୍ୟ କରିଥିଲେ। –ଶ୍ରୀଅରବିନ୍ଦ



# ସଂଘୀୟ ବ୍ୟବସ୍ଥାରେ ପୋଲିସ

ନ୍ୟୁଜ୍‌କ୍ଲିକ୍‌ର ପ୍ରତିଷ୍ଠାତା ତଥା ମୁଖ୍ୟ ସମ୍ପାଦକ ପ୍ରବୀର ପୁରକାୟସ୍ତଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିବା ବେଆଇନ ଥିଲା ବୋଲି ନିକଟରେ ସୁପ୍ରିମକୋର୍ଟ କହିବା ପରେ ଦେଶରେ 'ପୋଲିସ' ବ୍ୟବସ୍ଥା ଓ ଏହାର ସଂସ୍କାର ନେଇ ଅନେକ ପ୍ରଶ୍ନ ଉଙ୍କିମାରୁଛି। ଯେକୌଣସି ଅପରାଧ ଅଭିଯୋଗରେ ଗିରଫ ହୋଇଥିବା ବ୍ୟକ୍ତିଙ୍କୁ କାହିଁକି ଗିରଫ କରାଯାଉଛି, ସେ ସଂକ୍ରାନ୍ତରେ ଲିଖିତ ଭାବେ ଅବଗତ କରିବାର ବିଧି ଥିଲେ ମଧ୍ୟ ଅଧିକାଂଶ କ୍ଷେତ୍ରରେ ତାହାର ଦୁରୁପଯୋଗ କରାଯାଉଥିବା ଦେଖିବାକୁ ମିଳୁଛି। ୨୦ ମେ'ରେ ଏହି ସ୍ତମ୍ଭରେ ଆମେ 'ସଙ୍କୁଚିତ ସ୍ୱାଧୀନତା' ଶୀର୍ଷକ ଲେଖାରେ ଉକ୍ତ ପ୍ରସଙ୍ଗରେ ଆଲୋଚନା କରିଛୁ। ତେବେ ପୋଲିସ ଜୁରିସ୍‌ଡିକ୍‌ସନ ବା ପୋଲିସର କ୍ଷେତ୍ରାଧିକାର ବିଷୟକୁ ନେଇ ହେଉଥିବା ବୌଦ୍ଧିକ ଚର୍ଚ୍ଚାକୁ ଦେଖିଲେ ଅନେକ ବିଷୟ ସାମ୍ନାକୁ ଆସୁଛି। ଏଇ ଯେମିତି ଗୋଟେ ରାଜ୍ୟର ପୋଲିସ ଅନ୍ୟ ରାଜ୍ୟରେ ପ୍ରବେଶ କରି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଉଠାଇ ଆଣୁଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି। ଏଠାରେ ମନେପଡ଼େ ଏପ୍ରିଲ ୨୦୨୨ରେ ଭାଜପା ଶାସିତ ଆସାମ ପୋଲିସ ଗୁଜରାଟରୁ କଂଗ୍ରେସ ବିଧାୟକ ଜିଗ୍‌ନେଶ ମେଭାନିଙ୍କୁ ଗିରଫ କରିଆଣିଥିଲା। ପ୍ରଧାନମନ୍ତ୍ରୀଙ୍କୁ ଟୁଇଟରରେ ସମାଲୋଚନା କରିଥିବା ଅଭିଯୋଗ ଅଣାଯାଇ ଆସାମରେ ତାଙ୍କ ନାମରେ ମାମଲା ରୁଜୁ ହେବାରୁ ସେହି ରାଜ୍ୟ ପୋଲିସ ତତ୍‌କ୍ଷଣାତ୍ ମେଭାନିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଗୁଜରାଟ ମଧ୍ୟ ଭାଜପା ଶାସିତ। ତେବେ ପ୍ରଶ୍ନ କରାଯାଇପାରେ ଆସାମ ପୋଲିସ ଗୁଜରାଟର ଜଣେ କଂଗ୍ରେସ ବିଧାୟକଙ୍କୁ କାହିଁକି ଗିରଫ କଲା। ଏକମାତ୍ର କାରଣ ହେଉଛି ଆସାମ ପୋଲିସ ଗିରଫ କରିଥିବା ହେତୁ ସେହି ଗୁଜରାଟର ବ୍ୟକ୍ତିଙ୍କୁ ଆସାମର କଚେରି ଏବଂ ଓକିଲ ଖୋଜି ବାହାର କରିବା ଅତ୍ୟନ୍ତ କଷ୍ଟକର ହେବା ସହିତ ସେଠାରେ ତାଙ୍କୁ କୌଣସି ବିଧିବଦ୍ଧ ସୁବିଧାସୁଯୋଗ ମିଳିପାରିବ ନାହିଁ। ତାହା ସତ୍ୟ ପ୍ରମାଣିତ ହେଲା ଓ ମେଭାନି ଦୀର୍ଘଦିନ ଗିରଫ ହୋଇ ରହିଲେ। ଯେଉଁଦିନ ତାଙ୍କୁ ଜାମିନ ମିଳିଲା, ସେହି ଦିନ ଆସାମ ପୋଲିସ ଅନ୍ୟ ଏକ ମାମଲାରେ ପୁନର୍ବାର ଗିରଫ କରି ତାଙ୍କୁ ଜେଲକୁ ପଠାଇଦେଲା। ମନ୍ଦ ଉଦ୍ଦେଶ୍ୟ ରଖାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ଏଥିରୁ ସ୍ପଷ୍ଟ ହେଉଛି। ସେହିପରି ବେଙ୍ଗାଲୁରୁର ଜଳବାୟୁ ପରିବର୍ତ୍ତନ କର୍ମୀ ଦିଶା ରବିଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିଥିବା ବିଷୟ ସେହି ପୋଲିସର କ୍ଷେତ୍ରାଧିକାର ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଚାଲିଛି।

> **ଭାରତୀୟ ସମ୍ବିଧାନରେ ତାଲିକାଭୁକ୍ତ ବିଷୟକୁ ଲକ୍ଷ୍ୟ କଲେ 'ପୋଲିସ' ରାଜ୍ୟ ତାଲିକାଭୁକ୍ତ ରହିଆସିଛି। ତେଣୁ ପୋଲିସ ସମ୍ବନ୍ଧୀୟ ମାମଲାର ସମାଧାନ ନିର୍ଦ୍ଦିଷ୍ଟ ରାଜ୍ୟ ସରକାର ପରିସରଭୁକ୍ତ ହେବା କଥା। କିନ୍ତୁ ତାହାର ଅନୁପାଳନ କରାଯାଉନାହିଁ।**

ଅନ୍ୟପକ୍ଷରେ ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତଙ୍କ ମୃତ୍ୟୁ ଘଟଣାରେ ବିହାର ପୋଲିସ ମହାରାଷ୍ଟ୍ର ଯାଇ ଘଟଣାର ତଦନ୍ତ କରିବାକୁ ଚାହିଁବାରୁ ପୋଲିସ କ୍ଷେତ୍ରାଧିକାର ପ୍ରସଙ୍ଗ ଉଠାଯାଇଥିଲା। ସେତେବେଳେ ମହାରାଷ୍ଟ୍ରରେ ଭାଜପା ବିରୋଧୀ ଉଦ୍ଧବ ଠାକ୍‌ରେ ସରକାର ଥିବା ବେଳେ ବିହାରରେ ଭାଜପା ସମର୍ଥିତ ନୀତୀଶ କୁମାର କ୍ଷମତାସୀନ ଥିଲେ। ଦେଖିବାକୁ ମିଳୁଛି ଅଧିକାଂଶ କ୍ଷେତ୍ରରେ ଗୋଟେ ରାଜ୍ୟର ପୋଲିସ ଅନ୍ୟ ରାଜ୍ୟକୁ ଯାଇ ଚାହୁଁଥିବା ବ୍ୟକ୍ତିଙ୍କୁ ଅନାୟାସରେ ଗିରଫ କରିପାରୁଛି। ଆଉ ଏକ ବିଶେଷ କଥା ହେଉଛି, ଏଭଳି ଦୃଷ୍ଟାନ୍ତ ଅଧିକ ତୀବ୍ର ହେଉଛି ଯେତେବେଳେ ରାଜ୍ୟରେ କେନ୍ଦ୍ରଠାରୁ ଭିନ୍ନ ଦଳ ଶାସନରେ ରହୁଛନ୍ତି। ଏଭଳି ସ୍ଥଳେ ପ୍ରିନ୍ସିପଲ ଅଫ୍ ନାଚ୍ୟୁରାଲ ଜଷ୍ଟିସ୍ ବା ବାସ୍ତବ ନ୍ୟାୟର ନୀତିକୁ ରକ୍ଷା କରାଯିବା ପରିବର୍ତ୍ତେ ରାଜନୈତିକ ହସ୍ତକ୍ଷେପ ଗୁରୁତ୍ୱ ପାଇଯାଉଛି। ଭାରତୀୟ ସମ୍ବିଧାନରେ ତାଲିକାଭୁକ୍ତ ବିଷୟକୁ ଲକ୍ଷ୍ୟ କଲେ 'ପୋଲିସ' ରାଜ୍ୟ ତାଲିକାଭୁକ୍ତ ରହିଆସିଛି। ତେଣୁ ପୋଲିସ ସମ୍ବନ୍ଧୀୟ ମାମଲାର ସମାଧାନ ନିର୍ଦ୍ଦିଷ୍ଟ ରାଜ୍ୟ ସରକାର ପରିସରଭୁକ୍ତ ହେବା କଥା। କିନ୍ତୁ ତାହାର ଅନୁପାଳନ କରାଯାଉନାହିଁ।

ଏଠାରେ ଆମେରିକା ଓ ଅନ୍ୟ କେତେକ ଦେଶର ଉଦାହରଣ ଦେଖାଯାଇପାରେ। ସେହିସବୁ ଦେଶରେ ଗୋଟିଏ ରାଜ୍ୟର ପୋଲିସ ଅନ୍ୟ ରାଜ୍ୟରେ ପ୍ରବେଶ କରି ଗିରଫ କରିପାରିବ ନାହିଁ ବୋଲି ବ୍ୟବସ୍ଥା ରହିଛି। କିନ୍ତୁ ଭାରତବର୍ଷରେ ଏକ ନୂଆ ବ୍ୟବସ୍ଥା ସ୍ଥାପନ କରାଯାଇଛି। ଯେପରିକି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦିଲ୍ଲୀ ପୋଲିସକୁ ବ୍ୟବହାର କରି ଦେଶର ଯେକୌଣସି ରାଜ୍ୟରୁ ଯେକୌଣସି ବ୍ୟକ୍ତିଙ୍କୁ ଗିରଫ କରିବାର ଉଦାହରଣ ବୃଦ୍ଧି ପାଉଛି। ଏଭଳି କାର୍ଯ୍ୟ ଏକ ମନ୍ଦ ଦୃଷ୍ଟାନ୍ତ ସୃଷ୍ଟି କରୁଛି ଯେ, କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ତାଙ୍କ ପୋଲିସ ପଠାଇ ଅନ୍ୟ ରାଜ୍ୟରୁ ଯାହାଙ୍କୁ ଇଚ୍ଛା ତାହାକୁ ଗିରଫ କରି ଆଣିପାରିବେ। ତେବେ ସମ୍ବିଧାନ ପ୍ରଦତ୍ତ ବିଷୟବସ୍ତୁ ତାଲିକାରେ 'ପୋଲିସ'କୁ ଯେହେତୁ ରାଜ୍ୟ ଅନ୍ତର୍ଭୁକ୍ତ କରାଯାଇଛି, ସେଥିପାଇଁ ଏଭଳି ଗିରଫଦାରି ନିଶ୍ଚିତ ଭାବେ ଅସାମ୍ବିଧାନିକ। ଏଭଳି ସ୍ଥଳେ ସ୍ପଷ୍ଟ ବୁଝାପଡୁଛି ଯେ, ସାମ୍ବିଧାନିକ ପଦ୍ଧତିକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରି ଦିଆଯାଉଛି। ସମ୍ଭବତଃ ସମ୍ବିଧାନର ଏହି ନିୟମକୁ ଖୁବ୍‌ଶୀଘ୍ର ଭାଙ୍ଗି ଦିଆଯିବ ଏବଂ ନୂଆ ସମ୍ବିଧାନରେ କେବଳ କେନ୍ଦ୍ର ହାତରେ ଗୋଟେ ପୋଲିସ ବଳ ରହିବ, ଯାହାର କ୍ଷମତା ସମ୍ପୂର୍ଣ୍ଣ ଦେଶରେ କାର୍ଯ୍ୟକାରୀ କରାଯିବ। ହୁଏତ ସଂଘୀୟ ବ୍ୟବସ୍ଥାକୁ ଭାଙ୍ଗିବାର ଏହା ହେବ ପ୍ରଥମ ପାଦ, ଯାହାକି ଅତ୍ୟନ୍ତ ମାରାତ୍ମକ ହୋଇପାରେ। ତାହା ହେଲେ ଏହି ଦେଶର ସବୁ ରାଜ୍ୟ ଦିଲ୍ଲୀ ରାଜ୍ୟ ଭଳି ପାଲଟିଯିବ, ଯେଉଁଠାରେ ପ୍ରତ୍ୟେକ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି କେନ୍ଦ୍ର ନିୟନ୍ତ୍ରିତ ହେବ। ଯଦି ପୋଲିସକୁ ନେଇ ଏହିଭଳି ପ୍ରକ୍ରିୟା ଜାରି ରହେ, ତେବେ ଭାରତର ସମ୍ବିଧାନ କେବଳ ନାମକୁ ମାତ୍ର ରହିବ।

## su|do|ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 6 | | 3 | 5 | | | 8 |
| | | | 6 | | | 9 | | |
| | | 9 | 4 | 7 | | | | 2 |
| | | | | | | | | 3 |
| 9 | | | 3 | | | | 8 | |
| | | | 5 | | | 7 | | |
| | | 5 | | | | 3 | | 4 |
| | 3 | | | | 1 | | | |
| 2 | | | | | | 5 | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 8 | 9 | 1 | 6 | 3 | 5 | 4 |
| 6 | 3 | 1 | 4 | 5 | 8 | 2 | 9 | 7 |
| 9 | 5 | 4 | 7 | 3 | 2 | 8 | 1 | 6 |
| 8 | 9 | 2 | 3 | 7 | 1 | 6 | 4 | 5 |
| 5 | 6 | 3 | 2 | 9 | 4 | 1 | 7 | 8 |
| 1 | 4 | 7 | 6 | 8 | 5 | 9 | 3 | 2 |
| 7 | 2 | 9 | 5 | 6 | 3 | 4 | 8 | 1 |
| 4 | 8 | 5 | 1 | 2 | 9 | 7 | 6 | 3 |
| 3 | 1 | 6 | 8 | 4 | 7 | 5 | 2 | 9 |

ଗତକାଲିର ଉତ୍ତର

# ଓଡ଼ିଶାରେ ଆଞ୍ଚଳିକ ଦଳ ପ୍ରଭାବ



ସୌଭାଗ୍ୟ ସୁନ୍ଦରରାୟ

ଓଡ଼ିଶାରେ ଆଞ୍ଚଳିକ ଦଳ ରାଜନୀତି ବିଜୁ ଜନତା ଦଳ(ବିଜେଡି)ରୁ ଆରମ୍ଭ ହୋଇନାହିଁ କି ଏହା ଏଇଠି ମଧ୍ୟ ଶେଷ ହୋଇ ନାହିଁ। ରାଜ୍ୟରେ ଆଞ୍ଚଳିକ ଦଳର ଏକ ଦୀର୍ଘ ଇତିହାସ ରହିଛି। ବିଜୁ ଜନତା ଦଳ ପୂର୍ବରୁ ରାଜ୍ୟରେ ଏକାଧିକ ଆଞ୍ଚଳିକ ଦଳ ଗଠନ କରାଯାଇଛି ଓ ପରେ ମଧ୍ୟ ଗଠିତ ହୋଇଛି। ତେବେ ବିଜୁ ଜନତା ଦଳର ସଫଳତାକୁ କୌଣସି ଦଳ ଅଦ୍ୟାବଧି ସ୍ପର୍ଶ କରିପାରିନାହିଁ। ୧୯୯୭ ମସିହାରେ ଆଞ୍ଚଳିକ ଦଳ ଭାବେ ବିଜୁ ଜନତା ଦଳ ପ୍ରତିଷ୍ଠା ପୂର୍ବରୁ ୮୦ ଦଶକରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଗଠନ କରିଥିଲେ 'ଜାଗ୍ରତ ଓଡ଼ିଶା'। ତେବେ ଏହା ପୂର୍ବରୁ ୫୦ ଦଶକରେ ଗଠିତ ଗଣତନ୍ତ୍ର ପରିଷଦ, ଉତ୍କଳ କଂଗ୍ରେସ, ଜନ କଂଗ୍ରେସ ଆଦି ଆଞ୍ଚଳିକ ଦଳ ଓଡ଼ିଶାର ଜନଜୀବନକୁ ପ୍ରାୟ ତିନି ଦଶନ୍ଧି ଧରି ଗଭୀର ଭାବେ ପ୍ରଭାବିତ କରିପାରିଥିଲା।

ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଶାରେ ପ୍ରଥମ ବିଧାନସଭା ନିର୍ବାଚନ ହୋଇଥିଲା ୧୯୫୧ ଡିସେମ୍ବରରେ। ଏହି ନିର୍ବାଚନରେ ଜାତୀୟ ଦଳ ଭାବେ କଂଗ୍ରେସ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓ ସୋସାଲିଷ୍ଟ ପାର୍ଟି ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ରାଜ୍ୟରେ ଗଣତନ୍ତ୍ର ପରିଷଦ ନାମରେ ଏକ ଆଞ୍ଚଳିକ ରାଜନୈତିକ ଦଳ ନିର୍ବାଚନ ମଇଦାନକୁ ଓହ୍ଲାଇଥିଲା। ପୂର୍ବତନ ରାଜାରାଜୁଡ଼ାଙ୍କ ପୃଷ୍ଠପୋଷକତାରେ ଏହି ଦଳ ପ୍ରତିଷ୍ଠା ହୋଇଥିଲା। ବିଲୁପ୍ତ ଗଡ଼ଜାତ ପାଟଣା (ବର୍ତ୍ତମାନର ବଲାଙ୍ଗୀର)ର ମହାରାଜା ରାଜେନ୍ଦ୍ର ନାରାୟଣ ସିଂହଦେଓ ଓ କଳାହାଣ୍ଡି ମହାରାଜା ପ୍ରତାପ କେଶରୀ ଦେଓଙ୍କ ସହାୟତାରେ ଏହି ଦଳଟି ଆରମ୍ଭ ହୋଇଥିଲା। ରାଜତନ୍ତ୍ର ଉଚ୍ଛେଦ ପରେ ନୂଆ ଶାସନ ବ୍ୟବସ୍ଥାକୁ ବିରୋଧ କରି ଏହି ଦଳ ଆରମ୍ଭ ହୋଇଥିଲା। ପୂର୍ବରୁ ପାଟଣା ମହାରାଜା କୋଶଳ ଉତ୍କଳ ପ୍ରଜା ପରିଷଦ ନାମରେ ଏକ ରାଜନୈତିକ ଦଳ ଗଠନ କରିଥିଲେ। ଗଣତନ୍ତ୍ର ପରିଷଦ ଗଠନ ହେବା ସହ ଏହି ଦଳଟିର ବିଲୟ ଘଟିଥିଲା। ପ୍ରଥମ ସାଧାରଣ ନିର୍ବାଚନରେ ଗଣତନ୍ତ୍ର ପରିଷଦର ୫ ଜଣ ସଦସ୍ୟ ଲୋକ ସଭାକୁ ନିର୍ବାଚିତ ହୋଇଥିବାବେଳେ ୩୧ ଜଣ ସଦସ୍ୟ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। କଂଗ୍ରେସ ପରେ ଗଣତନ୍ତ୍ର ପରିଷଦ ଥିଲା ଦ୍ୱିତୀୟ ବୃହତ୍ ଦଳ। ୧୯୫୭ରେ ଅନୁଷ୍ଠିତ ଦ୍ୱିତୀୟ ସାଧାରଣ ନିର୍ବାଚନରେ ଗଣତନ୍ତ୍ର ପରିଷଦର ୭ ଜଣ ସଦସ୍ୟ ଲୋକ ସଭାକୁ ଓ ୫୧ ଜଣ ସଦସ୍ୟ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଏହି ସମୟରେ କଂଗ୍ରେସ ପାଇଥିଲା ୫୬ ବିଧାନସଭା ଆସନ। ଏହି ନିର୍ବାଚନରେ ରାଜ୍ୟରେ ପ୍ରଥମେ କଂଗ୍ରେସର ଝୁଲା ସରକାର ହୋଇଥିଲା। ଏହାପରେ କଂଗ୍ରେସ- ଗଣତନ୍ତ୍ର ପରିଷଦର ମିଳିତ ସରକାର ହେଲା। ଏ ସରକାରର ପତନ ୧୯୬୧ରେ



ଘଟିଥିଲା। ସେହି ବର୍ଷ ରାଜ୍ୟରେ ବିଧାନସଭା ପାଇଁ ଅନୁଷ୍ଠିତ ମଧ୍ୟବର୍ତ୍ତିକାଳୀନ ନିର୍ବାଚନରେ ତୃତୀୟ ବିଧାନସଭାକୁ ଗଣତନ୍ତ୍ର ପରିଷଦର ୩୫ ଜଣ ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ। ବିଜୁ ପଟ୍ଟନାୟକ ହେଲେ ମୁଖ୍ୟମନ୍ତ୍ରୀ। ତେବେ ୧୯୬୨ରେ ଅନୁଷ୍ଠିତ ୩ୟ ଲୋକ ସଭା ନିର୍ବାଚନରେ ଗଣତନ୍ତ୍ର ପରିଷଦ କୌଣସି ପ୍ରାର୍ଥୀ ସଫଳତା ପାଇପାରି ନ ଥିଲେ।

୧୯୬୭ରେ ଚତୁର୍ଥ ସାଧାରଣ ନିର୍ବାଚନ ବେଳକୁ ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ 'ଜନ କଂଗ୍ରେସ' ନାମରେ ଏକ ନୂତନ ଆଞ୍ଚଳିକ ଦଳର ଆବିର୍ଭାବ ଘଟିଲା। ଏହି ସମୟରେ ଗଣତନ୍ତ୍ର ପରିଷଦର ବିଲୟ ଘଟିଲା। କଂଗ୍ରେସର ଭିନ୍ନ ବିଚାରଧାରା ସମ୍ପନ୍ନ ନେତା ଚକ୍ରବର୍ତ୍ତୀ ରାଜଗୋପାଳଚାରୀଙ୍କ ଦ୍ୱାରା ନୂଆକରି ଗଠିତ ସ୍ୱତନ୍ତ୍ର ପାର୍ଟି ନାମକ ଜାତୀୟ ଦଳରେ ଗଣତନ୍ତ୍ର ପରିଷଦର ବିଲୟ ଘଟିଥିଲା। ଏହି ନିର୍ବାଚନରେ ଜନ କଂଗ୍ରେସ ଓ ସ୍ୱତନ୍ତ୍ର ପାର୍ଟି ମେଣ୍ଟ ହୋଇଥିଲା। ମିଳିତ ମନ୍ତ୍ରିମଣ୍ଡଳରେ ମୁଖ୍ୟମନ୍ତ୍ରୀ ହୋଇଥିଲେ ପୂର୍ବତନ ଗଣତନ୍ତ୍ର ପରିଷଦ ତଥା ନୂତନ ସ୍ୱତନ୍ତ୍ର ପାର୍ଟିର ନେତା ରାଜେନ୍ଦ୍ର ନାରାୟଣ ସିଂଦେଓ ଓ ଉପମୁଖ୍ୟମନ୍ତ୍ରୀ ହୋଇଥିଲେ ଜନ କଂଗ୍ରେସ ନେତା ପବିତ୍ର ମୋହନ ପ୍ରଧାନ। ୧୯୬୯ରେ କଂଗ୍ରେସ ବିଭାଜନ ସହ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠନ ହେଲା 'ଉତ୍କଳ କଂଗ୍ରେସ' ନାମରେ ନୂଆ ଆଞ୍ଚଳିକ ଦଳ। ଏହି ସମୟରେ କଂଗ୍ରେସ ଓ ସ୍ୱତନ୍ତ୍ର ପାର୍ଟି ମେଣ୍ଟ ସରକାର ଭାଙ୍ଗିଗଲା। ଏଥିସହ ଜନ କଂଗ୍ରେସର ବିଲୟ ଶାସକ କଂଗ୍ରେସରେ ଘଟିଲା। ୧୯୭୧ ଲୋକ ସଭା ନିର୍ବାଚନରେ ଉତ୍କଳ କଂଗ୍ରେସର ଏକମାତ୍ର ପ୍ରାର୍ଥୀ ସୁରେନ୍ଦ୍ର ମହାନ୍ତି କେନ୍ଦ୍ରାପଡ଼ା ଆସନରୁ ବିଜୟୀ ହୋଇଥିବାବେଳେ ବିଧାନସଭାକୁ ଉତ୍କଳ କଂଗ୍ରେସର ୩୩ ଜଣ ସଦସ୍ୟ ନିର୍ବାଚିତ ହୋଇଥିଲେ। କିନ୍ତୁ ଉତ୍କଳ କଂଗ୍ରେସ ପ୍ରତିଷ୍ଠାତା ବିଜୁ ପଟ୍ଟନାୟକ ଏକାଦିକ୍ରମେ ୪ଟି ବିଧାନସଭା ଓ ଗୋଟିଏ ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ସବୁଥିରେ ହାରିଥିଲେ। ୧୯୭୨ରେ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱାଧୀନ କଂଗ୍ରେସରେ ଉତ୍କଳ କଂଗ୍ରେସର ବିଲୟ ଘଟିଥିଲା। ଏହାପରେ 'ପ୍ରଗତି ବିଧାୟକ ଦଳ' ନାମରେ ଏକ ଆଞ୍ଚଳିକ ଦଳ ଗଠନ ହୋଇଥିଲା। ଏହି ଦଳରୁ ବିଜୁ ପଟ୍ଟନାୟକ ବିରୋଧୀ ଦଳ ନେତା ହୋଇଥିଲେ। ୧୯୭୪ରେ ଉତ୍କଳ କଂଗ୍ରେସ, ପ୍ରଗତି ବିଧାୟକ ଦଳ ଓ ସ୍ୱତନ୍ତ୍ର ପାର୍ଟିର ବିଲୟ ଭାରତୀୟ ଲୋକ ଦଳରେ ହୋଇଥିଲା। ଏହାପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ 'ଜାଗ୍ରତ ଓଡ଼ିଶା' ନାମରେ ଏକ ରାଜନୈତିକ ଦଳ ଗଠନ କରିଥିଲେ। ୧୯୮୪ରେ ଶ୍ରୀମତୀ ଶତପଥୀ ଏହି ଦଳରୁ ଢେଙ୍କାନାଳ ବିଧାନସଭା କ୍ଷେତ୍ରରୁ ନିର୍ବାଚିତ ହୋଇଥିଲେ। ପରେ ସେ ମୂଳ କଂଗ୍ରେସ ଦଳକୁ ଫେରିଯିବାରୁ ଜାଗ୍ରତ ଓଡ଼ିଶାର ବିଲୟ ଘଟିଥିଲା। ବିଜୁ ପଟ୍ଟନାୟକଙ୍କ ତିରୋଧାନ ପରେ ୧୯୯୭ ମସିହାରେ 'ବିଜୁ ଜନତା ଦଳ'(ବିଜେଡି) ଆତ୍ମପ୍ରକାଶ କଲା। ୨୦୦୦ରେ ଦ୍ୱାଦଶ ବିଧାନସଭା ନିର୍ବାଚନରେ ବିଜୟ ମହାପାତ୍ରଙ୍କୁ ବିଜେଡି ଟିକେଟରୁ ବଞ୍ଚିତ କରାଗଲା ପରେ ସେ 'ଓଡ଼ିଶା ଗଣ ପରିଷଦ' ନାମରେ ନୂଆ ଆଞ୍ଚଳିକ ଦଳ ଗଠନ କରିଥିଲେ। ଏହି ଦଳରୁ ୨୦୦୪ରେ ଉତ୍କଳ କେଶରୀ ପରିଡ଼ା (କେନ୍ଦ୍ରାପଡ଼ା), ଅରୁଣ ଦେ ବିଧାୟକ (ବାଲେଶ୍ୱର) ହୋଇପାରିଥିଲେ। ପରବର୍ତ୍ତୀ ସମୟରେ ଦଳ ଆଉ ଗତିଶୀଳ ହୋଇପାରିନଥିଲା। ୨୦୦୯ ବିଧାନସଭା ନିର୍ବାଚନ ସମୟକୁ 'ସମୃଦ୍ଧ ଓଡ଼ିଶା' ଓ 'କୋଶଳ କ୍ରାନ୍ତି ଦଳ' ନାମକ ଆଞ୍ଚଳିକ ରାଜନୈତିକ ଦଳର ଆବିର୍ଭାବ ଘଟିଥିଲା। ସମୃଦ୍ଧ ଓଡ଼ିଶାର ପ୍ରତିଷ୍ଠାତା ଥିଲେ ପ୍ରଶାସନିକ ଅଧିକାରୀ ଯତୀଶ ଚନ୍ଦ୍ର ମହାନ୍ତି ଓ କୋଶଳ କ୍ରାନ୍ତି ଦଳର ପ୍ରତିଷ୍ଠାତା ଥିଲେ ବୈଦ୍ୟନାଥ ମିଶ୍ର। ଭାଜପା ପକ୍ଷରୁ ୨ ଥର ଲୋକ ସଭା ସାଂସଦ ହୋଇଥିବା ମହାମେଘବାହାନ ଐର ଖାରବେଳ ସ୍ୱାଇଁ ମଧ୍ୟ ୨୦୧୦ ମସିହାରେ ଗଠନ କରିଥିଲେ 'ଉତ୍କଳ ଭାରତ' ନାମରେ ଏକ ରାଜନୈତିକ ଦଳ। ବିଜୁ ଜନତା ଦଳର ପରାମର୍ଶଦାତା ତଥା ବରିଷ୍ଠ ପ୍ରଶାସକ ପ୍ୟାରୀମୋହନ ମହାପାତ୍ର ବିଜେଡିରୁ ବହିଷ୍କୃତ ହେବା ପରେ ୨୦୧୩ ମସିହାରେ 'ଓଡ଼ିଶା ଜନମୋର୍ଚ୍ଚା' ନାମରେ ଏକ ରାଜନୈତିକ ଦଳ ଗଠନ କରିଥିଲେ। ଦଳ ପକ୍ଷରୁ ନିର୍ବାଚନରେ ପ୍ରାର୍ଥୀ ଦିଆଯାଇଥିଲେ ସୁଦ୍ଧା ସଫଳତା ମିଳିପାରି ନ ଥିଲା। ସେହିପରି କଂଗ୍ରେସ ଦଳରୁ ସମ୍ପର୍କ ଛିନ୍ନ ହେବା ପରେ ସୌମ୍ୟ ରଞ୍ଜନ ପଟ୍ଟନାୟକ 'ଆମ ଓଡ଼ିଶା ପାର୍ଟି' ନାମରେ ଏକ ରାଜନୈତିକ ଦଳ ପ୍ରତିଷ୍ଠା କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ ତ୍ରିପାଠୀଙ୍କର 'ସମତା କ୍ରାନ୍ତି' ଦଳ ନାମରେ ଏକ ଆଞ୍ଚଳିକ ରାଜନୈତିକ ଦଳ ମଧ୍ୟ ରହିଛି। ଏହି ଦଳରୁ ଏକଦା ଜର୍ଜ ତିର୍କୀ ବିଧାୟକ ହୋଇଥିଲେ। ଚମ୍ପୁଆର ସ୍ୱାଧୀନ ବିଧାୟକ ସନାତନ ମହାକୁଡ଼ 'ଜନ ସମୃଦ୍ଧି ପାର୍ଟି' ନାମରେ ଏକ ଆଞ୍ଚଳିକ ଦଳ ୨୦୧୭ରେ ଗଠନ କରିବା ପରେ ଏବେ ସେଥିରୁ ଓହରିଯାଇଛନ୍ତି। ବିଜୁ ଜନତା ଦଳରୁ ସମ୍ପର୍କ ତୁଟାଇବା ପରେ ପୂର୍ବତନ ମନ୍ତ୍ରୀ ଦାମୋଦର ରାଉତ 'ବିଜୁ ସମତା କ୍ରାନ୍ତି' ଦଳ ନାମରେ ଏକ ରାଜନୈତିକ ଦଳ ଗଠନ କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ହିନ୍ଦୋଳର ପୂର୍ବତନ ରାଜା ଶୈଳେନ୍ଦ୍ର ନାରାୟଣ ସିଂଦେଓ ଗତ ନିର୍ବାଚନ ସମୟରେ 'ଓଡ଼ିଶା ଲୋକତନ୍ତ୍ର ଦଳ' ନାମରେ ଏକ ରାଜନୈତିକ ଦଳ ଗଠନ କରିଥିଲେ। ଏହି ପରିପ୍ରେକ୍ଷୀରେ କୁହାଯାଇପାରେ ଯେ ରାଜ୍ୟର ଆଞ୍ଚଳିକ ଦଳ ମଧ୍ୟରେ ବିଜୁ ଜନତା ଦଳକୁ ବାଦ୍ ଦେଲେ ଅନ୍ୟାନ୍ୟ ରାଜନୈତିକ ଦଳର ସଫଳତା ଅପେକ୍ଷା ବିଫଳତା ଅଧିକ ରହିଥିବା ପରିଲକ୍ଷିତ ହେଉଛି।

ମୋ: ୯୪୩୭୨୨୯୨୩୩

# ନୂତନ ଭିନ୍ନକ୍ଷମ ଅଧିକାର ଆଇନ



ଡ. ବିରଜା ରାଉତରାୟ

୨୦୧୧ ମସିହା ଜନଗଣନା ଅନୁସାରେ ଭାରତବର୍ଷରେ ବାସ କରୁଥିବା ସମୁଦାୟ ଜନସଂଖ୍ୟାର ୨.୧ ପ୍ରତିଶତ ଭିନ୍ନକ୍ଷମ। ଏମାନେ କୌଣସି ନା କୌଣସି ପ୍ରକାର ଏକ ବା ଏକାଧିକ ଭିନ୍ନତାର ଶିକାର ହୋଇଛନ୍ତି। ଭାରତର ଜଣେ ନାଗରିକ ଭାବରେ ସେମାନେ ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରକୁ ଉପଭୋଗ କରିଥାନ୍ତି ସତ; ମାତ୍ର ଜୀବନ ନିର୍ବାହରେ ଯାବତୀୟ କଠିନତାର ସମ୍ମୁଖୀନ ହୋଇଥାନ୍ତି। ସେଥିପାଇଁ ପ୍ରଥମକରି ୧୯୯୫ ମସିହାରେ ଏକ ଭିନ୍ନକ୍ଷମ ଆଇନର ପ୍ରଣୟନ କରାଯାଇଥିଲା। ଏହି ଆଇନରେ ଅନ୍ୟ ନାଗରିକଙ୍କ ପରି ଭିନ୍ନକ୍ଷମ ବା ଦିବ୍ୟାଙ୍ଗମାନଙ୍କୁ ସମାନତା ଓ ଆତ୍ମସମ୍ମାନପୂର୍ଣ୍ଣ ଜୀବନ ନିର୍ବାହ କରିବା ପାଇଁ ସୀମିତ ଭାବେ ନିୟମ ପ୍ରଣିତ ହୋଇଥିଲା। ଏତଦ୍ ବ୍ୟତୀତ, ଏହି ଆଇନରେ ଦିବ୍ୟାଙ୍ଗମାନଙ୍କ ଅଧିକାରକୁ ସୁନିଶ୍ଚିତ କରାଇବାର କୌଣସି ବଳିଷ୍ଠ ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ବିଭିନ୍ନ ଭିନ୍ନକ୍ଷମ ସଙ୍ଗଠନ ଓ ସାମାଜିକ କର୍ମୀ ଏହାକୁ ବିରୋଧ କରିଥିଲେ। ସେମାନଙ୍କ ମତରେ ଏହି ଭିନ୍ନକ୍ଷମ ଆଇନ ପ୍ରଭାବଶାଳୀ ହୋଇ ନ ଥିବାରୁ ଏହାଦ୍ୱାରା ସେମାନେ ନ୍ୟାଯ୍ୟ ଅଧିକାର ପାଇବାରୁ ବଞ୍ଚିତ ହେବେ। ସେମାନଙ୍କୁ ଏହି ଅଧିକାର ଦେବାକୁ ହେଲେ ଏକ ଉତ୍ତରଦାୟୀ ବଳିଷ୍ଠ ଅଧିନିୟମର ଆବଶ୍ୟକତା ରହିଛି।

୨୦୦୬ ଡିସେମ୍ବର ୧୩ରେ ଅନୁଷ୍ଠିତ ମିଳିତ ଜାତିସଂଘର ସାଧାରଣ ଅଧିବେଶନରେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ଅଧିକାର ଆଧାରିତ ପ୍ରସ୍ତାବମାନ ଗୃହୀତ ହୋଇଥିଲା। ଭାରତ ଉକ୍ତ ସମ୍ମିଳନୀର ଏକ ସ୍ୱାକ୍ଷରକାରୀ ଦେଶ ଭାବେ ଉକ୍ତ ସୁପାରିସଗୁଡ଼ିକୁ କାର୍ଯ୍ୟକାରୀ କରାଇବା ଲକ୍ଷ୍ୟରେ ସଂସଦର ଉଭୟ ଗୃହରେ ୨୦୧୬ରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅଧିକାର ଅଧିନିୟମ ବିଧେୟକକୁ ପାରିତ କରାଯାଇଥିଲା; ଯାହା ଏକ ସ୍ୱତନ୍ତ୍ର ଅଧିନିୟମ ରୂପେ ୨୦୧୬ ଡିସେମ୍ବର ୨୭ଠାରୁ ମହାମହିମ ରାଷ୍ଟ୍ରପତିଙ୍କ ସ୍ୱୀକୃତିପ୍ରାପ୍ତ ହୋଇ ଆଇନରେ ପରିଣତ ହୋଇଛି।

ଏହି ନୂତନ ଭିନ୍ନକ୍ଷମ ଆଇନରେ ୧୯୯୫ ମସିହାରେ ପ୍ରଦତ୍ତ ଆଇନଠାରୁ ଅଧିକ ବିସ୍ତୃତ ଭାବରେ ପ୍ରତ୍ୟେକ ଦିଗ ଯେପରି ଶିକ୍ଷା, ସାମାଜିକ ସୁରକ୍ଷା, ନିଯୁକ୍ତି ଓ ସ୍ୱତନ୍ତ୍ର ଯୋଜନା ତଥା ବିକାଶମୂଳକ କାର୍ଯ୍ୟକ୍ରମ ପ୍ରଭୃତି କ୍ଷେତ୍ରରେ ସୁନିଶ୍ଚିତ ଆରକ୍ଷଣର ବ୍ୟବସ୍ଥା କରାଯାଇ ବିଭିନ୍ନ ବର୍ଗ ପାଇଁ ସଂରକ୍ଷଣର ପ୍ରତିଶତକୁ ସୁନିର୍ଦ୍ଦିଷ୍ଟ କରାଯାଇଛି। ବିଶେଷକରି ଦିବ୍ୟାଙ୍ଗ ମହିଳା ଓ ଶିଶୁଙ୍କ ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପର ପ୍ରାବଧାନ କରାଯାଇ ସେମାନଙ୍କର ଅଧିକାରକୁ ସୁରକ୍ଷିତ କରାଯାଇଛି। ସର୍ବୋପରି ଏହି ନୂତନ ଆଇନରେ ଥିବା ଖିଲାପକାରୀ ଓ ଦୋଷୀମାନଙ୍କ ନିମନ୍ତେ ଦଣ୍ଡବିଧାନର ବ୍ୟବସ୍ଥା ଏହାକୁ ଏକ ମଜଭୁତ ଓ ଶକ୍ତିଶାଳୀ ଆଇନରେ ପରିଣତ କରିଛି।

ଯଦି ଦିବ୍ୟାଙ୍ଗ ବ୍ୟକ୍ତିବିଶେଷମାନେ ଏହି ନୂତନ ଭିନ୍ନକ୍ଷମ ଆଇନ ୨୦୧୬ରେ ଥିବା ସେମାନଙ୍କ



ଅଧିକାର ସମ୍ପର୍କିତ ପ୍ରାବଧାନ ସମ୍ପର୍କରେ ଅବଗତ ହୋଇପାରିବେ, ତେବେ ସେମାନେ ସେମାନଙ୍କ ନ୍ୟାୟିକ ଅଧିକାର ପାଇବା ସହ ଏହି ଆଇନର ଉଦ୍ଦିଷ୍ଟ ଲକ୍ଷ୍ୟସାଧନ ହୋଇପାରିବ। ଅଧିକନ୍ତୁ, ସରକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ତରଫରୁ ଏହି ନୂତନ ଭିନ୍ନକ୍ଷମ ଅଧିକାର ଆଇନ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ସହ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମର ସହାୟତା ମଧ୍ୟ ସମାଜର ଏହି ଅବହେଳିତ ତଥା ଅସହାୟ ଭିନ୍ନକ୍ଷମ ବର୍ଗଙ୍କୁ ଏକ ଭେଦଭାବହୀନ ସମ୍ମାନଜନକ ଜୀବନ ନିର୍ବାହର ସୁଯୋଗ ମିଳିବା ସହିତ ଏକ ଯଥାର୍ଥ ଅନ୍ତର୍ଭୁକ୍ତୀ ସମ୍ମିଳିତ ସମାଜର ବାସ୍ତବାୟନ ସମ୍ଭବପର ହୋଇପାରିବ।

୨୦୧୬ ମସିହାରେ ପ୍ରଣିତ ଏହି ଯୁଗାନ୍ତକାରୀ ନୂତନ ଆଇନରେ ସମୁଦାୟ ୧୭ ଗୋଟି ଅଧ୍ୟାୟ ରହିଥିବା ବେଳେ ୧୦୨ ଗୋଟି ଧାରାକୁ ଏଥିରେ ସନ୍ନିବେଶିତ କରାଯାଇଛି। ସଂକ୍ଷେପରେ ସେଗୁଡ଼ିକ ହେଉଛି, ଯଥା – ପ୍ରଥମ ଅଧ୍ୟାୟ – ଭିନ୍ନକ୍ଷମତାର ସଂଜ୍ଞା ଓ ପରିସର, ଦ୍ୱିତୀୟ ଅଧ୍ୟାୟ – ଅଧିକାର ଓ ହକ୍, ତୃତୀୟ ଅଧ୍ୟାୟ – ଶିକ୍ଷା, ଚତୁର୍ଥ ଅଧ୍ୟାୟ – ଦକ୍ଷତା ବିକାଶ ଓ ନିୟୋଜନ, ପଞ୍ଚମ ଅଧ୍ୟାୟ – ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟ, ପୁନର୍ବାସ ଏବଂ ଅବସର ବିନୋଦନ, ଷଷ୍ଠ ଅଧ୍ୟାୟ – ନିର୍ଦ୍ଧାୟକ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ବିଶେଷ ବ୍ୟବସ୍ଥା, ସପ୍ତମ ଅଧ୍ୟାୟ – ଅଧିକ ସହାୟତା ଆବଶ୍ୟକ କରୁଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ବିଶେଷ ବ୍ୟବସ୍ଥା।, ଅଷ୍ଟମ ଅଧ୍ୟାୟ – ସମୁଚିତ ସରକାରଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ, ନବମ ଅଧ୍ୟାୟ – ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ କାର୍ଯ୍ୟ କରୁଥିବା ଅନୁଷ୍ଠାନଗୁଡ଼ିକର ପଞ୍ଜୀକରଣ ଓ ସେପରି ଅନୁଷ୍ଠାନଗୁଡ଼ିକୁ ଅନୁଦାନ।, ଦଶମ ଅଧ୍ୟାୟ – ନିର୍ଦ୍ଦିଷ୍ଟ ଧରଣର ଭିନ୍ନକ୍ଷମମାନଙ୍କ ପ୍ରମାଣୀକରଣ, ଏକାଦଶ ଅଧ୍ୟାୟ – ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ କେନ୍ଦ୍ରୀୟ ଓ ରାଜ୍ୟ ପରାମର୍ଶଦାତା ମଣ୍ଡଳୀ ଓ ଶିକ୍ଷାସ୍ତରୀୟ କମିଟି, ଦ୍ୱାଦଶ ଅଧ୍ୟାୟ – ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ପାଇଁ ମୁଖ୍ୟ ଆୟୁକ୍ତ ଓ ରାଜ୍ୟ ଆୟୁକ୍ତ, ତ୍ରୟୋଦଶ ଅଧ୍ୟାୟ – ସ୍ୱତନ୍ତ୍ର ନ୍ୟାୟାଳୟ, ଚତୁର୍ଦ୍ଦଶ ଅଧ୍ୟାୟ – ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ପାଣ୍ଠି, ପଞ୍ଚଦଶ ଅଧ୍ୟାୟ – ଭିନ୍ନକ୍ଷମଙ୍କ ପାଇଁ ରାଜ୍ୟ ପାଣ୍ଠି, ଷୋଡ଼ଶ ଅଧ୍ୟାୟ – ଅପରାଧ ଓ ଶାସ୍ତି, ସପ୍ତଦଶ ଅଧ୍ୟାୟ – ବିବିଧ।

ଏହି ଆଇନର ଅନ୍ୟ ଏକ ବିଶେଷତ୍ୱ ହେଉଛି ଏଥିରେ ପୂର୍ବରୁ ଥିବା ଭିନ୍ନକ୍ଷମତାର ପରିସରକୁ ବୃଦ୍ଧି ଓ ବ୍ୟାପକ କରାଯାଇ ୧୯୯୫ ଆଇନରେ ପ୍ରଚଳିତ ୭ ପ୍ରକାରରୁ ୨୧ ପ୍ରକାର ଭିନ୍ନକ୍ଷମତାକୁ ଅନ୍ତର୍ଭୁକ୍ତ କରାଯାଇଛି ଏବଂ ଆବଶ୍ୟକ ସମୟରେ ପରବର୍ତ୍ତୀ କାଳରେ କେନ୍ଦ୍ର ସରକାର କୌଣସି ନୂତନ ଭିନ୍ନକ୍ଷମତାକୁ ଏହି ତାଲିକାରେ ସଂଯୋଗ କରିବାର କ୍ଷମତାଭୁକ୍ତ ହୋଇଛନ୍ତି। ଅଧିକନ୍ତୁ, ୧୯୯୫ରେ ଥିବା ଭିନ୍ନକ୍ଷମ ଆଇନଟି ଜମ୍ମୁ ଓ କଶ୍ମୀର ବ୍ୟତୀତ ସାରା ଭାରତବର୍ଷରେ ପ୍ରଯୁଜ୍ୟ ଥିବାବେଳେ ୨୦୧୬ ମସିହାରେ ପ୍ରଣିତ ଆଇନର ପରିସରରେ ଜମ୍ମୁ ଓ କଶ୍ମୀର କେନ୍ଦ୍ର ଶାସିତ ଅଞ୍ଚଳ ମଧ୍ୟ ଅନ୍ତର୍ଭୁକ୍ତ।

ମୁଖ୍ୟ ଉପଦେଷ୍ଟା, ପୁନର୍ବାସ
ମୋ: ୯୬୫୮୮୧୦୨୪୪

## ଏଇ ଭାରତରେ

'ଏମ୍‌ବିଏ ସରପଞ୍ଚ' ଭାବେ ରାଜସ୍ଥାନର ଛବି ରାଜୱାତ ବେଶ୍ ଜଣାଶୁଣା। ଏମ୍‌ବିଏରେ ଡିଗ୍ରୀ ହାସଲ ପରେ ସେ ରାଜନୀତିକୁ ଆସିଥିଲେ ଓ ୨୦୧୦ରେ ପ୍ରଥମେ ସରପଞ୍ଚ ହୋଇଥିଲେ। ୨୦୧୦-୧୫, ୨୦୧୫-୨୦, ଏହି ଦୁଇ ଅବଧିରେ ସେ ସରପଞ୍ଚ ହୋଇ ପଞ୍ଚାୟତର ସୋଡା ଗାଁରେ ଶିକ୍ଷା, ରାସ୍ତାଘାଟ ତଥା ଜଳ ସମସ୍ୟା ଦୂର କରିବାରେ ସଫଳତା ପାଇଛନ୍ତି। ଏବେ ସରପଞ୍ଚ ନ ରହିଲେ ମଧ୍ୟ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ତାଙ୍କର ଯୋଗଦାନ ରହୁଛି। ଅଧାରୁ ପାଠ ଛାଡ଼ିଦେଇଥିବା ପିଲାଙ୍କୁ ପୁନର୍ବାର ସ୍କୁଲକୁ ଫେରାଇ ଆଣିବାରେ ସକ୍ଷମ ବ୍ୟତୀତ ବିଦ୍ୟାଳୟର ପୁନରୁଦ୍ଧାର କରିଛନ୍ତି। ଶୁଷ୍କ ପୁଷ୍କରିଣୀର ପୁନରୁଦ୍ଧାର ହେବା ଦ୍ୱାରା ଜଳସେଚନ ହୋଇପାରିଛି। ପଞ୍ଚାୟତରେ ଥିବା କଲେଜର ଭିତ୍ତିଭୂମି ବିକାଶ କରାଯାଇଛି। ଏକ ବିରାଟ ପୋଖରୀ ଖନନ ପରେ ଜମିକୁ ଜଳସେଚନ କରାଯାଇପାରୁଛି। ଏଥିସହ, କଲେଜରେ ଡିଜିଟାଲ ଲାଇବ୍ରେରି କରିଛନ୍ତି। ଏବେ ଗାଁରେ ଇ- ଲାଇବ୍ରେରି ଖୋଲିବାକୁ ଯୋଜନା ରଖିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୧ ମେ ୧୯୭୫

- ମାଙ୍ଗାଲୋର ଅନ୍ତର୍ଗତ ସକ୍‌ଲେସପୁର ଓ ହାସାନା ମଧ୍ୟରେ ଏକ ଟୁରିଷ୍ଟ ବସ୍ ଦୁର୍ଘଟଣାର ସମ୍ମୁଖୀନ ହେବା ଫଳରେ ୧୬ ଜଣଙ୍କ ମୃତ୍ୟୁ।
- ବମ୍ବେ-ମାନ୍ଦ୍ରାଜ ଜନତା ଏକ୍ସପ୍ରେସ ସହିତ ଦାଉଣ୍ଡ ନିକଟବର୍ତ୍ତୀ ଏକ ଜଗୁଆଳି ବିହୀନ ଲେଭଲ୍‌କ୍ରସିଂଠାରେ ବରଯାତ୍ରୀଙ୍କୁ ନେଇ ଯାଉଥିବା ଟ୍ରକ୍ ଧକ୍କା ହେବା ଫଳରେ ୬୦ ଜଣଙ୍କ ଶୋଚନୀୟ ମୃତ୍ୟୁ।
- ତୁରସ୍କ ଉପରେ ଆମେରିକା ଜାରୀ କରିଥିବା ଅସ୍ତ୍ରଶସ୍ତ୍ର ଯୋଗାଣ କଟକଣାକୁ ପ୍ରତ୍ୟାହାର କରିବା ନିମନ୍ତେ ଏକ ପ୍ରସ୍ତାବ ଆମେରିକାର ସିନେଟରେ ଗୃହୀତ।

## ଚିରନ୍ତନୀ

ଚିକୁରେ ତାର ଲୋହିତ କ୍ରୀଡ଼ା
ସୃଷ୍ଟି କରେ ସ୍ୱପନ
ହେ ନିରିବୋଧ ଏକାକୀ କବି
ଉଦାସ କିପାଁ ଲପନ ?
–(ପଉଷ ସନ୍ଧ୍ୟା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସମ୍ପାଦକୀୟ ଲେଖକଙ୍କ ବିରୋଧରେ ଅଭିଯୋଗ

ମହାଶୟ,
ତୁମର ସମ୍ପାଦକୀୟ ଲେଖକଙ୍କ ବିରୋଧରେ ମୋର ଏକ ଗୁରୁତର ଅଭିଯୋଗ ଅଛି। ସମ୍ପାଦକୀୟ ଲେଖକଙ୍କ ଚିନ୍ତାଧାରା ଅଜ୍ଞାନ ଏବଂ ସମ୍ପୂର୍ଣ୍ଣ ମୂର୍ଖତାରେ ପରିପୂର୍ଣ୍ଣ। ଆମେରିକାରେ ଭାରତୀୟମାନଙ୍କୁ ହତ୍ୟା କରାଯାଉଥିବା ପ୍ରସଙ୍ଗରେ, ସେମାନେ ଭାରତୀୟମାନଙ୍କୁ ଆମେରିକାର ନିୟମ ଅନୁଯାୟୀ ବଞ୍ଚିବାକୁ ପରାମର୍ଶ ଦେଉଛନ୍ତି। ଏହା କି ପ୍ରକାର ମୂର୍ଖ ପରାମର୍ଶ ? କାନାଡାରେ ସରକାର ଖଲିସ୍ତାନୀ ଆତଙ୍କବାଦୀଙ୍କୁ ସମର୍ଥନ କରୁଛନ୍ତି ଏବଂ ସେମାନଙ୍କ ପ୍ରଧାନମନ୍ତ୍ରୀ ଭାରତ ଉପରେ ଅଭିଯୋଗ କରୁଛନ୍ତି। ଆମ ସରକାର ଏହା ବିରୋଧରେ ପ୍ରତିକ୍ରିୟା ରଖିଛନ୍ତି। କାନାଡା ସରକାରଙ୍କୁ ନିନ୍ଦା କରିବା ପରିବର୍ତ୍ତେ ତୁମର ବିକୃତ ଲେଖକ ଆମ ସରକାରଙ୍କୁ ସମାଲୋଚନା କରୁଛନ୍ତି। ତୁମର ବିକୃତ ଲେଖକଙ୍କ ମୁହଁରେ ଶକ୍ତ ଚାପୁଡ଼ା ଦରକାର। ସେମାନେ ଆଣ୍ଟି-ଭାଜପା, ମିଥ୍ୟାବାଦୀ ଏବଂ ନାଗରିକ ବିରୋଧୀ ଭାଷା ଲେଖୁଛନ୍ତି!

– ରାଜ ପଟ୍ଟନାୟକ/ inforaza@gmail.com

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)







# ମତଦାନ କଲେ ମୃତ ଦିଲୀପଙ୍କ ସ୍ତ୍ରୀ

## ଖଲ୍ଲିକୋଟ ନିର୍ବାଚନୀ ହିଂସା

### ସିବିଆଇ ତଦନ୍ତ ଦାବି କଲେ ବାପା, ଭଉଣୀ

**ଖଲ୍ଲିକୋଟ,୨୦।୫(ପ୍ରଶାନ୍ତ କୁମାର ମିଶ୍ର)**

ନିର୍ବାଚନ ପାଇଁ ଦିଲୀପ ବହୁତ ଉତ୍ସାହିତ ଥିଲା। ଭୋଟ ଦେବା ପାଇଁ ସେ ଉତ୍କଣ୍ଠାର ସହ ୨୦ ତାରିଖକୁ ଅପେକ୍ଷା କରିଥିଲା। ହେଲେ ଭୋଟ ଗ୍ରହଣର ୬ ଦିନ ପୂର୍ବରୁ ବିଜେଡି କର୍ମୀମାନେ ମୋ ପୁଅକୁ ହାଣି ହତ୍ୟା କରିଦେଲେ। ମୁଁ ତାର ଆତ୍ମାର ଶାନ୍ତି ପାଇଁ ଆଜି ଭୋଟ ଦେବାକୁ ଆସିଛି ବୋଲି ଭୋ ଭୋ ହୋଇ କାନ୍ଦି ପକାଇ ଦିଲୀପଙ୍କ ବାପା ରାମ ପାହନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଛନ୍ତି। ଦିଲୀପଙ୍କ ଭଉଣୀ ମଧ୍ୟ ବାପାଙ୍କ ସହିତ ଭୋଟ ଦେବାକୁ ଆସିଥିଲେ। ବାପା–ଝିଅ ରାଜ୍ୟ ସରକାରଙ୍କ ଏସ୍ଆଇଟି ତଦନ୍ତ ଉପରେ ଭରସା ନ କରି ସିବିଆଇ ତଦନ୍ତ ପାଇଁ ଦାବି କରିଥିଲେ। ଅପରାହ୍ନରେ ଦିଲୀପଙ୍କ ବିଧବା ସ୍ତ୍ରୀ ସାବିତ୍ରୀ ପାହାନ ଶ୍ରୀକୃଷ୍ଣ ଶରଣପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟଠାରେ ୭୧ନଂ. ବୁଥକୁ ଭୋଟ ଦେବାକୁ ଆସିଥିଲେ। ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ପୋଲିସ ୧୧ ଜଣଙ୍କୁ ଗିରଫ କରିଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତଙ୍କୁ ଏ ଯାଏ ଧରିପାରିନି। ହତ୍ୟାକାରୀଙ୍କୁ ଗିରଫ କରି କଠୋର ଦଣ୍ଡ ଦିଆଯାଉ ବୋଲି ସେ କହିଥିଲେ। ଶ୍ରୀକୃଷ୍ଣ ଶରଣପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟଠାରେ ବୁଥ ନଂ. ୭୧ ଓ ୭୩ ସଖି ବୁଥ ହୋଇଥିଲା। ସେଠାରେ ଶାନ୍ତିଶୃଙ୍ଖଳାର ସହ ଭୋଟଦାନ ହୋଇଛି। ପ୍ରଶାସନ ପକ୍ଷରୁ ସିସି କ୍ୟାମେରା ମାଧ୍ୟମରେ କଡା ନଜର ରଖାଯାଇଥିଲା। ଏହି ଦୁଇଟି ବୁଥରେ ପ୍ରାୟ ୭୦% ପ୍ରତିଶତ ମତଦାନ ହୋଇଛି। ସେହିପରି ଖଲ୍ଲିକୋଟ ବ୍ଲକ ଅଞ୍ଚଳରେ ଶାନ୍ତିଶୃଙ୍ଖଳାରେ ମତଦାନ ଚାଲିଥିଲା।ସୂଚନାଯୋଗ୍ୟ, ଗତ ୧୫ ତାରିଖ ରାତିରେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣଶରଣପୁର ଗ୍ରାମରେ ପୋଷ୍ଟରମରାକୁ ନେଇ ଘଟିଥିବା ରାଜନୈତିକ ହିଂସାରେ ଭାଜପା କର୍ମୀ ଦିଲୀପ ପାହାନଙ୍କ ମୃତ୍ୟୁ ଘଟିଥିଲା।


ଶ୍ରୀକୃଷ୍ଣ ଶରଣପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟ ଭୋଟ ଗ୍ରହଣ କେନ୍ଦ୍ରକୁ ଯାଉଛନ୍ତି ଦିଲୀପ ପାହାନଙ୍କ ସ୍ତ୍ରୀ।

# ୩ଦିନ ହିଟ୍ ୱେଭ୍, ୨୪ରୁ ବର୍ଷା

**ଭୁବନେଶ୍ୱର, ୨୦।୫(ଅସମାପିକା ସାହୁ)**

ଅସହ୍ୟ ତାତି ଓ ଗୁଳୁଗୁଳିରେ ଅସ୍ତବ୍ୟସ୍ତ ହୋଇପଡୁଛି ରାଜ୍ୟର ଜନଜୀବନ। ତାପମାତ୍ରା ପୁଣି ୪୨ ଡିଗ୍ରୀ ଡେଇଁଥିବାବେଳେ ଆସନ୍ତା ୩ଦିନ ହେବାକୁ ଥିବା ହିଟ୍ ୱେଭ୍‌କୁ ନେଇ ଚିନ୍ତା ବଢ଼ିଛି। ଏପରିସ୍ଥିତିରେ ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗରରେ ଆସନ୍ତା ୨୨ ତାରିଖରେ ଏକ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ଥିବାରୁ ତାତିରୁ ଆଶ୍ୱସ୍ତି ମିଳିବା ନେଇ ଆଶା କରାଯାଉଛି। ତେବେ ଲଘୁଚାପ ସୃଷ୍ଟି ହେବା ପରେ ପ୍ରଥମେ ଏହା ଉତ୍ତର–ପୂର୍ବ ଦିଗକୁ ଗତି କରିବା ସହିତ କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବ। ଫଳରେ ୨୪ ଓ ୨୫ ତାରିଖରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ। ବିଶେଷକରି ଉତ୍ତର ଓ ଉପକୂଳ ଓଡ଼ିଶାରେ ଅଧିକ ବର୍ଷିବ। କିଛି କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି। ଏ ନେଇ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ୨୪ରେ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବା ବେଳେ କଟକ, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ ଏବଂ କେନ୍ଦୁଝରରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୫ ତାରିଖରେ ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ାରେ ପ୍ରବଳରୁ ଅତି ପ୍ରବଳ ଏବଂ ଜଗତ୍‌ସିଂହପୁର, ଯାଜପୁର, କଟକ, ମୟୂରଭଞ୍ଜ ଓ କେନ୍ଦୁଝରରେ ପ୍ରବଳ ବର୍ଷା ହୋଇପାରେ। ଏହି କାରଣରୁ ୨୩ ତାରିଖ ସକାଳୁ କେନ୍ଦ୍ରୀୟ ବଙ୍ଗୋପସାଗରରେ ପବନର ବେଗ ଘଣ୍ଟାପ୍ରତି ୪୦ ରୁ ୫୦ କି.ମି. ରହିବା ସହିତ ଝଟ୍‌କା ପବନର ବେଗ ୬୦କିମି ରହିବା ଆଶଙ୍କା ରହିଛି। ସେହିଭଳି ୨୪ ତାରିଖ ସକାଳୁ ଏହାର ପ୍ରଭାବ ଉତ୍ତର ବଙ୍ଗୋପସାଗରରେ ମଧ୍ୟ ରହିବ। ପବନର ବେଗ ଘଣ୍ଟାପ୍ରତି ୫୦ ରୁ ୬୦କି.ମି. ଓ ଝଟ୍‌କା ପବନର ବେଗ ୭୦କି.ମି. ରହିବ ବୋଲି ଆକଳନ କରାଯାଇଥିବା ମହାନ୍ତି ସୂଚନା ଦେଇଛନ୍ତି। ସେହିଭଳି ୨୩ ତାରିଖ ସକାଳୁ ସମୁଦ୍ର ମୁଖ୍ୟତଃ ଅଶାନ୍ତ ରହିବା ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀଙ୍କୁ କେନ୍ଦ୍ରୀୟ ବଙ୍ଗୋପସାଗରକୁ ଏବଂ ୨୪ ତାରିଖରେ ଉତ୍ତର ବଙ୍ଗୋପସାଗରକୁ ପ୍ରବେଶ ନ କରିବା ପାଇଁ କୁହାଯାଇଛି। ସମୁଦ୍ରରେ ଥିବା ମତ୍ସ୍ୟଜୀବୀଙ୍କୁ ୨୩ ତାରିଖ ସୁଦ୍ଧା ଉପକୂଳକୁ ଫେରିଆସିବା ପାଇଁ ପରାମର୍ଶ ଦିଆଯାଇଛି।

ଏପଟେ ରବିବାର ତିନୋଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ଥିବାବେଳେ ସୋମବାର ୧୦ ସହରରେ ପାରଦ ୪୦ ଛୁଇଁଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ସୋମବାର ଝାରସୁଗୁଡ଼ାରେ ଦିନ ତାପମାତ୍ରା ସର୍ବାଧିକ ୪୨.୪ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ୧୦ ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଅଧିକ ରହିଥିଲା। ସମ୍ବଲପୁରରେ ୪୨, ସୁନ୍ଦରଗଡ଼ ୪୧.୭, ହୀରାକୁଦ ୪୧.୬, ବଲାଙ୍ଗୀର ୪୧.୨, ବୌଦ୍ଧ ଓ ଖୋର୍ଦ୍ଧାରେ ୪୧, ନୂଆପଡ଼ା ୪୦.୪, ଭବାନିପାଟଣା ଓ କେନ୍ଦୁଝରରେ ୪୦ ଡିଗ୍ରୀ ତାପମାତ୍ରା ରହିଥିଲା। ଉପକୂଳରେ ଅସହ୍ୟ ଗୁଳୁଗୁଳି ସାଙ୍ଗକୁ ଉଷ୍ମଆର୍ଦ୍ର ସ୍ଥିତି ଜାରି ରହିଛି। ଆଗାମୀ ୩ ଦିନ ମଧ୍ୟରେ ଆହୁରି ୨ରୁ ୩ ଡିଗ୍ରୀ ଯାଏ ତାତି ବଢ଼ିବା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ତେଣୁ ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ କିଛି ଜିଲାକୁ ହିଟ୍‌ୱେଭ୍ ନେଇ ୟେଲୋ ୱାର୍ନିଂ ମଧ୍ୟ ଜାରି କରାଯାଇଛି।

## ଟ୍ରକ୍ ଧକ୍କାରେ ଶାଳକ, ଭିଣୋଇ ମୃତ

**ଛତ୍ରପୁର,୨୦।୫**
**(ଦିଲୀପ ସାମଲ/ସନ୍ତୋଷ ପାଢ଼ୀ)**

ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଚମାଖଣ୍ଡି ଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ସୋମବାର ଏକ ଦୁର୍ଘଟଣା ଘଟିଛି। ଏକ ବାଇକ୍‌କୁ ପଛପଟୁ ଟ୍ରକ୍ ଧକ୍କା ଦେବାରୁ ଶାଳକ, ଭିଣୋଇଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ସାମନ୍ତରାୟପୁର ଗ୍ରାମର ଗଦାଧର ପ୍ରଧାନ (୪୫) ଓ ତାଙ୍କ ଭିଣୋଇ କରୁଣାକର ବିଶ୍ୱାଳ (୫୦)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି।

କୃଷ୍ଣପ୍ରସାଦ ବ୍ଲକ ସାମନ୍ତରାୟପୁର ଗ୍ରାମର ଗଦାଧର ଓ ତାଙ୍କ ଭିଣୋଇ କରୁଣାକର ବ୍ରହ୍ମପୁର ବଡ ମେଡିକାଲକୁ ଆସିଥିଲେ। ସେମାନେ ଡାକ୍ତର ପରାମର୍ଶ କରି ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଟାଟାପ୍ଲାଣ୍ଟ ସମ୍ମୁଖ ଜାତୀୟ ରାଜପଥରେ ପଛପଟୁ ଆସୁଥିବା ଟ୍ରକ (ନଂ.ଏପି ୦୫ ଟିଡି ୭୪୩୯) ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଚମାଖଣ୍ଡି ଥାନା ପୋଲିସ ସେଠାରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ କରୁଛି।

# ମାଓବାଦୀ–ଯବାନ ଗୁଳି ବିନିମୟ

## ଯବାନ ଗୁରୁତର, କୋମ୍ବିଂ ଅପରେଶନ ଜାରି

**ନୂଆପଡ଼ା,୨୦।୫ (ମକାରୁ ବେମାଲ)**

ମାଓବାଦୀପ୍ରବଣ ନୂଆପଡ଼ା ଜିଲାରେ କିଛିମାସର ନୀରବତା ପରେ ମାଓବାଦୀମାନେ ସେମାନଙ୍କ ଉପସ୍ଥିତି ଜାହିର କରିଛନ୍ତି। ଓଡ଼ିଶା–ଛତିଶଗଡ଼ ସୀମାନ୍ତ ନୂଆପଡ଼ା ଜିଲା କୋମନା ଥାନା ସୁନାବେଡା ଅଭୟାରଣ୍ୟ ଭିତରେ ରବିବାର ରାତିରେ ଏସ୍ଓଜି ଯବାନ ଓ ମାଓବାଦୀ ମଧ୍ୟରେ ଗୁଳି ବିନିମୟ ହୋଇଛି।ଏଥିରେ ଗୁଳିବାଜି ଜଣେ ଏସ୍ଓଜି ଯବାନ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ନେପାଳର ପ୍ରକାଶ ସାହି। ସେ ଏବେ ରାୟପୁରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

ସୂଚନା ମୁତାବକ, ସୁନାବେଡ଼ା ଅଭୟାରଣ୍ୟ ଭିତରେ ମାଓବାଦୀମାନେ ଚଳପ୍ରଚଳ କରୁଥିବା ନେଇ ଗୋଇନ୍ଦା ବିଭାଗ ସୂତ୍ରରୁ ପୋଲିସକୁ ଖବର ମିଳିଥିଲା। ଫଳରେ ଗତ ୧୮ ତାରିଖରୁ ଦୁଇ ରାଜ୍ୟର ସୀମାନ୍ତ ଝରଲାଆମ, ଭାଓସିଲ, ଶିବନାରାୟଣପୁର ଅଞ୍ଚଳର ଘଞ୍ଚ ଜଙ୍ଗଲ ମଧ୍ୟରେ ଏସ୍ଓଜି ଯବାନମାନେ କୋମ୍ବିଂ ଅପରେଶନ ଜାରି ରଖିଥିଲେ। ଏପରିସ୍ଥଳେ ରବିବାର ରାତି ପ୍ରାୟ ୨ଟା ସମୟରେ ଶିବନାରାୟଣପୁର ଗାଁ ନିକଟ ଜଙ୍ଗଲରେ ମାଓବାଦୀଙ୍କ ସହ ଯବାନଙ୍କ ମୁହାଁମୁହିଁ ହୋଇଥିଲା। ଯବାନଙ୍କୁ ଦେଖି ମାଓବାଦୀମାନେ ଆଖିବୁଜା ଗୁଳି ଚାଳନା କରିଥିଲେ। ଏହି ସମୟରେ ଏସ୍ଓଜି ଯବାନ ପ୍ରକାଶଙ୍କ ବେକରେ ଗୁଳି ବାଜିବାରୁ ସେ ଗୁରୁତର ଆହତ ହୋଇଥିଲେ। ସୋମବାର ସକାଳୁ ସାଥୀ ଯବାନମାନେ ତାଙ୍କୁ ଉଦ୍ଧାର କରି ଛତିଶଗଡ଼ ଗରିଆବନ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେଠାରୁ ତାଙ୍କୁ ରାୟପୁରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ବେକରେ ଗୁଳି ନ ଥିବାବେଳେ ସେ ସୁସ୍ଥ ଥିବା ଜଣାପଡିଛି।

ସୂଚନାଯୋଗ୍ୟ, ସୁନାବେଡା ଅଭୟାରଣ୍ୟ ଭିତରେ ୫ଟି ସିଆର୍‌ପିଏଫ୍ କ୍ୟାମ୍ପ ରହିଥିବାବେଳେ ଯବାନମାନେ ସଜାଗ ରହି ସର୍ଚ୍ଚ ଅପରେଶନ ଜାରି ରଖିଛନ୍ତି। ରବିବାର ରାତ୍ରିରେ ମାଓବାଦୀମାନେ ବଡ଼ଧରଣର ଅଘଟଣ ଘଟାଇବା ପାଇଁ ଯାଉଥିବାବେଳେ ଏସ୍ଓଜି ଯବାନଙ୍କ ହାବୁଡ଼ରେ ପଡିଥିଲେ। କୋମ୍ବିଂ ଅପରେଶନ ଜାରି ରହିଥିବାବେଳେ ଏଥିରେ ଏସଓଜି ଯବାନଙ୍କ ସହ ସିଆର୍‌ପିଏଫ୍ ୨୧୬ ବାଟାଲିୟନ, ଡିଭିଏଫ୍ ଯବାନ ସାମିଲ ଅଛନ୍ତି। ଏ ସଂକ୍ରାନ୍ତରେ ନୂଆପଡ଼ା ଆରକ୍ଷୀ ଅଧୀକ୍ଷକ ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ରଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନାହିଁ।

## ବିଦ୍ୟୁତ୍ ଆଘାତରେ ଦନ୍ତା ମୃତ



**ଅନୁଗୋଳ,୨୦।୫(ଅମିତ ସାମଲ)**

ଅନୁଗୋଳ ଜିଲା ବନ୍ତଳା ବନଖଣ୍ଡ କନ୍ତମେଘ ଗ୍ରାମ ନିକଟରେ ସୋମବାର ସକାଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ଦନ୍ତାହାତୀର ମୃତ୍ୟୁ ଘଟିଛି। ମୃତ ହାତୀର ଆନୁମାନିକ ବୟସ ୩୦ରୁ ୩୫ ବର୍ଷ ହେବ ବୋଲି ସୂଚନା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଗ୍ରାମବାସୀଙ୍କଠାରୁ ଖବରପାଇ ଘଟଣାସ୍ଥଳରେ ବନ୍ତଳା ରେଞ୍ଜର ନିଳାଦ୍ରୀନାଥ ସାହୁଙ୍କ ସମେତ ବନ କର୍ମଚାରୀ ପହଞ୍ଚି ତଦନ୍ତ ଚଳାଇଛନ୍ତି। ରେଞ୍ଜର ନିଳାଦ୍ରୀନାଥ କହିଛନ୍ତି, ଜଣେ ବ୍ୟକ୍ତି ତାଙ୍କ କଦଳୀ ବଗିଚାକୁ ସୁରକ୍ଷା ଦେବା ପାଇଁ ବିଦ୍ୟୁତ୍ ତାର ବାଡ ଲଗାଇଥିଲେ। ରାତିରେ ହାତୀଟି ଖାଦ୍ୟ ଅନ୍ୱେଷଣରେ ଆସି ଉକ୍ତ ତାର ବାଡ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଘଟଣାର ତଦନ୍ତ ଚାଲିଛି।

# ଓଡ଼ିଶା ବିରୋଧରେ ଛତିଶଗଡ଼ ଓ କେନ୍ଦ୍ର ସରକାର ଏକାଠି ହୋଇ ଲଢ଼ିଥିଲେ: ପାଣ୍ଡିଆନ

## ମହାନଦୀ ପ୍ରସଙ୍ଗ

**ଭୁବନେଶ୍ୱର, ୨୦।୫(ସୁନିତ୍ ମିଶ୍ର)**

ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଏକ ଭିଡିଓ ବାର୍ତ୍ତା ଜରିଆରେ ସୋମବାର ସିଧାସଳଖ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ମହାନଦୀ ପ୍ରସଙ୍ଗରେ କେନ୍ଦ୍ର ସରକାର କିପରି ଛତିଶଗଡ଼ ସରକାରଙ୍କୁ ସାହାଯ୍ୟ କରିଥିଲେ ସେନେଇ ପାଣ୍ଡିଆନ ଏହି ଭିଡିଓ ଜରିଆରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, କେନ୍ଦ୍ର ସରକାର ଛତିଶଗଡ଼ ସରକାରଙ୍କୁ ମହାନଦୀ ପ୍ରସଙ୍ଗରେ ଏକତରଫା ସମର୍ଥନ କରିଥିଲେ। ତାଙ୍କ ଆଫିଡାଭିଟ ଦେଖିଲେ ଜଣାପଡ଼ିବ କେନ୍ଦ୍ର ଏବଂ ଛତିଶଗଡ଼ ସରକାର କିପରି ଓଡ଼ିଶା ବିରୋଧରେ ସୁପ୍ରିମକୋର୍ଟରେ ଲଢ଼ିଥିଲେ। ଏହି ପ୍ରସଙ୍ଗରେ କିପରି ଟ୍ରିବ୍ୟୁନାଲ ଗଠନ ହୋଇପାରି ନାହିଁ ସେଥିଲାଗି ଏକାଠି ହୋଇଥିଲେ। ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ଟ୍ରିବ୍ୟୁନାଲ ଗଠନ ଲାଗି ନିର୍ଦ୍ଦେଶ ମିଳିଥିଲା। ଏଠାକାର କେନ୍ଦ୍ରମନ୍ତ୍ରୀ ମଧ୍ୟ କିପରି ଟ୍ରିବ୍ୟୁନାଲ ଗଠନ ହୋଇ ନପାରିବ ସେଥିଲାଗି ସେତେବେଳେ ଲାଗିପଡିଥିଲେ। ଟ୍ରିବ୍ୟୁନାଲ ଗଠନ ହୋଇ ନ ଥିଲେ ଛତିଶଗଡ଼ ଓଡ଼ିଶା ବିରୋଧରେ ଯେଉଁ ଷଡ଼ଯନ୍ତ୍ର ରଚି କାମ କରୁଥିଲା ତାହା ଚାଲିଥାଆନ୍ତା। ଏବେ ଓଡ଼ିଶା ଟ୍ରିବ୍ୟୁନାଲ ଜରିଆରେ ନ୍ୟାୟ ପାଇବ। ଏ ତଥ୍ୟ ଏବେ ସମସ୍ତେ ଦେଖିବେ। ମହାନଦୀ ଚାଷୀ ଭାଇ ଭଉଣୀଙ୍କ ଜୀବନରେଖା। ତାକୁ ନେଇ ରାଜନୀତି କରିବାଟା ଠିକ୍ ନ ଥିଲା ବୋଲି ପାଣ୍ଡିଆନ କହିଛନ୍ତି।

# ପୂର୍ବତନ ମୃତ୍ତିକା ସଂରକ୍ଷଣ ଅଧିକାରୀଙ୍କ ୧ କୋଟିରୁ ଊର୍ଦ୍ଧ୍ୱ ସମ୍ପତ୍ତି ବାଜ୍ୟାପ୍ତ

**ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ ମାଲକାନଗିରି, ୨୦।୫ (ଦୁର୍ଯ୍ୟୋଧନ ପାତ୍ର)**

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡିତ ହୋଇଥିବା ମାଲକାନଗିରି ଜିଲାର ପୂର୍ବତନ ମୃତ୍ତିକା ସଂରକ୍ଷଣ ଅଧିକାରୀ (ଏସ୍‌ସିଓ) ଦାଶରଥି ତ୍ରିପାଠୀଙ୍କ ପାଇଁ ପୁଣି ଅଡୁଆ ବଢ଼ିଛି। ଦାଶରଥିଙ୍କ ୧ କୋଟି ୭ ଲକ୍ଷ ୬୬ ହଜାର ୩୪୦ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟର ବିଚାରପତି ଆଶାପୂର୍ଣ୍ଣା ମହାପାତ୍ର ସୋମବାର ବାଜ୍ୟାପ୍ତ କରିଛନ୍ତି। ଏହି ସମ୍ପତ୍ତି ମଧ୍ୟରେ ପୁରୀ ଜିଲା ବାଟମଙ୍ଗଳାଠାରେ ଏକ ଜମି, ଭୁବନେଶ୍ୱର ଯାଁଳା ମୌଜାରେ ଆଉ ଏକ ପ୍ଲଟ୍ , ଭରତପୁର ମୌଜାରେ ଥିବା ଜିଏ ପ୍ଲଟ୍ ସମେତ ବ୍ୟାଙ୍କ ଜମା, ପୋଷ୍ଟାଲ ଜମା ଓ ଏଲ୍‌ଆଇସି ଜମା ଆଦି ରହିଛି। ଦାଶରଥି ମାଲକାନଗିରିରେ ଏସ୍‌ସିଓ ଭାବେ କାର୍ଯ୍ୟ କରୁଥିବାବେଳେ ବହୁ ଦୁର୍ନୀତି କରିଥିବା ଅଭିଯୋଗ ହୋଇଥିଲା। ୨୦୦୫ରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ଘର ଓ ଅଫିସ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ସମ୍ପତ୍ତି ଠାବ ହୋଇଥିଲା। ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏସଂକ୍ରାନ୍ତରେ ଏକ ମାମଲା (ନଂ.୫/୨୦୦୫) ରୁଜୁ କରାଯାଇ ଦାଶରଥିଙ୍କୁ ଗିରଫ କରାଯାଇଥିଲା। ତେବେ ଗିରଫ ହେବାର ବର୍ଷେ ପରେ ଅର୍ଥାତ୍ ୨୦୦୬ରେ ଦାଶରଥି ଅବସର ଗ୍ରହଣ କରିଥିଲେ। ଏହି ମାମଲାରେ ଭୁବନେଶ୍ୱର ଭିଜିଲାନ୍ସ କୋର୍ଟ ୨୦୧୯ ଜୁଲାଇ ୨୪ରେ ରାୟ ପ୍ରକାଶ କରିଥିଲେ। ଦାଶରଥିଙ୍କୁ ୨ ବର୍ଷ ଜେଲଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ନିର୍ଦ୍ଦେଶ ଥିଲା। ଗତ ୨୦୨୩ ଜାନୁଆରୀ ୪ରେ ରାଜ୍ୟ ସରକାର ମଧ୍ୟ ଦାଶରଥିଙ୍କ ପେନସନ୍ ଓ ଗ୍ରାଚ୍ୟୁଇଟି ସ୍ଥାୟୀ ଭାବେ ବନ୍ଦ କରିଦେଇଥିଲେ।

# ଇଣ୍ଡିଆ ସ୍କିଲ୍ସରେ ଶ୍ରେଷ୍ଠ ଓଡ଼ିଶା ଟିମ୍‌ର 'ୱାର୍ଲ୍ଡ ସ୍କିଲ୍ସ' ଲକ୍ଷ୍ୟ

## ବିମାନବନ୍ଦରରେ ଭବ୍ୟ ସ୍ୱାଗତ

**ଭୁବନେଶ୍ୱର, ୨୦।୫(ଅସମାପିକା ସାହୁ)**

'ଇଣ୍ଡିଆ ସ୍କିଲ୍ସ–୨୦୨୪'ରେ ଚମକିଛନ୍ତି ଓଡ଼ିଶାର ପ୍ରତିଯୋଗୀ। ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଟିମ୍ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନ କରିଛି। ସର୍ବଭାରତୀୟ ସ୍ତରରେ ସର୍ବାଧିକ ୫୧ଟି ପଦକ ଜିତି ଓଡ଼ିଶା ରେକର୍ଡ କରିଛି। ସୋମବାର ଓଡ଼ିଶା ପ୍ରତିଯୋଗୀ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରଠାରେ ପହଞ୍ଚିବା ପରେ ସେମାନଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ନିୟୋଜନ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ତଥା ଦକ୍ଷତା ବିକାଶ ପ୍ରାଧିକରଣର ସିଇଓ ରଶ୍ମିତା ପଣ୍ଡା, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ରେଘୁ ଜି, ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ପିନାକୀ ପଟ୍ଟନାୟକ, ଅଧ୍ୟକ୍ଷ ଟି ଥମ୍ବିରାଜା, ଉପାଧ୍ୟକ୍ଷ ଡ. ଶୁଭଙ୍ଗ କିଶୋର ଦାସ ବିମାନବନ୍ଦରଠାରେ ପହଞ୍ଚି ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସ୍ୱାଗତ କରିଥିଲେ। 'ଇଣ୍ଡିଆ ସ୍କିଲ୍ସ'ରେ ଓଡ଼ିଶା ଲଗାତର ଭାବେ ଶ୍ରେଷ୍ଠ ପ୍ରଦର୍ଶନ କରି ଚାଲିଛି। ଆଗାମୀ ସେପ୍ଟେମ୍ବରରେ ଫ୍ରାନ୍ସରେ ହେବାକୁ ଯାଉଛି 'ୱାର୍ଲ୍ଡ ସ୍କିଲ୍ସ' ପ୍ରତିଯୋଗିତା। ଇଣ୍ଡିଆ ସ୍କିଲ୍ସ–୨୦୨୪ରେ ଶ୍ରେଷ୍ଠ ପ୍ରଦର୍ଶନ ପରେ ଏବେ ଟିମ୍ ଓଡ଼ିଶାର ଲକ୍ଷ୍ୟ 'ୱାର୍ଲ୍ଡ ସ୍କିଲ୍ସ' ରହିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।


ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ରାଜ୍ୟ ସରକାରଙ୍କ ଅଧିକାରୀଙ୍କ ସହ ଓଡ଼ିଶା ଟିମ୍।

# ଓଡ଼ିଶାକୁ କବ୍ଜା କରିଛି ଜଣେ ମାଫିଆ: ମୋଦି

## କହିଲେ ଜୁନ୍ ୧୦ରେ ଅଣ୍ଟା ଭଙ୍ଗାଯିବ

କଟକ,୨୦।୫(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟର ୫ ଲୋକ ସଭା ଏବଂ ୩୫ ବିଧାନସଭା ଆସନ ନିମନ୍ତେ ସୋମବାର ମତଦାନ ଚାଲିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଟକ କିଲ୍ଲା ପଡ଼ିଆରେ ଆୟୋଜିତ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ବିଜେଡି ସରକାର ଉପରେ ଜୋରଦାର ବର୍ଷିଛନ୍ତି। ଓଡ଼ିଶାରେ ଜଣେ ମାଫିଆ ସବୁ ସେକ୍ଟରକୁ କବ୍ଜା କରି ରଖିଛି। ଜୁନ୍ ୧୦ତାରିଖରେ ଭାଜପା ସରକାର ଆସିଲେ ସେହି ମାଫିଆର ଅଣ୍ଟା ଭଙ୍ଗାଯିବ ବୋଲି ମୋଦି କହିଛନ୍ତି। ସେହିପରି କଟକ ସହରକୁ କଟକ ଚାରିପଟେ ନଦୀ ଘେରି ରହିଛି। ହେଲେ ଏଠାରେ ପାନୀୟ ଜଳ ସମସ୍ୟା ରହିଛି ବୋଲି ମୋଦି କହି ବିଜେଡି ସରକାରଙ୍କୁ ସମାଲୋଚନା କରିଛନ୍ତି।

ବିଜେଡି ସରକାରଙ୍କୁ ୨୫ବର୍ଷ ସମୟ ଦେଇ ସାଧାରଣ ଲୋକ ଠିକ୍ ଭାବେ ଜାଣି ସାରିଛନ୍ତି ତା'ର ପରିଣାମ କ'ଣ। ଏବେ ଓଡ଼ିଶାରେ ପରିବର୍ତ୍ତନ ଜରୁରୀ। ଆଉ ଧିମା ବିଜେଡି ସରକାରର ଆବଶ୍ୟକତା ନାହିଁ, ଡବଲ ଇଞ୍ଜିନ ସରକାର ଆବଶ୍ୟକ। ବିଜେଡି ଚିଟ୍‌ଫଣ୍ଡ ମାଧ୍ୟମରେ ଗରିବ ଲୋକଙ୍କୁ ଯେପରି ଧୋକା ଦେଇଛି, ତା'ର ଉଚିତ ଜବାବ ଲୋକ ଦେବେ। ବିଜେଡି କେବଳ ଖଣି ମାଫିଆ, ଦୁର୍ନୀତି ମାଫିଆ ଭଳି ବ୍ୟକ୍ତିଙ୍କୁ ନେତା ଭାବେ ଲୋକଙ୍କୁ ଦେଇପାରିଛି। ଓଡ଼ିଶାର ବହୁସଂଖ୍ୟକ ଲୋକ ଗୁଜରାଟରେ ଦାଦନ ଖଟୁଛନ୍ତି। ଏବେ ଦାଦନମୁକ୍ତ ହେବ ଓଡ଼ିଶା। ପୂର୍ବରୁ କେନ୍ଦ୍ର ସରକାର ଯେତେ ଅର୍ଥ ଓଡ଼ିଶାକୁ ଦେଉଥିଲା, ଏବେ ମୋଦି ସରକାର ସେହି ଅର୍ଥକୁ ଦ୍ୱିଗୁଣିତ କରି ଦେଉଛି। ହେଲେ ତାହାକୁ ବାଟବଣା କରୁଛି ବିଜେଡି ସରକାର। ଏ ଟଙ୍କା କାହା ପକେଟ୍‌କୁ ଯାଇଛି ତା'ର ତଥ୍ୟ ଦେବାକୁ ପଛଘୁଞ୍ଚା ଦେଉଛି ଶାସକ ଦଳ। ଏଭଳି ଲୁଟ୍ ବନ୍ଦ ହେବା ଆବଶ୍ୟକ କି ନାହିଁ ବୋଲି ମୋଦି ଲୋକଙ୍କୁ ସଭାରେ ପଚାରିଛନ୍ତି। ଏପରିକି ଏହି ଲୁଟ୍‌କୁ ମୋଦି ନୁହେଁ, ସାଧାରଣ ଲୋକ ଭାଜପାକୁ ଭୋଟ ଦେଇ ବନ୍ଦ କରିପାରିବେ। ୧୦ ବର୍ଷରେ ଓଡ଼ିଶାରେ ଟେକ୍ନୋଲୋଜି ଓ ଟେକ୍ସଟାଇଲ୍‌ରେ ବହୁ ବିକାଶ ପାଇଁ କାର୍ଯ୍ୟ ସ୍ଥିର କରି ରଖାଯାଇଥିବା ମୋଦି କହିଛନ୍ତି।

କଟକର ପାନୀୟ ଜଳ ସମସ୍ୟାକୁ ଦୂରେଇବା ଭାଜପାର ମୂଳ ଲକ୍ଷ୍ୟ ରହିଛି। ସେହିପରି ଲୋକଙ୍କ ବିଦ୍ୟୁତ୍ ବିଲ୍ ଜିରୋ ହେବ। ଏପରି କି ଲୋକେ ବିଦ୍ୟୁତ୍ ବିକ୍ରି କରି ରୋଜଗାର ମଧ୍ୟ କରିପାରିବେ ବୋଲି ମୋଦି କହିଛନ୍ତି। ଏଥିପାଇଁ ପିଏମ୍ ସୂର୍ଯ୍ୟଘର ଯୋଜନାରେ ପ୍ରତ୍ୟେକ ଲୋକଙ୍କ ଘର ଛାତ ଉପରେ ସୋଲାର ସିଷ୍ଟମ ସ୍ଥାପନ ପାଇଁ ୭୫ହଜାର ଟଙ୍କା ଯୋଗାଇ ଦିଆଯିବ, ସୁଭଦ୍ରା ଯୋଜନାରେ ମହିଳାଙ୍କୁ ସୁବିଧା ଯୋଗାଯିବ ଆଦି କେତେକ ପ୍ରତିଶ୍ରୁତି ଦେଇଛନ୍ତି ମୋଦି। ଦିଲ୍ଲୀରେ ଜି-୨୦ ସମ୍ମିଳନୀ ମାଧ୍ୟମରେ ଓଡ଼ିଶାର ଐତିହ୍ୟକୁ ସାରା ବିଶ୍ୱରେ ପରିଚିତ କରାଯାଇଛି। ହେଲେ ଆମ ଗର୍ବ ଓ ଗୌରବ ମହାପ୍ରଭୁ ଜଗନ୍ନାଥଙ୍କୁ ଅଣଦେଖା କରାଯାଉଛି। ରତ୍ନଭଣ୍ଡାର ଚାବିକୁ ଜାଣତରେ ନିଖୋଜ କରାଯାଇଛି। ସେହି ନିଖୋଜ ଘଟଣା ଲୋକଙ୍କୁ ଉତ୍ତକ୍ତ୍ୟ କରି ରଖିଛି, ସେହି ଚାବିକୁ ତାମିଲନାଡୁ ନେଇ ଲୁଚାଯାଇଛି। କିନ୍ତୁ ସେହି ଚାବିକୁ ମୋଦି ସରକାର ଖୋଜି ବାହାର କରିବ ଏବଂ ଅପରାଧୀଙ୍କୁ ଉଚିତ୍ ଦଣ୍ଡ ଦେବ। ମୁଁ ସୋମନାଥ ମାଟିରୁ ଆସିଛି ଜଗନ୍ନାଥ ମାଟିକୁ, ମୋ ଜୀବନରେ ଭଗବାନ ବହୁ ଗୁରୁତ୍ୱ ରଖନ୍ତି ଏବଂ ମହାପ୍ରଭୁ ଜଗନ୍ନାଥଙ୍କ ମୁଁ ବଡ଼ ଭକ୍ତ। ତାଙ୍କ ସହ ହୋଇଥିବା ଅନ୍ୟାୟକୁ ଦରବାସ୍ତ କରାଯିବ ନାହିଁ ବୋଲି ମୋଦି ପ୍ରତିଶ୍ରୁତି ଦେଇଛନ୍ତି। ନିର୍ବାଚନ ଲଢୁଥିବା ଭାଜପା ପ୍ରାର୍ଥୀମାନଙ୍କୁ ଜୟଯୁକ୍ତ କରାଇ ଦୁର୍ନୀତିମୁକ୍ତ କଟକ ଗଢ଼ିବାକୁ ମୋଦି ନିବେଦନ କରିଛନ୍ତି।

ସମାବେଶରେ କଟକ ଲୋକ ସଭା ପ୍ରାର୍ଥୀ ଭର୍ତ୍ତୃହରି ମହତାବ କହିଛନ୍ତି, ବାଲିଯାତ୍ରାକୁ ନେଇ ପ୍ରତ୍ୟେକ ଓଡ଼ିଆ ଗର୍ବ ଅନୁଭବ କରେ, ଆଜି ସେଠାରେ ସଭା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ଏ ଜାତିର ମାନ ରକ୍ଷା କରିବାକୁ ମହାପ୍ରଭୁ ଜଗନ୍ନାଥ ଏଭଳି ପରିବର୍ତ୍ତନ ହେବାକୁ ବାଧ କରିଛନ୍ତି। କାଞ୍ଚି ଅଞ୍ଚଳକୁ ଦୁର୍ନୀତିଭୁକ୍ତ ବ୍ୟକ୍ତିଙ୍କୁ ପଠାଯିବ ଏବଂ କାଞ୍ଚି ହେଉଛି ତାମିଲନାଡୁ। ଆସନ୍ତା ୨୫ ତାରିଖରେ କ୍ଷମତାର ସଦୁପଯୋଗ କରନ୍ତୁ ବୋଲି ମହତାବ ନିବେଦନ କରିଛନ୍ତି। ଅଭିନେତା ତଥା କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି କହିଛନ୍ତି, ଏପରି ଏକ ଶାସକ ଦଳ ଯିଏ ଶାସନରେ ଅଛି, ସେ ଦୁର୍ନୀତିରେ ଲିପ୍ତ ରହିଛି, ଏପରି କି ଦୁର୍ନୀତିର ପରିମାଣ ଏତେ ବଢ଼ିଯାଇଛି ଯେ ସେ ଏବଂ ଭର୍ତ୍ତୃହରି ବାଧହୋଇ ସେହି ଦଳ ଛାଡ଼ିଛନ୍ତି। ମେ ୨୫ରେ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି ଏବଂ ଏହି ପରିବର୍ତ୍ତନ କେବଳ ସାଧାରଣ ଲୋକଙ୍କ ଭୋଟ ମାଧ୍ୟମରେ ହୋଇପାରିବ। ଝିଅ ଏ ମାଟିର, ଜ୍ୱାଇଁପୁଅଙ୍କୁ ବହୁ ଆତିଥ୍ୟ କଲୁ, ଏବେ ବିଦା କରିବାର ସମୟ ଆସିଛି ବୋଲି ଅନୁଭବ କହିଛନ୍ତି। ସମାବେଶରେ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ପଦ୍ମଶ୍ରୀ ଉତ୍ସବ ଦାସ ଏବଂ ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସମୟରେ କଟକ ଜିଲାରୁ ସେଠାକୁ ସାଇକେଲରେ ଯାଇଥିବା ନିରୋଦ ବେହେରାଙ୍କୁ ମୋଦି ସମ୍ବର୍ଦ୍ଧିତ କରିଛନ୍ତି।

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଭାଜପାର ବାରବାଟୀ-କଟକ ବିଧାୟକ ପ୍ରାର୍ଥୀ ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ବଡ଼ମ୍ବା ବିଧାୟକ ପ୍ରାର୍ଥୀ ସମ୍ବିତ ତ୍ରିପାଠୀ, ବାଙ୍କୀ ବିଧାୟକ ପ୍ରାର୍ଥୀ ତୁଷାରକାନ୍ତ ଚକ୍ରବର୍ତ୍ତୀ, ଖଣ୍ଡପଡ଼ା ବିଧାୟକ ପ୍ରାର୍ଥୀ ଦୁଷ୍ମନ୍ତ ସ୍ୱାଇଁ, ଚୌଦ୍ୱାର-କଟକ ବିଧାୟକ ପ୍ରାର୍ଥୀ ନୟନ କିଶୋର ମହାନ୍ତି, କଟକ-ସଦର ବିଧାୟକ ପ୍ରାର୍ଥୀ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ଆଠଗଡ଼ ବିଧାୟକ ପ୍ରାର୍ଥୀ ଅଭୟ ବାରିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିନୋଦ ଦାସ, ରାଜ୍ୟ ପ୍ରବକ୍ତା ଦିଲୀପ ମଲ୍ଲିକ, ରାଜ୍ୟ ସମ୍ପାଦକ ଯତୀନ ମହାନ୍ତି, ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ, ପୂର୍ବତନ କର୍ପୋରେଟର ଲକ୍ଷ୍ମୀଧର ପ୍ରଧାନ, ନଗର ସଭାପତି ଲଲାଟେନ୍ଦୁ ବସ୍ତୁ, ନେତା ତଥା ଅଭିନେତା ଶ୍ରୀତମ ଦାସ, ବରିଷ୍ଠ ନେତା ପ୍ରତାପ ମିଶ୍ର, ସୁକାନ୍ତ ବିଶ୍ୱାଳ ଯୋଗଦେଇଥିଲେ। ସମାବେଶକୁ ଦଳୀୟ ନେତ୍ରୀ ସ୍ମୃତି ପଟ୍ଟନାୟକ ପରିଚାଳନା କରିଥିବାବେଳେ କଟକ ଜିଲାର ଯୁବ ଛାତ୍ର, ଯୁବ ମୋର୍ଚ୍ଚା, ମହିଳା ମୋର୍ଚ୍ଚା ସମେତ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।



କଟକ କିଲ୍ଲା ପଡ଼ିଆରେ ଭାଜପାର ସଂକଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ପାଦତଳୁ ମାଟି ଖସିଯିବା ଜାଣି ହିଂସାକୁ ଆପଣାଇଛି ବିଜେଡି: ଭାଜପା

ଭୁବନେଶ୍ୱର, ୨୦।୫(ସୁନିତ୍ ମିଶ୍ର)

ବିଜେଡିର ପାଦ ତଳୁ ମାଟି ଖସିଯିବା ଜାଣି ହିଂସାକୁ ଆଦରି ନେଇଛନ୍ତି। ନିର୍ବାଚନ ପୂର୍ବରୁ ବିଜେଡିର ଗୁମାସ୍ତା ରାଜ୍ୟସାରା ବୁଲି ଲୋକଙ୍କ ସମସ୍ୟା ବୁଝିବାର ନାଟକ କରିଥିଲେ। କିନ୍ତୁ ଗୁମାସ୍ତାଙ୍କ ନାଟକକୁ ଓଡ଼ିଶାବାସୀ ବୁଝି ବିଜେଡିକୁ ପ୍ରତ୍ୟାଖ୍ୟାନ କରୁଥିବାରୁ ବିଜେଡି ରକ୍ତମୁଖା ହୋଇ ହତ୍ୟା କରୁଛି। ବିଜେଡି ହାରିବାକୁ ସହଜେ ଗ୍ରହଣ କରିପାରୁନି, ଏଥିଲାଗି ନିଜ ହିତାହିତ ଜ୍ଞାନ ହରାଇବସିଛି। ରବିବାର ରାତିରେ ବିଜେଡି କର୍ମକର୍ତ୍ତାମାନେ ବରଗଡ ବିଧାନସଭା ସରସରା ଗାଁର ୧୨୮ ଓ ୧୨୯ ନମ୍ବର ବୁଥ୍‌ରେ ଟଙ୍କା ବାଣ୍ଟୁଥିଲେ। ଲୋକମାନେ ସେହି ଟଙ୍କାକୁ ନ ନେଇ ଫେରାଇବା ସହ ପ୍ରତିବାଦ କଲେ। ଏହି ଦୁଇ ବୁଥ୍‌ର ୩ ଶହ ମିଟର ଦୂରରେ ବିଜେଡି ଗୁଣ୍ଡା ଅଶୋକ ମହାନନ୍ଦ ଭାଜପା କାର୍ଯ୍ୟକର୍ତ୍ତା ବିଶ୍ୱନାଥ ମିର୍ଦ୍ଧାଙ୍କୁ ଆକ୍ରମଣ କରିବା ସହ ହତ୍ୟା କରିଛନ୍ତି ବୋଲି ଭାଜପା ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି ଯେ, ବିଜେଡିକୁ ଟଙ୍କା ଫେରାଇବା ଓ ସେହି ଦଳକୁ ଲୋକେ ଭୋଟ ନ ଦେବାକୁ ନିଷ୍ପତ୍ତି ନେଇଥିବା ଜଣାପଡିବା ପରେ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ଭଟଲି ନିର୍ବାଚନମଣ୍ଡଳୀର ସୁଶାନ୍ତ ସିଂଙ୍କ ପ୍ରରୋଚନାରେ ପେସାଦାର ଅପରାଧୀଙ୍କୁ ଡାକି ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ହତ୍ୟା କରିଛନ୍ତି। ବିଗତ ଦିନରେ ବିଜେଡିର ଏହି ଦୁଇ ବିଧାୟକ କେନ୍ଦ୍ରମନ୍ତ୍ରୀ ସନ୍ତୋଷ ଗଙ୍ଗୱାର ବୁଣାକାର ସମସ୍ୟା ପାଇଁ ଆସିଥିବା ବେଳେ ସେହି ସମୟରେ ଇଟା, ପଥର ମାରିବା ସହ ତାଙ୍କ ଗାଡିକୁ ଭାଙ୍ଗି ଦିଆଯାଇଥିଲା। ଏସବୁ ପଛରେ ବିଜେଡି ନେତାଙ୍କ ହାତ ରହିଛି। ଯେଉଁମାନେ ଅଧିକ ଭୋଟରେ ଜିତିବେ ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସହ ପରିଚୟ କରାଇବୁ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଜିତିବା ପାଇଁ ବିଜେଡି ରକ୍ତମୁଖା ହୋଇ ହତ୍ୟା କରିବାକୁ ପଛାଉନାହିଁ। ବିଜେଡିର ପୂର୍ବତନ ସରପଞ୍ଚ ଭାଜପା କାର୍ଯ୍ୟକର୍ତ୍ତା ବିଶ୍ୱନାଥ ମିର୍ଦ୍ଧାଙ୍କୁ ଧମକାଇଥିଲେ। ସବୁଠୁ ଦୁଃଖର ବିଷୟ ହେଲା, ଏହି ଘଟଣାର ବ୍ୟକ୍ତିଗତ ଶତ୍ରୁତା କହି ସିଇଓ ଓଡ଼ିଶା ହିଂସା ହେବାର ଦେଢ଼ଘଣ୍ଟା ପରେ ରାଜନୈତିକ ହିଂସା ନ କହି ଓଡିଶା ଲୋକଙ୍କ ପାଖରେ ଏହା ବ୍ୟକ୍ତିଗତ ଘଟଣା କହିବା ହତ୍ୟାକାରୀଙ୍କୁ ସୁରକ୍ଷା ପ୍ରଦାନ କରୁଛି। କିଛି ମୁଷ୍ଟିମେୟ ଜିଲାପାଳ ବିଜେଡି ପାଇଁ କାର୍ଯ୍ୟ କରୁଛନ୍ତି। ବିଜେଡି ହାରିବ ବୋଲି ଜାଣିବା ପରେ ଗଞ୍ଜାମ ଜିଲା ଭଞ୍ଜନଗର ନିର୍ବାଚନମଣ୍ଡଳୀ ତୁରୁମୁ ପଞ୍ଚାୟତ ବେରୁଆବାଡି ଗ୍ରାମର ୪୭ନଂ ବୁଥରେ ନିର୍ବାଚନ ହିଂସା ଘଟାଇଛି। ଏହାସହ ୧୧ଟି ବୁଥ୍ ଭିତରେ ବିଜେଡି କର୍ମୀ ବୁଥ ଜବର ଦଖଲ କରିବା ସହ ଭାଜପା କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ସେହିପରି ଭାଜପାର କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ୧୦,୧୧,୧୨ ନମ୍ବର ଭୋଟ ଗ୍ରହଣ କେନ୍ଦ୍ରରେ ବିଜେଡି କାର୍ଯ୍ୟକର୍ତ୍ତାମାନେ ଟଙ୍କା ବାଣ୍ଟୁଛନ୍ତି। ଟିଟିଲାଗଡରେ ମଧ୍ୟ ଟଙ୍କା ଦେଇ ଭୋଟ ନେବା ପାଇଁ ବିଜେଡି ଅପଚେଷ୍ଟା କରିଛି ବୋଲି ସମୀର ଅଭିଯୋଗ କରିଛନ୍ତି।

# ବିଜେଡିର ୬ ଜଣଙ୍କୁ ମିଳିଲା ନୂଆ ନିଯୁକ୍ତି

## ଦଳବିରୋଧୀ କାର୍ଯ୍ୟ ଲାଗି ପ୍ରଫୁଲ୍ଲ ମହାପାତ୍ର ବହିଷ୍କୃତ

ଭୁବନେଶ୍ୱର, ୨୦।୫(ସୁନିତ୍ ମିଶ୍ର)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ୬ ଜଣଙ୍କୁ ସାଙ୍ଗଠନିକ ନିଯୁକ୍ତି ପ୍ରଦାନ କରିଛନ୍ତି। ରାଜେନ୍ଦ୍ର ଦାସଙ୍କୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଥିବା ବେଳେ ଶଶିକାନ୍ତ ବିଶ୍ୱାଳଙ୍କୁ ରାଜ୍ୟ ସମ୍ପାଦକ, ସଞ୍ଜୀବ କୁମାର ମଲିକଙ୍କୁ ବିଜୁ ଯୁବ ଜନତା ଦଳର ରାଜ୍ୟ ସମ୍ପାଦକ ଭାବେ ଦାୟିତ୍ୱ ମିଳିଛି। ସେହିପରି ଗଣେଶ ପ୍ରସାଦ ବିଶ୍ୱାଳ ଓ ବିଶ୍ୱକେଶରୀ ମହାନ୍ତିଙ୍କୁ ଭଦ୍ରକ ଜିଲା ବିଜେଡି ଉପସଭାପତି ଭାବେ ନିଯୁକ୍ତ କରାଯାଇଛି। ସନ୍ଦିପ କୁମାର ବଳଙ୍କୁ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ଏନେଇ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତ ସମ୍ବଳିତ ଦୁଇଟି ବିଜ୍ଞପ୍ତି ଜାରି କରାଯାଇଛି। ଅନ୍ୟପକ୍ଷରେ କଟକ ଜିଲା ଉପସଭାପତି ପ୍ରଫୁଲ ମହାପାତ୍ରଙ୍କୁ ଦଳ ବିରୋଧୀ କାର୍ଯ୍ୟ ଲାଗି ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳରୁ ବହିଷ୍କୃତ କରିଛନ୍ତି। ଏନେଇ ବିଜେଡି ସାଙ୍ଗଠନିକ ସମ୍ପାଦକଙ୍କ ଦସ୍ତଖତରେ ଦଳ ପକ୍ଷରୁ ଏକ ଚିଠି ପ୍ରକାଶ କରାଯାଇଛି।

# 'କେନ୍ଦ୍ରାପଡ଼ାରେ ଧଳା କଳା ସବୁ ପ୍ରକାର କୁମ୍ଭୀର ଅଛନ୍ତି'

ଭୁବନେଶ୍ୱର, ୨୦।୫
(ଅସମାପିକା ସାହୁ)

ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ସୋମବାର କେନ୍ଦ୍ରାପଡ଼ା ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାଲେପୁର, ମାହାଙ୍ଗା, ଆଳି, ରାଜନଗର, ମହାକାଳପଡ଼ା ଓ ପାଟକୁରାରେ ନିର୍ବାଚନୀ ପ୍ରଚାର କରି ଦଳୀୟ ପ୍ରାର୍ଥୀଙ୍କୁ ରେକର୍ଡ ମାର୍ଜିନରେ ଜୟଯୁକ୍ତ କରିବା ପାଇଁ ଅନୁରୋଧ କରିଛନ୍ତି। ପ୍ରତ୍ୟେକ ସଭାରେ ସେ ବିରୋଧୀଙ୍କୁ ଶାଣିତ ଆକ୍ରମଣ କରିଛନ୍ତି। କେନ୍ଦ୍ରାପଡ଼ା ଭାଜପା ଏମ୍‌ପି ପ୍ରାର୍ଥୀଙ୍କୁ ତୀବ୍ର ସମାଲୋଚନା କରି ସେ କହିଛନ୍ତି, ତାଙ୍କୁ ଯେଉଁ ହାତ ଖାଇବାକୁ ଦେଉଛି, ସେ ହାତକୁ ସେ କାମୁଡୁଛନ୍ତି। ସେ ଓ ତାଙ୍କ ଦଳର ନେତାମାନେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଆପଣ ଜାଣିଛନ୍ତି କୁମ୍ଭୀର କିଏ। କେନ୍ଦ୍ରାପଡ଼ାରେ ଧଳା କଳା ସବୁ ପ୍ରକାର କୁମ୍ଭୀର ଅଛନ୍ତି। ଏଠାରେ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦରେ ସେ ୧୦ ବର୍ଷ ପାଇଁ ଏମ୍‌ପି ଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କୁ ଅଞ୍ଚଳର ପୁଞ୍ଜି, ଶିଳ୍ପ ଆଣିବା ପାଇଁ ଦାୟିତ୍ୱ ଦେଇଥିଲେ। କିନ୍ତୁ ସେ ନିଜ ଅଞ୍ଚଳ ପାଇଁ ନ ଆଣି ତାଙ୍କ ନିଜ ଶିଳ୍ପର ପୁଞ୍ଜି ବଢ଼େଇ ଚାଲିଲେ। ସେ ଏ ମାଟିକୁ ବିଶ୍ୱାସଘାତକତା କଲେ। ମୁଖ୍ୟମନ୍ତ୍ରୀ ତାଙ୍କୁ ସେଥିପାଇଁ ବରଖାସ୍ତ କରିଦେଲେ ବୋଲି ପାଣ୍ଡିଆନ କହିଛନ୍ତି।



ରାଜନଗରଠାରେ ଅନୁଷ୍ଠିତ ଦଳୀୟ କାର୍ଯ୍ୟକ୍ରମରେ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍, କେନ୍ଦ୍ରାପଡ଼ା ଲୋକ ସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି, ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ।

ବିଭିନ୍ନ ସଭାରେ ପାଣ୍ଡିଆନ କହିଛନ୍ତି, ମା'ମାନଙ୍କୁ ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କାର ଭାଉଚର ଦେବ ବୋଲି ଭାଜପା କହୁଛି। ଏଥିପାଇଁ କେବଳ ଓଡ଼ିଶାର ମା'ମାନଙ୍କ ଲାଗି ୧ ଲକ୍ଷ କୋଟି ଦରକାର। ସାରା ଭାରତ ପାଇଁ ୩୦ ଲକ୍ଷ କୋଟି। ଭାରତର ବଜେଟ ୨୦ ଲକ୍ଷ କୋଟି ଟଙ୍କା। ତେଣୁ ଏ ପ୍ରତିଶ୍ରୁତି କେବଳ ମିଛ, ସମ୍ପୂର୍ଣ୍ଣ ମିଛ ବୋଲି ସେ କହିଛନ୍ତି।

କେନ୍ଦ୍ରାପଡ଼ାର ସଭାଗୁଡ଼ିକରେ ବହୁସଂଖ୍ୟାରେ ଲୋକଙ୍କୁ ଦେଖିବାକୁ ମିଳିଥିଲା। ସେମାନଙ୍କ ଭିତରେ ବିପୁଳ ଉତ୍ସାହ ଥିଲା। ମୁଖ୍ୟମନ୍ତ୍ରୀଙ୍କ ଭାବମୂର୍ତ୍ତିକୁ ଲୋକଙ୍କ ସାମ୍ନାରେ ଉପସ୍ଥାପନ କରି ସେ କହିଲେ, ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କୁ ନିଜ ପରିବାରର ସଦସ୍ୟ ବୋଲି ଭାବନ୍ତି। ସେ ରାଜନୀତି କି କ୍ଷମତା ପାଇଁ ନୁହେଁ, ସେବା କରିବା ଲାଗି ଆସିଛନ୍ତି। ବିଭିନ୍ନ ସଭାରେ କେନ୍ଦ୍ରାପଡ଼ା ଏମ୍‌ପି ପ୍ରାର୍ଥୀ ଅଂଶୁମାନ ମହାନ୍ତି, ସାଲେପୁର ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ବେହେରା, ମାହାଙ୍ଗା ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନା, ଆଳି ବିଧାୟକ ପ୍ରାର୍ଥୀ ପ୍ରତାପ ଦେବ, ମହାକାଳପଡ଼ା ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ, ପାଟକୁରା ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ଓ ରାଜନଗର ବିଧାୟକ ପ୍ରାର୍ଥୀ ଧ୍ରୁବ ଚରଣ ସାହୁ ପ୍ରମୁଖଙ୍କ ସପକ୍ଷରେ ପ୍ରଚାର କରି ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ପାଣ୍ଡିଆନ ଅନୁରୋଧ କରିଥିଲେ।

# ନିର୍ବାଚନୀ ହିଂସା, ୨ ଭାଇଙ୍କୁ ଖଣ୍ଡାରେ ହାଣିଲେ

କବିସୂର୍ଯ୍ୟନଗର,୨୦।୫(କୃପାସିନ୍ଧୁ ସ୍ୱାଇଁ)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ସୁନାପଲ୍ଲୀ ପଞ୍ଚାୟତ ଗୁଣ୍ଡପଡା ଗ୍ରାମରେ ସୋମବାର ନିର୍ବାଚନୀ ହିଂସା ଘଟିଛି। ଭୋଟ ଦେଇ ଘରକୁ ଫେରିଥିବା ୨ ଭାଇଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଆକ୍ରମଣରେ ଗୁରୁତର ଦୁଇ ଭାଇ ମନୋରମ ସ୍ୱାଇଁ ଓ ରବୀନ୍ଦ୍ର ସ୍ୱାଇଁଙ୍କୁ ପ୍ରଥମେ କବିସୂର୍ଯ୍ୟନଗର ମେଡିକାଲ ନିଆଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଗ୍ରାମରେ ପହଞ୍ଚି ତଦନ୍ତ କରୁଛି।

ଗୁଣ୍ଡପଡାର ବିଶ୍ୱନାଥ ସ୍ୱାଇଁଙ୍କ ଦୁଇ ପୁଅ ମନୋରମ ଓ ରବୀନ୍ଦ୍ର ଭୋଟ ଦେବାକୁ ଯିବା ସମୟରେ ଗାଁର ୨ ଜଣ ସେମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଦଳକୁ ଭୋଟ ଦେବାକୁ କହିଥିଲେ। ଦୁଇ ଭାଇ ଏଥିରେ ରାଜି ନ ହୋଇ ନିଜ ଇଚ୍ଛା ମୁତାବକ ପ୍ରାର୍ଥୀକୁ ଭୋଟ ଦେବେ ବୋଲି କହି ମତଦାନ କେନ୍ଦ୍ରକୁ ଯାଇଥିଲେ। ସନ୍ଧ୍ୟା ପ୍ରାୟ ୬ଟାରେ ଦୁଇଭାଇ ଘରେ ଥିବା ବେଳେ ଅଭିଯୁକ୍ତଦ୍ୱୟ ଖଣ୍ଡା ଧରି ଘରେ ଜୋର ଜବରଦସ୍ତ ପଶି ଅସଭ୍ୟ ଭାଷାରେ ଗାଳିଦେବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ। ରବୀନ୍ଦ୍ରଙ୍କ ହାତରେ ଓ ମନୋରମଙ୍କ ମୁଣ୍ଡ ଏବଂ ବାମ ହାତରେ ଖଣ୍ଡାଚୋଟ ପଡ଼ିଥିବାରୁ ଉଭୟେ ଗୁରୁତର ଅଛନ୍ତି। ସେମାନଙ୍କ ଭାଇ ରମେଶ ସ୍ୱାଇଁ ଏ ନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଇସ୍ତାହାରରେ ମଧ୍ୟବିତ୍ତଙ୍କ ସୁବିଧା କଥା କହିଲେ ପାଣ୍ଡିଆନ

ଭୁବନେଶ୍ୱର, ୨୦।୫(ସୁନିତ୍ ମିଶ୍ର)

ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ଆଉ ଏକ ଭିଡିଓ ବାର୍ତ୍ତା ଜରିଆରେ ଓଡ଼ିଶାର ମଧ୍ୟବିତ୍ତ ପରିବାରର ଲୋକଙ୍କ ସମ୍ପର୍କରେ ନିଜର ମତ ରଖିଛନ୍ତି। ଏଥିରେ ସେ କହିଛନ୍ତି, ମଧ୍ୟବିତ୍ତ ବର୍ଗର ଲୋକେ ସମାଜର ମେରୁଦଣ୍ଡ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ମଧ୍ୟବିତ୍ତ ବର୍ଗଙ୍କ ପାଇଁ ଅନେକ କିଛି କାମ କରିଛନ୍ତି। ଚଳିତ ନିର୍ବାଚନ ଲାଗି ବିଜେଡି ଇସ୍ତାହାରରେ ୪ଟି ମୁଖ୍ୟ ବିଷୟ ମଧ୍ୟବିତ୍ତଙ୍କ ପାଇଁ ରଖାଯାଇଛି। ବିଜେଡି କ୍ଷମତାକୁ ଆସିଲେ ମଧ୍ୟବିତ୍ତ ବର୍ଗର ସବୁ ଲୋକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ପାଇବେ। ସମସ୍ତ ମଧ୍ୟବିତ୍ତ ଲୋକଙ୍କ ଗୋଟେ ସମସ୍ୟା ହେଉଛି ଘର ନିର୍ମାଣ। ତେଣୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମଧ୍ୟବିତ୍ତ ଲୋକେ ଘର ନିର୍ମାଣ ପାଇଁ ଯାହା ଋଣ ନେବେ ତାହା ଉପରେ ସୁଧରୁ କିଛି ମୁଖ୍ୟମନ୍ତ୍ରୀ ବହନ କରିବେ। ଏହିବର୍ଗର ପିଲାଙ୍କ ପାଠପଢ଼ା ଲାଗି ନୂଆ ଓ ସ୍କଲାରଶିପ୍ ପ୍ରଦାନ କରାଯିବ। ପାଠପଢ଼ା ଲାଗି ଯେଉଁ ଋଣ ନେବେ ତାହା ଉପରେ ଯେଉଁ ସୁଧ ଲାଗିବ ସେଥିରୁ ମଧ୍ୟ କିଛି ଛାଡ଼ କରାଯିବ ବୋଲି ପାଣ୍ଡିଆନ କହିଛନ୍ତି।

# ଜନଜାତି ସମ୍ପ୍ରଦାୟର ବିକାଶ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛି ଭାଜପା: ବିଜେଡି

ଭୁବନେଶ୍ୱର, ୨୦।୫(ସୁନିତ୍ ମିଶ୍ର)

ଜନଜାତି ସମ୍ପ୍ରଦାୟର ବିକାଶ ପାଇଁ ନବୀନ ସରକାର ସର୍ବଦା ପ୍ରାଥମିକତା ଦେଇ ଆସୁଛନ୍ତି। ଭାଜପା ନେତୃତ୍ୱରେ ଚାଲିଥିବା କେନ୍ଦ୍ର ସରକାରଙ୍କ କୌଣସି ଆନ୍ତରିକତା ନାହିଁ। ଭାରତରେ ବାସ କରୁଥିବା ସମୁଦାୟ ଜନଜାତି ମଧ୍ୟରୁ ପ୍ରାୟ ୯.୨% ଓଡ଼ିଶାରେ ବାସ କରୁଥିବା ବେଳେ ଓଡ଼ିଶାର ସମୁଦାୟ ଲୋକସଂଖ୍ୟା ମଧ୍ୟରୁ ୨୨.୮% ଜନଜାତି ସମ୍ପ୍ରଦାୟର। ଭାରତର ସମସ୍ତ ରାଜ୍ୟ ତୁଳନାରେ ଓଡ଼ିଶାରେ ବାସ କରୁଥିବା ଜନଜାତି ସମ୍ପ୍ରଦାୟଙ୍କ ସଂଖ୍ୟା ସର୍ବାଧିକ। ମଧ୍ୟପ୍ରଦେଶରେ ବାସ କରୁଥିବା ଜନଜାତି ସମ୍ପ୍ରଦାୟଙ୍କ ସଂଖ୍ୟା ତାଙ୍କ ସମୁଦାୟ ଜନସଂଖ୍ୟାର ୨୧.୧%। ଜନଜାତି ସମ୍ପ୍ରଦାୟର ବିକାଶ ବିନା ଓଡ଼ିଶାର ସାମଗ୍ରିକ ବିକାଶ କରିବା ସମ୍ଭବ ନୁହେଁ। ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡିର ନିର୍ବାଚନୀ ଇସ୍ତାହାରରେ ଏହାର ୫ମ ଗ୍ୟାରେଣ୍ଟି ଭାବେ ଜନଜାତି ସମ୍ପ୍ରଦାୟର ବିକାଶ ରହିଛି। ଭାଜପା ନେତାମାନେ ତାଙ୍କର ନିର୍ବାଚନୀସଭାରେ ଓଡ଼ିଶାର ଜନଜାତି ସମ୍ପ୍ରଦାୟର ବିକାଶ ପାଇଁ କେବଳ କୁମ୍ଭୀର କାନ୍ଦଣା କରୁଛନ୍ତି ବୋଲି ବିଜେଡି ଜାତୀୟ ମୁଖପାତ୍ର ଅମର ପଟ୍ଟନାୟକ କହିଛନ୍ତି। ଶଙ୍ଖ ଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅମର କହିଛନ୍ତି ଯେ, ବାସ୍ତବରେ ଏଥିପ୍ରତି ତାଙ୍କର କୌଣସି ଆନ୍ତରିକତା ନାହିଁ। ଜନଜାତି ସମ୍ପ୍ରଦାୟର ବିକାଶ ପାଇଁ ବିଜେଡିର ବିଭିନ୍ନ ଦାବି ପ୍ରତି କେନ୍ଦ୍ର ଉଦାସୀନତାକୁ ପ୍ରକାଶ କରିବା ସଙ୍ଗେସଙ୍ଗେ ସମସ୍ତଙ୍କ ମାଧ୍ୟମରେ ଭାଜପା ନେତୃତ୍ୱଙ୍କ ସାମ୍ନାରେ ପ୍ରଶ୍ନ ରଖିଛନ୍ତି। ଜନଜାତି ସମ୍ପ୍ରଦାୟର ୫ଟି ଭାଷା ଯଥା ହୋ, ମୁଣ୍ଡାରୀ, କୁଇ, ସଉରା ଓ ଭୂମିଜକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ରାଜ୍ୟ ସରକାର ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ କେନ୍ଦ୍ର ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏହାଛଡା ରାଜ୍ୟ ସରକାରଙ୍କ ବାରମ୍ବାର ଦାବି ସତ୍ତ୍ୱେ ଓଡ଼ିଶାରେ ବାସ କରୁଥିବା ୧୬୪ ପ୍ରଜାତିର ଜନଜାତି ସମ୍ପ୍ରଦାୟଙ୍କୁ ଜନଜାତି ବର୍ଗର ପରିଚୟ ଏପର୍ଯ୍ୟନ୍ତ ମିଳି ପାରି ନାହିଁ ବୋଲି ଅମର କହିଛନ୍ତି।

# ଗୋଟିଏ ଇଆଡ଼େ, ଆଉ ଗୋଟେ ସିଆଡ଼େ

## ଧର୍ମେନ୍ଦ୍ର, ନାଉରିଙ୍କ ରୋଡ୍ ଶୋ'

ସମ୍ବଲପୁର/ରେଙ୍ଗାଲିରୁ ଅନିଲ ଦାସ,୨୦।୫

ରାଜ୍ୟରେ ଆସନ୍ତା ୨୫ ତାରିଖରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ସମ୍ବଲପୁର ସମେତ ୫ ଲୋକ ସଭା ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀମାନେ ପ୍ରଚାର କାର୍ଯ୍ୟ ଜୋରଦାର ଚଳାଇଛନ୍ତି। ସମ୍ବଲପୁର ଲୋକ ସଭା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ, ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କଂଗ୍ରେସ ପ୍ରାର୍ଥୀ ନଗେନ୍ଦ୍ର ପ୍ରଧାନଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେଉଛି। ପ୍ରାର୍ଥୀମାନେ ଗାଁ ଗାଁ, ଘର ଘର ବୁଲି ରାଲି, ଶୋଭାଯାତ୍ରା ଓ ସଭାସମିତି ଜରିଆରେ ଭୋଟ ଭିକ୍ଷା କରୁଛନ୍ତି। ଭୋଟରଙ୍କୁ ନିଜ ସପକ୍ଷରେ ଆଣିବା ପାଇଁ ଦିନରାତି ଉଦ୍ୟମ ଚଳାଇଛନ୍ତି। ସମ୍ବଲପୁର ଲୋକ ସଭା ନିର୍ବାଚନମଣ୍ଡଳୀରେ ମୁଖ୍ୟତଃ ବିଜେଡି ଓ ଭାଜପା ମଧ୍ୟରେ କଡ଼ା ଟକ୍କର ହେଉଛି। ଭୋଟରମାନେ ପ୍ରାର୍ଥୀଙ୍କ ସମ୍ମୁଖରେ ବିସ୍ଥାପିତ ସମସ୍ୟାଠାରୁ ଆରମ୍ଭ କରି ବେକାରି, ସ୍ୱାସ୍ଥ୍ୟ ଓ ଶିକ୍ଷା ଭଳି ବିଭିନ୍ନ ସମସ୍ୟା ରଖୁଛନ୍ତି।




ରୋଡ୍ ଶୋ'ରେ ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଓ ରେଙ୍ଗାଲୀ ବିଧାୟକ ପ୍ରାର୍ଥୀ ନାଉରି ନାୟକ। (ଫଟୋ-ମୌସମ ନନ୍ଦ)

ନିର୍ବାଚନ ହେଲେ ପ୍ରାର୍ଥୀମାନେ ଗାଁକୁ ଆସି ଭୋଟଭିକ୍ଷା କରୁଛନ୍ତି। ଗରିବ ଲୋକଙ୍କ ସମସ୍ୟା ଯେମିତିକୁ ସେମିତି ଅଛି। ଏବେ ଭୋଟ ଦେବାକୁ ପଡ଼ିବ। ଯେଉଁ ପ୍ରାର୍ଥୀ ଆମକୁ ଭଲ ଲାଗିବେ ଆମେ ତାଙ୍କୁ ଭୋଟ ଦେବୁ। ସମ୍ବଲପୁର ଲୋକ ସଭା କ୍ଷେତ୍ର ଅଧୀନ ରେଙ୍ଗାଲି ବିଧାନସଭା କ୍ଷେତ୍ର ଗୋଶାଲାର ଭୋଟର ରାଜେଶ୍ୱରୀ ନାୟକ କହିଛନ୍ତି, କିଏ ପ୍ରାର୍ଥୀ ଆମେ ଜାଣିନୁ। ୨ଟା ଚିହ୍ନ ରହିଛି। ସେଥିରୁ ଦେଖି ଗୋଟିଏ ଇଆଡ଼େ ଆଉ ଗୋଟିଏ ସିଆଡ଼େ ଦେବୁ।

ସେହିପରି ପ୍ରଫୁଲ୍ଲ ଭୋଇ କହିଛନ୍ତି, ଆମେ ଗରିବ ଲୋକ, ଖଟିଲେ ଚଳିବୁ। ରାଜନୀତି କ'ଣ ଆମେ ଜାଣିନୁ। ଭୋଟ ଦେବାକୁ କହୁଛନ୍ତି, ଯାହାକୁ ଗୋଟେ ଦେଇଦେବୁ। ଭୋଟରଙ୍କଠାରୁ ଏଭଳି ମତାମତ ଶୁଣିବା ପରେ ସମ୍ବଲପୁର ଲୋକ ସଭା କ୍ଷେତ୍ର ଅଧୀନ ବିଭିନ୍ନ ବିଧାନସଭା ଆସନରେ ଭାଜପା ଓ ବିଜେଡି ପ୍ରାର୍ଥୀଙ୍କ ମଧ୍ୟରେ ଜୋର୍‌ଦାର ମୁକାବିଲା ହେଉଥିବା ସ୍ପଷ୍ଟ ହେଉଛି।

ରେଙ୍ଗାଲି ନିର୍ବାଚନମଣ୍ଡଳୀ ଅଧୀନ ଗୋଶାଲାଠାରେ ଧର୍ମେନ୍ଦ୍ର ଓ ସ୍ଥାନୀୟ ବିଧାୟକ ପ୍ରାର୍ଥୀ ନାଉରି ନାୟକ ଏକ ଜନ ସଭା କରିବା ସହ ବିରାଟ ରାଲିରେ ନିର୍ବାଚନମଣ୍ଡଳୀ ବୁଲୁଥିବା ଦେଖିବାକୁ ମିଳିଛି। ନିର୍ବାଚନୀ ସଭାରେ ଧର୍ମେନ୍ଦ୍ର ଭୋଟରଙ୍କୁ ନିବେଦନ କରିଛନ୍ତି, ଆସନ୍ତା ୨୫ ତାରିଖ ନିର୍ବାଚନରେ ନରେନ୍ଦ୍ର ମୋଦିଙ୍କୁ ପୁଣି ଥରେ ପ୍ରଧାନମନ୍ତ୍ରୀ କରିବା ପାଇଁ ଓ ରେଙ୍ଗାଲିରେ ଭାଜପା ପ୍ରାର୍ଥୀଙ୍କୁ ଜିତାଇବା ଲାଗି ପଦ୍ମଫୁଲରେ ୨ଥର ଭୋଟ ଦେବାକୁ ସେ କହିଛନ୍ତି।

ସେହିପରି ସ୍ଥାନୀୟ ବିଧାୟକ ପ୍ରାର୍ଥୀ ନାଉରି କହିଛନ୍ତି, ଏଠାରେ ବିରୋଧୀ ଦଳ ବିଧାୟକ ହୋଇଥିବାରୁ ରାଜ୍ୟ ସରକାର ଆମକୁ ସାବତ ପୁଅ ଭଳି ଦେଖୁଛନ୍ତି। ଆବଶ୍ୟକ ପାଣ୍ଠି ଯୋଗାଇ ଦେବାରେ ପାତରଅନ୍ତର କରାଯାଉଛି। ତେବେ ଗତ ୫ ବର୍ଷ ଭିତରେ କେନ୍ଦ୍ର ସରକାରଙ୍କ ସହଯୋଗରେ ନିର୍ବାଚନମଣ୍ଡଳୀର ଅନେକ ବିକାଶ ହୋଇଛି। ରାଜ୍ୟରେ ବିଜେଡି ୨୫ ବର୍ଷ ଧରି ଲୋକଙ୍କୁ ଭୁଆଁବୁଲାଉଛି। ଏଠାରେ ବ୍ୟୁରୋକ୍ରାଟ୍‌ମାନେ ଶାସନ ଗାଦିକୁ ମାଡ଼ି ବସିଛନ୍ତି। ଲୋକେ ବୁଝିଗଲେଣି, ଏଥର କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ହେବ। ମୋଦିଙ୍କ ନେତୃତ୍ୱରେ ରାଜ୍ୟର ବିକାଶ ଦ୍ରୁତଗତିରେ ଆଗକୁ ବଢ଼ିବ ବୋଲି ସେ କହିଛନ୍ତି।




## ବୁଗୁଡ଼ା ଏନ୍‌ଏସିରେ ମତଦାନହାର ୬୩.୪୧%

ବୁଗୁଡ଼ା,୨୦।୫(କାଳିଚରଣ ଦାଶ)

ଆସିକା ଲୋକସଭା ଓ ପୋଲସରା ବିଧାନସଭା ପାଇଁ ବୁଗୁଡ଼ା ବ୍ଲକ ଓ ଏନ୍‌ଏସି ଅନ୍ତର୍ଗତ ୧୨୩ଟି ବୁଥରେ ମତଦାନ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଯାଇଛି। ବୁଗୁଡ଼ା ଏନ୍‌ଏସି ପାଇଁ ରହିଥିବା ୧୪ଟି ମତଦାନ କେନ୍ଦ୍ରରେ ୧୨,୫୫୭ ଜଣ ଭୋଟରଙ୍କ ମଧ୍ୟରୁ ୭,୯୬୨ ଜଣ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିଥିବାରୁ ଭୋଟିଂ ହାର ୬୩.୪୧ ରହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବୁଗୁଡ଼ା ବ୍ଲକର ୨୧ ପଞ୍ଚାୟତରେ ରହିଥିବା ୧୦୯ ମତଦାନ କେନ୍ଦ୍ରର କେତୋଟି ସ୍ଥାନରେ ସନ୍ଧ୍ୟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଚାଲିଥିଲା।

# ଜଙ୍ଗଲଜାତ ଦ୍ରବ୍ୟର ଉଚିତ ମୂଲ୍ୟ ମିଳୁନି

### ଆଦିବାସୀଙ୍କ ଅସନ୍ତୋଷ

ପାରଳାଖେମୁଣ୍ଡି,୨୦।୫(ଗିରିଧାରୀ ପରିଛା): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ। ଆଦିବାସୀଙ୍କ ଜୀବନ ଜୀବିକାରେ ଯୋଡି ହୋଇରହିଛି କୃଷି ଉତ୍ପାଦନ ଓ ଜଙ୍ଗଲ ଜାତ ଦ୍ରବ୍ୟ। ଆଦିବାସୀଙ୍କ ଜଙ୍ଗଲଜାତ ଦ୍ରବ୍ୟଗୁଡିକ ସାହୁକାରଙ୍କ ମନମୁଖୀରେ ବିକ୍ରି ଚାଲିଛି। ଦର ନିୟନ୍ତ୍ରଣ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତାର ଅଭାବ ରହିଛି। ଯାହାକୁ ନେଇ ଅସନ୍ତୋଷ ଦେଖାଯାଉଛି। ବହୁ ପରିଶ୍ରମ କରି ଆଦିବାସୀମାନେ ଜଙ୍ଗଲରୁ ଆମ୍ବ, ପଣସ, କାଜୁ ମଞ୍ଜି, କରଞ୍ଜ, ମହୁଲଫୁଲ ଓ ଟୋଲ ଆଦି ସଂଗ୍ରହ କରିଥାନ୍ତି। ଏସବୁ ମଧ୍ୟରେ କାଜୁ ମଞ୍ଜି ସଂଗ୍ରହ ଲାଭଦାୟକ ହୋଇଥିବା ବେଳେ ଆନ୍ତଃରାଜ୍ୟ ତୁଳନାରେ ଏଠାରେ ବହୁ କମଦରରେ ସ୍ଥାନୀୟ ବ୍ୟବସାୟୀମାନେ କିଣୁଛନ୍ତି। ସେମାନେ ବାହାର ରାଜ୍ୟର ବ୍ୟବସାୟୀଙ୍କୁ ଅଞ୍ଚଳରେ ପ୍ରବେଶ କରିବାକୁ ସୁଯୋଗ ଦେଉନାହାନ୍ତି। ଆଦିବାସୀଙ୍କୁ କିଛି ଟଙ୍କା ଅଗ୍ରୀମ ହିସାବରେ ଦେଇ ସେମାନଙ୍କ ଦ୍ରବ୍ୟକୁ ତାଙ୍କୁ ବିକ୍ରି କରିବା ପାଇଁ ବାଧ କରିଥାନ୍ତି। ସାହୁକାରମାନେ ଶାଗ ମାଛ ଦରରେ ତାଙ୍କର ଜଙ୍ଗଲ ଜାତ ଦ୍ରବ୍ୟ ନେଇଯାଉଥିବା ଇନୋସ ଗମାଙ୍ଗ, ଅନ୍ତର୍ଯ୍ୟାମୀ ମଣ୍ଡଳ ପ୍ରମୁଖ କହିଛନ୍ତି। ସେମାନଙ୍କ ପାଖରେ ବିନିଯୋଗ କରିବା ପାଇଁ ଅର୍ଥର ଅଭାବ ଯୋଗୁଁ ସାହୁକାରଙ୍କଠାରୁ କିଛି ଟଙ୍କା ଅଗ୍ରୀମ ନେଇଥାନ୍ତି। ଯଦି ସରକାର ସେମାନଙ୍କୁ କିଛି ଅର୍ଥ ବିନିଯୋଗ କରିବା ପାଇଁ ଦେଉଥାନ୍ତେ ତା'ହେଲେ ସାହୁକାରମାନଙ୍କ ଜୁଲମ ସହିବାକୁ ପଡୁନଥାନ୍ତା ବୋଲି କହିଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ସରକାର ଆଦିବାସୀ ଉନ୍ନୟନ ସୋସାଇଟି(ଟିଡିସିଏସ) ଦ୍ୱାରା ଦର ନିର୍ଦ୍ଧାରଣ କରି ଚାଷୀଙ୍କଠାରୁ ଉପରୋକ୍ତ ଦ୍ରବ୍ୟ ସବୁ କିଣୁଥିଲେ। ପରବର୍ତ୍ତୀ ସମୟରେ ଏହି ସଂସ୍ଥା ବନ୍ଦ ହେବା ପରେ ବ୍ୟବସାୟୀମାନେ ମନମୁଖୀ ଚଳାଇଛନ୍ତି। ସହରାଞ୍ଚଳରେ ନିୟନ୍ତ୍ରିତ ବଜାର କମିଟି ରହିଥିବା ବେଳେ ଗ୍ରାମାଞ୍ଚଳରେ ବିଭାଗର କୌଣସି ନିୟନ୍ତ୍ରଣ ନାହିଁ। ତେବେ ସମ୍ପୃକ୍ତ ବିଭାଗ ଜଙ୍ଗଲଜାତ ଦ୍ରବ୍ୟ ତଥା ଆଦିବାସୀଙ୍କ ଉତ୍ପାଦିତ ସାମଗ୍ରୀଗୁଡିକର ଦର ସ୍ଥିରିକୃତ କରିବାକୁ ଆଦିବାସୀମାନେ ଦାବି କରିଛନ୍ତି।

## ହତ୍ୟାଉଦ୍ୟମ ମାମଲା, ୭ ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି/ଚିକିଟି,୨୦।୫(ଅଶେଷ ନାଥ ମିଶ୍ର/ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ନିର୍ବାଚନ ମଣ୍ଡଳୀର ଲାଲମେଣ୍ଟ ପଞ୍ଚାୟତ ଅନ୍ତର୍ଗତ ବୀରସିଂହ ଲକ୍ଷ୍ମୀ ନାରାୟଣପୁର ଗ୍ରାମରେ ଗତ ୧୩ ତାରିଖ ଭୋଟ ଗ୍ରହଣ କେନ୍ଦ୍ରରେ ବିଜେଡି ଦଳର ଏଜେଣ୍ଟ ଥିବା ଦିଲ୍ଲୀପ କୁମାର ପ୍ରଧାନଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। ଏହି ମାମଲାରେ କେ. ନୂଆଗାଁ ପୋଲିସ ୭ ଜଣ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ବୀରସିଂହ ଲକ୍ଷ୍ମୀ ନାରାୟଣପୁର ଗ୍ରାମର ସନାତନ ପ୍ରଧାନ, ବୃନ୍ଦାବନ ପାଣିଗ୍ରାହୀ, ବୁଲୁ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ, ସୁନିଲ ପ୍ରଧାନ, ବାଙ୍କ ବିଷୋୟୀ ଏବଂ ପ୍ରିୟରଞ୍ଜନ ଓରଫ ବୁଲୁ ପାଣିଗ୍ରାହୀ। ଏହି ମାମଲାରେ ଭାଜପା ସମର୍ଥକ କୃତ୍ତିବାସ ପ୍ରଧାନ ଏବଂ ତାଙ୍କ ପୁଅ ପ୍ରବୀଣ ପ୍ରଧାନଙ୍କୁ ଗିରଫ କରାଯାଇଥିଲା।

## ଭାଙ୍ଗିପଡ଼ିଲା ମତଦାନ କେନ୍ଦ୍ର ପରିସରରେ ଥିବା ନାମଫଳକ, ୫ ଆହତ

ଦାରିଙ୍ଗବାଡ଼ି, ୨୦।୫ (ଅରୁଣ ସାହୁ)

କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ିରେ ସୋମବାର ଭୋଟ ଗ୍ରହଣ ଚାଲିଥିବା ବେଳେ ଏକ ଅଭାବନୀୟ ଘଟଣା ଘଟିଛି। ଗାହେଜୁ ଭୋଟଗ୍ରହଣ କେନ୍ଦ୍ରକୁ ଆସିଥିବା ଭୋଟର ଖରାରୁ ରକ୍ଷା ପାଇଁ କେନ୍ଦ୍ର ପରିସରରେ ଥିବା ଏକ ପ୍ରକଳ୍ପର ନାମଫଳକ ତଳେ ବସିଥିବା ବେଳେ ତାହା ଭାଙ୍ଗିପଡ଼ିବାରୁ ଶିଶୁ ସମେତ ୫ଜଣ ଆହତ ହୋଇଥିଲେ। ସେମାନେ ହେଲେ ଦାରିଙ୍ଗବାଡି ବ୍ଲକ ହାତୀମୁଣ୍ଡା ପଞ୍ଚାୟତ ପୀଡ଼ଡମାହା ଗ୍ରାମର ଶିଶୁ ଶୁଭସ୍ମିତା ପ୍ରଧାନଙ୍କ ସମେତ ତାଙ୍କ ମା' ସସ୍ମିତା ପ୍ରଧାନ, ଅନୁପମା ସୁନାମାଝି, ଅରିଗଲୁ ସୁନାମାଝି, ରେଖା ମଲିକ।
ପ୍ରକାଶ ଯେ,ଉକ୍ତ ଗ୍ରାମର ମହିଳା ଓ ପୁରୁଷମାନେ ନିକଟସ୍ଥ ଗାହେଜୁ ଭୋଟଗ୍ରହଣ କେନ୍ଦ୍ରକୁ ନିଜର ମତଦାନ କରିବାକୁ ଯାଇଥିଲେ। ଉକ୍ତ କେନ୍ଦ୍ର ପରିସରରେ ଇଟା, ସିମେଣ୍ଟରେ ତିଆରି ହୋଇଥିବା ଏକ ପ୍ରକଳ୍ପର ନାମଫଳକ ଲାଗିଥିଲା। ଭୋଟ ଦେବାକୁ ଆସିଥିବା ମହିଳାମାନେ ଶିଶୁକୁ ନେଇ ପ୍ରବଳ ଖରା ହେଉଥିବାରୁ ଉକ୍ତ ନାମଫଳକ ତଳେ ରହିଥିବା ଛାଇରେ ବସି ଭୋଟ ଦେବାକୁ ଅପେକ୍ଷା କରିଥିଲେ। କିଛି ସମୟ ବସିବା ପରେ ହଠାତ୍ ଉକ୍ତ ନାମଫଳକଟି ଭୁଶୁଡ଼ି ମହିଳାମାନଙ୍କ ଉପରେ ପଡ଼ିଥିଲା। ନାମଫଳକ ତଳେ ଚାପି ହୋଇଯିବାରୁ ୫ ଜଣ ଆହତ ହୋଇଥିଲେ। ସମସ୍ତଙ୍କୁ ଉଦ୍ଧାର କରାଯାଇ ଦାରିଙ୍ଗବାଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ପିଣ୍ଟୁ ଦାଶଙ୍କ ଜାମିନ ଖାରଜ

### ସାଂସଦ ପ୍ରାର୍ଥୀ ପ୍ରଦୀପଙ୍କୁ ହତ୍ୟା ଉଦ୍ୟମ ଘଟଣା

ବ୍ରହ୍ମପୁର,୨୦।୫ (ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ଭାଜପା ଏମ୍‌ପି ପ୍ରାର୍ଥୀ ଡ. ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ ଗତ ୧୩ ତାରିଖରେ ହତ୍ୟା ଉଦ୍ୟମ ହୋଇଥିଲା। ଅଭିଯୋଗରେ ଗିରଫ ହୋଇ ବ୍ରହ୍ମପୁର ଜେଲ ହଜାତରେ ଥିବା ବ୍ରହ୍ମପୁରର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବ ଶଙ୍କର ଦାସ ଓରଫ ପିଣ୍ଟୁଙ୍କ ଜାମିନ ଆବେଦନ ସୋମବାର ଖାରଜ ହୋଇଯାଇଛି। ପିଣ୍ଟୁଙ୍କୁ ଜାମିନ ପ୍ରଦାନ ପାଇଁ ତାଙ୍କ ଓକିଲ ଗଞ୍ଜାମ ଜିଲ୍ଲା ଓ ଦୌରା ଜଜ ରୂପଶ୍ରୀ ଚୌଧୁରୀଙ୍କ କୋର୍ଟରେ ଆବେଦନ କରିଥିଲେ। ହେଲେ ଜଜ ପିଣ୍ଟୁଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଛନ୍ତି। ଏହାପରେ ପିଣ୍ଟୁଙ୍କ ଜାମିନ ପାଇଁ ସେମାନେ ହାଇକୋର୍ଟକୁ ଯିବେ ବୋଲି ତାଙ୍କ ଓକିଲଙ୍କ ଠାରୁ ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଗତ ୧୩ ତାରିଖରେ ବ୍ରହ୍ମପୁରରେ ସାଧାରଣ ନିର୍ବାଚନ ପାଇଁ ମତଦାନ ହୋଇଥିଲା। ସେହିଦିନ ସନ୍ଧ୍ୟା ୭ଟା ବେଳେ ଗୋସାଣୀନୂଆଗାଁ ଥାନା ସମ୍ମୁଖରେ ଥିବା ୧୩୨ ନମ୍ବର ବୁଥରେ ଇଭିଏମ ମେସିନ ସିଲ ହୋଇନଥିବା ଖବର ମିଳିବା ପରେ ଲୋକସଭା ପ୍ରାର୍ଥୀ ପ୍ରଦୀପ ନିଜ ସମର୍ଥକଙ୍କ ସହ ସେଠାକୁ ଯାଇଥିଲେ। ପାଣିଗ୍ରାହୀ ବୁଥ ନିକଟରେ ଛିଡା ହୋଇ ଗୋସାଣୀନୂଆଗାଁ ଥାନା ଅଧିକାରୀ ସ୍ମୃତିପ୍ରଭା ପ୍ରଧାନଙ୍କ ସହ ଆଲୋଚନା କରୁଥିବା ବେଳେ ପିଣ୍ଟୁ ସେଠାରେ ପହଞ୍ଚି ପ୍ରଦୀପଙ୍କୁ ଅତର୍କିତ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ପ୍ରଦୀପ ଆହତ ହୋଇ ତଳେ ପଡିଯାଇଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବ୍ରହ୍ମପୁର ଏମକେସିଜିରେ ଭର୍ତ୍ତି କରାଯାଇଥିଲା। ପରବର୍ତ୍ତୀ ସମୟରେ ଭୁବନେଶ୍ୱର ଏମ୍ସକୁ ଯାଇ ସେ ଚିକିତ୍ସିତ ହୋଇଥିଲେ। ତେବେ ପ୍ରଦୀପଙ୍କୁ ଆକ୍ରମଣ କରିଥିବା ପିଣ୍ଟୁଙ୍କୁ ପୋଲିସ ଅଧିକାରୀମାନେ ସେହି ଠାରେ ହିଁ କାବୁ କରି ଥାନାକୁ ନେଇଥିଲେ। ଏହି ଘଟଣାକୁ ନେଇ ପିଣ୍ଟୁଙ୍କ ସମର୍ଥକମାନେ ସେହି ରାତିରେ ଥାନା ଘେରାଉ କରିଥିଲେ। ଏହା ପରଦିନ ଅର୍ଥାତ ୧୪ ତାରିଖରେ ପୋଲିସ ପିଣ୍ଟୁଙ୍କୁ ମାମଲା ନଂ ୧୩୦/୨୪ ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତାଙ୍କୁ ବ୍ରହ୍ମପୁର ଏସଡିଜେଏମଙ୍କ କୋର୍ଟରେ ହାଜର କରାଯିବା ସହ ତାଙ୍କ ଓକିଲ ଜାମିନ ଆବେଦନ କରିଥିଲେ। ହେଲେ ଏସଡିଜେଏମ କୋର୍ଟରେ ପିଣ୍ଟୁଙ୍କ ଜାମିନ ଖାରଜ ହେବା ପରେ ତାଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଯାଇଥିଲା। ଏହାପରେ ପିଣ୍ଟୁଙ୍କ ଓକିଲ ତାଙ୍କ ଜାମିନ ପାଇଁ ଗଞ୍ଜାମ ଜିଲ୍ଲା ଓ ଦୌରା ଜଜଙ୍କ କୋର୍ଟରେ ଜାମିନ ଆବେଦନ କରିଥିଲେ। ସେହି ଆବେଦନର ଶୁଣାଣି ପାଇଁ ସୋମବାର ଦିନ ଧାର୍ଯ୍ୟ ହୋଇଥିଲା। ପିଣ୍ଟୁଙ୍କ ପକ୍ଷରୁ ଆଇନଜୀବୀ କିଶୋର ମିଶ୍ର, କୈଳାସ ପଣ୍ଡା ଓ ସଞ୍ଜିତ ପାଣିଗ୍ରାହୀ ମାମଲା ପରିଚାଳନା କରୁଥିବା ବେଳେ ପ୍ରଦୀପଙ୍କ ପକ୍ଷରୁ ପିତବାସ ପଣ୍ଡା, ଅସିତ ଶତପଥି ଓ ବିରଞ୍ଚି ମହାପାତ୍ର ମାମଲା ପରିଚାଳନା କରିଥିଲେ। ଜିଲା ଜଜ ଉଭୟ ପକ୍ଷର ଓକିଲଙ୍କ ଯୁକ୍ତି ଶୁଣିବା ପରେ ଶେଷରେ ପିଣ୍ଟୁଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଥିଲେ।

## ଦ.ପୂ. ରେଳପଥ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ସିନିୟର ଡିଭିଜନାଲ ସିଗ୍‌ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ଚକ୍ରଧରପୁର ନିମ୍ନଦର୍ଶିତ ଟେଣ୍ଡର ନଂ. ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ତା୧୦।୦୬।୨୦୨୪ରିଖ ୧୫.୦୦ ଘଟିକାରେ ଖୋଲିବା ପାଇଁ ଧାର୍ଯ୍ୟ ଅଟେ। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ** ନିମ୍ନ ଅନୁଯାୟୀ ହେବ: **୧. ଏସ୍‌ଟି-ସିକେପି-ଓଟି-୨୪-୨୫-୨୫।** ଚାଇଁବାସା-ସିଂହପୋଖରିଆ ସେକ୍ସନରେ ଇଣ୍ଟରଲକ୍‌ଡ ଏଲ୍.ସି. ଗେଟ୍ ନଂ. ଆର୍‌ବିକେ-୧୪ର ଅପସାରଣ ସଂକ୍ରାନ୍ତରେ ଇଆଇ/ପିଆଇରେ ପରିବର୍ତ୍ତନ/ସଂଶୋଧନ। **ଟେଣ୍ଡର ମୂଲ୍ୟ:** ₹୨୮,୦୨,୦୮୯.୩୬, **ଅମାନତ ରାଶି:** ₹୫୬,୧୦୦/-। **୨. ଏସ୍‌ଟି-ସିକେପି-ଓଟି-୨୪-୨୫-୨୬।** ସିନି-ମାହାଲିମାରୁପ ସେକ୍ସନରେ ଇଣ୍ଟରଲକ୍‌ଡ ଏଲ୍.ସି. ଗେଟ୍ ନଂ. ୧୫୯ର ଅପସାରଣ ସଂକ୍ରାନ୍ତରେ ଇଆଇ/ପିଆଇରେ ପରିବର୍ତ୍ତନ/ସଂଶୋଧନ। **ଟେଣ୍ଡର ମୂଲ୍ୟ:** ₹୨୮,୦୨,୦୮୯.୩୬, **ଅମାନତ ରାଶି:** ₹୫୬,୧୦୦/-। **୩. ଏସ୍‌ଟି-ସିକେପି-ଓଟି-୨୪-୨୫-୨୭।** ଚକ୍ରଧରପୁର ଡିଭିଜନରେ ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନଗୁଡ଼ିକରେ ଆର୍ଥ ଲିକେଜ୍ ଡିଟେକ୍ଟର୍ସ (ଇଏଲ୍‌ଡିଏସ୍)ର ସ୍ଥାପନ। **ଟେଣ୍ଡର ମୂଲ୍ୟ:** ₹୬୩,୦୬,୭୧୦, **ଅମାନତ ରାଶି:** ₹୧,୨୬,୧୦୦/-। **୪. ଏସ୍‌ଟି-ସିକେପି-ଓଟି-୨୪-୨୫-୨୮।** ଦେଓଝର-ମୁର୍ଗାମହାଦେବ ରୋଡ୍ ଏବଂ ପଦାପାହାଡ଼-ଜାମକୁଣ୍ଡିଆ ସେକ୍ସନରେ ଏଲ୍‌ଏଚ୍‌ଏସ୍/ଆର୍‌ୟୁବିର ନିର୍ମାଣ ସଂକ୍ରାନ୍ତରେ ଏସ୍ ଆଣ୍ଡ ଟି କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୩୫,୧୬,୭୪୦.୮୦, **ଅମାନତ ରାଶି:** ₹୭୦,୩୦୦/-। **ସମାପ୍ତି ଅବଧି:** କ୍ର.ସଂ. ୧ରୁ ୩ ପ୍ରତ୍ୟେକ ପାଇଁ ୦୬ ମାସ ଏବଂ କ୍ର.ସଂ. ୪ ପାଇଁ ୧୨ ମାସ। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡର୍‌ମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମଗୁଡ଼ିକ ବିନା ମୂଲ୍ୟରେ ଜାରି କରାଯିବ। **(PR-164)**

## ODISHA UNIVERSITY OF AGRICULTURE & TECHNOLOGY
## BHUBANESWAR-751003

No.ACD-I-ADM-13/2022/ 7277/ UAT Dt.18 May 2024

**POST GRADUATE ADMISSION NOTICE-2024-25**
**(For Master's & Doctoral Programme in Agriculture & Allied Subjects**

**No.CAD-123:**ON-LINE applications are invited from the eligible candidates for Admission into Master's and Doctoral Programme in Agriculture and Allied subjects for the Academic Session 2024-25.

Important events are given below:

| Programme | Date |
|---|---|
| Submission of online Application Form | 20.05.2024 to 18.06.2024 |
| Edit of application Form | Till last date of submission of application form |
| Last date of payment of Application fee (Rs.1500/-) | 19.06.2024 |
| Date of Entrance Examination for all Master's & Ph.D Programme except College of Veterinary Sc. & AH | 18.07.2024 |
| Date of Entrance Examination for M.V.Sc. & Ph.D in Veterinary Science | 20.10.2024 |

Candidates are informed to visit OUAT website www.ouat.ac.in and follow admission section or directly go to https://ouat-lokaseba-odisha.in for submission of application. For detail information go through the Prospectus for Post Graduate Course Programme- 2024-25 available on OUAT website www.ouat.ac.in.
HELPLINE TOLL NUMBER AND E-MAIL ID FOR SUBMISSION OF APPLICATION AND ADMISSION
To be contacted only during office hours (10.00 am to 5.00 pm) on working days only

- Help line number - 9938838538
- Asst. Registrar (Acd.) - 0674-2397970 (Extn:111/128)
- Help desk e-mail ID - ouat.helpline@gmail.com

**Sd./- REGISTRAR**
**OIPR-01036/11/0001/2425**

# ବଜ୍ରପାତରେ ମହିଳା ମୃତ, ଗଛ ପଡ଼ି ରାସ୍ତା ଅବରୋଧ



ଗଛପଡ଼ି ଭଞ୍ଜନଗର ବେଲଗୁଣ୍ଠା ମୁଖ୍ୟ ରାସ୍ତା ବନ୍ଦ।

ଭଞ୍ଜନଗର,୨୦।୫(ବାବୁଲା ପ୍ରଧାନ)

ଭଞ୍ଜନଗରରେ ସୋମବାର ଅପରାହ୍ନରେ ଝଡ଼ ତୋଫାନ, ପ୍ରବଳ ବର୍ଷା ସହ ବଜ୍ରପାତ ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଲେରୀ ଫାଣ୍ଡି ଅନ୍ତର୍ଗତ ଗୁଣ୍ଡୁରୀବାଡ଼ି ଗ୍ରାମର ବିଷ୍ଣୁ ନାଇକ।
ମହିଳା ଜଣଙ୍କ ବର୍ଷା ସମୟରେ ଆମ୍ବ ଗୋଟାଇବାକୁ ଯାଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲ ପଠାଇଛି। ଅନ୍ୟପଟେ ଝଡ଼ ତୋଫାନ ଯୋଗୁ ଅନେକ ସ୍ଥାନରେ ରାସ୍ତା ଉପରେ ଗଛ ଉପୁଡ଼ି ପଡ଼ିଥିବା ବେଳେ ଅନେକ ସ୍ଥାନରେ ଯାତାୟାତରେ ବାଧା ଦେଖାଦେଇଛି। ଭଞ୍ଜନଗର ବେଲଗୁଣ୍ଠା ମୁଖ୍ୟ ରାସ୍ତାର ଜାମପଲ୍ଲୀ ନିକଟରେ ଏକ ବିରାଟ ଗଛ ପଡ଼ି ଯାଇଥିଲା। ଫଳରେ ଉକ୍ତ ରାସ୍ତାରେ ଯାନବାହାନ ଚଳାଚଳ କିଛି ଘଣ୍ଟା ପାଇଁ ବନ୍ଦ ରହିଥିଲା। ଏହାପରେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛକୁ କାଟି ରାସ୍ତା ସଫା କରିଥିଲେ। ସେହିଭଳି ଝଡ଼ ତୋଫାନ ଯୋଗୁ ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଛି। ଫଳରେ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। ଖବର ଲେଖା ହେବା ସୁଦ୍ଧା ବହୁ ଗ୍ରାମ ଅନ୍ଧାରରେ ଅଛି। ଏଥିସହ ଅନେକ ଚାଳଚପର ଘର ତୋଫାନ ଯୋଗୁ କ୍ଷତିଗ୍ରସ୍ତ ହୋଇଛି।

## ଭୋଟଗ୍ରହଣ କେନ୍ଦ୍ର: ଅଜଣା ଯୁବକଙ୍କୁ ଛେଚିଲେ ଗ୍ରାମବାସୀ

ଦିଗପହଣ୍ଡି/ପାଟପୁର, ୨୦।୫(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)

ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ସୋମବାର ନିର୍ବାଚନ ଚାଲିଥିଲା ବେଳେ ଅନ୍ୟ ନିର୍ବାଚନ ମଣ୍ଡଳୀର ଅଜଣା ଯୁବକମାନେ ପଇଁତରା ମାରିବା ମହଙ୍ଗା ପଡ଼ିଛି। ସାନଖେମୁଣ୍ଡି ବ୍ଲକ କଙ୍କୋରଡା ପଞ୍ଚାୟତ ଗମ୍ଭାରୀଗୁଡା ଗ୍ରାମ ଏବଂ ଏସ .ଗୋପାଳପୁର ପଞ୍ଚାୟତ ହରିଚନ୍ଦନପୁର ଗ୍ରାମରେ ଭୋଟ ଗ୍ରହଣ ଚାଲିଥିବା ବେଳେ କିଛି ଅଜଣା ଯୁବକଙ୍କୁ ଦେଖି ସ୍ଥାନୀୟ ଗ୍ରାମବାସୀଙ୍କ ସନ୍ଦେହ ବଢ଼ିଥିଲା। ପରେ ସେହି ଯୁବକମାନଙ୍କୁ କାବୁ କରି ପଚାରିବା ବେଳେ ସେମାନଙ୍କ ଉତ୍ତର ସନ୍ଦେହ ସୃଷ୍ଟି କରିଥିଲା। ତେବେ ଏହି ଯୁବକମାନଙ୍କୁ କିଏ ପଠାଇଛି ସ୍ଥାନୀୟ ଲୋକମାନେ ପଚାରି କୌଣସି ସନ୍ତୋଷଜନକ ଉତ୍ତର ନପାଇବାରୁ ସେମାନଙ୍କୁ ମାଡ଼ ମାରି ପୋଲିସକୁ ହସ୍ତାନ୍ତର କରିଥିଲେ। ଏହି ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରଲ ହେଉଛି।

## ବ୍ୟାଙ୍କ ଅଫ୍ ଇଣ୍ଡିଆ

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଇଆଇଟି ଭୁବନେଶ୍ୱର ଅରଗୁଳ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଇଆଇଟି ଭୁବନେଶ୍ୱର ଅରଗୁଳ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଆଇଆଇଟି ଭୁବନେଶ୍ୱର ଅରଗୁଳ ଶାଖା/ ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ଦାତାତ୍ରୟ ଜେନା,** ପିତା: ଭାସ୍କର ଜେନା, ସା: ଯମୁନା, ପୋ: ଅରଗୁଳ, ଭାୟା: ଜଟଣୀ, ଖୋର୍ଦ୍ଧା, ଓଡ଼ିଶା-୭୫୨୦୫୦ | ଟ.୧୬,୫୯,୩୦୪/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୨୪.୦୧.୨୦୨୪ / ୧୬.୦୫.୨୦୨୪ | **ଶ୍ରୀ ଦାତାତ୍ରୟ ଜେନା**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୨୭୩, ଖାତା ନଂ.: ୬୨୯/୬୭୪, କ୍ଷେତ୍ର: ଏକର୦.୧୧୦ ଡିସିମିଲି, କିସମ: ଘରବାରୀ, ଅନୁରୂପ ହାଲ୍ ଖାତା ନଂ.: ୩୧୭, ଜିଲ୍ଲା: ପୁରୀ, ତହସିଲ/ଏସ୍‌ଆରଓ: |

ଡେଲାଙ୍ଗ, ଥାନା: ଡେଲାଙ୍ଗ, ମୌଜା: ଯମୁନା ଝାରପଡା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୩୨୯, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୧୨୭୨, ପଶ୍ଚିମ: ପ୍ଲଟ୍ ନଂ.: ୧୨୭୪

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୧.୦୫.୨୦୨୪ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

## Tender Notice

**BAIF Institute for Sustainable Livelihoods and Development**
Invites sealed quotations from reputed vendors : 1) Supply of Liquid Nitrogen (LN2) at Sambalpur, Odisha. 2) Vehicle hiring for Liquid Nitrogen (LN2) and input supply.
**Refer www.baif.org.in & www.baifodisha.org for details**
**Plot No. 1565/2682, At Bhatra, PO. Dhanupali, Sambalpur Odisha-768005, Ph 7894418530**

## DIRECTORATE OF MEDICAL EDUCATION & TRAINING, ODISHA

**NO 519// BBSR,** **Date 18.05.2024**

**ADMISSION FOR ANM,GNM, BASIC B.SC, P.B.B.SC, M.SC&P.B.DIPLOMA NURSING COURSES- 2024-25**

NO.E-19:- Online Applications are invited from the eligible candidates for admission to ANM, GNM, BASIC B.Sc, P.B.B.Sc, M.Sc & P.B.Diploma Nursing courses in all the ONMRC(Odisha Nurses & Midwives Registration Council) recognised Government and Private Nursing Institutions of the state for the academic session 2024-25. Intending candidates must submit their online application from dt.22.05.2024 to dt. 19.06.2024 by 11:59P.M. by paying Application fee amounting **Rs. 300/- (Rupees Three Hundred only) for ANM course, Rs. 500/- (Rupees Five Hundred only) for GNM course & Rs. 1000/- (Rupees One Thousand only) for Basic B.Sc, P.B.B.Sc, M.Sc & P.B.Diploma Nursing course** excluding bank charges (to be borne by the applicants themselves) as applicable through Net Banking/ Card payments/ Other payment modes (UPI).For details go through the prospectus. The prospectus will be available in the website www.dmetodisha.gov.in and https://dohodisha.nic.in from dt. 22.05.2024.

**ADMISSION CALENDAR FOR ANM, GNM, BASIC B.SC, P.B.B.SC, M.SC & P.B.DIPLOMA NURSING COURSES FOR THE ACADEMIC SESSION 2024-25**

| Counseling & Admission Process | P.B. Diploma /M.Sc. / Post Basic B.Sc. Nursing | Basic B.Sc. Nursing | GNM/ANM |
|---|---|---|---|
| Availability of Prospectus in official website: www.dmetodisha.gov.in dohodisha.nic.in | 22.05.2024 | 22.05.2024 | 22.05.2024 |
| Availability of Online Application form & payment of Application fee in official website: dohodisha.nic.in | 22.05.2024 5:00 P.M. | 22.05.2024 5:00 P.M. | 22.05.2024 5:00 P.M. |
| Last date of online registration form | 17.06.2024 11:59 P.M. | 17.06.2024 11:59 P.M. | 17.06.2024 11:59 P.M. |
| Last date for submission of online application form & Application fee | 19.06.2024 11:59 P.M. | 19.06.2024 11:59 P.M. | 19.06.2024 11:59 P.M. |

OIPR-10016/11/0001/2425 **Sd./- DMET, Odisha, Chairman, SNSC**

## ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା
## ଭୁବନେଶ୍ୱର-୭୫୧୦୦୭

**ନାମଲେଖା ବିଜ୍ଞାପନ**

No.PP-02:ବୟନ ବୈଷୟିକ ଅନୁଷ୍ଠାନ (Institute of Textile Technology), ଚୌଦ୍ୱାର, କଟକରେ ବୟନ ବୈଷୟିକ ଡିପ୍ଲୋମା (Diploma in Textile Technology) ପାଠ୍ୟକ୍ରମ ୨୦୨୪-୨୫ ଶିକ୍ଷାବର୍ଷରେ ନାମଲେଖା ପାଇଁ ୫ (ପାଞ୍ଚ) ଗୋଟି ସିଟ୍ ନିମନ୍ତେ ଆଗ୍ରହୀ ବୁଣାକାର ସମ୍ପ୍ରଦାୟର ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ମାଧ୍ୟମିକ ଶିକ୍ଷା ବୋର୍ଡ (BSE), ଓଡ଼ିଶା ଦ୍ୱାରା ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ (HSC) ପରୀକ୍ଷା କିମ୍ବା ମାଧ୍ୟମିକ ଶିକ୍ଷା ବୋର୍ଡ, ଓଡ଼ିଶା ଦ୍ୱାରା ସମାନ ଘୋଷିତ ଦଶମ ମାନକ ପରୀକ୍ଷା (10th Standard) ରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କ ବୟସ ତା.୦୧.୦୭.୨୦୨୪ ରିଖ ସୁଦ୍ଧା ୧୪ ବର୍ଷରୁ କମ୍ ହୋଇ ନ ଥିବ ।

ଉପରୋକ୍ତ ଯୋଗ୍ୟତା ଥିବା ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିପାରିବେ । ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଥିବା ଆବେଦନ ପତ୍ରକୁ ମୁଦା ଲଫାପା ଉପରେ "APPLICATION FOR ADMISSION IN ITT, CHOUDWAR-2024-25" ଲେଖାଥାଇ ତା.୨୦.୦୬.୨୦୨୪ ରିଖ ସନ୍ଧ୍ୟା ୫.୦୦ ଟା ସୁଦ୍ଧା ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ରେ ପହଞ୍ଚିବା ଆବଶ୍ୟକ । ଆବେଦନ ଫର୍ମ https://www.textiles.odisha.gov.in ରେ ଉପଲବ୍ଧ । ଅସମ୍ପୂର୍ଣ୍ଣ ଏବଂ ବିଳମ୍ବରେ ପହଞ୍ଚିଥିବା ଦରଖାସ୍ତ କୌଣସି ମତେ ବିଚାରକୁ ନିଆଯିବ ନାହିଁ ।

ସ୍ୱା./- ସ୍ୱତନ୍ତ୍ର ଅଧିକାରୀ
ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

OIPR-31003/11/0005/2425

## TP SOUTHERN ODISHA DISTRIBUTION LIMITED
(Procurement Department) TPSODL

BPR North Star Building,
2nd Floor, Khodasingi, Berhampur, Odisha-760010

**NOTICE INVITING TENDER** Dt.: 21.05.2024

**TP Southern Odisha Distribution Ltd.** invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | PO for providing 40 KW load three phase power supply to the proposed Gail India Limited site at Manitara Village Buguda , Ganjam,under Buguda Electrical | TPSODL/OT/ 2024-25/012 | 50,000 | 5,000 | 01.06.2024; 18:00 Hrs. |
| 2 | Rate contract for construction of precast prestressed concrete compound wall in key areas across all six circles of TPSODL. | TPSODL/OT/ 2024-25/013 | 50,000 | 5,000 | 01.06.2024; 18:00 Hrs. |
| 3 | RC for Construction of 11KV UG Line and LT OH Line & Shifting of S/S for Eco-Retreat event at Pati-Sonepur Beach. | TPSODL/OT/ 2024-25/015 | 2,00,000 | 5,000 | 03.06.2024; 18:00 Hrs. |

For detailed tender, please visit Tender Section on TPSODL website **https://www.tpsouthernodisha.com**




## ବୁଗୁଡ଼ା ଏନ୍‌ଏସିରେ ମତଦାନହାର ୬୩.୪୧%

ବୁଗୁଡ଼ା,୨୦।୫(କାଳିଚରଣ ଦାଶ)

ଆସିକା ଲୋକସଭା ଓ ପୋଲସରା ବିଧାନସଭା ପାଇଁ ବୁଗୁଡା ବ୍ଲକ ଓ ଏନ୍‌ଏସି ଅନ୍ତର୍ଗତ ୧୨୩ଟି ବୁଥରେ ମତଦାନ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଯାଇଛି। ବୁଗୁଡ଼ା ଏନ୍‌ଏସି ପାଇଁ ରହିଥିବା ୧୪ଟି ମତଦାନ କେନ୍ଦ୍ରରେ ୧୨,୫୫୭ ଜଣ ଭୋଟରଙ୍କ ମଧ୍ୟରୁ ୭,୯୬୨ ଜଣ ଭୋଟର ସେମାନଙ୍କ ମତଦାନ ସାବ୍ୟସ୍ତ କରିଥିବାରୁ ଭୋଟିଂ ହାର ୬୩.୪୧ ରହିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବୁଗୁଡ଼ା ବ୍ଲକର ୨୧ ପଞ୍ଚାୟତରେ ରହିଥିବା ୧୦୯ ମତଦାନ କେନ୍ଦ୍ରର କେତୋଟି ସ୍ଥାନରେ ସନ୍ଧ୍ୟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଚାଲିଥିଲା।

# ଜଙ୍ଗଲଜାତ ଦ୍ରବ୍ୟର ଉଚିତ ମୂଲ୍ୟ ମିଳୁନି

**ଆଦିବାସୀଙ୍କ ଅସନ୍ତୋଷ**

ପାରଳାଖେମୁଣ୍ଡି,୨୦।୫(ଗିରିଧାରୀ ପରିଛା):

ଗଜପତି ଜିଲା ଗୁମ୍ମା ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ। ଆଦିବାସୀଙ୍କ ଜୀବନ ଜୀବିକାରେ ଯୋଡି ହୋଇରହିଛି କୃଷି ଉତ୍ପାଦନ ଓ ଜଙ୍ଗଲ ଜାତ ଦ୍ରବ୍ୟ। ଆଦିବାସୀଙ୍କ ଜଙ୍ଗଲଜାତ ଦ୍ରବ୍ୟଗୁଡିକ ସାହୁକାରଙ୍କ ମନମୁଖୀରେ ବିକ୍ରି ଚାଲିଛି। ଦର ନିୟନ୍ତ୍ରଣ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଆନ୍ତରିକତାର ଅଭାବ ରହିଛି। ଯାହାକୁ ନେଇ ଅସନ୍ତୋଷ ଦେଖାଯାଉଛି। ବହୁ ପରିଶ୍ରମ କରି ଆଦିବାସୀମାନେ ଜଙ୍ଗଲରୁ ଆମ୍ବ, ପଣସ, କାଜୁ ମଞ୍ଜି, କରଞ୍ଜ, ମହୁଲଫୁଲ ଓ ଟୋଲ ଆଦି ସଂଗ୍ରହ କରିଥାନ୍ତି। ଏସବୁ ମଧ୍ୟରେ କାଜୁ ମଞ୍ଜି ସଂଗ୍ରହ ଲାଭଦାୟକ ହୋଇଥିବା ବେଳେ ଆନ୍ତଃରାଜ୍ୟ ତୁଳନାରେ ଏଠାରେ ବହୁ କମଦରରେ ସ୍ଥାନୀୟ ବ୍ୟବସାୟୀମାନେ କିଣୁଛନ୍ତି। ସେମାନେ ବାହାର ରାଜ୍ୟର ବ୍ୟବସାୟୀଙ୍କୁ ଅଞ୍ଚଳରେ ପ୍ରବେଶ କରିବାକୁ ସୁଯୋଗ ଦେଉନାହାନ୍ତି। ଆଦିବାସୀଙ୍କୁ କିଛି ଟଙ୍କା ଅଗ୍ରୀମ ହିସାବରେ ଦେଇ ସେମାନଙ୍କ ଦ୍ରବ୍ୟକୁ ତାଙ୍କୁ ବିକ୍ରି କରିବା ପାଇଁ ବାଧ କରିଥାନ୍ତି। ସାହୁକାରମାନେ ଶାଗ ମାଛ ଦରରେ ତାଙ୍କର ଜଙ୍ଗଲ ଜାତ ଦ୍ରବ୍ୟ ନେଇଯାଉଥିବା ଇନୋସ ଗମାଙ୍ଗ, ଅନ୍ତର୍ଯ୍ୟାମୀ ମଣ୍ଡଳ ପ୍ରମୁଖ କହିଛନ୍ତି। ସେମାନଙ୍କ ପାଖରେ ବିନିଯୋଗ କରିବା ପାଇଁ ଅର୍ଥର ଅଭାବ ଯୋଗୁଁ ସାହୁକାରଙ୍କଠାରୁ କିଛି ଟଙ୍କା ଅଗ୍ରୀମ ନେଇଥାନ୍ତି। ଯଦି ସରକାର ସେମାନଙ୍କୁ କିଛି ଅର୍ଥ ବିନିଯୋଗ କରିବା ପାଇଁ ଦେଉଥାନ୍ତେ ତା'ହେଲେ ସାହୁକାରମାନଙ୍କ ଜୁଲମ ସହିବାକୁ ପଡୁନଥାନ୍ତା ବୋଲି କହିଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ସରକାର ଆଦିବାସୀ ଉନ୍ନୟନ ସୋସାଇଟି( ଟିଡିସିଏସ) ଦ୍ୱାରା ଦର ନିର୍ଦ୍ଧାରଣ କରି ଚାଷୀଙ୍କଠାରୁ ଉପରୋକ୍ତ ଦ୍ରବ୍ୟ ସବୁ କିଣୁଥିଲେ। ପରବର୍ତ୍ତୀ ସମୟରେ ଏହି ସଂସ୍ଥା ବନ୍ଦ ହେବା ପରେ ବ୍ୟବସାୟୀମାନେ ମନମୁଖୀ ଚଳାଇଛନ୍ତି। ସହରାଞ୍ଚଳରେ ନିୟନ୍ତ୍ରିତ ବଜାର କମିଟି ରହିଥିବା ବେଳେ ଗ୍ରାମାଞ୍ଚଳରେ ବିଭାଗର କୌଣସି ନିୟନ୍ତ୍ରଣ ନାହିଁ। ତେବେ ସମ୍ପୃକ୍ତ ବିଭାଗ ଜଙ୍ଗଲଜାତ ଦ୍ରବ୍ୟ ତଥା ଆଦିବାସୀଙ୍କ ଉତ୍ପାଦିତ ସାମଗ୍ରୀଗୁଡ଼ିକର ଦର ସ୍ଥିରିକୃତ କରିବାକୁ ଆଦିବାସୀମାନେ ଦାବି କରିଛନ୍ତି ।

## ହତ୍ୟାଉଦ୍ୟମ ମାମଲା, ୭ ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି/ଚିକିଟି,୨୦।୫(ଅଶେଷ ନାଥ ମିଶ୍ର/ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ନିର୍ବାଚନ ମଣ୍ଡଳୀର ଲାଲମେଣ୍ଟା ପଞ୍ଚାୟତ ଅନ୍ତର୍ଗତ ବୀରସିଂହ ଲକ୍ଷ୍ମୀ ନାରାୟଣପୁର ଗ୍ରାମରେ ଗତ ୧୩ ତାରିଖ ଭୋଟ ଗ୍ରହଣ କେନ୍ଦ୍ରରେ ବିଜେଡି ଦଳର ଏଜେଣ୍ଟ ଥିବା ଦିଲ୍ଲୀପ କୁମାର ପ୍ରଧାନଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା। ଏହି ମାମଲାରେ କେ. ନୂଆଗାଁ ପୋଲିସ ୭ ଜଣ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ବୀରସିଂହ ଲକ୍ଷ୍ମୀ ନାରାୟଣପୁର ଗ୍ରାମର ସନାତନ ପ୍ରଧାନ, ବୃନ୍ଦାବନ ପାଣିଗ୍ରାହୀ, ବୁଲୁ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ, ସୁନିଲ ପ୍ରଧାନ, ବାଙ୍କ ବିଷୋୟୀ ଏବଂ ପ୍ରିୟରଞ୍ଜନ ଓରଫ ବୁଲୁ ପାଣିଗ୍ରାହୀ। ଏହି ମାମଲାରେ ଭାଜପା ସମର୍ଥକ କୃତ୍ତିବାସ ପ୍ରଧାନ ଏବଂ ତାଙ୍କ ପୁଅ ପ୍ରବୀଣ ପ୍ରଧାନଙ୍କୁ ଗିରଫ କରାଯାଇଥିଲା।

## ଭାଙ୍ଗିପଡ଼ିଲା ମତଦାନ କେନ୍ଦ୍ର ପରିସରରେ ଥିବା ନାମଫଳକ, ୫ ଆହତ

ଦାରିଙ୍ଗବାଡ଼ି, ୨୦।୫ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ସୋମବାର ଭୋଟ ଗ୍ରହଣ ଚାଲିଥିବା ବେଳେ ଏକ ଅଭାବନୀୟ ଘଟଣା ଘଟିଛି। ଗାହେଜୁ ଭୋଟଗ୍ରହଣ କେନ୍ଦ୍ରକୁ ଆସିଥିବା ଭୋଟର ଖରାରୁ ରକ୍ଷା ପାଇଁ କେନ୍ଦ୍ର ପରିସରରେ ଥିବା ଏକ ପ୍ରକଳ୍ପର ନାମଫଳକ ତଳେ ବସିଥିବା ବେଳେ ତାହା ଭାଙ୍ଗିପଡ଼ିବାରୁ ଶିଶୁ ସମେତ ୫ଜଣ ଆହତ ହୋଇଥିଲେ। ସେମାନେ ହେଲେ ଦାରିଙ୍ଗବାଡି ବ୍ଲକ ହାତୀମୁଣ୍ଡା ପଞ୍ଚାୟତ ପୀଡ଼ଡମାହା ଗ୍ରାମର ଶିଶୁ ଶୁଭସ୍ମିତା ପ୍ରଧାନଙ୍କ ସମେତ ତାଙ୍କ ମା' ସସ୍ମିତା ପ୍ରଧାନ, ଅନୁପମା ସୁନାମାଝି, ଅରିଗଲୁ ସୁନାମାଝି, ରେଖା ମଲିକ।

ପ୍ରକାଶ ଯେ,ଉକ୍ତ ଗ୍ରାମର ମହିଳା ଓ ପୁରୁଷମାନେ ନିକଟସ୍ଥ ଗାହେଜୁ ଭୋଟଗ୍ରହଣ କେନ୍ଦ୍ରକୁ ନିଜର ମତଦାନ କରିବାକୁ ଯାଇଥିଲେ। ଉକ୍ତ କେନ୍ଦ୍ର ପରିସରରେ ଇଟା, ସିମେଣ୍ଟରେ ତିଆରି ହୋଇଥିବା ଏକ ପ୍ରକଳ୍ପର ନାମଫଳକ ଲାଗିଥିଲା। ଭୋଟ ଦେବାକୁ ଆସିଥିବା ମହିଳାମାନେ ଶିଶୁଙ୍କୁ ନେଇ ପ୍ରବଳ ଖରା ହେଉଥିବାରୁ ଉକ୍ତ ନାମଫଳକ ତଳେ ରହିଥିବା ଛାଇରେ ବସି ଭୋଟ ଦେବାକୁ ଅପେକ୍ଷା କରିଥିଲେ। କିଛି ସମୟ ବସିବା ପରେ ହଠାତ୍ ଉକ୍ତ ନାମଫଳକଟି ଭୁଶୁଡି ମହିଳାମାନଙ୍କ ଉପରେ ପଡ଼ିଥିଲା। ନାମଫଳକ ତଳେ ଚାପି ହୋଇଯିବାରୁ ୫ ଜଣ ଆହତ ହୋଇଥିଲେ। ସମସ୍ତଙ୍କୁ ଉଦ୍ଧାର କରାଯାଇ ଦାରିଙ୍ଗବାଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ପିଣ୍ଟୁ ଦାଶଙ୍କ ଜାମିନ ଖାରଜ

**ସାଂସଦ ପ୍ରାର୍ଥୀ ପ୍ରଦୀପଙ୍କୁ ହତ୍ୟା ଉଦ୍ୟମ ଘଟଣା**

ବ୍ରହ୍ମପୁର,୨୦।୫ (ସୁବାସ ଚନ୍ଦ୍ର ପାଢ଼ୀ):

ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ଭାଜପା ଏମ୍‌ପି ପ୍ରାର୍ଥୀ ଡ. ପ୍ରଦୀପ କୁମାର ପାଣିଗ୍ରାହୀଙ୍କୁ ଗତ ୧୩ ତାରିଖରେ ହତ୍ୟା ଉଦ୍ୟମ ହୋଇଥିଲା। ଅଭିଯୋଗରେ ଗିରଫ ହୋଇ ବ୍ରହ୍ମପୁର ଜେଲ ହଜାତରେ ଥିବା ବ୍ରହ୍ମପୁରର ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଶିବ ଶଙ୍କର ଦାସ ଓରଫ ପିଣ୍ଟୁଙ୍କ ଜାମିନ ଆବେଦନ ସୋମବାର ଖାରଜ ହୋଇଯାଇଛି। ପିଣ୍ଟୁଙ୍କୁ ଜାମିନ ପ୍ରଦାନ ପାଇଁ ତାଙ୍କ ଓକିଲ ଗଞ୍ଜାମ ଜିଲ୍ଲା ଓ ଦୌରା ଜଜ ରୂପଶ୍ରୀ ଚୌଧୁରୀଙ୍କ କୋର୍ଟରେ ଆବେଦନ କରିଥିଲେ। ହେଲେ ଜଜ ପିଣ୍ଟୁଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଛନ୍ତି। ଏହାପରେ ପିଣ୍ଟୁଙ୍କ ଜାମିନ ପାଇଁ ସେମାନେ ହାଇକୋର୍ଟକୁ ଯିବେ ବୋଲି ତାଙ୍କ ଓକିଲଙ୍କ ଠାରୁ ସୂଚନା ମିଳିଛି । ସୂଚନାଯୋଗ୍ୟ ଯେ, ଗତ ୧୩ ତାରିଖରେ ବ୍ରହ୍ମପୁରରେ ସାଧାରଣ ନିର୍ବାଚନ ପାଇଁ ମତଦାନ ହୋଇଥିଲା । ସେହିଦିନ ସନ୍ଧ୍ୟା ୭ଟା ବେଳେ ଗୋସାଣୀନୂଆଗାଁ ଥାନା ସମ୍ମୁଖରେ ଥିବା ୧୩୨ ନମ୍ବର ବୁଥରେ ଇଭିଏମ ମେସିନ ସିଲ ହୋଇନଥିବା ଖବର ମିଳିବା ପରେ ଲୋକସଭା ପ୍ରାର୍ଥୀ ପ୍ରଦୀପ ନିଜ ସମର୍ଥକଙ୍କ ସହ ସେଠାକୁ ଯାଇଥିଲେ। ପାଣିଗ୍ରାହୀ ବୁଥ ନିକଟରେ ଛିଡା ହୋଇ ଗୋସାଣୀନୂଆଗାଁ ଥାନା ଅଧିକାରୀ ସ୍ମୃତିପ୍ରଭା ପ୍ରଧାନଙ୍କ ସହ ଆଲୋଚନା କରୁଥିବା ବେଳେ ପିଣ୍ଟୁ ସେଠାରେ ପହଞ୍ଚି ପ୍ରଦୀପଙ୍କୁ ଅତର୍କିତ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ପ୍ରଦୀପ ଆହତ ହୋଇ ତଳେ ପଡିଯାଇଥିଲେ। ସେଠାରୁ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବ୍ରହ୍ମପୁର ଏମକେସିଜିରେ ଭର୍ତ୍ତି କରାଯାଇଥିଲା। ପରବର୍ତ୍ତୀ ସମୟରେ ଭୁବନେଶ୍ୱର ଏମ୍ସକୁ ଯାଇ ସେ ଚିକିତ୍ସିତ ହୋଇଥିଲେ । ତେବେ ପ୍ରଦୀପଙ୍କୁ ଆକ୍ରମଣ କରିଥିବା ପିଣ୍ଟୁଙ୍କୁ ପୋଲିସ ଅଧିକାରୀମାନେ ସେହି ଠାରେ ହିଁ କାବୁ କରି ଥାନାକୁ ନେଇଥିଲେ । ଏହି ଘଟଣାକୁ ନେଇ ପିଣ୍ଟୁଙ୍କ ସମର୍ଥକମାନେ ସେହି ରାତିରେ ଥାନା ଘେରାଉ କରିଥିଲେ । ଏହା ପରଦିନ ଅର୍ଥାତ ୧୪ ତାରିଖରେ ପୋଲିସ ପିଣ୍ଟୁଙ୍କୁ ମାମଲା ନଂ ୧୩୦/୨୪ ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତାଙ୍କୁ ବ୍ରହ୍ମପୁର ଏସଡିଜେଏମଙ୍କ କୋର୍ଟରେ ହାଜର କରାଯିବା ସହ ତାଙ୍କ ଓକିଲ ଜାମିନ ଆବେଦନ କରିଥିଲେ । ହେଲେ ଏସଡିଜେଏମ କୋର୍ଟରେ ପିଣ୍ଟୁଙ୍କ ଜାମିନ ଖାରଜ ହେବା ପରେ ତାଙ୍କୁ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ପଠାଯାଇଥିଲା । ଏହାପରେ ପିଣ୍ଟୁଙ୍କ ଓକିଲ ତାଙ୍କ ଜାମିନ ପାଇଁ ଗଞ୍ଜାମ ଜିଲ୍ଲା ଓ ଦୌରା ଜଜଙ୍କ କୋର୍ଟରେ ଜାମିନ ଆବେଦନ କରିଥିଲେ । ସେହି ଆବେଦନର ଶୁଣାଣି ପାଇଁ ସୋମବାର ଦିନ ଧାର୍ଯ୍ୟ ହୋଇଥିଲା । ପିଣ୍ଟୁଙ୍କ ପକ୍ଷରୁ ଆଇନଜୀବୀ କିଶୋର ମିଶ୍ର, କୈଳାସ ପଣ୍ଡା ଓ ସଞ୍ଜିତ ପାଣିଗ୍ରାହୀ ମାମଲା ପରିଚାଳନା କରୁଥିବା ବେଳେ ପ୍ରଦୀପଙ୍କ ପକ୍ଷରୁ ପିତବାସ ପଣ୍ଡା, ଅସିତ ଶତପଥି ଓ ବିରଞ୍ଚି ମହାପାତ୍ର ମାମଲା ପରିଚାଳନା କରିଥିଲେ। ଜିଲା ଜଜ ଉଭୟ ପକ୍ଷର ଓକିଲଙ୍କ ଯୁକ୍ତି ଶୁଣିବା ପରେ ଶେଷରେ ପିଣ୍ଟୁଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଥିଲେ ।

**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ସିନିୟର ଡିଭିଜନାଲ ସିଗ୍ନାଲ ଆଣ୍ଡ ଟେଲିକମ୍ ଇଞ୍ଜିନିୟର/ଚକ୍ରଧରପୁର ନିମ୍ନଦର୍ଶିତ ଟେଣ୍ଡର ନଂ. ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି, ଯାହା ତା୧୦।୦୬।୨୦୨୪ରିଖ ୧୫.୦୦ ଘଟିକାରେ ଖୋଲିବା ପାଇଁ ଧାର୍ଯ୍ୟ ଅଟେ। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ କାର୍ଯ୍ୟର ନାମ** ନିମ୍ନ ଅନୁଯାୟୀ ହେବ: **୧. ଏସ୍‌ଟି-ସିକେପି-ଓଟି-୨୪-୨୫-୨୫।** ଚାଇଁବାସା-ସିଂହପୋଖରିଆ ସେକ୍ସନରେ ଇଣ୍ଟରଲକ୍‌ଡ ଏଲ୍.ସି. ଗେଟ୍ ନଂ. ଆର୍‌ବିକେ-୧୪ର ଅପସାରଣ ସଂକ୍ରାନ୍ତରେ ଇଆଇ/ପିଆଇରେ ପରିବର୍ତ୍ତନ/ସଂଶୋଧନ। **ଟେଣ୍ଡର ମୂଲ୍ୟ:** ₹୨୮,୦୨,୦୮୯.୩୬, **ଅମାନତ ରାଶି:** ₹୫୬,୧୦୦/-। **୨. ଏସ୍‌ଟି-ସିକେପି-ଓଟି-୨୪-୨୫-୨୬।** ସିନି-ମାହାଲିମାରୁପ ସେକ୍ସନରେ ଇଣ୍ଟରଲକ୍‌ଡ ଏଲ୍.ସି. ଗେଟ୍ ନଂ. ୧୫୯ର ଅପସାରଣ ସଂକ୍ରାନ୍ତରେ ଇଆଇ/ପିଆଇରେ ପରିବର୍ତ୍ତନ/ସଂଶୋଧନ। **ଟେଣ୍ଡର ମୂଲ୍ୟ:** ₹୨୮,୦୨,୦୮୯.୩୬, **ଅମାନତ ରାଶି:** ₹୫୬,୧୦୦/-। **୩. ଏସ୍‌ଟି-ସିକେପି-ଓଟି-୨୪-୨୫-୨୭।** ଚକ୍ରଧରପୁର ଡିଭିଜନରେ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡ଼ିକରେ ଆର୍ଥ ଲିକେଜ୍ ଡିଟେକ୍ଟର୍ସ (ଇଏଲ୍‌ଡିଏସ୍)ର ସ୍ଥାପନ। **ଟେଣ୍ଡର ମୂଲ୍ୟ:** ₹୬୩,୦୬,୬୧୦, **ଅମାନତ ରାଶି:** ₹୧,୨୬,୧୦୦/-। **୪. ଏସ୍‌ଟି-ସିକେପି-ଓଟି-୨୪-୨୫-୨୮।** ଦେଓଝର-ମୁର୍ଗାମହାଦେବ ରୋଡ୍ ଏବଂ ପଦାପାହାଡ଼-ଜାମକୁଣ୍ଡିଆ ସେକ୍ସନରେ ଏଲ୍‌ଏଚ୍‌ଏସ୍/ଆର୍‌ୟୁବିର ନିର୍ମାଣ ସଂକ୍ରାନ୍ତରେ ଏସ୍ ଆଣ୍ଡ ଟି କାର୍ଯ୍ୟ। **ଟେଣ୍ଡର ମୂଲ୍ୟ:** ₹୩୫,୧୬,୭୪୦.୮୦, **ଅମାନତ ରାଶି:** ₹୭୦,୩୦୦/-। **ସମାପ୍ତି ଅବଧି:** କ୍ର.ସଂ. ୧ରୁ ୩ ପ୍ରତ୍ୟେକ ପାଇଁ ୦୬ ମାସ ଏବଂ କ୍ର.ସଂ. ୪ ପାଇଁ ୧୨ ମାସ। ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡର ଫର୍ମଗୁଡ଼ିକ ବିନା ମୂଲ୍ୟରେ ଜାରି କରାଯିବ। (PR-164)

**ODISHA UNIVERSITY OF AGRICULTURE & TECHNOLOGY**
**BHUBANESWAR-751003**

No.ACD-I-ADM-13/2022/ 7277/ UAT Dt.18 May 2024

**POST GRADUATE ADMISSION NOTICE-2024-25**
**(For Master's & Doctoral Programme in Agriculture & Allied Subjects**

**No.CAD-123:**ON-LINE applications are invited from the eligible candidates for Admission into Master's and Doctoral Programme in Agriculture and Allied subjects for the Academic Session 2024-25.

Important events are given below:

| Programme | Date |
|---|---|
| Submission of online Application Form | 20.05.2024 to 18.06.2024 |
| Edit of application Form | Till last date of submission of application form |
| Last date of payment of Application fee (Rs.1500/-) | 19.06.2024 |
| Date of Entrance Examination for all Master's & Ph.D Programme except College of Veterinary Sc. & AH | 18.07.2024 |
| Date of Entrance Examination for M.V.Sc. & Ph.D in Veterinary Science | 20.10.2024 |

Candidates are informed to visit OUAT website www.ouat.ac.in and follow admission section or directly go to https://ouat-lokaseba-odisha.in for submission of application. For detail information go through the Prospectus for Post Graduate Course Programme- 2024-25 available on OUAT website www.ouat.ac.in.
HELPLINE TOLL NUMBER AND E-MAIL ID FOR SUBMISSION OF APPLICATION AND ADMISSION
To be contacted only during office hours (10.00 am to 5.00 pm) on working days only

- Help line number - 9938838538
- Asst. Registrar (Acd.) - 0674-2397970 (Extn:111/128)
- Help desk e-mail ID - ouat.helpline@gmail.com

**Sd./- REGISTRAR**
**OIPR-01036/11/0001/2425**

## ବଜ୍ରପାତରେ ମହିଳା ମୃତ, ଗଛ ପଡ଼ି ରାସ୍ତା ଅବରୋଧ



ଗଛପଡ଼ି ଭଞ୍ଜନଗର ବେଲଗୁଣ୍ଠା ମୁଖ୍ୟ ରାସ୍ତା ବନ୍ଦ।

ଭଞ୍ଜନଗର,୨୦।୫(ବାବୁଲା ପ୍ରଧାନ)

ଭଞ୍ଜନଗରରେ ସୋମବାର ଅପରାହ୍ନରେ ଝଡ଼ ତୋଫାନ, ପ୍ରବଳ ବର୍ଷା ସହ ବଜ୍ରପାତ ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଲେରୀ ଫାଣ୍ଡି ଅନ୍ତର୍ଗତ ଗୁଣ୍ଡୁରୀବାଡ଼ି ଗ୍ରାମର ବିଷ୍ଣୁ ନାଇକ।

ମହିଳା ଜଣଙ୍କ ବର୍ଷା ସମୟରେ ଆମ୍ବ ଗୋଟାଇବାକୁ ଯାଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲ ପଠାଇଛି। ଅନ୍ୟପଟେ ଝଡ଼ ତୋଫାନ ଯୋଗୁ ଅନେକ ସ୍ଥାନରେ ରାସ୍ତା ଉପରେ ଗଛ ଉପୁଡ଼ି ପଡ଼ିଥିବା ବେଳେ ଅନେକ ସ୍ଥାନରେ ଯାତାୟାତରେ ବାଧା ଦେଖାଦେଇଛି। ଭଞ୍ଜନଗର ବେଲଗୁଣ୍ଠା ମୁଖ୍ୟ ରାସ୍ତାର ଜାମପଲ୍ଲୀ ନିକଟରେ ଏକ ବିରାଟ ଗଛ ପଡ଼ି ଯାଇଥିଲା। ଫଳରେ ଉକ୍ତ ରାସ୍ତାରେ ଯାନବାହାନ ଚଳାଚଳ କିଛି ଘଣ୍ଟା ପାଇଁ ବନ୍ଦ ରହିଥିଲା। ଏହାପରେ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଗଛକୁ କାଟି ରାସ୍ତା ସଫା କରିଥିଲେ। ସେହିଭଳି ଝଡ଼ ତୋଫାନ ଯୋଗୁ ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇଛି। ଫଳରେ ବିଦ୍ୟୁତ୍ ସେବା ବ୍ୟାହତ ହୋଇଛି। ଖବର ଲେଖା ହେବା ସୁଦ୍ଧା ବହୁ ଗ୍ରାମ ଅନ୍ଧାରରେ ଅଛି। ଏଥିସହ ଅନେକ ଚାଲଚପର ଘର ତୋଫାନ ଯୋଗୁ କ୍ଷତିଗ୍ରସ୍ତ ହୋଇଛି।

## ଭୋଟଗ୍ରହଣ କେନ୍ଦ୍ର: ଅଜଣା ଯୁବକଙ୍କୁ ଛେଚିଲେ ଗ୍ରାମବାସୀ

ଦିଗପହଣ୍ଡି/ପାଟପୁର, ୨୦।୫(ଅଶେଷ ନାଥ ମିଶ୍ର/ସିମାଞ୍ଚଳ ସାହୁ)

ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ସୋମବାର ନିର୍ବାଚନ ଚାଲିଥିଲା ବେଳେ ଅନ୍ୟ ନିର୍ବାଚନ ମଣ୍ଡଳୀର ଅଜଣା ଯୁବକମାନେ ପଇଁତରା ମାରିବା ମହଙ୍ଗା ପଡ଼ିଛି। ସାନଖେମୁଣ୍ଡି ବ୍ଲକ କଙ୍କୋରଡା ପଞ୍ଚାୟତ ଗମ୍ଭାରୀଗୁଡା ଗ୍ରାମ ଏବଂ ଏସ .ଗୋପାଳପୁର ପଞ୍ଚାୟତ ହରିଚନ୍ଦନପୁର ଗ୍ରାମରେ ଭୋଟ ଗ୍ରହଣ ଚାଲିଥିବା ବେଳେ କିଛି ଅଜଣା ଯୁବକଙ୍କୁ ଦେଖି ସ୍ଥାନୀୟ ଗ୍ରାମବାସୀଙ୍କ ସନ୍ଦେହ ବଢ଼ିଥିଲା। ପରେ ସେହି ଯୁବକମାନଙ୍କୁ କାବୁ କରି ପଚାରିବା ବେଳେ ସେମାନଙ୍କ ଉତ୍ତର ସନ୍ଦେହ ସୃଷ୍ଟି କରିଥିଲା। ତେବେ ଏହି ଯୁବକମାନଙ୍କୁ କିଏ ପଠାଇଛି ସ୍ଥାନୀୟ ଲୋକମାନେ ପଚାରି କୌଣସି ସନ୍ତୋଷଜନକ ଉତ୍ତର ନପାଇବାରୁ ସେମାନଙ୍କୁ ମାଡ଼ ମାରି ପୋଲିସକୁ ହସ୍ତାନ୍ତର କରିଥିଲେ। ଏହି ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରଲ ହେଉଛି।

**Tender Notice**

**BAIF Institute for Sustainable Livelihoods and Development**
Invites sealed quotations from reputed vendors : 1) Supply of Liquid Nitrogen (LN2) at Sambalpur, Odisha. 2) Vehicle hiring for Liquid Nitrogen (LN2) and input supply.
**Refer www.baif.org.in & www.baifodisha.org for details**
**Plot No. 1565/2682, At Bhatra, PO. Dhanupali, Sambalpur Odisha-768005, Ph 7894418530**

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧ଡି, ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଇଆଇଟି ଭୁବନେଶ୍ୱର ଅରଗୁଳ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଇଆଇଟି ଭୁବନେଶ୍ୱର ଅରଗୁଳ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଆଇଆଇଟି ଭୁବନେଶ୍ୱର ଅରଗୁଳ ଶାଖା/ ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ଦାତାତ୍ରୟ ଜେନା,** ପିତା: ଭାସ୍କର ଜେନା, ସା: ଯମୁନା, ପୋ: ଅରଗୁଳ, ଭାୟା: ଜଟଣୀ, ଖୋର୍ଦ୍ଧା, ଓଡ଼ିଶା-୭୫୨୦୫୦ | ଟ.୧୬,୫୯,୩୦୪/- + ସେବାବଦ ସୁଧ ଏବଂ ଖର୍ଚ୍ଚ | ୨୪.୦୧.୨୦୨୪ / ୧୬.୦୫.୨୦୨୪ | **ଶ୍ରୀ ଦାତାତ୍ରୟ ଜେନା**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୨୭୩, ଖାତା ନଂ.: ୬୨୯/୬୭୪, କ୍ଷେତ୍ର: ଏକର୦.୧୧୦ ଡିସିମିଲି, କିସମ: ଘରବାରୀ, ଅନୁରୂପ ହାଲ୍ ଖାତା ନଂ.: ୩୧୭, ଜିଲ୍ଲା: ପୁରୀ, ତହସିଲ/ଏସ୍ଆରଓ: |

ଡେଲାଙ୍ଗ, ଥାନା: ଡେଲାଙ୍ଗ, ମୌଜା: ଯମୁନା ଝାରପଡା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୩୨୯, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୧୨୭୨, ପଶ୍ଚିମ: ପ୍ଲଟ୍ ନଂ.: ୧୨୭୪

ସ୍ଥାନ : ଭୁବନେଶ୍ୱର, ତାରିଖ : ୨୧.୦୫.୨୦୨୪ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

**DIRECTORATE OF MEDICAL EDUCATION & TRAINING, ODISHA**
NO 519// BBSR, Date 18.05.2024

**ADMISSION FOR ANM,GNM, BASIC B.SC, P.B.B.SC, M.SC&P.B.DIPLOMA NURSING COURSES- 2024-25**

NO.E-19:- Online Applications are invited from the eligible candidates for admission to ANM, GNM, BASIC B.Sc, P.B.B.Sc, M.Sc & P.B.Diploma Nursing courses in all the ONMRC(Odisha Nurses & Midwives Registration Council) recognised Government and Private Nursing Institutions of the state for the academic session 2024-25. Intending candidates must submit their online application from dt.22.05.2024 to dt. 19.06.2024 by 11:59P.M. by paying Application fee amounting **Rs. 300/- (Rupees Three Hundred only) for ANM course, Rs. 500/- (Rupees Five Hundred only) for GNM course & Rs. 1000/- (Rupees One Thousand only) for Basic B.Sc, P.B.B.Sc, M.Sc & P.B.Diploma Nursing course** excluding bank charges (to be borne by the applicants themselves) as applicable through Net Banking/ Card payments/ Other payment modes (UPI).For details go through the prospectus. The prospectus will be available in the website www.dmetodisha.gov.in and https://dohodisha.nic.in from dt. 22.05.2024.

**ADMISSION CALENDAR FOR ANM, GNM, BASIC B.SC, P.B.B.SC, M.SC & P.B.DIPLOMA NURSING COURSES FOR THE ACADEMIC SESSION 2024-25**

| Counseling & Admission Process | P.B. Diploma /M.Sc. / Post Basic B.Sc. Nursing | Basic B.Sc. Nursing | GNM/ANM |
|---|---|---|---|
| Availability of Prospectus in official website: www.dmetodisha.gov.in dohodisha.nic.in | 22.05.2024 | 22.05.2024 | 22.05.2024 |
| Availability of Online Application form & payment of Application fee in official website: dohodisha.nic.in | 22.05.2024 5:00 P.M. | 22.05.2024 5:00 P.M. | 22.05.2024 5:00 P.M. |
| Last date of online registration form | 17.06.2024 11:59 P.M. | 17.06.2024 11:59 P.M. | 17.06.2024 11:59 P.M. |
| Last date for submission of online application form & Application fee | 19.06.2024 11:59 P.M. | 19.06.2024 11:59 P.M. | 19.06.2024 11:59 P.M. |

OIPR-10016/11/0001/2425 — **Sd./- DMET, Odisha, Chairman, SNSC**

**ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା**
**ଭୁବନେଶ୍ୱର-୭୫୧୦୦୭**

**ନାମଲେଖା ବିଜ୍ଞାପନ**

No.PP-02:ବୟନ ବୈଷୟିକ ଅନୁଷ୍ଠାନ (Institute of Textile Technology), ଚୌଦ୍ୱାର, କଟକରେ ବୟନ ବୈଷୟିକ ଡିପ୍ଲୋମା (Diploma in Textile Technology) ପାଠ୍ୟକ୍ରମ ୨୦୨୪-୨୫ ଶିକ୍ଷାବର୍ଷରେ ନାମଲେଖା ପାଇଁ ୫ (ପାଞ୍ଚ) ଗୋଟି ସିଟ୍ ନିମନ୍ତେ ଆଗ୍ରହୀ ବୁଣାକାର ସମ୍ପ୍ରଦାୟର ଯୋଗ୍ୟ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ମାଧ୍ୟମିକ ଶିକ୍ଷା ବୋର୍ଡ (BSE), ଓଡ଼ିଶା ଦ୍ୱାରା ପରିଚାଳିତ ହାଇସ୍କୁଲ ସାର୍ଟିଫିକେଟ (HSC) ପରୀକ୍ଷା କିମ୍ବା ମାଧ୍ୟମିକ ଶିକ୍ଷା ବୋର୍ଡ, ଓଡ଼ିଶା ଦ୍ୱାରା ସମାନ ଘୋଷିତ ଦଶମ ମାନକ ପରୀକ୍ଷା (10th Standard) ରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କ ବୟସ ତା.୦୧.୦୭.୨୦୨୪ ରିଖ ସୁଦ୍ଧା ୧୪ ବର୍ଷରୁ କମ୍ ହୋଇ ନ ଥିବ ।

ଉପରୋକ୍ତ ଯୋଗ୍ୟତା ଥିବା ଆଗ୍ରହୀ ପ୍ରାର୍ଥୀ/ପ୍ରାର୍ଥିନୀ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିପାରିବେ । ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇଥିବା ଆବେଦନ ପତ୍ରକୁ ମୁଦା ଲଫାପା ଉପରେ "APPLICATION FOR ADMISSION IN ITT, CHOUDWAR-2024-25" ଲେଖାଥାଇ ତା.୨୦.୦୬.୨୦୨୪ ରିଖ ସନ୍ଧ୍ୟା ୫.୦୦ ଟା ସୁଦ୍ଧା ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା, ସତ୍ୟନଗର, ଭୁବନେଶ୍ୱର-୭୫୧୦୦୭ରେ ପହଞ୍ଚିବା ଆବଶ୍ୟକ । ଆବେଦନ ଫର୍ମ https://www.textiles.odisha.gov.in ରେ ଉପଲବ୍ଧ । ଅସମ୍ପୂର୍ଣ୍ଣ ଏବଂ ବିଳମ୍ବରେ ପହଞ୍ଚିଥିବା ଦରଖାସ୍ତ କୌଣସି ମତେ ବିଚାରକୁ ନିଆଯିବ ନାହିଁ ।

ସ୍ୱା./- ସ୍ୱତନ୍ତ୍ର ଅଧିକାରୀ
ବୟନଶିଳ୍ପ ନିର୍ଦ୍ଦେଶାଳୟ, ଓଡ଼ିଶା

OIPR-31003/11/0005/2425

**TP SOUTHERN ODISHA DISTRIBUTION LIMITED** TPSODL
(Procurement Department)

BPR North Star Building,
2nd Floor, Khodasingi, Berhampur, Odisha-760010

**NOTICE INVITING TENDER** Dt.: 21.05.2024

**TP Southern Odisha Distribution Ltd.** invites tender from eligible vendors for following:

| Sl. No. | Tender Description | NIT Number | EMD (Rs.) | Tender Fee inclusive of GST (Rs.) | Last date and time of Payment of Tender Fee |
|---|---|---|---|---|---|
| 1 | PO for providing 40 KW load three phase power supply to the proposed Gail India Limited site at Manitara Village Buguda , Ganjam,under Buguda Electrical | TPSODL/OT/ 2024-25/012 | 50,000 | 5,000 | 01.06.2024; 18:00 Hrs. |
| 2 | Rate contract for construction of precast prestressed concrete compound wall in key areas across all six circles of TPSODL. | TPSODL/OT/ 2024-25/013 | 50,000 | 5,000 | 01.06.2024; 18:00 Hrs. |
| 3 | RC for Construction of 11KV UG Line and LT OH Line & Shifting of S/S for Eco-Retreat event at Pati-Sonepur Beach. | TPSODL/OT/ 2024-25/015 | 2,00,000 | 5,000 | 03.06.2024; 18:00 Hrs. |

For detailed tender, please visit Tender Section on TPSODL website **https://www.tpsouthernodisha.com**

## ସଂକ୍ଷେପରେ

### ଦୁର୍ଘଟଣାରେ ପୂର୍ବତନ ସେନା କର୍ମଚାରୀ ମୃତ

ବ୍ରହ୍ମପୁର,୨୦।୫ (ସୁବାସ ଚନ୍ଦ୍ର ପାଢ଼ୀ):

ଜାତୀୟ ରାଜପଥରେ ସ୍କୁଟି ଚଳାଇ ଯାଉଥିବା ବେଳେ ଏକ ଡିଭାଇଡରକୁ ପିଟିହୋଇ ଜଣେ ପୂର୍ବତନ ସେନା କର୍ମଚାରୀଙ୍କୁ ମୃତ୍ୟୁ ହୋଇଯାଇଛି। ସେ ହେଲେ ଗୋଳନ୍ଥରା ଥାନା ଅନ୍ତର୍ଗତ ବାଘଲଟି ପଞ୍ଚାୟତ କୁଶପୁର ଗ୍ରାମର ସଞ୍ଜୟ କୁମାର ନାହାକ(୪୨)। ଟ୍ରାଫିକ ପୋଲିସ ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ରବିବାର ସନ୍ଧ୍ୟାରେ ସଞ୍ଜୟ ନିଜ ସ୍କୁଟି ଯୋଗେ ଜାତୀୟ ରାଜପଥରେ ବ୍ରହ୍ମପୁର ଆସୁଥିଲେ। ଅସାବଧାନତା ଯୋଗୁଁ ଖଜୁରିଆ ଓଭରବ୍ରିଜ ଠାରେ ଥିବା ଡିଭାଇଡର ସହ ତାଙ୍କର ଗାଡି ଧକ୍କା ହୋଇଯାଇଥିଲା। ଯାହାଫଳରେ ସେ ରାପଥରେ ଛିଟିକି ପଡିଥିଲେ । ତାଙ୍କ ମୁଣ୍ଡରେ କ୍ଷତ ସୃଷ୍ଟି ହୋଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### କାଳବୈଶାଖୀ ପ୍ରଭାବରେ ଗଛ ପଡ଼ି ଘର ଭାଙ୍ଗିଲା

ରାଇକିଆ,୨୦।୫(ପ୍ରଦୀପ ବେହେରା)– ରାଇକିଆ କାଲୁମାହା ଗ୍ରାମରେ ସୋମବାର କାଳବୈଶାଖୀ ପ୍ରଭାବରେ ବିରାଟ ଗଛ ପଡ଼ି ଜଣେ ମହିଳାଙ୍କ ଘର କ୍ଷତିଗ୍ରସ୍ତ ହୋଇଛି। ଅପରାହ୍ନରେ ହଠାତ୍ ରାଇକିଆ ଅଞ୍ଚଳରେ ପ୍ରବଳ ବର୍ଷା, ଘଡଘଡି ଯୋଗୁ ବିରାଟ ବଡ଼ ନିମ୍ବ ଗଛ ରୋଷେଇ ଅଜବେଷ୍ଟ ଘର ଉପରେ ପଡିଯାଇଥିଲା। ଫଳରେ ଆଜବେଷ୍ଟ ଭାଙ୍ଗି ଚୁରୁମାର ହୋଇଯାଇଥିଲା ଏବଂ ଘରର ଆସବାବପତ୍ର ସବୁ ନଷ୍ଟ ହୋଇଯାଇଛି। ଏହି ସମୟରେ ଅନ୍ୟ ଏକ ଘରେ ମା ରସମେରୀ ମାଝୀ ଓ ତାଙ୍କ ପୁଅ ବୁନୁ ଯାଇ ଭୟରେ ରହିଥିଲେ।

# ‘ପ୍ରଥମଥର ମତଦାନ କରି ଗର୍ବିତ’

ପୁରୁଷୋତ୍ତମପୁର,୨୦।୫(ସିମାଞ୍ଚଳ ମିଶ୍ର)–ଗଞ୍ଜାମ ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ହୋଇଛି। ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପୁରୁଷୋତ୍ତମପୁର ବ୍ଲକରେ ଥିବା ୧୪୭ଟି ବୁଥରେ ଭୋଟରମାନେ ଭୋଟ ଦେଇଛନ୍ତି। ପ୍ରଥମଥର ଲାଗି ବହୁ ଯୁବ ଭୋଟର ମତଦାନ କେନ୍ଦ୍ରକୁ ଯାଇ ନିଜ ମତ ସାବ୍ୟସ୍ତ କରି ଉତ୍ସାହିତ ହୋଇଛନ୍ତି। ଏଭଳି ଥିଲା କେତେଜଣ ନୂଆ ଭୋଟରଙ୍କ ପ୍ରତିକ୍ରିୟା ...


ବିଷ୍ଣୁପ୍ରିୟା ପଣ୍ଡା


ନିବେଦିତା ପଣ୍ଡା


ଭବାନି ପଣ୍ଡା


ଅର୍ଚ୍ଚନା ସାବତ

**ବିଷ୍ଣୁପ୍ରିୟା ପଣ୍ଡା:** ପ୍ରଥମଥର ଭୋଟଦେଇ ମୁଁ ଜଣେ ଭାରତୀୟ ନାଗରିକ ଭାବେ ଗର୍ବ ଅନୁଭବ କରୁଛି। ଭୋଟ କ'ଣ ଓ ସରକାର କ'ଣ ଜାଣି ନଥିଲି। ଏଥର ଭୋଟଦେବାରୁ ସବୁ ଜାଣିଲି। ଭୋଟ ଦେବା ଦ୍ୱାରା ବହୁ ଖୁସି ଲାଗୁଛି।

**ନିବେଦିତା ପଣ୍ଡା:** ଭୋଟ ଦେବାକୁ ଆସିବା ବେଳେ ନର୍ଭସ ଲାଗୁଥିଲା। ମାତ୍ର ମତଦାନ କେନ୍ଦ୍ରକୁ ଆସିବା ପରେ କିଭଳି ଭୋଟ ଦେବି କର୍ମଚାରୀମାନେ ମୋତେ ଶିଖାଇଲେ। ମୁଁ ମୋର ପସନ୍ଦର ପ୍ରାର୍ଥୀଙ୍କୁ ଭୋଟ ଦେଲି। ଆଗାମୀ ପିଢ଼ିଙ୍କୁ ଭୋଟ ଦେବାକୁ ଉତ୍ସାହିତ କରିବି।

**ଭବାନୀ ପଣ୍ଡା :** ପ୍ରଥମ ଭୋଟଦେବା ପରେ ବହୁତ ଖୁସି ଲାଗୁଛି। ଯିଏ ଆମ ଅଞ୍ଚଳର ବିକାଶ କରିପାରିବ ଓ ଗରିବଙ୍କ ଦୁଃଖ ବୁଝିପାରିବ ସେଭଳି ପ୍ରାର୍ଥୀଙ୍କୁ ମୋର ମୂଲ୍ୟବାନ ଭୋଟ ଦେଇଛି।

**ଅର୍ଚ୍ଚନା ସାବତ:** ପ୍ରଥମକରି ମତ ସାବ୍ୟସ୍ତ କରି ଗର୍ବ ଅନୁଭବ କରୁଛି। ଯାହାକୁ ଭୋଟଦେଲି ସେ ହିଁ ବିଜୟୀ ହୁଅନ୍ତୁ ବୋଲି ଭାବିଛି। ସମସ୍ତଙ୍କ ଭୋଟଦେବାର ଅଧିକାର ରହିଛି। ଉପଯୁକ୍ତ ପ୍ରାର୍ଥୀ ଦେଖି ନିଜର ମୂଲ୍ୟବାନ ଭୋଟକୁ ଦେବାକୁ ଅନୁରୋଧ କରୁଛି।

# ଇଭିଏମ୍ ଅଚଳ:ବିଳମ୍ବରେ ହେଲା ମତଦାନ



ଖଜୁରିପଡ଼ା,୨୦।୫(ବିଦୁର ବେହେରା)

ଫୁଲବାଣୀ ବିଧାନସଭା ନିର୍ବାଚନୀ ମଣ୍ଡଳୀରେ ସୋମବାର ଦ୍ୱିତୀୟ ପର୍ଯ୍ୟାୟରେ ମତଦାନ ହୋଇଛି। ଏଥିପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଇଥିବା ବେଳେ କେତେକ ସ୍ଥାନରେ ଇଭିଏମ୍ ଅଚଳ ଥିବାରୁ ବିଳମ୍ବରେ ମତଦାନ ହୋଇଥିଲା। ସେଗୁଡ଼ିକ ହେଲା ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ପଞ୍ଚାୟତର ବଲସକୁମ୍ପା ବୁଥ୍ ଓ ଆଡାସିପଡା ପଞ୍ଚାୟତର ଆଡାସିପଡ଼ା ବୁଥ୍। ବଲସକୁମ୍ପା ବୁଥ୍‌ରେ ଆରମ୍ଭରୁ ଇଭିଏମ୍ ଅଚଳ ଥିବାରୁ ପ୍ରାୟ ୧ ଘଣ୍ଟା ବିଳମ୍ବରେ ମତଦାନ ହୋଇଥିଲା। ପରେ ବିଭାଗ ତରଫରୁ ଏହାକୁ ମରାମତି କରାଯାଇ ପୁନର୍ବାର କାର୍ଯ୍ୟକ୍ଷମ କରାଯାଇଥିଲା। ସେହିପରି ଦୂତିପଡ଼ା ପଞ୍ଚାୟତର ରାଇଖୋଲର ବୁଥ୍ ନଂ. ୧୮୦ରେ ମତଦାନ ଚାଲିଥିବା ବେଳେ ଅପରାହ୍ନ ୫ଟାରେ ଇଭିଏମ୍ ଅଚଳ ହୋଇଯିବାରୁ କିଛି ସମୟ ମତଦାନ ବନ୍ଦ ରହିଥିଲା। ଖବର ପାଇ ପ୍ରଶାସନ ଉକ୍ତ ବୁଥ୍‌କୁ ଆସି ନୂଆ ଇଭିଏମ୍ ଲଗାଇବା ପରେ ପୁନର୍ବାର ମତଦାନ ହୋଇଥିଲା। ବଲସକୁମ୍ପା ପଞ୍ଚାୟତ ଅଧୀନରେ ଥିବା ବୁଥ୍‌ଗୁଡ଼ିକ ହେଲା ନବଗୁବା, ବାରିକୁମ୍ପା, କ୍ଷେତାପାଜୁ ଏବଂ ବଲସକୁମ୍ପାଠାରେ ଅବ୍ୟବସ୍ଥା ହୋଇଥିବା ଦେଖିବାକୁ ମିଳିଥିଲା। ଭୋଟରମାନେ ଖରାରେ, ବର୍ଷାରେ ଛିଡ଼ାହୋଇ ମତଦାନ କରିଛନ୍ତି। ଏମିତିକି ପିଇବା ପାଣିର ମଧ୍ୟ ସୁବ୍ୟବସ୍ଥା ହୋଇ ନ ଥିବା ଭୋଟରମାନେ ଅଭିଯୋଗ କରିଛନ୍ତି। ସେହିପରି ଦଳପଡ଼ା ପଞ୍ଚାୟତରେ ସମୟ ପୂର୍ବରୁ ବୁଥ୍ ଫାଟକ ବନ୍ଦ କରି ଦେବାରୁ ଭୋଟରମାନେ କ୍ଷୋଭ ପ୍ରକାଶ କରିବା ସହିତ ଭୋଟ ଦେଇ ପାରି ନ ଥିବା ସୂଚନା ମିଳିଛି। ସେହିପରି ନବଗୁବା ବୁଥ୍‌ରେ ମଧ୍ୟ ଭୋଟରମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପୋଲିସ ପ୍ରଶାସନ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା।

# ଜି ଉଦୟଗିରି ବିଧାନସଭା: ସନ୍ଧ୍ୟା ସୁଦ୍ଧା ୫୯% ମତଦାନ

## ଜି ଉଦୟଗିରି ବ୍ଲକ, ଏନ୍ଏସିରେ ୬୪.୯୬%ମତଦାନ

ଜି.ଉଦୟଗିରି/ଦାରିଙ୍ଗବାଡି,୨୦।୫
(ଶିଶିର ପଟ୍ଟନାୟକ ଓ ଅରୁଣ କୁମାର ସାହୁ)

ଜି.ଉଦୟଗିରି ବିଧାନସଭା କ୍ଷେତ୍ରରେ ସନ୍ଧ୍ୟା ୬ଟା ସୁଦ୍ଧା ୫୯% ମତଦାନ ହୋଇଛି। ଅନେକ ବୁଥରୁ ସୂଚନା ଆସିନଥିବା ଯୋଗୁ ଠିକ ତଥ୍ୟ ଜଣାପଡ଼ି ନାହିଁ। ଦାରିଙ୍ଗବାଡି ବ୍ଲକର ଦୁର୍ଗମ ଅଞ୍ଚଳରେ ଥିବା ଅନେକ ବୁଥରୁ ଠିକ ତଥ୍ୟ ଆସିନଥିବା ଜାଣିବାକୁ ମିଳିଛି। ସମ୍ପୂର୍ଣ୍ଣ ତଥ୍ୟ ଆସିଲେ ଭୋଟର ହାର ଅଧିକ ହେବ ବୋଲି ଜାଣିବାକୁ ମିଳିଛି। ସୂଚନା ପ୍ରକାରେ ଜି.ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୨୦୮୧୮୩ ଜଣ ମତଦାତା ଅଛନ୍ତି। ଜି.ଉଦୟଗିରି ବ୍ଲକ ଓ ଏନ୍ଏସିର ଥିବା ୩୭୫୦୯ ଜଣ ମତଦାତାଙ୍କ ମଧ୍ୟରୁ ୨୪୩୨୯ ଜଣ ମତଦାନ କରିଛନ୍ତି। ଜି.ଉଦୟଗିରି ବ୍ଲକ ଓ ଏନ୍ଏସିର ମତଦାନ କେନ୍ଦ୍ର ରେ ୬୪.୯୬% ମତଦାନ ହୋଇଛି। ଦାରିଙ୍ଗବାଡି ବ୍ଲକର କିଛି ସ୍ଥାନରେ ବର୍ଷା ଯୋଗୁ ବିଦ୍ୟୁତ୍ ବିଭ୍ରାଟ ହେବା ଫଳରେ ଭୋଟ ଦାନରେ ବିଳମ୍ବ ଘଟିଥିବା ଜଣାପଡ଼ିଛି।


ଭୋଟଦେବାକୁ ମତଦାତାମାନେ ଧାଡିରେ ଛିଡା ହୋଇଛନ୍ତି ।

# ଭୋଟ ବର୍ଜନ କଲେ ୫ ଗ୍ରାମବାସୀ

ଫିରିଙ୍ଗିଆ,୨୦।୫(ବିକ୍ରମ ଦିଗାଲ)

ରାସ୍ତା ପକ୍କା ନ ହେବା ଅଭିଯୋଗରେ ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡୁପଦର, ଦଣି, ଟାଲୁପଦର, ସିନ୍ଧୁପଦର ଓ ବାତଡ଼ିପାଙ୍ଗାର ୪ଶହରୁ ଊର୍ଦ୍ଧ୍ୱ ଭୋଟର ଭୋଟ ବର୍ଜନ କରିଛନ୍ତି। ଉକ୍ତ ଗ୍ରାମବାସୀ ମାଟିରାସ୍ତାକୁ ପିଚୁରାସ୍ତା କରିବା ପାଇଁ ବହୁତ ଦିନରୁ ସରକାରଙ୍କ ପାଖରେ ଦାବି କରିଥିଲେ ସୁଦ୍ଧା ସେମାନଙ୍କ ସମସ୍ୟାର ସମାଧାନ ହୋଇନଥିଲା। ଏଥିପାଇଁ ଉକ୍ତ ୫ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ରାସ୍ତାରେ ବସି ଭୋଟ ବର୍ଜନ କରିଥିଲେ। କିନ୍ତୁ କୌଣସି ପ୍ରଶାସନିକ ଅଧିକାରୀ ବୁଝେଇବା ପାଇ ଉକ୍ତ ଗାଁକୁ ପହଞ୍ଚି ନଥିଲେ।

# ବେଲଗୁଣ୍ଠାରେ ମତଦାନ ଶାନ୍ତିପୂର୍ଣ୍ଣ



ବେଲଗୁଣ୍ଠା,୨୦।୫
( କୃଷ୍ଣ ଚନ୍ଦ୍ର ପଟ୍ଟନାୟକ):

ବେଲଗୁଣ୍ଠା ବ୍ଲକ ଓ ଏନ୍ଏସିରେ ଭୋଟଗ୍ରହଣ ଶାନ୍ତିଶୃଙ୍ଖଳାର ସହିତ ସମାପନ ହୋଇଛି । ମତଦାନ ଆରମ୍ଭ ବେଳେ କାଁଭାଁ ହୋହାଲ୍ଲା ହୋଇଥିଲା। କିଛି ବୁଥ୍‌ରେ ଇଭିଏମ୍ ମେଶିନ୍‌ରେ ତ୍ରୁଟି ପାଇଁ ମତଦାନରେ ଦେଢ଼ ଘଣ୍ଟାରୁ ୨ ଘଣ୍ଟା ବ୍ୟାଘାତ ସୃଷ୍ଟି ହୋଇଥିଲା। ପରେ ମେଶିନ୍ ବଦଳାଇଲା ପରେ ଭୋଟଗ୍ରହଣ କରାଯାଇଥିଲା। ବିଳମ୍ବ ହୋଇଥିବା ବୁଥ୍ ତଥା ବେଲଗୁଣ୍ଠା ବାଲିଡି ପ୍ରାଥମିକ ବିଦ୍ୟାଳୟରେ ୯୨ ନଂ. ଓ ବଡପଡା ପଞ୍ଚାୟତ କୁଶପଲୀ ର ୬୧ ନମ୍ବର ବୁଥ୍ ଗୁଡିକରେ ରାତି ସାଢ଼େ ୮ଟା ପର୍ଯ୍ୟନ୍ତ ଭୋଟଗ୍ରହଣ ହୋଇଥିବା ଜଣାପଡିଛି । ଭିନ୍ନକ୍ଷମ, ଅସୁସ୍ଥ ଓ ବରିଷ୍ଠ ନାଗରିକଙ୍କ ପାଇଁ ପ୍ରଶାସନ ତରଫରୁ ହୁଇଲଚେୟାର ହୋଇଥିବା ବେଳେ ଗ୍ଲୁକୋଜ ପାଣି ଦେବା ବ୍ୟବସ୍ଥା ହୋଇଥିଲା। ବେଲଗୁଣ୍ଠା ଥାନାଧିକାରୀ ବନବିହାରୀ ପ୍ରଧାନଙ୍କ ନେତୃତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ବ୍ୟାପକ ପୋଲିସ ମୁତୟନ ହୋଇଥିବା ବେଳେ ପ୍ରତି ବୁଥ୍‌ରେ ୪ ଜଣ ଲେଖାଏ ବିଏସ୍ଏଫ୍ ଓ ତ୍ରିପୁରା ସ୍ପେଶାଲ୍ ଆର୍ମଡ୍ ପୋଲିସ ମୁତୟନ କରାଯାଇଥିବା ଥାନାଧିକାରୀ ବନବିହାରୀ ପ୍ରଧାନ ପ୍ରକାଶ କରିଛନ୍ତି।

# ଧରାକୋଟ ବ୍ଲକରେ ୬୨ ପ୍ରତିଶତ ମତଦାନ

ଧରାକୋଟ,୨୦।୫
(ବିଷ୍ଣୁ କେଶରୀ ଆଚାର୍ଯ୍ୟ):

ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ୧,୩୪,୯୭୧ ଜଣ ମତଦାନ ସାବ୍ୟସ୍ତ କରିଛନ୍ତି। ପୁରୁଷଙ୍କ ତୁଳନାରେ ଅଧିକ ସଂଖ୍ୟାରେ ମହିଳା ଭୋଟର ମତଦାନ କରିଥିବା ଦେଖିବାକୁ ମିଳିଛି। ମତଦାନ ବେଳେ କିଛି କେନ୍ଦ୍ରରେ ଇଭିଏମ ସମସ୍ୟା ଯୋଗୁଁ ମତଦାନ ପ୍ରକ୍ରିୟା ବିଳମ୍ବ ହୋଇଥିବା ବେଳେ ପ୍ରଶାସନର ସଠିକ ହସ୍ତକ୍ଷେପ ଯୋଗୁଁ ଲୋକେ ସୁରୁଖୁରୁରେ ମତଦାନ କରିଥିଲେ। ଧରାକୋଟ ବ୍ଲକର ୨୧ ନମ୍ବର ବୁଥ କୁଶଗୁମାରେ ଏଜେଣ୍ଟ ବସିବା ନେଇ ଉପୁଜିଥିବା ସମସ୍ୟାର ସମାଧାନ ହେବା ପରେ ମତଦାନ ବିଳମ୍ବରେ ଆରମ୍ଭ ହୋଇଥିଲା। ବ୍ଲକ ପ୍ରଶାସନର ସମୟୋଚିତ ପଦକ୍ଷେପ ଯୋଗୁଁ ସମସ୍ତ ୧୧୦ ଗୋଟି ବୁଥରେ ମତଦାନ ଶାନ୍ତି ଶୃଙ୍ଖଳାର ସହ ସମାପନ ହୋଇଛ।

# ଜଗନ୍ନାଥ ପ୍ରସାଦ ବ୍ଲକରେ ମତଦାନ ହାର ୬୩%

ଜଗନ୍ନାଥପ୍ରସାଦ,୨୦।୫
(ବିଭୂ ପ୍ରସାଦ ପଟ୍ଟନାୟକ):

ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ଜଗନ୍ନାଥ ପ୍ରସାଦ ବ୍ଲକରେ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ସରିଛି। ବ୍ଲକର ୨୫ ପଞ୍ଚାୟତରେ ମୋଟ ୧ ଲକ୍ଷ ୯ ହଜାର ୭୦୮ ଭୋଟରଙ୍କ ନିମନ୍ତେ ୧୨୩ଟି ମତଦାନ କେନ୍ଦ୍ର ହୋଇଥିଲା। ମିଳିଥିବା ସୂଚନା ଅନୁସାରେ ଭୋଟ ଶେଷ ସୁଦ୍ଧା ୬୨% ମତଦାନ ହୋଇଛି। ତେବେ ଏକ ସମ୍ବେଦନ ଘଟଣାକ୍ରମେ କ୍ଷେତମୁଣ୍ଡାଳି ପଞ୍ଚାୟତର ବନ୍ତା ଦଳିତ ସାହିର ୧୦ ନମ୍ବର ୱାର୍ଡର ୱାର୍ଡମେମ୍ବର ସୁକାନ୍ତି ନାଇକଙ୍କ ଭୋଟର ଲିଷ୍ଟର ନାମ ନ ଥିବା କରଣରୁ ସେ ମତଦାନରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ସେଠାରେ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା । ସମିତିସଭ୍ୟ ନୀଳାଞ୍ଚଳ ଖିଲାର ଏନେଇ ରାଜ୍ୟ ସରକାରଙ୍କ ସହିତ ନିର୍ବାଚନ ଦାଇତ୍ୱରେ ଥିବା ବ୍ଲକ ପ୍ରଶାସନକୁ ତୀବ୍ର ନିନ୍ଦା କରିଛନ୍ତି । ଜାଣିଶୁଣି ତାଙ୍କୁ ଭୋଟଦାନରୁ ବଞ୍ଚିତ କରାଯାଇଥିବା ଅଭିଯୋଗ ଆଣିଛନ୍ତି ।



# ସାବୁଲିଆରେ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ଶେଷ



ଜଣେ ବୃଦ୍ଧଙ୍କୁ ଭୋଟଗ୍ରହଣ କେନ୍ଦ୍ରକୁ ନିଆଯାଉଛି ।

ରମ୍ଭା,୨୦।୫(ବନବାସୀ ସେଠୀ)

ଆସିକା ଏମ୍ପି ତଥା ଖଲ୍ଲିକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସାଧାରଣ ନିର୍ବାଚନ ସୋମବାର ସାବୁଲିଆ ଗ୍ରାମ ପଞ୍ଚାୟତରେ ଶାନ୍ତି ଶୃଙ୍ଖଳାରେ ଅନୁଷ୍ଠିତ ହୋଇଯାଇଛି। ୫ ଗୋଟି ବୁଥରେ ୩୮୬୧ ଭୋଟର ମତଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ସମୟ ନିର୍ଘଣ୍ଟ ଯଥେଷ୍ଟ ହୋଇଥିବାରୁ ଭୋଟର ଅସହ୍ଯ ଖରାକୁ ଦେଖି ନିଜର ସମୟ ମୁତାବକ ନେଇ ମତଦାନ ଦେଇ ଫେରିଥିବା ଲକ୍ଷ୍ୟ କରାଯାଇଛି। ମହିଳା, ଭିନ୍ନକ୍ଷମ, ବୃଦ୍ଧ / ବୃଦ୍ଧା ମତଦାନରୁ କେହି ବିରତି ହୋଇ ନଥିବା ଅନୁମାନ କରାଯାଇଛି। ଏଥି ସହିତ ଦଳୀୟ ନେତାମାନେ ନିଜ ନିଜର ଭୋଟର ମାନଙ୍କୁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଦେଇ ମତଦାନ କେନ୍ଦ୍ରକୁ ଆଣିଥିବା ଜଣାପଡିଛି। ସାବୁଲିଆ ଗ୍ରାମପଞ୍ଚାୟତର ୫ ଗୋଟି ବୁଥ ମଧ୍ୟରୁ ୧୧୯ ନଂ ବୁଥ ଗୋଲା ଗଣ୍ଡାପଲ୍ଲୀରୁ ୯୯୫ ପୁଲିଂ ହୋଇଥିବା ବେଳେ ଷ୍ଟୁଡେନ୍ସ ନୋଡାଲ ହାଇସ୍କୁଲ ବୁଥ ନଂ –୧୨୩ରୁ ୬୭୯, ବୁଥ ନଂ– ୧୨୪ରୁ ୭୬୨ ଏବଂ ଉତ୍କଳମଣି ପ୍ରାଥମିକ ବିଦ୍ୟାଳୟ ବୁଥ ନଂ –୧୨୧ରୁ ୭୮୫, ବୁଥ ନଂ –୧୨୨ ରୁ ୬୪୦ ସର୍ବମୋଟ ୩୮୬୧ଗୋଟି ମତଦାନ ହୋଇଥିବା ନିର୍ବାଚନ ସେକ୍ଟର ଅଫିସର କିଶୋର ଚନ୍ଦ୍ର ଘାସିଙ୍କ ଠାରୁ ପ୍ରକାଶ। ଚଳିତ ନିର୍ବାଚନ ରାଜ୍ଯ ସରକାରଙ୍କ ପକ୍ଷରୁ ଭୋଟର ତଥା ଭିନ୍ନକ୍ଷମ ବୃଦ୍ଧ ବୃଦ୍ଧା ମାନଙ୍କୁ ଆନୁସଙ୍ଗିକ ଉପକରଣ ଯୋଗାଣ ହୋଇଥିଲେ ମଧ୍ଯ ଭିନ୍ନକ୍ଷମ ଭୋଟରଙ୍କୁ ଦୋଳାରେ ବୋହି ଆଣିବା ଏବଂ ମତଦାନ କରି ସ୍ୱ ଘରକୁ ଫେରିବା ଲକ୍ଷ୍ୟ କରାଯାଇଛି।

# ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ଶାନ୍ତିପୂର୍ଣ୍ଣ ମତଦାନ

ବାଲିଗୁଡା,୨୦।୫(ସଞ୍ଜୟ ପାଣିଗ୍ରାହି)

ବାଲିଗୁଡ଼ାରେ ନିର୍ବାଚନ ମଣ୍ଡଳୀରେ ସୋମବାର ଶାନ୍ତିପୁର୍ଣ୍ଣ ଭାବରେ ମତଦାନ ଶେଷ ହୋଇଛି। ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ୪ଟି ବ୍ଲକ ବାଲିଗୁଡା, ତୁମୁଡିବନ୍ଧ, କୋଟଗଡ ଓ କ.ନୂଆଗାଁ ବ୍ଲକ ସମେତ ବାଲିଗୁଡା ଏନ୍ଏସି ଯାଉଛି। ସନ୍ଧ୍ୟା ୫ଟା ସୁଦ୍ଧା ୬୦ଶତକଡା ମତଦାନ ହୋଇଥିବା ବେଳେ ଆହୁରି ଅନେକ ବୁଥ୍‌ରେ ଚାଲିଛି ମତଦାନ । ଏହି ନିର୍ବାଚନ ମଣ୍ଡଳିରେ ୧ଲକ୍ଷ ୬୫ ହଜାର ୪୧୨ଜଣ ଭୋଟର ରହିଛନ୍ତି। ଏଥି ମଧ୍ୟରେ ପୁରୁଷ ଭୋଟର ୭୯ ହଜାର ୨୫୫ ଜଣ ଥିବା ବେଳେ ମହିଳା ଭୋଟର ୮୬ ହଜାର ୧୩୫ ଜଣ ରହିଛନ୍ତି । ଇଭିଏମ ମେଶିନରେ ୫ଜଣ ବିଧାୟକ ପ୍ରାର୍ଥୀ ଓ କନ୍ଧମାଳ ଲୋକସଭା ୫ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ରହିଛି। ସକାଳ ୭ଟାରୁ ପ୍ରତ୍ୟେକ ବୁଥରେ ମତଦାନ ଆରମ୍ଭ ହୋଇଥିଲା। ବାଲିଗୁଡା ସୁନାପାଙ୍ଗା ସାହିର ୪୧ନଂ ବୁଥ, ଭଗାମୁଣ୍ଡା ବିଦ୍ୟାଳୟରେ ହୋଇଥିବା ବୁଥର ଇଭିଏମ୍ ମେଶିନ କିଛି ସମୟ ପାଇଁ ଅଚଳ ହୋଇଯାଇଥିଲା। କିନ୍ତୁ ଏହାକୁ ସଜାଡିବା ପରେ ଭୋଟର ନିଜର ମତଦାନ କରିଥିଲେ । ବାଲିଗୁଡା ବିଜେଡି ଦଳର ବିଧାୟକ ପ୍ରାର୍ଥୀ ଚକ୍ରମଣି କହଁର କ.ନୁଆଗାଁ ବ୍ଲକ ଦାଉଙ୍ଗିଆ ପ୍ରଥାମିକ ବିଦ୍ୟାଳୟରେ ବୁଥ ନଂ ୬୪ରେ ନିଜ ମତଦାନ କରିଥିଲେ। ସେହିଭଳି କଂଗ୍ରେସ ପ୍ରାର୍ଥୀ ଉପେନ୍ଦ୍ର ପ୍ରଧାନ କ.ନୂଆଗାଁ ବ୍ଲକର ସଲାଗୁଡା ଗ୍ରାମର ବୁଥ ନଂ ୭୩ରେ ମତଦାନ କରିଛନ୍ତି। ଭାଜପା ବିଧାୟକ ପ୍ରାର୍ଥୀ କଳ୍ପନା କହଁର ବାଲିଗୁଡା ବ୍ଲକ ଖମନଖୋଲରେ ନିଜ ମତଦାନ କରିଛନ୍ତି। ସକ୍ଷୀ ବୁଥ, ଯୁବ ବୁଥ ଆଦି ସ୍ୱତନ୍ତ୍ର ବୁଥ କରି ଭୋଟରଙ୍କୁ ଆକୃଷ୍ଟ କରାଯାଇଥିଲା । ବାଲିଗୁଡାର ଦୁର୍ଗମ ଅଞ୍ଚଳରେ ଅନେକ ବୁଥ ରହିଛି । ବର୍ତ୍ତମାନ ସୁଦ୍ଧା କିଛି ବୁଥର ଇଭିଏମ୍ ମେଶିନ ସହ ପୋଲିଂ ପାର୍ଟି ପହଞ୍ଚି ସମସ୍ତ ସାମଗ୍ରୀ ଦାଖଲ କରିଛନ୍ତି। କିନ୍ତୁ ଅନେକ ବୁଥର ସାମଗ୍ରୀ ଏବଂ ପୋଲିଂ ପାର୍ଟି ପହଞ୍ଚି ନାହାନ୍ତି । ଉପଜିଲାପାଳ ଡା ରୀନା ପ୍ରଧାନ କହିଛନ୍ତି ସନ୍ଧ୍ୟା ୫ଟା ସୁଦ୍ଧା ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ୬୦ ଶତକଡା ଭୋଟହାର ହୋଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ୧୫୦ ବୁଥର ଲିଷ୍ଟ ଆସିନଥିବାରୁ ଭୋଟହାର ନିହାତି ଭାବେ ବଢିବ ବୋଲି କହିଛନ୍ତି।


ମତଦାନ କେନ୍ଦ୍ର

ଭାରତ ନିର୍ବାଚନ ଆୟୋଗ
Election Commission of India
ଏକ ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପାଇଁ ଆପଣଙ୍କ ଭୂମିକା ନିର୍ବାହ କରନ୍ତୁ।
cVigil ଆପ୍ ଆପ୍ଲିକେସନକୁ ସ୍କାନ କରି ଡାଉନଲୋଡ କରନ୍ତୁ
ଏବଂ ଯେକୌଣସି ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନର ସୂଚନା ଦିଅନ୍ତୁ।
iOS
Android
'cVIGIL - ନଜର୍'
ଚଳଚ୍ଚିତ୍ର ଦେଖିବା ପାଇଁ
ଏହି QR କୋଡ୍ ସ୍କାନ୍ କରନ୍ତୁ


ରାଜକୁମାର ରାଓ
ରାଷ୍ଟ୍ରୀୟ ଆଇକନ୍, ଇସିଆଇ
चुनाव का पर्व
DESH KA GARV
LOK SABHA ELECTION 2024
CBC 52101/13/0033/2425

## ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନରେ ମତଦାନ କରିଥିବା ପ୍ରମୁଖ ପ୍ରାର୍ଥୀ


ଜୁଏଲ ଓରାମ, ସୁନ୍ଦରଗଡ ଭାଜପା ଏମ୍‌ପି ପ୍ରାର୍ଥୀ।


ଦିଲୀପ ରାୟ, ରାଉରକେଲା ଭାଜପା ବିଧାୟକ ପ୍ରାର୍ଥୀ


ରୁକୁନି ସାହୁ
ଟିଟିଲାଗଡ ବିଜେଡି ବିଧାୟକ ପ୍ରାର୍ଥୀ


ସାଲୁଗା ପ୍ରଧାନ, ଜି. ଉଦୟଗିରି
ବିଜେଡି ବିଧାୟକ ପ୍ରାର୍ଥୀ


ବିକ୍ରମ କେଶରୀ ଆରୁଖ,
ଭଞ୍ଜନଗର ବିଜେଡି ପ୍ରାର୍ଥୀ


ବରଗଡ଼ ଲୋକସଭା ଭାଜପା ପ୍ରାର୍ଥୀ
ପ୍ରଦୀପ ପୁରୋହିତ



ବରଗଡ଼ ଲୋକସଭା
କଂଗ୍ରେସ ପ୍ରାର୍ଥୀ ସଞ୍ଜୟ ଭୋଇ


ନିରଞ୍ଜନ ପୂଜାରୀ
ସୋନପୁର ବିଜେଡି ବିଧାୟକ ପ୍ରାର୍ଥୀ


କୁସୁମ ଟେଟେ
ସୁନ୍ଦରଗଡ଼ ଭାଜପା ବିଧାୟକ ପ୍ରାର୍ଥୀ


ପ୍ରଦୀପ ଅମାତ
ବୌଦ୍ଧ ବିଜେଡି ବିଧାୟକ ପ୍ରାର୍ଥୀ


ସମରେନ୍ଦ୍ର ମିଶ୍ର
ବଲାଙ୍ଗୀର କଂଗ୍ରେସ ବିଧାୟକ ପ୍ରାର୍ଥୀ


କଳିକେଶ ନାରାୟଣ ସିଂହଦେଓ
ବଲାଙ୍ଗୀର ବିଜେଡି ବିଧାୟକ ପ୍ରାର୍ଥୀ


କନକ ବର୍ଦ୍ଧନ ସିଂହଦେଓ
ପାଟଣାଗଡ଼ ଭାଜପା ବିଧାୟକ ପ୍ରାର୍ଥୀ


ସଙ୍ଗୀତା କୁମାରୀ ସିଂହଦେଓ
ବଲାଙ୍ଗୀର ଭାଜପା ଏମ୍‌ପି ପ୍ରାର୍ଥୀ

# ବୁଥ୍‌ରେ ଭୋଟରଙ୍କୁ ସାରଦା ପ୍ରଭାବିତ କରୁଥିବା ଅଭିଯୋଗ

ରାଉରକେଲା,୨୦।୫ (ଦିନେଶ ମିଶ୍ର)

ରାଉରକେଲା ଗୋପବନ୍ଧୁପାଲୀ ସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଥିବା ୭ଟି ବୁଥ୍‌ରେ ଲୋକ ସଭା ଓ ବିଧାନସଭା ପାଇଁ ମତଦାନ ଚାଲିଥିଲା। ଅପରାହ୍ନ ସାଢେ ୨ଟାରେ ବିଜେଡି ବିଧାୟକ ପ୍ରାର୍ଥୀ ସାରଦା ପ୍ରସାଦ ନାୟକ ଉକ୍ତ ବିଦ୍ୟାଳୟରେ ପହଞ୍ଚି ସେଠାରେ ଥିବା ଭୋଟରଙ୍କୁ ଶଙ୍ଖ ଚିହ୍ନରେ ଭୋଟଦେବା ପାଇଁ ପ୍ରଭାବିତ କରିଥିଲେ ବୋଲି ଅଭିଯୋଗ ହୋଇଛି। ସେଠାରେ ଥିବା ଭୋଟର ଓ ବିରୋଧୀ ଦଳର କର୍ମୀମାନେ ଏହାକୁ ବିରୋଧ କରିଥିଲେ। ବିରୋଧ ସତ୍ତ୍ୱେ ସାରଦା ୯ ନମ୍ବର ବୁଥ୍‌କୁ ଧସେଇ ପଶି ସେଠାରେ ମଧ୍ୟ ବିଭିନ୍ନ ଭୋଟରଙ୍କୁ ଶଙ୍ଖଚିହ୍ନରେ ଭୋଟ ଦେବାକୁ କହିଥିଲେ।

### ଉଠାଇନେଲା ପୋଲିସ

ଉକ୍ତ ସ୍ଥାନରେ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀମାନେ ସ୍ଥିତି ସମ୍ଭାଳିବାରେ ଅକ୍ଷମ ହୋଇପଡିଥିଲେ। ପରେ ଘଟଣା ସ୍ଥଳରେ ରାଉରକେଲା ଅତିରିକ୍ତ ଏସ୍‌ପି ନିର୍ମଳ ମହାପାତ୍ର ଓ ସ୍ୱତନ୍ତ୍ର ପୋଲିସ ସ୍କ୍ୱାଡ୍ ବିଦ୍ୟାଳୟରେ ପହଞ୍ଚି ସାରଦାଙ୍କୁ ଉକ୍ତ ବୁଥ୍‌ରୁ ଉଠାଇ ନେଇ ଭୋଟ ଶେଷ ପର୍ଯ୍ୟନ୍ତ ନିଜ ହେପାଜତରେ ରଖିଥିଲେ। ଉକ୍ତ ଘଟଣାକୁ ତୀବ୍ର ନିନ୍ଦାକରି ଗୋପବନ୍ଧୁପାଲି ଅଞ୍ଚଳର ଭୋଟର ପ୍ରମିଳା ଦାଶ କହିଛନ୍ତି, ଜଣେ ବିଧାୟକ ପ୍ରାର୍ଥୀହୋଇ ବୁଥ୍‌ରେ ପଶି ଭୋଟରଙ୍କୁ ଶଙ୍ଖ ଚିହ୍ନରେ ଭୋଟଦେବାକୁ ପ୍ରଭାବିତ କରିବାର କୌଣସି ଅଧିକାର ନାହିଁ।

ଏହି ଗଣ୍ଡଗୋଳ ଯୋଗୁ ଯେଉଁ ସମୟ ବୁଥ୍‌ରେ ଭୋଟ ଦେବାରେ ଅସୁବିଧା ହେଲା ସେହି ସମୟ କ'ଣ ସାରଦା ଆମକୁ ଫେରାଇ ପାରିବେ ବୋଲି ପ୍ରଶ୍ନ କରିଥିଲେ। ତେଣୁ ଏଥିପାଇଁ ଜିଲା ନିର୍ବାଚନ ଅଧିକାରୀ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ନେବା ଜରୁରୀ ବୋଲି ଦାଶ କହିଥିଲେ। ଏନେଇ ରାଉରକେଲା ଅତିରିକ୍ତ ଏସ୍‌ପି ଜୋନ୍-୨ର ନିର୍ମଳ ମହାପାତ୍ରଙ୍କୁ ପଚାରିବାରୁ, ସାରଦା ପ୍ରାର୍ଥୀ ହୋଇଥିବାରୁ ସେ ବୁଥ୍ ଭିତରକୁ ଯାଇ ପାରିବେ । ବୁଥ୍ ଭିତରେ ସେଭଳି କୌଣସି ଭୋଟରଙ୍କୁ ସେ ଭୋଟ ଦେବାରେ ପ୍ରଭାବିତ କରି ନ ଥିଲେ। କିନ୍ତୁ ଗଣ୍ଡଗୋଳ ହେବାରୁ ଆମେ ସାରଦାଙ୍କୁ ସେଠାରୁ ନେଇ ଆସି ପରେ ଛାଡି ଦେଇଥିଲୁ ବୋଲି ମହାପାତ୍ର କହିଥିଲେ।

# 'ବିଜେଡି ସରକାରରେ ଓଡ଼ିଶାର ସମ୍ପଦ, ସଂସ୍କୃତି ସୁରକ୍ଷିତ ନୁହେଁ'

### ଅନୁଗୋଳ ବିଜୟ ସଂକଳ୍ପ ସମାବେଶରେ ଗର୍ଜିଲେ ମୋଦି

ଅନୁଗୋଳ,୨୦।୫ (ଅମିତ କୁମାର ସାମଲ)

ବିଜେଡି ସରକାରରେ ଓଡ଼ିଶାର ସମ୍ପଦ, କଳା, ସଂସ୍କୃତି ସୁରକ୍ଷିତ ନୁହେଁ। ୬ ବର୍ଷ ହେବ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଚାବି ମିଳୁନାହିଁ। ଯାଞ୍ଚ ରିପୋର୍ଟକୁ ମଧ୍ୟ ଚାପି ଦିଆଯାଇଛି। ଏହା ପଛରେ ବିଜେଡି ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ଘେରି ରହିଥିବା ଲୋକମାନେ ଅଛନ୍ତି। ଓଡ଼ିଶାରେ ଭାଜପା ସରକାର ଆସିଲେ ଯାଞ୍ଚ ରିପୋର୍ଟ ସାର୍ବଜନୀନ ହେବ। ଜଗନ୍ନାଥଙ୍କ ପାଇଁ ଏହା ଭାଜପାର ସବୁଠାରୁ ବଡ଼ ସେବା ହେବ। ଓଡ଼ିଶାର ଐତିହ୍ୟକୁ ବିଜେଡି ସରକାର ସୁରକ୍ଷିତ କରିପାରୁନାହାନ୍ତି। ଓଡ଼ିଶାର ସୁରକ୍ଷା କେବଳ ଓଡ଼ିଶାର ଲୋକ ହିଁ କରିପାରିବେ। ଏଥିପାଇଁ ଭାଜପା ସରକାର ତିଆରି କରନ୍ତୁ



ଭାଜପା ବିଜୟ ସଂକଳ୍ପ ସମାବେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ।

ବୋଲି ଅନୁଗୋଳ ଜିଲା ନାଲ୍‌କୋ ବିଜୁ ପଟ୍ଟନାୟକ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ସୋମବାର ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ, ବୀରତ୍ୱର ମାଟି ହେଉଛି ଅନୁଗୋଳ ମାଟି। ଢେଙ୍କାନାଳ ଲୋକ ସଭାରେ ଲଢ଼େଇ ହେଉଛି ସ୍ୱାଭିମାନର ଲଢ଼େଇ। ତେଣୁ ସମ୍ବଲପୁର ଓ ଢେଙ୍କାନାଳ ଲୋକ ସଭା ପ୍ରାର୍ଥୀଙ୍କୁ ଆଶୀର୍ବାଦ କରିବାକୁ ମୋଦି ଆସିଛନ୍ତି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଓ ଢେଙ୍କାନାଳ ଲୋକ ସଭା କ୍ଷେତ୍ର ଅଧୀନରେ ଆସୁଥିବା ସମସ୍ତ ବିଧାୟକ ପ୍ରାର୍ଥୀ ଉପସ୍ଥିତ ଥିଲେ।

## ୩୫ରୁ ୩୦ ଆସନରେ ଜିତିବୁ: ସସ୍ମିତ

ଭୁବନେଶ୍ୱର, ୨୦।୫(ସୁନିତ୍ ମିଶ୍ର)

ଓଡିଶାରେ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ସରିଥିବା ବେଳେ ରାଜ୍ୟ ଭାଜପା ବ୍ୟାପକ ହିଂସାକାଣ୍ଡ ଘଟାଇଛି। ତେବେ ଦ୍ୱିତୀୟ ପର୍ଯ୍ୟାୟ ମତଦାନରେ ବିପୁଳ ସମର୍ଥନ କରିଥିବାରୁ ଆସ୍କା, କନ୍ଧମାଳ, ସୁନ୍ଦରଗଡ, ବରଗଡ ଓ ବଲାଙ୍ଗୀର ସଂସଦୀୟ କ୍ଷେତ୍ର ତଥା ସେମାନଙ୍କ ଭିତରେ ଥିବା ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀର ଭୋଟର ଭଉଣୀ, ଭାଇଙ୍କୁ ଧନ୍ୟବାଦ ଦେଉଛୁ ବୋଲି ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି। ପାତ୍ର ଆହୁରି କହିଛନ୍ତି ଯେ, ନିର୍ବାଚନ ଶେଷ ହୋଇଥିବା ୫ ଲୋକ ସଭା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ଆଶୀର୍ବାଦରେ ବିଜେଡି ୩୫ଟି ବିଧାନସଭା ଆସନରୁ ୩୦ଟିରେ ବିଜୟୀ ହେବା ସହିତ ୨୦୧୯ ତୁଳନାରେ ସଂସଦୀୟ ଆସନରେ ଭଲ ପ୍ରଦର୍ଶନ କରୁଛି।

## ହାରିବାକୁ ଯାଉଛି ଭାଜପା: ବିଜେଡି

ଭୁବନେଶ୍ୱର, ୨୦।୫(ସୁନିତ୍ ମିଶ୍ର)

ଓଡିଶାରେ ଭାଜପା ଶୋଚନୀୟ ଭାବେ ନିର୍ବାଚନ ହାରିବାକୁ ଯାଉଛି। ଦଳୀୟ କର୍ମୀ ଏବଂ ନେତା ହତୋତ୍ସାହିତ ହୋଇପଡିଛନ୍ତି। ସେମାନଙ୍କ ମନୋବଳ ବଢାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଦଳୀୟ କାର୍ଯ୍ୟାଳୟକୁ ଯିବାକୁ ପଡିଲା। ରାଜ୍ୟ ଭାଜପାର ଯେତେ ବଡ ନେତା ଅଛନ୍ତି ସଭିଏଁ ଶୋଚନୀୟ ପରାଜୟ ଭୟରେ ରହିଥିବା ବିଜେଡି ମୁଖପାତ୍ର ସୁଲତା ଦେଓ ଏକ ପ୍ରେସ୍ ବିଜ୍ଞପ୍ତିରେ କହିଛନ୍ତି।

# ନିଯୁକ୍ତି ଭରସାରେ ପ୍ରାର୍ଥୀ ବାଛିଛନ୍ତି ଯୁବ ଭୋଟର

ଝାରସୁଗୁଡ଼ା/ବ୍ରଜରାଜନଗରରୁ
ଅନିଲ ଦାସ,୨୦।୫

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସୋମବାର ଶେଷ ହୋଇଛି। ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, ଆସ୍କା ଓ କନ୍ଧମାଳ ଲୋକ ସଭା ନିର୍ବାଚନ ମଣ୍ଡଳୀରେ ସକାଳ ୭ଟାରୁ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଭୋଟରଙ୍କ ମଧ୍ୟରେ ମତଦାନକୁ ନେଇ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଥିଲା। ମତଦାନ ପାଇଁ ନିର୍ବାଚନ କମିଶନଙ୍କ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପାନୀୟ ଜଳ ଯୋଗାଇବା ସହ ପ୍ରଚଣ୍ଡ ଖରା ଦାଉରୁ ରକ୍ଷା ପାଇବା ପାଇଁ ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଭୋଟରଙ୍କ ଉପରେ ଜଳସିଞ୍ଚନ କରାଯାଇଥିଲା। ପ୍ରଥମରୁ ମତଦାନ ସାମାନ୍ୟ ଧିମା ରହିଥିବା ବେଳେ ସକାଳ ୯ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ମତଦାନ କେନ୍ଦ୍ରଗୁଡ଼ିକରେ ଭିଡ଼ ପରିଲକ୍ଷିତ ହୋଇଥିଲା। ବୟସ୍କ, ଦିବ୍ୟାଙ୍ଗ ଓ ଯୁବ ଭୋଟର ନିଜ ମତଦାନ ସାବ୍ୟସ୍ତ କରିଥିବା ଦେଖିବାକୁ ମିଳିଥିଲା।


ତେବେ ଏହି ନିର୍ବାଚନରେ ମୁଖ୍ୟତଃ ତିନୋଟି ରାଜନୈତିକ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିଥିଲା। ଅଧିକାଂଶ ବିଧାନସଭା ଆସନରେ ବିଜେଡି ଏବଂ ଭାଜପା ମଧ୍ୟରେ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା ହେଉଥିବା ଭୋଟରଙ୍କଠାରୁ ସୂଚନା ମିଳିଛି। ଆମେ ଝାରସୁଗୁଡ଼ାର ସରବାହାଲ ୱାର୍ଡ ନଂ. ୧ ଓ ବୁଥ୍ ନଂ. ୩୪ରେ ଭୋଟ ଦେଇ ଫେରୁଥିବା କେତେଜଣ ଭୋଟରଙ୍କ ମତଦାନ ବିଷୟରେ ପଚାରି ବୁଝିଥିଲୁ। ପ୍ରଥମଥର ପାଇଁ ଭୋଟଦେବାକୁ ଆସିଥିବା





କିଶୋର ଚନ୍ଦ୍ର ଦାସ – ଜ୍ୟୋସ୍ନାରାଣୀ ଦାସ। ମଞ୍ଜୁ ଥାପ୍ପା ମିହିକା ଟିକ୍ରି ହର୍ଷ ଶର୍ମା

ଯୁବ ଭୋଟର ହର୍ଷ ଶର୍ମା କହିଛନ୍ତି, ଯେଉଁ ପ୍ରାର୍ଥୀ ଆମମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବେ, ସେମାନଙ୍କୁ ଆମେ ଆମର ପ୍ରତିନିଧି ଭାବରେ ବାଛିଛୁ। ଦୀର୍ଘବର୍ଷ ପରେ ମଧ୍ୟ ଯୁବକଙ୍କ ପାଇଁ ସେମିତି କିଛି ନିଯୁକ୍ତି ସୃଷ୍ଟି ହୋଇପାରି ନାହିଁ। ଝାରସୁଗୁଡ଼ାରେ ବହୁତ ଶିଳ୍ପ ଗଢ଼ିଉଠିଥିଲେ ମଧ୍ୟ ଆମେମାନେ ଡିପ୍ଲୋମା ହୋଲ୍‌ଡର ହୋଇ ଚାକିରି ପାଇପାରୁ ନାହୁଁ। ବାହାର ରାଜ୍ୟର ଯୁବକମାନେ ଏଠାରେ ଚାକିରି ପାଉଛନ୍ତି। ଆମମାନଙ୍କୁ ଚତୁର୍ଥ ଶ୍ରେଣୀ କର୍ମଚାରୀ ହୋମଗାର୍ଡ ଏବଂ ମାଳି ଭାବରେ ନିଯୁକ୍ତି ଦେବାକୁ କହୁଛନ୍ତି। ସ୍ଥାନୀୟ ଜନପ୍ରତିନିଧିମାନେ ଯୁବତୀଯୁବକଙ୍କ ପ୍ରତି ସେତେଟା ଧ୍ୟାନ ଦେଉ ନାହାନ୍ତି। ରାଜ୍ୟରେ ଆମେ ପରିବର୍ତ୍ତନ ଚାହୁଁଛୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଲୋକ ସଭା କ୍ଷେତ୍ରରେ ଓ କେନ୍ଦ୍ରରେ ମୋଦି ସରକାରଙ୍କ ପ୍ରତି ତାଙ୍କର ସମର୍ଥନ ଥିବା ସେ କହିଛନ୍ତି। ସେହିପରି ଅନ୍ୟଜଣେ ଯୁବ ଭୋଟର ମିହିକା ଟିକ୍ରି କହିଛନ୍ତି, ଯେଉଁ ଜନପ୍ରତିନିଧି ଆମକୁ ଶିକ୍ଷା, ନିଯୁକ୍ତି କ୍ଷେତ୍ରରେ ସହଯୋଗ କରିବେ ସେଭଳି ପ୍ରାର୍ଥୀଙ୍କୁ ଭୋଟ ଦେଇଛୁ। ପ୍ରଥମଥର ଭୋଟ ଦେଉଥିବାରୁ ମୋତେ ଟିକେ ଡର ଲାଗୁଥିଲା। ତେବେ ମତଦାନ କେନ୍ଦ୍ରକୁ ଗଲା ପରେ ମୋର ଭୋଟ ଠିକ୍ ଜାଗାରେ ଦେଇପାରିଛି। ତେବେ କେନ୍ଦ୍ର ସରକାରଙ୍କ ଭଳି ରାଜ୍ୟରେ ମଧ୍ୟ ଭଲ ପ୍ରତିନିଧି ଆମେ ଚାହୁଁଛୁ ବୋଲି ସେ କହିଛନ୍ତି।


ଝାରସୁଗୁଡ଼ା ବିଧାନସଭା କ୍ଷେତ୍ର ଏକାତାଲିର ୫୬ ଓ ୫୭ ନଂ. ବୁଥ୍‌ରେ ମହିଳା ଭୋଟର। (ଫଟୋ: ମୌସମ ନନ୍ଦ)


ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ଏକାତାଲିର ୫୬ ଓ ୫୭ ନଂ. ବୁଥ୍‌ରେ ମଧ୍ୟ ମତଦାନ ଜୋର୍‌ସୋର ଚାଲିଥିଲା। ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ନିଜର ମତଦାନ ସାବ୍ୟସ୍ତ କରିବା ପାଇଁ ଲୋକେ ଲମ୍ବାଧାଡ଼ିରେ ଠିଆ ହୋଇଥିଲେ। ଏହି ମତଦାନ କେନ୍ଦ୍ରକୁ ଆସିଥିବା ଯୁବ ଭୋଟର ମଞ୍ଜୁ ଥାପ୍ପା କହିଛନ୍ତି, ଯେଉଁ ସରକାର ଆସୁନା କାହିଁକି ଆମକୁ ନିଯୁକ୍ତି ଓ ରୋଜଗାର ଦରକାର। ଯେଉଁ ପ୍ରାର୍ଥୀ ଆମକୁ ଏ କ୍ଷେତ୍ରରେ ସହଯୋଗ କରିବେ ବୋଲି ଅନୁଭବ କରିଛି ସେଭଳି ପ୍ରାର୍ଥୀଙ୍କୁ ମୁଁ ଭୋଟ ଦେଇଛି। ପ୍ରଥମଥର ଭୋଟ ଦେଉଥିବାରୁ ମୋର ବିଶ୍ୱାସ ନୂଆ ପ୍ରାର୍ଥୀ ଆମ ଯୁବଗୋଷ୍ଠୀଙ୍କ ପାଇଁ ଭଲ କିଛି କରିବେ। ଏହିପରି ଅନ୍ୟ ଭୋଟର କିଶୋର ଚନ୍ଦ୍ର ଦାସ ଓ ଜ୍ୟୋସ୍ନାରାଣୀ ଦାସ କହିଥିଲେ, ଦରଦାମ୍, ବେକାରି ସମସ୍ୟା, ସ୍ୱାସ୍ଥ୍ୟ ଓ ଶିକ୍ଷା ଦିନକୁ ଦିନ ତଳକୁ ଯାଉଛି। କେବଳ ବିକାଶ ବୋଲି ପ୍ରଚାର ହେଉଛି। ସାଧାରଣ ଲୋକେ ଦରଦାମ୍ ବୃଦ୍ଧିକୁ ନେଇ ବଡ଼ ସମସ୍ୟାରେ ପଡ଼ିଛନ୍ତି। ତେଣୁ ଉଭୟ ରାଜ୍ୟ ଓ କେନ୍ଦ୍ରରେ ସରକାର ପରିବର୍ତ୍ତନ ହେବା ଦରକାର। ସେଥିପାଇଁ ଆମେ ଆମର ଭୋଟ ଏସବୁକୁ ଲକ୍ଷ୍ୟକରି ଦେଇଛୁ ବୋଲି ସେମାନେ କହିଛନ୍ତି।

### ଦ୍ୱିତୀୟ ପର୍ଯ୍ୟାୟ ମତଦାନ ଶେଷ

■ ବିଜେଡି-ଭାଜପା କଡ଼ା ଟକ୍କର

ମଧ୍ୟାହ୍ନରେ ପ୍ରବଳ ଗରମ ଯୋଗୁ ମତଦାନ କେନ୍ଦ୍ରରେ ଗହଳି କମ୍ ରହିଥିଲା। ଅପରାହ୍ନ ୪ଟାରୁ ପୁଣି ଲୋକେ ଧାଡ଼ିରେ ଠିଆହୋଇ ଭୋଟ ଦେଇଥିବା ଦେଖିବାକୁ ମିଳିଥିଲା। ତେବେ ନିର୍ବାଚନ କମିଶନଙ୍କ ସୂଚନାନୁଯାୟୀ, ଝାରସୁଗୁଡ଼ାରେ ସକାଳ ୯ଟା ସୁଦ୍ଧା ୯.୯୮% ଏବଂ ବ୍ରଜରାଜନଗରରେ ୯.୭୩% ମତଦାନ ହୋଇଥିବା ବେଳେ ପୂର୍ବାହ୍ନ ୧୧ଟା ସୁଦ୍ଧା ଏହା ଯଥାକ୍ରମେ ୨୫.୧୩% ଓ ୨୫.୫୨% ହୋଇଥିଲା। ତେବେ ପରବର୍ତ୍ତୀ ସମୟରେ ସନ୍ଧ୍ୟା ୫ଟା ସୁଦ୍ଧା ମତଦାନ ୬୦% ଉପରକୁ ଟପିଯାଇଥିଲା।

ଆମେ ବିଭିନ୍ନ ନିର୍ବାଚନମଣ୍ଡଳୀ ବୁଲି ଭୋଟରଙ୍କ ମତ ନେବା ପରେ ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ଉଭୟ ବିଜେଡି ଏବଂ ଭାଜପା ମଧ୍ୟରେ ଅଧିକାଂଶ ସ୍ଥାନରେ କଡ଼ା ମୁକାବିଲା ହେଉଛି। ତେବେ ଆସନ୍ତା ଜୁନ୍ ୪ରେ କେଉଁ ଦଳ ଭୋଟରମାନଙ୍କୁ ନିଜ ସପକ୍ଷରେ ନେବାରେ ସଫଳ ହୋଇଛନ୍ତି ତାହା ସ୍ପଷ୍ଟ ହୋଇଯିବ।


କନ୍ଧମାଳ ଭାଜପା ଏମ୍‌ପି ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀ


କନ୍ଧମାଳ କଂଗ୍ରେସ ଏମ୍‌ପି ପ୍ରାର୍ଥୀ ଅମୀର ଚାନ୍ଦ ନାୟକ


ଫୁଲବାଣୀ ବିଜେଡି ବିଧାୟକ ପ୍ରାର୍ଥୀ ଜୟଶ୍ରୀ କହଁର


ଫୁଲବାଣୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରତିଭା କହଁର


ଜି. ଉଦୟଗିରି ଭାଜପା ବିଧାୟକ ପ୍ରାର୍ଥୀ ମାନଗୋବିନ୍ଦ ପ୍ରଧାନ


ଖଲ୍ଲିକୋଟ ବିଧାୟିକା ପ୍ରାର୍ଥୀ ସୂର୍ଯ୍ୟମଣି ବୈଦ୍ୟ


ସାନଖେମୁଣ୍ଡି ବିଧାୟକ ପ୍ରାର୍ଥୀ ସୁଲକ୍ଷଣା ଗୀତାଞ୍ଜଳି ଦେବୀ


ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରଏକ ଭୋଟଗ୍ରହଣ କେନ୍ଦ୍ର ଆଗରେ ଅପେକ୍ଷାରତ ଭୋଟର।



ଗଞ୍ଜାମ ଜିଲା ଆସିକା ସୁନାମ୍ ସାହି ବୁଥରେ ଭୋଟରଙ୍କ ଲମ୍ବା ଧାଡି।

# ୮ ନିର୍ବାଚନମଣ୍ଡଳୀର ୬୪ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍

## ଗଞ୍ଜାମ ଜିଲାରେ ମତଦାନ ସରିଲା

ବ୍ରହ୍ମପୁର,୨୦।୫(ଅଶୋକ କୁମାର ସାହୁ): ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସୋମବାର ଶେଷ ହୋଇଛି। ଏହି ନିର୍ବାଚନରେ ଆସିକା ସଂସଦୀୟ କ୍ଷେତ୍ରର ୭ ଓ କନ୍ଧମାଳ ଲୋକସଭା କ୍ଷେତ୍ରର ଭଞ୍ଜନଗର ଏଭଳି ଗଞ୍ଜାମର ୮ ନିର୍ବାଚନ ମଣ୍ଡଳୀରେ ମତଦାନ ହୋଇଛି। ସମସ୍ତ ବିଧାନସଭା ଆସନ ପାଇଁ ମୋଟ ୫୭ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଲୋକ ସଭା ଆସନ ପାଇଁ ୭ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣାପଡିଛି। ଇଭିଏମ୍‌ରେ ମୋଟ ୬୪ ପ୍ରାର୍ଥୀଙ୍କ ଭାଗ୍ୟ ସିଲ ହୋଇ ରହିଛି। ଜୁନ୍ ୪ ତାରିଖରେ ଭୋଟ ଗଣତି କରାଯିବ।

ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଭିତରେ ୭ଦିନ ସମୟ ମିଳିଥିଲା। ଏହା ମଧ୍ୟରେ ବହୁ ଅଘଟଣ ଘଟିବା ପରେ ପୋଲିସ ଓ ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଥିଲା। ତଥାପି ଭଞ୍ଜନଗର, ହିଞ୍ଜିଳି, ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ କାଁଭାଁ ଗଣ୍ଡଗୋଳ ହୋଇଥିଲେ ବି ଶାନ୍ତିପୂର୍ଣ୍ଣ ଭାବେ ମତଦାନ ଶେଷ ହୋଇଛି। ଉକ୍ତ ୮ ନିର୍ବାଚନ ମଣ୍ଡଳୀରେ ୧୮ ଲକ୍ଷ ୬୦ ହଜାର ୪୨୭ଜଣ ଭୋଟର ଥିଲେ ବି ମତଦାନ ହାର ସନ୍ଧ୍ୟା ୫ଟା ସୁଦ୍ଧା ୫୪.୫୫ ପ୍ରତିଶତ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସନ୍ଧ୍ୟା ସୁଦ୍ଧା ପୋଲସରାରେ ସର୍ବାଧିକ ମତଦାନ ହୋଇଥିବାବେଳେ ସୋରଡାରେ ମତଦାନ ହାର ସର୍ବନିମ୍ନ ରହିଥିଲା। ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୩୯ ହଜାର ୪୫୩ ଭୋଟର ଥିବାବେଳେ ୮ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ୨୬୦ ବୁଥ୍‌ରେ ମତଦାନ ହୋଇଥିବାବେଳେ ସନ୍ଧ୍ୟା ୫ଟା ସୁଦ୍ଧା ମତଦାନ ହାର ୪୯.୧୦ ପ୍ରତିଶତ ରହିଛି। ସେହିପରି ପୋଲସରା ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୪୮ ହଜାର ୯୩୭ ଭୋଟର ଥିବାବେଳେ ୯ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ୨୬୩ ବୁଥରେ ମତଦାନ ହୋଇଥିବାବେଳେ ମତଦାନ ହାର ସନ୍ଧ୍ୟା ସୁଦ୍ଧା ୫୮.୬୬ ପ୍ରତିଶତ ରହିଛି। କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ୨,୩୮,୦୭୫ ଭୋଟର ଥିବାବେଳେ ୧୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ୨୪୫ ବୁଥ୍‌ରେ ଭୋଟର ମତଦାନ କରିଥିବାବେଳେ ଭୋଟ ପ୍ରତିଶତ ରହିଛି ୫୬.୬୬। ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୩୨ ହଜାର ୬୭୯ ଭୋଟର ଥିବାବେଳେ ୩ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୪୧ ବୁଥରେ ମତଦାନ ହୋଇଥିବାବେଳେ ମତଦାନ ହାର ୫୬.୨୩ ପ୍ରତିଶତ ରହିଛି। ଆସିକା ନିର୍ବାଚନ ମଣ୍ଡଳୀରେ ୨୦୨୭୦୦ ଭୋଟର ଥିବାବେଳେ ୬ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ୨୦୯ ବୁଥ୍‌ରେ ମତଦାନ ହୋଇଥିବାବେଳେ ମତଦାନ ହାର ୫୩.୧୬ ପ୍ରତିଶତ ରହିଛି। ସୋରଡା ନିର୍ବାଚନ ମଣ୍ଡଳୀରେ ଭୋଟର ସଂଖ୍ୟା ୨୩୫୩୪୧ ଥିବାବେଳେ ୭ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୨୬ ବୁଥରେ ମତଦାନ ହୋଇଥିବାବେଳେ ମତଦାନ ହାର ରହିଛି ୪୭.୮୦ ପ୍ରତିଶତ। ସେହିପରି ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ୨୩୧୧୩୩ ଭୋଟର ସଂଖ୍ୟା ଥିବାବେଳେ ୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ୨୫୩ ବୁଥରେ ମତଦାନ ହୋଇଥିବାବେଳେ ମତଦାନ ହାର ରହିଛି ୫୭.୩୯ ପ୍ରତିଶତ। ହିଞ୍ଜିଳି ନିର୍ବାଚନ ମଣ୍ଡଳୀରେ ଭୋଟର ସଂଖ୍ୟା ୨୩୨୧୦୯ ଥିବାବେଳେ ଏଠାରୁ ୧୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୨୯ ବୁଥରେ ମତଦାନ ହୋଇଥିବାବେଳେ ମତଦାନ ହାର ରହିଛି ୫୭.୨୧ ପ୍ରତିଶତ।

# ବର୍ଷା ପାଇଁ ୧ ଘଣ୍ଟା ମତଦାନ ବ୍ୟାହତ

## ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ୨ ବୁଥରେ ଗଣ୍ଡଗୋଳ

ଭଞ୍ଜନଗର,୨୦।୫(ବାବୁଲା ପ୍ରଧାନ) ଗଞ୍ଜାମ ଜିଲା ସୋରଡ଼ା ନିର୍ବାଚନ ମଣ୍ଡଳୀରେ ସୋମବାର ଶାନ୍ତି ଶୃଙ୍ଖଳାର ସହ ମତଦାନ ସରିଥିବା ବେଳେ ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ୨ଟି ବୁଥରେ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳ ଯୋଗୁ ମତଦାନରେ କୌଣସି ବାଧା ଉପୁଜି ନ ଥିବା ଜଣାପଡ଼ିଛି। ମତଦାନ ଚାଲିଥିବା ବେଳେ ଅପରାହ୍ନ ପ୍ରାୟ ସାଢ଼େ ୪ ଟାରୁ ସାଢ଼େ ୫ଟା ପର୍ଯ୍ୟନ୍ତ ଭଞ୍ଜନଗର ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥଲା। ବର୍ଷା ପବନ ଯୋଗୁ ବିଦ୍ୟୁତ୍ ଚାଲିଯିବାରୁ ଅନେକ ବୁଥ୍ ଅନ୍ଧାର ହୋଇଯାଇଥିଲା। ଏଥିଯୋଗୁ ମତଦାନ ବନ୍ଦ ରହିଥିଲା। କଣ୍ଟ୍ରୋଲ ୟୁନିଟ ଥିବା ସ୍ଥାନରେ ଲଣ୍ଠନ ବ୍ୟବସ୍ଥା ଥିଲା। କିନ୍ତୁ ପୋଲିଂ ଓ ପ୍ରିଜାଇଡିଂ ଅଫିସର୍‌ମାନଙ୍କ ପାଖରେ ଆଲୋକ ବ୍ୟବସ୍ଥା ନ ଥିବା ଯୋଗୁ ଅସୁବିଧା ହୋଇଥିଲା। ବିଦ୍ୟୁତ୍ ଆସିବା ପରେ ମତଦାନ ସ୍ୱାଭାବିକ ଚାଲିଥିଲା। ସେସବୁ ବୁଥରେ ରାତି ପର୍ଯ୍ୟନ୍ତ ମତଦାନ ହୋଇଥଲା। ଅର୍ଥମନ୍ତ୍ରୀ ତଥା ଭଞ୍ଜନଗର ବିଧାୟକ ପ୍ରାର୍ଥୀ ବିକ୍ରମ କେଶରୀ ଆରୁଖ ନିଜ ଗ୍ରାମ ଅଗଖୋଳ ବୁଥରେ ମତଦାନ କରିଥିଲେ। ସେହିପରି ଭାଜପା ପ୍ରାର୍ଥୀ ପ୍ରଦ୍ୟୁମ୍ନ କୁମାର ନାୟକ ନିଜ ଗ୍ରାମ ତିଲିସିଙ୍ଗି ଏବଂ କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ ବିଷୋୟୀ ନିଜ ଗ୍ରାମ ଡିହପଡ଼ାଳ କେନ୍ଦ୍ରରେ ମତଦାନ କରିଛନ୍ତି। ବେରୁଆବାଡ଼ି ୪୭ ନଂ. ବୁଥରେ ମତଦାନ ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥଲା। ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ସେହିପରି ଡୁଡୁଆରେ ଏକ ବୁଥ ବାହାରେ ଦୁଇ ଗୋଷ୍ଠୀ ଧସ୍ତାଧସ୍ତି ହୋଇଥିଲେ। ଭଞ୍ଜନଗର ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଅନ୍ୟପକ୍ଷରେ ବାଉଁଶଲୁଣ୍ଡି ବୁଥରେ ଜଣେ ପ୍ରିଜାଇଡିଂ ଅଫିସର ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଭଞ୍ଜନଗର ମେଡ଼ିକାଲ ନିଆଯାଇଥିଲା। ପରେ ଉକ୍ତ ବୁଥରେ ବିକଳ୍ପ ବ୍ୟବସ୍ଥା କରଯାଇଥିଲା।

## ସଂକ୍ଷେପରେ

### ବିଇଏମସି ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

ବ୍ରହ୍ମପୁର,୨୦।୫(ସ୍ମୃତି ରଞ୍ଜନ ମହାଲିକ) ବ୍ରହ୍ମପୁର ମହାନଗର ନିଗମ (ବିଇ ଏମସି) ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ବୈଠକ ସୋମବାର ସିଟି ହାଇସ୍କୁଲ ରୋଡ ସ୍ଥିତ ମାନସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ତିନାରୀ ଶ୍ୟାମ ମୂର୍ତ୍ତି ଅଧ୍ୟକ୍ଷତା କରିଥିଲେ। ସାଧାରଣ ସଂପାଦକ ଲକ୍ଷ୍ମୀ ଚରଣ ଦାଶ ଗତ ମାସ ୨୦ ତାରିଖରେ ନିର୍ଦ୍ଧାରଣ କରାଯାଇଥିବା ନିଷ୍ପତ୍ତିକୁ ପାଠ କରାଯିବା ପରେ ଦୃଢ଼ିକରଣ କରାଯାଇଥିଲା। ସଂଘର ଆୟବ୍ୟୟର ହିସାବ ସଭାପତିଙ୍କ ଦ୍ୱାରା ଉପସ୍ଥାପନ କରାଯାଇ ମଂଜୁର କରାଯାଇଥିଲା। ସଂଘର କାର୍ଯ୍ୟକାରୀ ସଭାପତି ମୁକୁନ୍ଦ ମହାପାତ୍ର, ଉପସଭାପତି ସୀମାଚଂଳ ବେହେରା, ନୀଳାମ୍ବର ସାହୁ, କୋଷାଧ୍ୟକ୍ଷ ରବୀନ୍ଦ୍ର କୁମାର ପଣ୍ଡା, ଯୁଗ୍ମ ସଂପାଦକ ଦୁର୍ଯ୍ୟୋଧନ ସାହୁଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ଆସିକାରେ ଶାନ୍ତିଶୃଙ୍ଖଳାରେ ସରିଲା ମତଦାନ

ଆସିକା ୨୦।୦୫ (ସୁରେନ୍ଦ୍ର ନାଥ ସାହୁ) – ଆସିକା ଲୋକ ସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀ ଲାଗି ସୋମବାର ମତଦାନ ଶୃଙ୍ଖଳାର ସରିଛି। ଅପରାହ୍ନ ୫ଟା ସୁଦ୍ଧା ଏହି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୫୩.୧୬ ପ୍ରତିଶତ ମତଦାନ ହୋଇଥିଲା। ମତଦାନର ପ୍ରଥମ ୨ଘଣ୍ଟା ମଧ୍ୟରେ ଆଶାତିତ ମତଦାନ ହୋଇପାରି ନଥିଲା ବେଳେ ପରେ ବୃଦ୍ଧି ପାଇଥିଲା। ପ୍ରବଳ ରୌଦ୍ର ଯୋଗୁଁ ମଧ୍ୟାହ୍ନରେ ମତଦାନ ଧିମା ପଡିଥିଲା। ତେଣୁ ନିର୍ଦ୍ଧାରିତ ସମୟ ପରେ ମଧ୍ୟ କେତେକ ବୁଥରେ ମତଦାତାଙ୍କ ଧାଡି ଲକ୍ଷ୍ୟ କରାଯାଇଥିଲା। ଆସିକା ଏନଏସିର ଲାଲାଶାସନ, ଲଛମନପଲ୍ଲୀ, ସୁନାମ୍ ସାହି ଆଦି ବୁଥରେ ମତଦାତାଙ୍କ ଧାଡି ଦେଖାଯାଇଥିଲା। ଆସିକା ଏମପି ପ୍ରମିଳା ବିଷୋୟୀ ଚେରମାରିଆ ବୁଥରେ, ଏମପି ପ୍ରାର୍ଥୀ ଦେବକାନ୍ତ ଶର୍ମା ଆସିକା ବସଷ୍ଟାଣ୍ଡ ବୁଥରେ, ବିଧାୟିକା ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁ ପଥରା ଗ୍ରାମରେ, ବିଧାୟକ ପ୍ରାର୍ଥୀ ସରୋଜ ପାଢୀ ଆସିକା ଏନଏସିର ଖମ୍ବେଶ୍ୱରୀପାଟଣା ବୁଥରେ ଓ ବିଧାୟିକା ପ୍ରାର୍ଥିନୀ ସୁରଭୀ ବିଷୋୟୀ କର୍ଣ୍ଣୋଳି ଗ୍ରାମର ବୁଥରେ ସେମାନଙ୍କ ମତଦାନ କରିଛନ୍ତି।

### ଗଣ୍ଡଳାରେ ଭୋଟ ବେଳେ ୨ ଗୋଷ୍ଠୀ ହାତାହାତି

ହିଞ୍ଜିଳିକାଟୁ,୨୦।୫(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହିଞ୍ଜିଳିକାଟୁ ବ୍ଲକ୍‌ର ଗଣ୍ଡଳାଠାରେ ସୋମବାର ନିର୍ବାଚନକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଓ ହାତାହାତି ହୋଇଥିଲା। ସ୍ୱାଧୀନ ସମିତିସଭ୍ୟ ପ୍ରଶାନ୍ତ ସାହୁ ଓ ତାଙ୍କ ବିରୋଧୀ ଗୋଷ୍ଠୀ ମଧ୍ୟରେ କୌଣସି କଥାକୁ ନେଇ ହାତାହାତି ହୋଇଥିଲେ। ପୋଲିସ ହସ୍ତକ୍ଷେପ ପରେ ୨ ଗୋଷ୍ଠୀ ବେଲଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ ଉଭୟ ଆପୋଷ ବୁଝାମଣା କରି ଥାନାରୁ ଫେରିଛନ୍ତି। ସେହିପରି ହିଞ୍ଜିଳିକାଟୁ ବ୍ଲକ ବୁରୁପୋଡା, ବଳରାମପୁର, ଗୋପିନାଥପୁର, ସାରୁ ଏବଂ ସ୍ଥାନୀୟ ପୌରାଞ୍ଚଳର ଆଙ୍କୋରଡା ଆଦି ମତଦାନ କେନ୍ଦ୍ରରେ ମତଦାନକୁ କେନ୍ଦ୍ର କରି ସାମାନ୍ୟ ଉତ୍ତେଜନା ସୃଷ୍ଟି ହୋଇଥିଲା।

# ବାଲ ସଂସ୍କାର ଶିବିର ଉଦ୍‌ଯାପିତ

ବ୍ରହ୍ମପୁର,୨୦।୫(ସ୍ମୃତି ରଞ୍ଜନ ମହାଲିକ) ଭାରତ ବିକାଶ ପରିଷଦ ପକ୍ଷରୁ ଚାଲିଥିବା ୪ ଦିନିଆ ବାଲ ସଂସ୍କାର ଶିବିର ସୋମବାର ସରିଛି। ଏଥିରେ ୫ମରୁ ୯ମ ଶ୍ରେଣୀର ୩୬ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ରୂପେ କ୍ଷୁଦ୍ର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସମ୍ମାନନୀୟ ଅତିଥି ରୂପେ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ କିଶୋର କୁମାର ବେହେରା ଓ ରାଜ୍ୟ ମହିଳା ସହଭାଗିତା ସଂଯୋଜିକା ବିଜୟାନନ୍ଦିନୀ ଦୁବେ ଯୋଗ ଦେଇଥିଲେ। ଧର୍ମ, ଜାତି ଓ ସଂସ୍କୃତିକୁ ବଂଚାଇବାକୁ ହେଲେ ନିଜର ଶିକ୍ଷା ସହ ରାଷ୍ଟ୍ର, ସଂସ୍କୃତି ଏବଂ ଧର୍ମକୁ ଜାଣିବାକୁ ହେବ ବୋଲି ଅତିଥିମାନେ କହିଥିଲେ। ଯୋଗ ଶିକ୍ଷକ ଗୋପାଳ କୃଷ୍ଣ ସାହୁ ଛାତ୍ରୀଛାତ୍ରଙ୍କୁ ସୂର୍ଯ୍ୟ ନମସ୍କାର, ବିଭିନ୍ନ ପ୍ରକାର ଆସନ, ଯୌଗିକ ବ୍ୟାୟମ ସଂପର୍କରେ ପ୍ରଶିକ୍ଷଣ ଦେଇଥିଲେ। ମହିଳା ସହଭାଗିତାର ସହ ସଂଯୋଜିକା କେ ଏନ ରାଣୀ ଭାଗବତ ଗୀତା ଶ୍ଳୋକ, ବିଭିନ୍ନ ପ୍ରକାର ଆଧ୍ୟାତ୍ମିକ ମନ୍ତ୍ର, ପ୍ରକୃତ ରାମ ଧୁନ ଉଚ୍ଚାରଣ ଶିକ୍ଷା ଦେଇଥିଲେ। ପ୍ରସନ୍ନ ଛୋଟରାୟ ବିଭିନ୍ନ ପ୍ରକାର ଜୀବନ ଆଧାରିତ କାହାଣୀ ଶିଖାଇଥିଲେ। ପରିଷଦର ସଭାପତି ସୀମାଚଂଳ ଦାଶ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ଛାତ୍ରୀଛାତ୍ରଙ୍କୁ ଦୈନନ୍ଦିନ ଜୀବନରେ ଆଚରଣ ଯୋଗ୍ୟ ବ୍ୟବହାର କିଭଳି କରିବାକୁ ହୁଏ ଶିକ୍ଷା ଦେଇଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ପରିଷଦ ପକ୍ଷରୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଶାଖା ମହିଳା ସହଭାଗିତା ସଂଯୋଜିକା କୁମକୁମ ଦାଶ, ଯାଜ୍ଞସେନୀ ଦେବୀ, ଆରତୀ ପଣ୍ଡା, ମମତା ପ୍ରଧାନ, ସଂଗଠନ ସଂପାଦକ ରୁଦ୍ର ପ୍ରସାଦ ସିଂଦେଓ ପ୍ରମୁଖ ସହଯୋଗ କରିଥିଲେ।


ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

# ସରିଲା ଭୋଟ, ଫଳାଫଳକୁ ଅପେକ୍ଷା

ବ୍ରହ୍ମପୁର,୨୦।୫(ନରସିଂହ ସାହୁ): ଆସିକା ଲୋକ ସଭା ଏବଂ ଏହାର ଅଧିନ ୭ ବିଧାନସଭା ଆସନରେ ଭୋଟ ଗ୍ରହଣ ସରିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବିଭିନ୍ନ ଦଳ ଓ ସ୍ୱାଧୀନ ବିଧାୟକ ପ୍ରାର୍ଥୀମାନଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇଛି। ସେହିପରି କନ୍ଧମାଳ ଲୋକ ସଭା କ୍ଷେତ୍ର ଅନ୍ତର୍ଭୁକ୍ତ ଗଞ୍ଜାମର ଭଞ୍ଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମଧ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବଂ ଭାଜପା ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ ମୁହାଁମୁହିଁ ହୋଇଛନ୍ତି। ସୂଚନାଯୋଗ୍ୟ, ଗତ ନିର୍ବାଚନ ଗୁଡ଼ିକରେ ଗଞ୍ଜାମରେ ମୁଖ୍ୟତଃ ବିଜେଡି ଓ କଂଗ୍ରେସ ମଧ୍ୟରେ ଟକ୍କର ହେଉଥିଲା। ୨୦୧୯ ନିର୍ବାଚନରେ କଂଗ୍ରେସ ପଛରେ ପଡ଼ିଗଲା ଏବଂ ବିଜେଡି ସହ ଲଢ଼େଇ କରି ଭାଜପା ଦ୍ୱିତୀୟ ସ୍ଥାନରେ ଥିଲା। ଚଳିତଥର ବିଜେଡି ଓ ଭାଜପା ମଧ୍ୟରେ ସମ୍ମାନର ପ୍ରଶ୍ନ ହୋଇଛି। ବିଜେଡିକୁ ଟାର୍ଗେଟ କରି ଭାଜପାର ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ, ରାଷ୍ଟ୍ରୀୟ ଅଧ୍ୟକ୍ଷ, କେନ୍ଦ୍ର ଓ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀଙ୍କ ଏହି ଜିଲାରେ ଜୋରଦାର ଭୋଟ ପ୍ରଚାର ହୋଇଛି। ଫଳାଫଳ ପାଇଁ ଜୁନ ୪ କୁ ଅପେକ୍ଷା କରାଯାଇଛି।

# ସ୍ୱାସ୍ଥ୍ୟ ସଚେତନତା ଶିବିର


ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ବ୍ରହ୍ମପୁର,୨୦।୫(ସ୍ମୃତି ରଞ୍ଜନ ମହାଲିକ) ଭରଦ୍ୱାଜ ପ୍ରତିଷ୍ଠାନ ପକ୍ଷରୁ ସୋମବାର ହରିହର ନଗରଠାରେ ଅନିଦ୍ରା ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ଡା ନକୁଳ ସାହୁ ଯୋଗ ଦେଇ ଗ୍ରୀଷ୍ମ ଋତୁରେ ଗରମ ଯୋଗୁଁ ଶୋଇବା ପୂର୍ବରୁ ମୋବାଇଲ ବ୍ୟବହାର, କଫି, ନିକୋଟିନ ଜାତୀୟ ଦ୍ରବ୍ୟ ସେବନ, ବାର୍ଦ୍ଧକ୍ୟରେ ମାନସିକ ଚିନ୍ତା, କ୍ରୋଧ, ବାଇକ ଭ୍ରମଣ, ମସଲା, ଆମିଷ, ତେଲ ଛଣା ଖାଦ୍ୟ ଓ ଗୋଡ ହାତ ବ୍ୟଥା ହେଲେ ରାତ୍ରିରେ ଭଲ ନିଦ ହୋଇ ନ ଥାଏ ବୋଲି କହିଥିଲେ। ଫଳରେ ଭ୍ରମ, ଦୁର୍ବଳ ବୋଧ, ଅରୁଚି ଓ କାର୍ଯ୍ୟରେ ଅନିଚ୍ଛା ଭଳି ଲକ୍ଷଣ ଦେଖାଯାଇଥାଏ। ଏଣୁ ସଂଗୀତ କୋଳାହଳ ବିହୀନ, ଉତ୍ତମ କୋମଳ ଶର୍ଯ୍ୟା, ଗୋଡ ହାତ ଧୋଇ ପରିସ୍ରା କରି ଶୋଇଲେ ସୁନିଦ୍ରା ହୋଇଥାଏ। ଏହି ଶିବିରେ ବହୁ ରୋଗୀଙ୍କ ନାଡି, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ୍ତ ଓ ସ୍ତ୍ରୀ ରୋଗ ଭଳି ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଏବଂ ଔଷଧ ବିତରଣ କରାଯାଇଥିଲା।

# ୬୦ ପ୍ରତିଶତରୁ ବଢ଼ିଲା ନାହିଁ ମତଦାନ

## ସମସ୍ତ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍

ଫୁଲବାଣୀ, ୨୦।୫(ରାକେଶ କୁମାର ରାଉତ) ସାଧାରଣ ନିର୍ବାଚନ ପାଇଁ ସୋମବାର ଭୋଟ ଗ୍ରହଣ ହୋଇଛି। କନ୍ଧମାଳ ଜିଲାର ଫୁଲବାଣୀ, ବାଲିଗୁଡା, ଜି.ଉଦୟଗିରି ବିଧାନସଭା ନିର୍ବାଚନୀ ମଣ୍ଡଳୀ ସମେତ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ଭୋଟର ମାନେ ସେମାନଙ୍କ ମତ ସାବ୍ୟସ୍ତ କରଛନ୍ତି। କନ୍ଧମାଳ ଲୋକ ସଭା ଅଧିନ ଜିଲାର ୭ଟି ନିର୍ବାଚନ ମଣ୍ଡଳୀରେ ରାତି ୮ଟା ସୁଦ୍ଧା ମତଦାନ ହାର ୫୭.୪୬ % ରହିଛି। ଫୁଲବାଣୀ ବିଧାନସଭାରେ ୫୯.୨୫%, ବାଲିଗୁଡା ବିଧାନସଭାରେ ୫୮.୧୦%, ଜି.ଉଦୟଗିରି ବିଧାନସଭାରେ ୫୭.୨୯%, କଣ୍ଟାମାଳ ବିଧାନସଭାରେ ୫୫.୩୬%, ବୌଦ୍ଧ ବିଧାନସଭାରେ ୬୨.୫୬%, ଦଶପଲ୍ଲା ବିଧାନସଭାରେ ୬୩.୨୦%, ଭଞ୍ଜନଗର ବିଧାନସଭାରେ ୪୯.୧୦% ମତଦାନ ହୋଇଛି। ପ୍ରବଳ ଖରାହେତୁ ଅପରାହ୍ନରେ ଭୋଟରଙ୍କ ଗହଳି ବୁଥ୍‌ରେ ଦେଖିବାକୁ ମିଳିଥିଲା। କେତକେ ସ୍ଥାନରେ ସନ୍ଧ୍ୟା ସାଢ଼େ ୬ଟାରୁ ଉର୍ଦ୍ଧ୍ୱ ସମୟ ଧରି ଭୋଟିଂ ହୋଇଛି। ଜିଲାରେ ଭୋଟ ଦାନ ହାର ଆଶାନୁରୂପକ ହୋଇ ନାହିଁ। କୌଣସି ସ୍ଥାନରେ ସେଭଳି କିଛି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇନାହିଁ। ହେଲେ ମାଓବାଦୀ ଉପଦ୍ରୁତ ଅଂଚଳରୁ ପୋଲିଂ ପାର୍ଟି ଏବଂ ଅନ୍ୟ ଦୂରତା ଅଂଚଳରୁ ଏହି ପାର୍ଟି ପହଂଚି ନ ଥିବାରୁ ଭୋଟ ବ୍ୟବଧାନ ହାରରେ କିଛି ତାରତମ୍ୟ ଆସିପାରେ ଅନୁମାନ କରାଯାଉଛି। ୨୦୧୯ ସାଧାରଣ ନିର୍ବାଚନରେ ମଧ ଭୋଟିଂ ୫୭.୪ ପ୍ରତିଶତ ହୋଇଥିଲା।

ଫୁଲବାଣୀ ବିଧାନସଭା ନିର୍ବାଚନୀ ମଣ୍ଡଳୀର ଖଜୁରୀପଡା ବ୍ଲକରେ ଇଭିଏମ୍ ଅଚଳ ଯୋଗୁ ଭୋଟ ଦାନ ପ୍ରକ୍ରିୟାରେ ଅସୁବିଧା ସୃଷ୍ଟି ହୋଇଥିଲା। ବଲସକୁମ୍ପା ପଂଚାୟତର ବଲସକୁମ୍ପା ବୁଥ୍, ଆଡାସିପଡା ପଂଚାୟତର ଆଡାସିପଡା ବୁଥରେ ଏହି ତ୍ରୁଟି ପରିଲକ୍ଷିତ ହୋଇଥିଲା। ହେଲେ ପରେ ଭୋଟ ଦାନ ପ୍ରକ୍ରିୟା ସୁରୁଖୁରୁ ଭାବେ ହୋଇଥିଲା। ସେହିପରି ଫିରିଙ୍ଗିଆ ବ୍ଲକର ପବିଙ୍ଗିଆ ପଂଚାୟତ ଦଣି, ଟାଲୁପଦର, ପାତଡିପାଙ୍ଗା, ସିନ୍ଧୁପଦର, ପାଣ୍ଡୁପଦର ୱାର୍ଡର ଲୋକେ ରାସ୍ତା ପାଇଁ ଦାବି କରି ନିରାଶ ହେବାରୁ ଭୋଟ ବର୍ଜନ କରିଛନ୍ତି। ସେହିପରି ଜି.ଉଦୟଗିରି ନିର୍ବାଚନୀ ମଣ୍ଡଳୀର ରାଇକିଆ ବ୍ଲକରେ ଇଭିଏମ୍‌ରେ ତ୍ରୁଟି ଯୋଗୁ କିଛି ସମୟ ପାଇଁ ଭୋଟ ଦାନ ପ୍ରକ୍ରିୟା ବିଳମ୍ବ ହୋଇଥିଲା। ପରି ମେଶିନକୁ କାର୍ଯ୍ୟକ୍ଷମ କରାଯାଇ ଭୋଟ ଗ୍ରହଣ ହୋଇଥିଲା।

କନ୍ଧମାଳ ସଂସଦୀୟ କ୍ଷେତ୍ରରେ ୮ ଜଣ ପ୍ରାର୍ଥି ଏମ୍‌ପି ପାଇଁ ନିର୍ବାଚନ ଲଢୁଥିବା ବେଳେ ଫୁଲବାଣୀ ବିଧାନସଭା କ୍ଷେତ୍ରରେ ୯ ଜଣ, ବାଲିଗୁଡା ବିଧାନସଭା କ୍ଷେତ୍ରରେ ୫ ଜଣ ଏବଂ ଜି.ଉଦୟଗିରି ବିଧାନସଭା କ୍ଷେତ୍ରରେ ୮ ଜଣ ପ୍ରାର୍ଥିଙ୍କୁ ମିଶାଇ ୩୦ ଜଣ ନିର୍ବାଚନକୁ ଓହ୍ଲାଇଛନ୍ତି। ଏବେ ସମସ୍ତଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ଆସନ୍ତା ୪ ତାରିଖରେ ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ।


କନ୍ଧମାଳ ଭାଜପା ଏମ୍‌ପି ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀ


କନ୍ଧମାଳ କଂଗ୍ରେସ ଏମ୍‌ପି ପ୍ରାର୍ଥୀ ଅମୀର ଚାନ୍ଦ ନାୟକ


ଫୁଲବାଣୀ ବିଜେଡି ବିଧାୟକ ପ୍ରାର୍ଥୀ ଜୟଶ୍ରୀ କହଁର


ଫୁଲବାଣୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରତିଭା କହଁର


ଜି. ଉଦୟଗିରି ଭାଜପା ବିଧାୟକ ପ୍ରାର୍ଥୀ ମାନଗୋବିନ୍ଦ ପ୍ରଧାନ


ଖଲ୍ଲିକୋଟ ବିଧାୟିକା ପ୍ରାର୍ଥୀ ସୂର୍ଯ୍ୟମଣି ବୈଦ୍ୟ


ସାନଖେମୁଣ୍ଡି ବିଧାୟକ ପ୍ରାର୍ଥୀ ସୁଲକ୍ଷଣା ଗୀତାଞ୍ଜଳି ଦେବୀ


ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରଏକ ଭୋଟଗ୍ରହଣ କେନ୍ଦ୍ର ଆଗରେ ଅପେକ୍ଷାରତ ଭୋଟର।


ଗଞ୍ଜାମ ଜିଲା ଆସିକା ସୁନାମ୍ଭ ସାହି ବୁଥରେ ଭୋଟରଙ୍କ ଲମ୍ବା ଧାଡ଼ି।

## ସଂକ୍ଷେପରେ

### ବିଇଏମସି ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ

ବ୍ରହ୍ମପୁର,୨୦।୫(ସ୍ମୃତି ରଞ୍ଜନ ମହାଲିକ)
ବ୍ରହ୍ମପୁର ମହାନଗର ନିଗମ (ବିଇ ଏମସି) ଅବସରପ୍ରାପ୍ତ କର୍ମଚାରୀ ସଂଘର ସାଧାରଣ ବୈଠକ ସୋମବାର ସିଟି ହାଇସ୍କୁଲ ରୋଡ ସ୍ଥିତ ମାନସ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ତିନାରୀ ଶ୍ୟାମ ମୂର୍ତ୍ତି ଅଧ୍ୟକ୍ଷତା କରିଥିଲେ। ସାଧାରଣ ସଂପାଦକ ଲକ୍ଷ୍ମୀ ଚରଣ ଦାଶ ଗତ ମାସ ୨୦ ତାରିଖରେ ନିର୍ଦ୍ଧାରଣ କରାଯାଇଥିବା ନିଷ୍ପତ୍ତିକୁ ପାଠ କରାଯିବା ପରେ ଦୃଢ଼ିକରଣ କରାଯାଇଥିଲା। ସଂଘର ଆୟବ୍ୟୟର ହିସାବ ସଭାପତିଙ୍କ ଦ୍ୱାରା ଉପସ୍ଥାପନ କରାଯାଇ ମଂଜୁର କରାଯାଇଥିଲା। ସଂଘର କାର୍ଯ୍ୟକାରୀ ସଭାପତି ମୁକୁନ୍ଦ ମହାପାତ୍ର, ଉପସଭାପତି ସୀମାଚଂଳ ବେହେରା, ନୀଳାମ୍ବର ସାହୁ, କୋଷାଧ୍ୟକ୍ଷ ରବୀନ୍ଦ୍ର କୁମାର ପଣ୍ଡା, ଯୁଗ୍ମ ସଂପାଦକ ଦୁର୍ଯ୍ୟୋଧନ ସାହୁଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ଆସିକାରେ ଶାନ୍ତିଶୃଙ୍ଖଳାରେ ସରିଲା ମତଦାନ

ଆସିକା ୨୦।୦୫ (ସୁରେନ୍ଦ୍ର ନାଥ ସାହୁ) – ଆସିକା ଲୋକ ସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀ ଲାଗି ସୋମବାର ମତଦାନ ଶୃଙ୍ଖଳାର ସରିଛି। ଅପରାହ୍ନ ୫ଟା ସୁଦ୍ଧା ଏହି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୫୩.୧୬ ପ୍ରତିଶତ ମତଦାନ ହୋଇଥିଲା। ମତଦାନର ପ୍ରଥମ ୨ଘଣ୍ଟା ମଧ୍ୟରେ ଆଶାତିତ ମତଦାନ ହୋଇପାରି ନଥିଲା ବେଳେ ପରେ ବୃଦ୍ଧି ପାଇଥିଲା। ପ୍ରବଳ ରୌଦ୍ର ଯୋଗୁଁ ମଧ୍ୟାହ୍ନରେ ମତଦାନ ଧିମା ପଡ଼ିଥିଲା। ତେଣୁ ନିର୍ଦ୍ଧାରିତ ସମୟ ପରେ ମଧ୍ୟ କେତେକ ବୁଥରେ ମତଦାତାଙ୍କ ଧାଡ଼ି ଲକ୍ଷ୍ୟ କରାଯାଇଥିଲା। ଆସିକା ଏନଏସିର ଲାଲାଶାସନ, ଲଛମନପଲ୍ଲୀ, ସୁନାମ୍ଭ ସାହି ଆଦି ବୁଥରେ ମତଦାତାଙ୍କ ଧାଡ଼ି ଦେଖାଯାଇଥିଲା। ଆସିକା ଏମପି ପ୍ରମିଳା ବିଷୋୟୀ ଚେରମାରିଆ ବୁଥରେ, ଏମପି ପ୍ରାର୍ଥୀ ଦେବକାନ୍ତ ଶର୍ମା ଆସିକା ବସଷ୍ଟାଣ୍ଡ ବୁଥରେ, ବିଧାୟିକା ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁ ପଥରା ଗ୍ରାମରେ, ବିଧାୟକ ପ୍ରାର୍ଥୀ ସରୋଜ ପାଢ଼ୀ ଆସିକା ଏନଏସିର ଖମ୍ବେଶ୍ୱରୀପାଟଣା ବୁଥରେ ଓ ବିଧାୟିକା ପ୍ରାର୍ଥିନୀ ସୁରଭୀ ବିଷୋୟୀ କର୍ଣ୍ଣୋଳି ଗ୍ରାମର ବୁଥରେ ସେମାନଙ୍କ ମତଦାନ କରିଛନ୍ତି।

### ଗଣ୍ଡଳାରେ ଭୋଟ ବେଳେ ୨ ଗୋଷ୍ଠୀ ହାତାହାତି

ହିଞ୍ଜିଳିକାଟୁ,୨୦।୫(ଦ୍ୱିତୀକୃଷ୍ଣ ପଣ୍ଡା): ହିଞ୍ଜିଳି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହିଞ୍ଜିଳିକାଟୁ ବ୍ଲକ୍‌ର ଗଣ୍ଡଳାଠାରେ ସୋମବାର ନିର୍ବାଚନକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଓ ହାତାହାତି ହୋଇଥିଲା। ସ୍ୱାଧୀନ ସମିତିସଭ୍ୟ ପ୍ରଶାନ୍ତ ସାହୁ ଓ ତାଙ୍କ ବିରୋଧୀ ଗୋଷ୍ଠୀ ମଧ୍ୟରେ କୌଣସି କଥାକୁ ନେଇ ହାତାହାତି ହୋଇଥିଲେ। ପୋଲିସ ହସ୍ତକ୍ଷେପ ପରେ ୨ ଗୋଷ୍ଠୀ ବେଲଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ପରେ ଉଭୟ ଆପୋଷ ବୁଝାମଣା କରିଥାନାରୁ ଫେରିଛନ୍ତି। ସେହିପରି ହିଞ୍ଜିଳିକାଟୁ ବ୍ଲକ ବୁରୁପୋଡା, ବଳରାମପୁର, ଗୋପିନାଥପୁର, ସାରୁ ଏବଂ ସ୍ଥାନୀୟ ପୌରାଞ୍ଚଳର ଆଙ୍କୋରଡା ଆଦି ମତଦାନ କେନ୍ଦ୍ରରେ ମତଦାନକୁ କେନ୍ଦ୍ର କରି ସାମାନ୍ୟ ଉତ୍ତେଜନା ସୃଷ୍ଟି ହୋଇଥିଲା।

# ୮ ନିର୍ବାଚନମଣ୍ଡଳୀର ୬୪ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍

ବ୍ରହ୍ମପୁର,୨୦।୫(ଅଶୋକ କୁମାର ସାହୁ):

**ଗଞ୍ଜାମ ଜିଲାରେ ମତଦାନ ସରିଲା**

ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ସୋମବାର ଶେଷ ହୋଇଛି। ଏହି ନିର୍ବାଚନରେ ଆସିକା ସଂସଦୀୟ କ୍ଷେତ୍ରର ୭ ଓ କନ୍ଧମାଳ ଲୋକସଭା କ୍ଷେତ୍ରର ଭଞ୍ଜନଗର ଏଭଳି ଗଞ୍ଜାମର ୮ ନିର୍ବାଚନ ମଣ୍ଡଳୀରେ ମତଦାନ ହୋଇଛି। ସମସ୍ତ ବିଧାନସଭା ଆସନ ପାଇଁ ମୋଟ ୫୭ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଲୋକ ସଭା ଆସନ ପାଇଁ ୭ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଜଣାପଡ଼ିଛି। ଇଭିଏମ୍‌ରେ ମୋଟ ୬୪ ପ୍ରାର୍ଥୀଙ୍କ ଭାଗ୍ୟ ସିଲ ହୋଇ ରହିଛି। ଜୁନ୍ ୪ ତାରିଖରେ ଭୋଟ ଗଣତି କରାଯିବ।

ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଭିତରେ ୭ଦିନ ସମୟ ମିଳିଥିଲା। ଏହା ମଧ୍ୟରେ ବହୁ ଅଘଟଣ ଘଟିବା ପରେ ପୋଲିସ ଓ ପ୍ରଶାସନ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଥିଲା। ତଥାପି ଭଞ୍ଜନଗର, ହିଞ୍ଜିଳି, ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ କାଁଭାଁ ଗଣ୍ଡଗୋଳ ହୋଇଥିଲେ ବି ଶାନ୍ତିପୂର୍ଣ୍ଣ ଭାବେ ମତଦାନ ଶେଷ ହୋଇଛି। ଉକ୍ତ ୮ ନିର୍ବାଚନ ମଣ୍ଡଳୀରେ ୧୮ ଲକ୍ଷ ୬୦ ହଜାର ୪୨୭ଜଣ ଭୋଟର ଥିଲେ ବି ମତଦାନ ହାର ସନ୍ଧ୍ୟା ୫ଟା ସୁଦ୍ଧା ୫୪.୫୫ ପ୍ରତିଶତ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ସନ୍ଧ୍ୟା ସୁଦ୍ଧା ପୋଲସରାରେ ସର୍ବାଧିକ ମତଦାନ ହୋଇଥିବାବେଳେ ସୋରଡାରେ ମତଦାନ ହାର ସର୍ବନିମ୍ନ ରହିଥିଲା। ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୩୯ ହଜାର ୪୫୩ ଭୋଟର ଥିବାବେଳେ ୮ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ୨୬୦ ବୁଥ୍‌ରେ ମତଦାନ ହୋଇଥିବାବେଳେ ସନ୍ଧ୍ୟା ୫ଟା ସୁଦ୍ଧା ମତଦାନ ହାର ୪୯.୧୦ ପ୍ରତିଶତ ରହିଛି। ସେହିପରି ପୋଲସରା ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୪୮ ହଜାର ୯୩୭ ଭୋଟର ଥିବାବେଳେ ୯ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ୨୬୩ ବୁଥରେ ମତଦାନ ହୋଇଥିବାବେଳେ ମତଦାନ ହାର ସନ୍ଧ୍ୟା ସୁଦ୍ଧା ୫୮.୬୬ ପ୍ରତିଶତ ରହିଛି। କବିସୂର୍ଯ୍ୟନଗର ନିର୍ବାଚନ ମଣ୍ଡଳୀରେ ୨,୩୮,୦୭୫ ଭୋଟର ଥିବାବେଳେ ୧୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ୨୪୫ ବୁଥ୍‌ରେ ଭୋଟର ମତଦାନ କରିଥିବାବେଳେ ଭୋଟ ପ୍ରତିଶତ ରହିଛି ୫୬.୬୬। ଖଲ୍ଲିକୋଟ ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୩୨ ହଜାର ୬୭୯ ଭୋଟର ଥିବାବେଳେ ୩ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୪୧ ବୁଥରେ ମତଦାନ ହୋଇଥିବାବେଳେ ମତଦାନ ହାର ୫୬.୨୩ ପ୍ରତିଶତ ରହିଛି। ଆସିକା ନିର୍ବାଚନ ମଣ୍ଡଳୀରେ ୨୦୨୭୦୦ ଭୋଟର ଥିବାବେଳେ ୬ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ୨୦୯ ବୁଥ୍‌ରେ ମତଦାନ ହୋଇଥିବାବେଳେ ମତଦାନ ହାର ୫୩.୧୬ ପ୍ରତିଶତ ରହିଛି। ସୋରଡା ନିର୍ବାଚନ ମଣ୍ଡଳୀରେ ଭୋଟର ସଂଖ୍ୟା ୨୩୫୩୪୧ ଥିବାବେଳେ ୭ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୨୬ ବୁଥରେ ମତଦାନ ହୋଇଥିବାବେଳେ ମତଦାନ ହାର ରହିଛି ୪୭.୮୦ ପ୍ରତିଶତ। ସେହିପରି ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ୨୩୧୧୩୩ ଭୋଟର ସଂଖ୍ୟା ଥିବାବେଳେ ୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ୨୫୩ ବୁଥରେ ମତଦାନ ହୋଇଥିବାବେଳେ ମତଦାନ ହାର ରହିଛି ୫୭.୩୯ ପ୍ରତିଶତ। ହିଞ୍ଜିଳି ନିର୍ବାଚନ ମଣ୍ଡଳୀରେ ଭୋଟର ସଂଖ୍ୟା ୨୩୨୧୦୯ ଥିବାବେଳେ ଏଠାରୁ ୧୦ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୨୯ ବୁଥରେ ମତଦାନ ହୋଇଥିବାବେଳେ ମତଦାନ ହାର ରହିଛି ୫୭.୨୧ ପ୍ରତିଶତ।

# ବର୍ଷା ପାଇଁ ୧ ଘଣ୍ଟା ମତଦାନ ବ୍ୟାହତ

## ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ୨ ବୁଥରେ ଗଣ୍ଡଗୋଳ

ଭଞ୍ଜନଗର,୨୦।୫(ବାବୁଲା ପ୍ରଧାନ)
ଗଞ୍ଜାମ ଜିଲା ସୋରଡ଼ା ନିର୍ବାଚନ ମଣ୍ଡଳୀରେ ସୋମବାର ଶାନ୍ତି ଶୃଙ୍ଖଳାର ସହ ମତଦାନ ସରିଥିବା ବେଳେ ଭଞ୍ଜନଗର ନିର୍ବାଚନ ମଣ୍ଡଳୀର ୨ଟି ବୁଥରେ ଗଣ୍ଡଗୋଳ ହୋଇଥିଲା। ଗଣ୍ଡଗୋଳ ଯୋଗୁ ମତଦାନରେ କୌଣସି ବାଧା ଉପୁଜି ନ ଥିବା ଜଣାପଡ଼ିଛି। ମତଦାନ ଚାଲିଥିବା ବେଳେ ଅପରାହ୍ନ ପ୍ରାୟ ସାଢ଼େ ୪ ଟାରୁ ସାଢ଼େ ୫ଟା ପର୍ଯ୍ୟନ୍ତ ଭଞ୍ଜନଗର ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥଲା। ବର୍ଷା ପବନ ଯୋଗୁ ବିଦ୍ୟୁତ୍ ଚାଲିଯିବାରୁ ଅନେକ ବୁଥ୍ ଅନ୍ଧାର ହୋଇଯାଇଥିଲା। ଏଥିଯୋଗୁ ମତଦାନ ବନ୍ଦ ରହିଥିଲା। କଣ୍ଟ୍ରୋଲ ୟୁନିଟ ଥିବା ସ୍ଥାନରେ ଲଣ୍ଠନ ବ୍ୟବସ୍ଥା ଥିଲା। କିନ୍ତୁ ପୋଲିଂ ଓ ପ୍ରିଜାଇଡିଂ ଅଫିସର୍‌ମାନଙ୍କ ପାଖରେ ଆଲୋକ ବ୍ୟବସ୍ଥା ନ ଥିବା ଯୋଗୁ ଅସୁବିଧା ହୋଇଥିଲା। ବିଦ୍ୟୁତ୍ ଆସିବା ପରେ ମତଦାନ ସ୍ୱାଭାବିକ ଚାଲିଥିଲା। ସେସବୁ ବୁଥରେ ରାତି ପର୍ଯ୍ୟନ୍ତ ମତଦାନ ହୋଇଥଲା। ଅର୍ଥମନ୍ତ୍ରୀ ତଥା ଭଞ୍ଜନଗର ବିଧାୟକ ପ୍ରାର୍ଥୀ ବିକ୍ରମ କେଶରୀ ଆରୁଖ ନିଜ ଗ୍ରାମ ଅଗଝୋଳ ବୁଥରେ ମତଦାନ କରିଥିଲେ। ସେହିପରି ଭାଜପା ପ୍ରାର୍ଥୀ ପ୍ରଦ୍ୟୁମ୍ନ କୁମାର ନାୟକ ନିଜ ଗ୍ରାମ ଡିଲିସିଙ୍ଗି ଏବଂ କଂଗ୍ରେସ ପ୍ରାର୍ଥୀ ପ୍ରଶାନ୍ତ ବିଷୋୟୀ ନିଜ ଗ୍ରାମ ଡିହପଡ଼ାଳ କେନ୍ଦ୍ରରେ ମତଦାନ କରିଛନ୍ତି। ବେରୁଆବାଡ଼ି ୪୭ ନଂ. ବୁଥରେ ମତଦାନ ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହୋଇଥଲା। ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ସେହିପରି ଢୁଢୁଆରେ ଏକ ବୁଥ ବାହାରେ ଦୁଇ ଗୋଷ୍ଠୀ ଧସ୍ତାଧସ୍ତି ହୋଇଥିଲେ। ଭଞ୍ଜନଗର ପୋଲିସ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଅନ୍ୟପକ୍ଷରେ ବାଉଁଶଲୁଣ୍ଡି ବୁଥରେ ଜଣେ ପ୍ରିଜାଇଡିଂ ଅଫିସର ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଭଞ୍ଜନଗର ମେଡ଼ିକାଲ ନିଆଯାଇଥିଲା। ପରେ ଉକ୍ତ ବୁଥରେ ବିକଳ୍ପ ବ୍ୟବସ୍ଥା କରଯାଇଥିଲା।

# ବାଲ ସଂସ୍କାର ଶିବିର ଉଦ୍‌ଯାପିତ

ବ୍ରହ୍ମପୁର,୨୦।୫(ସ୍ମୃତି ରଞ୍ଜନ ମହାଲିକ)
ଭାରତ ବିକାଶ ପରିଷଦ ପକ୍ଷରୁ ଚାଲିଥିବା ୪ ଦିନିଆ ବାଲ ସଂସ୍କାର ଶିବିର ସୋମବାର ସରିଛି। ଏଥିରେ ୫ମରୁ ୯ମ ଶ୍ରେଣୀର ୩୬ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ରୂପେ କ୍ଷୁଦ୍ର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସମ୍ମାନନୀୟ ଅତିଥି ରୂପେ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ କିଶୋର କୁମାର ବେହେରା ଓ ରାଜ୍ୟ ମହିଳା ସହଭାଗିତା ସଂଯୋଜିକା ବିଜୟାନନ୍ଦିନୀ ଦୁବେ ଯୋଗ ଦେଇଥିଲେ। ଧର୍ମ, ଜାତି ଓ ସଂସ୍କୃତିକୁ ବଂଚାଇବାକୁ ହେଲେ ନିଜର ଶିକ୍ଷା ସହ ରାଷ୍ଟ୍ର, ସଂସ୍କୃତି ଏବଂ ଧର୍ମକୁ ଜାଣିବାକୁ ହେବ ବୋଲି ଅତିଥିମାନେ କହିଥିଲେ। ଯୋଗ ଶିକ୍ଷକ ଗୋପାଳ କୃଷ୍ଣ ସାହୁ ଛାତ୍ରୀଛାତ୍ରଙ୍କୁ ସୂର୍ଯ୍ୟ ନମସ୍କାର, ବିଭିନ୍ନ ପ୍ରକାର ଆସନ, ଯୌଗିକ ବ୍ୟାୟମ ସଂପର୍କରେ ପ୍ରଶିକ୍ଷଣ ଦେଇଥିଲେ। ମହିଳା ସହଭାଗିତାର ସହ ସଂଯୋଜିକା କେ ଏନ ରାଣୀ ଭାଗବତ ଗୀତା ଶ୍ଳୋକ, ବିଭିନ୍ନ ପ୍ରକାର ଆଧ୍ୟାତ୍ମିକ ମନ୍ତ୍ର, ପ୍ରକୃତ ରାମ ଧୁନ ଉଚ୍ଚାରଣ ଶିକ୍ଷା ଦେଇଥିଲେ। ପ୍ରସନ୍ନ ଛୋଟରାୟ ବିଭିନ୍ନ ପ୍ରକାର ଜୀବନ ଆଧାରିତ କାହାଣୀ ଶିଖାଇଥିଲେ। ପରିଷଦର ସଭାପତି ସୀମାଚଂଳ ଦାଶ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ସହ ଛାତ୍ରୀଛାତ୍ରଙ୍କୁ ଦୈନନ୍ଦିନ ଜୀବନରେ ଆଚରଣ ଯୋଗ୍ୟ ବ୍ୟବହାର କିଭଳି କରିବାକୁ ହୁଏ ଶିକ୍ଷା ଦେଇଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ ପରିଷଦ ପକ୍ଷରୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଶାଖା ମହିଳା ସହଭାଗିତା ସଂଯୋଜିକା କୁମ୍‌କୁମ ଦାଶ, ଯାଜ୍ଞସେନୀ ଦେବୀ, ଆରତୀ ପଣ୍ଡା, ମମତା ପ୍ରଧାନ, ସଂଗଠନ ସଂପାଦକ ରୁଦ୍ର ପ୍ରସାଦ ସିଂଦେଓ ପ୍ରମୁଖ ସହଯୋଗ କରିଥିଲେ।


ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

# ସରିଲା ଭୋଟ, ଫଳାଫଳକୁ ଅପେକ୍ଷା

ବ୍ରହ୍ମପୁର,୨୦।୫(ନରସିଂହ ସାହୁ):
ଆସିକା ଲୋକ ସଭା ଏବଂ ଏହାର ଅଧିନ ୭ ବିଧାନସଭା ଆସନରେ ଭୋଟ ଗ୍ରହଣ ସରିଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବିଭିନ୍ନ ଦଳ ଓ ସ୍ୱାଧୀନ ବିଧାୟକ ପ୍ରାର୍ଥୀମାନଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇଛି। ସେହିପରି କନ୍ଧମାଳ ଲୋକ ସଭା କ୍ଷେତ୍ର ଅନ୍ତର୍ଭୁକ୍ତ ଗଞ୍ଜାମର ଭଞ୍ଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମଧ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବଂ ଭାଜପା ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ ମୁହାଁମୁହିଁ ହୋଇଛନ୍ତି। ସୂଚନାଯୋଗ୍ୟ, ଗତ ନିର୍ବାଚନ ଗୁଡ଼ିକରେ ଗଞ୍ଜାମରେ ମୁଖ୍ୟତଃ ବିଜେଡି ଓ କଂଗ୍ରେସ ମଧ୍ୟରେ ଟକ୍କର ହେଉଥିଲା। ୨୦୧୯ ନିର୍ବାଚନରେ କଂଗ୍ରେସ ପଛରେ ପଡ଼ିଗଲା ଏବଂ ବିଜେଡି ସହ ଲଢ଼େଇ କରି ଭାଜପା ଦ୍ୱିତୀୟ ସ୍ଥାନରେ ଥିଲା। ଚଳିତଥର ବିଜେଡି ଓ ଭାଜପା ମଧ୍ୟରେ ସମ୍ମାନର ପ୍ରଶ୍ନ ହୋଇଛି। ବିଜେଡିକୁ ଟାର୍ଗେଟ କରି ଭାଜପାର ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀ, ରାଷ୍ଟ୍ରୀୟ ଅଧ୍ୟକ୍ଷ, କେନ୍ଦ୍ର ଓ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀଙ୍କ ଏହି ଜିଲାରେ ଜୋରଦାର ଭୋଟ ପ୍ରଚାର ହୋଇଛି। ଫଳାଫଳ ପାଇଁ ଜୁନ ୪ କୁ ଅପେକ୍ଷା କରାଯାଇଛି।

# ସ୍ୱାସ୍ଥ୍ୟ ସଚେତନତା ଶିବିର


ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ବ୍ରହ୍ମପୁର,୨୦।୫(ସ୍ମୃତି ରଞ୍ଜନ ମହାଲିକ)
ଭରଦ୍ୱାଜ ପ୍ରତିଷ୍ଠାନ ପକ୍ଷରୁ ସୋମବାର ହରିହର ନଗରଠାରେ ଅନିଦ୍ରା ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ଡା ନକୁଳ ସାହୁ ଯୋଗ ଦେଇ ଗ୍ରୀଷ୍ମ ଋତୁରେ ଗରମ ଯୋଗୁଁ ଶୋଇବା ପୂର୍ବରୁ ମୋବାଇଲ ବ୍ୟବହାର, କଫି, ନିକୋଟିନ ଜାତୀୟ ଦ୍ରବ୍ୟ ସେବନ, ବାର୍ଦ୍ଧକ୍ୟରେ ମାନସିକ ଚିନ୍ତା, କ୍ରୋଧ, ବାଇକ ଭ୍ରମଣ, ମସଲା, ଆମିଷ, ତେଲ ଛଣା ଖାଦ୍ୟ ଓ ଗୋଡ ହାତ ବ୍ୟଥା ହେଲେ ରାତ୍ରିରେ ଭଲ ନିଦ ହୋଇ ନ ଥାଏ ବୋଲି କହିଥିଲେ। ଫଳରେ ଭ୍ରମ, ଦୁର୍ବଳ ବୋଧ, ଅରୁଚି ଓ କାର୍ଯ୍ୟରେ ଅନିଚ୍ଛା ଭଳି ଲକ୍ଷଣ ଦେଖାଯାଇଥାଏ। ଏଣୁ ସଂଗୀତ କୋଳାହଳ ବିହୀନ, ଉତ୍ତମ କୋମଳ ଶର୍ଯ୍ୟା, ଗୋଡ ହାତ ଧୋଇ ପରିସ୍ରା କରି ଶୋଇଲେ ସୁନିଦ୍ରା ହୋଇଥାଏ। ଏହି ଶିବିରେ ବହୁ ରୋଗୀଙ୍କ ନାଡ଼ି, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ୍ତ ଓ ସ୍ତ୍ରୀ ରୋଗ ଭଳି ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଏବଂ ଔଷଧ ବିତରଣ କରାଯାଇଥିଲା।

# ୬୦ ପ୍ରତିଶତରୁ ବଢ଼ିଲା ନାହିଁ ମତଦାନ

ଫୁଲବାଣୀ, ୨୦।୫(ରାକେଶ କୁମାର ରାଉତ)


**ସମସ୍ତ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍**

ସାଧାରଣ ନିର୍ବାଚନ ପାଇଁ ସୋମବାର ଭୋଟ ଗ୍ରହଣ ହୋଇଛି। କନ୍ଧମାଳ ଜିଲାର ଫୁଲବାଣୀ, ବାଲିଗୁଡା, ଜି.ଉଦୟଗିରି ବିଧାନସଭା ନିର୍ବାଚନୀ ମଣ୍ଡଳୀ ସମେତ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ଭୋଟର ମାନେ ସେମାନଙ୍କ ମତ ସାବ୍ୟସ୍ତ କରଛନ୍ତି। କନ୍ଧମାଳ ଲୋକ ସଭା ଅଧିନ ଜିଲାର ୭ଟି ନିର୍ବାଚନ ମଣ୍ଡଳୀରେ ରାତି ୮ଟା ସୁଦ୍ଧା ମତଦାନ ହାର ୫୭.୪୬ % ରହିଛି। ଫୁଲବାଣୀ ବିଧାନସଭାରେ ୫୯.୨୫%, ବାଲିଗୁଡା ବିଧାନସଭାରେ ୫୮.୧୦%, ଜି.ଉଦୟଗିରି ବିଧାନସଭାରେ ୫୭.୨୯%, କଣ୍ଟାମାଳ ବିଧାନସଭାରେ ୫୫.୩୬%, ବୌଦ୍ଧ ବିଧାନସଭାରେ ୬୨.୫୬%, ଦଶପଲ୍ଲା ବିଧାନସଭାରେ ୬୩.୨୦%, ଭଞ୍ଜନଗର ବିଧାନସଭାରେ ୪୯.୧୦% ମତଦାନ ହୋଇଛି। ପ୍ରବଳ ଖରାହେତୁ ଅପରାହ୍ନରେ ଭୋଟରଙ୍କ ଗହଳି ବୁଥ୍‌ରେ ଦେଖିବାକୁ ମିଳିଥିଲା। କେତକେ ସ୍ଥାନରେ ସନ୍ଧ୍ୟା ସାଢ଼େ ୬ଟାରୁ ଉର୍ଦ୍ଧ୍ୱ ସମୟ ଧରି ଭୋଟିଂ ହୋଇଛି। ଜିଲାରେ ଭୋଟ ଦାନ ହାର ଆଶାନୁରୂପକ ହୋଇ ନାହିଁ। କୌଣସି ସ୍ଥାନରେ ସେଭଳି କିଛି ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇନାହିଁ। ହେଲେ ମାଓବାଦୀ ଉପଦ୍ରୁତ ଅଂଚଳରୁ ପୋଲିଂ ପାର୍ଟି ଏବଂ ଅନ୍ୟ ଦୂରତା ଅଂଚଳରୁ ଏହି ପାର୍ଟି ପହଂଚି ନ ଥିବାରୁ ଭୋଟ ବ୍ୟବଧାନ ହାରରେ କିଛି ତାରତମ୍ୟ ଆସିପାରେ ଅନୁମାନ କରାଯାଉଛି। ୨୦୧୯ ସାଧାରଣ ନିର୍ବାଚନରେ ମଧ ଭୋଟିଂ ୫୭.୪ ପ୍ରତିଶତ ହୋଇଥିଲା।

ଫୁଲବାଣୀ ବିଧାନସଭା ନିର୍ବାଚନୀ ମଣ୍ଡଳୀର ଖଜୁରୀପଡା ବ୍ଲକରେ ଇଭିଏମ୍ ଅଚଳ ଯୋଗୁ ଭୋଟ ଦାନ ପ୍ରକ୍ରିୟାରେ ଅସୁବିଧା ସୃଷ୍ଟି ହୋଇଥିଲା।

ବଲସକୁମ୍ପା ପଂଚାୟତର ବଲସକୁମ୍ପା ବୁଥ୍, ଆଡାସିପଡା ପଂଚାୟତର ଆଡାସିପଡା ବୁଥରେ ଏହି ତ୍ରୁଟି ପରିଲକ୍ଷିତ ହୋଇଥିଲା। ହେଲେ ପରେ ଭୋଟ ଦାନ ପ୍ରକ୍ରିୟା ସୁରୁଖୁରୁ ଭାବେ ହୋଇଥିଲା। ସେହିପରି ଫିରିଙ୍ଗିଆ ବ୍ଲକର ପବିଙ୍ଗିଆ ପଂଚାୟତ ଦଣି, ଟାଲୁପଦର, ପାତଡିପାଙ୍ଗା, ସିନ୍ଧୁପଦର, ପାଣ୍ଡୁପଦର ୱାର୍ଡର ଲୋକେ ରାସ୍ତା ପାଇଁ ଦାବି କରି ନିରାଶ ହେବାରୁ ଭୋଟ ବର୍ଜନ କରିଛନ୍ତି। ସେହିପରି ଜି.ଉଦୟଗିରି ନିର୍ବାଚନୀ ମଣ୍ଡଳୀର ରାଇକିଆ ବ୍ଲକରେ ଇଭିଏମ୍‌ରେ ତ୍ରୁଟି ଯୋଗୁ କିଛି ସମୟ ପାଇଁ ଭୋଟ ଦାନ ପ୍ରକ୍ରିୟା ବିଳମ୍ବ ହୋଇଥିଲା। ପରି ମେଶିନକୁ କାର୍ଯ୍ୟକ୍ଷମ କରାଯାଇ ଭୋଟ ଗ୍ରହଣ ହୋଇଥିଲା।

କନ୍ଧମାଳ ସଂସଦୀୟ କ୍ଷେତ୍ରରେ ୮ ଜଣ ପ୍ରାର୍ଥି ଏମ୍‌ପି ପାଇଁ ନିର୍ବାଚନ ଲଢୁଥିବା ବେଳେ ଫୁଲବାଣୀ ବିଧାନସଭା କ୍ଷେତ୍ରରେ ୯ ଜଣ, ବାଲିଗୁଡା ବିଧାନସଭା କ୍ଷେତ୍ରରେ ୫ ଜଣ ଏବଂ ଜି.ଉଦୟଗିରି ବିଧାନସଭା କ୍ଷେତ୍ରରେ ୮ ଜଣ ପ୍ରାର୍ଥିଙ୍କୁ ମିଶାଇ ୩୦ ଜଣ ନିର୍ବାଚନକୁ ଓହ୍ଲାଇଛଁ। ଏବେ ସମସ୍ତଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ଆସନ୍ତା ୪ ତାରିଖରେ ସେମାନଙ୍କ ଭାଗ୍ୟ ନିର୍ଦ୍ଧାରଣ ହେବ।




ମୁମ୍ବାଇର ଏକ ମତଦାନ କେନ୍ଦ୍ରରେ ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନ ଭୋଟ ଦେଉଛନ୍ତି।



ଭାଜପା ଏମ୍‌ପି ହେମାମାଳିନୀ ଓ ତାଙ୍କ ଝିଅ ଇଶା ଦେଓଲ ଭୋଟ ଦେଇସାରି କାଳି ଚିହ୍ନ ଥିବା ଅଙ୍ଗୁଳି ଦେଖାଉଛନ୍ତି।



ଅଭିନେତା ଆମିର ଖାନ୍ ଏବଂ ଫିଲ୍ମ ନିର୍ଦ୍ଦେଶିକା କିରଣ ରାଓ ଭୋଟ ଦେଇଛନ୍ତି।

## କଙ୍ଗନାଙ୍କୁ କଳାପତାକା ଦେଖାଇ ବିରୋଧ

**ଶିମଲା, ୨୦।୫:** ଅଭିନେତ୍ରୀ ତଥା ମଣ୍ଡି ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ କଙ୍ଗନା ରାଣାୱତ ସୋମବାର ଲାହୌଲ-ସ୍ପିତି ଜିଲାର କାଜା ସବ୍‌ଡିଭିଜନକୁ ନିର୍ବାଚନ ପ୍ରଚାରରେ ଯାଇଥିବାବେଳେ ତାଙ୍କୁ କେତେଜଣ କଂଗ୍ରେସ କର୍ମୀ କଳା ପତାକା ଦେଖାଇ ବିରୋଧ କରିବା ସହ 'କଙ୍ଗନା ଗୋ ବ୍ୟାକ୍'ର ନାରା ଲଗାଇଥିଲେ। କଙ୍ଗନା ବିଗତ ଦିନରେ ତିବ୍ବତ ଧର୍ମଗୁରୁ ଦଲାଇଲାମାଙ୍କୁ ନେଇ ଅପମାନଜନକ ପୋଷ୍ଟ କରିଥିବାରୁ ଏହି ବିରୋଧ କରାଯାଇଥିବା ପ୍ରଦର୍ଶନକାରୀଙ୍କ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଗତବର୍ଷ ଏପ୍ରିଲରେ ଦଲାଇଲାମାଙ୍କୁ ନେଇ ଏକ ମିମ୍ କଙ୍ଗନା ଶେୟାର କରିଥିଲେ, ଯେଉଁଥିରେ ହ୍ୱାଇଟ ହାଉସରେ ଆମେରିକା ରାଷ୍ଟ୍ରପତି ଜୋ. ବାଇଡେନ୍ ଦଲାଇଲାମାଙ୍କର ସ୍ୱାଗତ କରିଥିଲେ। ତେବେ ଏହି ପୋଷ୍ଟରେ ଦଲାଇଲାମାଙ୍କୁ ଆପତ୍ତିଜନକ ଭାବେ ଚିତ୍ରଣ କରାଯାଇଥିବା ଅଭିଯୋଗ କରି ସେତେବେଳେ ବୌଦ୍ଧ ଧର୍ମର ଏକ ଦଳ ମୁମ୍ବାଇରେ କଙ୍ଗନାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲା।

# ପ୍ରତ୍ୟର୍ପଣକୁ ଚ୍ୟାଲେଞ୍ଜ କରିପାରିବେ ଅସାଞ୍ଜ

### ୱିକିଲିକ୍ସ ପ୍ରତିଷ୍ଠାତାଙ୍କୁ ଲଣ୍ଡନ କୋର୍ଟରୁ ଆଶ୍ୱସ୍ତି

**ଲଣ୍ଡନ,୨୦।୫**

ଆମେରିକାକୁ ପ୍ରତ୍ୟର୍ପଣ ବିରୋଧରେ ୱିକିଲିକ୍ସ ୱେବ୍‌ସାଇଟ୍‌ର ପ୍ରତିଷ୍ଠାତା ଜୁଲିଅନ୍ ଅସାଞ୍ଜ ଅପିଲ୍ କରିପାରିବେ ବୋଲି ଲଣ୍ଡନର ଏକ ଅଦାଲତ ସୋମବାର ଅନୁମତି ପ୍ରଦାନ କରିଛନ୍ତି। ଫଳରେ ୫୨ ବର୍ଷୀୟ ଅସାଞ୍ଜଙ୍କ ଆଇନଗତ ଲଢ଼େଇ ଆହୁରି ଦୀର୍ଘ ହେବାକୁ ଯାଉଛି। ବ୍ରିଟେନ୍ ସରକାରଙ୍କ ପ୍ରତ୍ୟର୍ପଣ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରିବାର ସୁଯୋଗ ରହିଛି ବୋଲି ହାଇକୋର୍ଟ ବିଚାରପତି ଭିକ୍ଟୋରିଆ ଶାର୍ପ ଏବଂ ଜେରେମି ଜନ୍‌ସନ କହିଥିଲେ। ପ୍ରାୟ ୧୫ ବର୍ଷ ପୂର୍ବେ ଆମେରିକାର କେତେକ ଗୋପନ ଦସ୍ତାବିଜ୍‌କୁ ଅସାଞ୍ଜ ତାଙ୍କ ୱେବ୍‌ସାଇଟ୍‌ରେ ପ୍ରଘଟ କରିବାରେ କମ୍ପ୍ୟୁଟରର ଦୁରୁପଯୋଗ ଅଭିଯୋଗ ସହ ସେ ୧୭ଟି ଗୁପ୍ତଚରଗିରି ଅଭିଯୋଗର ସମ୍ମୁଖୀନ ହୋଇଥିଲେ। ଅଷ୍ଟ୍ରେଲିଆର ଏହି କମ୍ପ୍ୟୁଟର ବିଶେଷଜ୍ଞ ଲଣ୍ଡନସ୍ଥିତ ଇକ୍ୱାଏଡର



ଜୁଲିଅନ୍ ଅସାଞ୍ଜ

ଦୂତାବାସ ଶରଣରେ ୭ ବର୍ଷ ରହିବା ପରେ ୫ ବର୍ଷ ହେଲା ଲଣ୍ଡନର ହାଇସିକ୍ୟୁରିଟି ବେଲମାର୍ଶ କାରାଗାରରେ ରହିଛନ୍ତି।

ଗୁପ୍ତଚର ବୃତ୍ତି ଅଭିଯୋଗରେ ଯଦି ଅସାଞ୍ଜଙ୍କୁ ଆମେରିକା ପ୍ରତ୍ୟର୍ପଣ କରାଯାଏ, ତେବେ ସେଠାରେ ତାଙ୍କୁ ସାମ୍ବାଦିକତା ଅଧିକାରର ସୁରକ୍ଷା ମିଳିବା ଆବଶ୍ୟକ। ଆମେରିକା ଏଥିପାଇଁ ପର୍ଯ୍ୟାପ୍ତ ପ୍ରତିଶ୍ରୁତି ଦେଇ ନ ଥିବା ଅସାଞ୍ଜଙ୍କ ଓକିଲ ଏଡ୍‌ୱାର୍ଡ ଫିଜ୍‌ଗରାଲ୍ଡ ଅଦାଲତଙ୍କୁ ଜଣାଇଥିଲେ। ଆମେରିକାର ବିଭିନ୍ନ ତଥ୍ୟ ପ୍ରକାଶ କରିବାରେ ଜଣେ ସାମ୍ବାଦିକ ଭାବେ ତାଙ୍କ ଅଧିକାରକୁ ସୁରକ୍ଷା ମିଳିବା ଆବଶ୍ୟକ, ଯେଉଁ ଗ୍ୟାରେଣ୍ଟି ଦେବାରେ ପ୍ରସିକ୍ୟୁଟରମାନେ ବିଫଳ ହୋଇଥିବା ଫିଜ୍‌ଗରାଲ୍ଡ କହିଥିଲେ। ଗୁପ୍ତଚର ବୃତ୍ତି ଅଭିଯୋଗରେ ବିଚାରର ସମ୍ମୁଖୀନ ହେବା ଲାଗି ଅସାଞ୍ଜଙ୍କୁ ଯଦି ଆମେରିକା ପଠାଯାଏ ତେବେ ଲଣ୍ଡନ ହାଇକୋର୍ଟରେ ଶୁଣାଣିର ଶେଷ ହୋଇପାରେ କିମ୍ବା ପ୍ରତ୍ୟର୍ପଣ ବିରୋଧରେ ତାଙ୍କୁ ଅପିଲ ପାଇଁ ଆଉ ଏକ ସୁଯୋଗ ଦିଆଯାଇପାରେ। ଅସାଞ୍ଜ ଆମେରିକାରେ ବିଚାରର ସମ୍ମୁଖୀନ ହେଲେ ତାଙ୍କ ଅଧିକାର କ୍ଷୁଣ୍ଣ ନ ହେବା ନେଇ ୱାଶିଂଟନର ଅଧିକାରୀମାନଙ୍କ ପ୍ରତିଶ୍ରୁତି ଉପରେ ବିଚାରପତି କେତେ ଗୁରୁତ୍ୱ ଦେଉଛନ୍ତି, ତାହା ଉପରେ ସବୁକିଛି ନିର୍ଭର କରୁଛି। ୱିକିଲିକ୍ସରେ ପ୍ରକାଶ ପାଇଁ ଆମେରିକାର କୂଟନୈତିକ କେବୁଲ ଏବଂ ସାମରିକ ଫାଇଲ ଚୋରି କରିବାରେ ଅସାଞ୍ଜ ସେଠାର ସେନା ଗୋଇନ୍ଦା ବିଶ୍ଳେଷକ ଚେଲସିଆ ମାନିଙ୍ଗ୍‌ଙ୍କୁ ପ୍ରୋତ୍ସାହିତ ଓ ସହଯୋଗ କରିଥିଲେ ବୋଲି ଯୁକ୍ତରାଷ୍ଟ୍ରର ପ୍ରସିକ୍ୟୁଟରମାନେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଅସାଞ୍ଜଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ଯେ, ଜଣେ ସାମ୍ବାଦିକ ଭାବେ ଅସାଞ୍ଜ ଇରାକ ଓ ଆଫଗାନିସ୍ତାନରେ ଆମେରିକା ସେନା କରିଥିବା ଭୁଲ୍‌କୁ ପ୍ରଘଟ କରିଛନ୍ତି। ସେ ରାଜନୈତିକ ପ୍ରେରଣାରେ ଏଭଳି କରିଥିବା ନେଇ ବିଚାରର ସମ୍ମୁଖୀନ ହେଲେ, ତାଙ୍କୁ ନ୍ୟାୟ ମିଳି ନ ପାରେ ବୋଲି ଅସାଞ୍ଜଙ୍କ ଓକିଲ କରିଥିଲେ।

## ଅହମଦାବାଦରୁ ୪ ଆଇଏସ୍ ଆତଙ୍କବାଦୀ ଗିରଫ

**ଅହମଦାବାଦ,୨୦।୫**

ଅହମଦାବାଦସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏୟାରପୋର୍ଟରୁ ଗୁଜରାଟ ଆଣ୍ଟି-ଟେରୋରିଷ୍ଟ ସ୍କ୍ୱାଡ୍ (ଏଟିଏସ୍) ସୋମବାର ଇସ୍‌ଲାମିକ ଷ୍ଟେଟ୍ (ଆଇଏସ୍)ର ୪ ଆତଙ୍କବାଦୀଙ୍କୁ ଗିରଫ କରିଛି। ଆତଙ୍କବାଦୀମାନେ ଶ୍ରୀଲଙ୍କା ନାଗରିକ। ସେମାନଙ୍କ ପାକିସ୍ତାନୀ ପରିଚାଳକ, ସେମାନଙ୍କୁ ଅହମଦାବାଦ ବିମାନବନ୍ଦରରେ ଆତ୍ମଘାତୀ ଆକ୍ରମଣ ଦାୟିତ୍ୱ ଦେଇଥିଲେ ବୋଲି ଏଟିଏସ୍ କହିଛି। ଗିରଫ ଆତଙ୍କବାଦୀମାନେ ହେଲେ ମହମ୍ମଦ ନୁସ୍ରତ, ମହମ୍ମଦ ନଫ୍ରନ, ମହମ୍ମଦ ଫରିସ ଏବଂ ମହମ୍ମଦ ରସ୍‌ଦିନ। ସେମାନେ କେବଳ ତାମିଲ ଭାଷା କହୁଥିବାବେଳେ ହିନ୍ଦୀ କିମ୍ବା ଇଂଲିଶ ବୁଝିପାରୁ ନାହାନ୍ତି ବୋଲି ପୋଲିସ ଡିଜି ବିକାଶ ସହାୟ କହିଛନ୍ତି। ଆତଙ୍କବାଦୀମାନେ କଲମ୍ବୋରୁ ପ୍ରଥମେ ଚେନ୍ନାଇରେ ପହଞ୍ଚିବା ପରେ ରବିବାର ଅହମଦାବାଦ ଆସିଥିଲେ। ଏ ସମ୍ପର୍କରେ ପୋଲିସକୁ ଆଗୁଆ ସୂଚନା ମିଳିବା ପରେ ସେମାନଙ୍କୁ ଧରିବା ପାଇଁ ବିମାନବନ୍ଦର ଏବଂ ରେଳଷ୍ଟେଶନରେ ଏଟିଏସ୍‌କୁ ନିୟୋଜିତ କରାଯାଇଥିଲା। ଆତଙ୍କବାଦୀମାନେ ସମାନ ପିଏନ୍‌ଆର୍ ନମ୍ବରରେ ଇଣ୍ଡିଗୋ ବିମାନରେ ଆସିଥିଲେ ବୋଲି ଡିଜିପି କହିଛନ୍ତି। ସେମାନଙ୍କଠାରୁ ୨ଟି ମୋବାଇଲ ଫୋନ୍, ଭାରତୀୟ ଓ ଶ୍ରୀଲଙ୍କା ମୁଦ୍ରା, ପାକିସ୍ତାନୀ ଅସ୍ତ୍ର ଏବଂ ଆଇଏସ୍ ପତାକା ଜବତ ହୋଇଛି। ପାକିସ୍ତାନର ଅବୁ ନାମକ ଆଇଏସ୍ ଅପରେଟିଭ୍‌ଙ୍କ ସହ ଆତଙ୍କବାଦୀଙ୍କ ଯୋଗାଯୋଗ ହୋଇଥିଲା। ଗୁଜରାଟରେ ଆତ୍ମଘାତୀ ଆକ୍ରମଣ ନିମନ୍ତେ ବୋମା ପ୍ରସ୍ତୁତି ପାଇଁ ଅବୁ ସେମାନଙ୍କୁ ୪ ଲକ୍ଷ ଟଙ୍କା ଦେଇଥିଲା ବୋଲି ଡିଜିପି କହିଛନ୍ତି।

## ନିର୍ବାଚନ ଡ୍ୟୁଟିରୁ ହଟିଲେ ଯବାନ

### ଯୌନ ନିର୍ଯାତନା ଅଭିଯୋଗ

**କୋଲକାତା, ୨୦।୫:** ପଶ୍ଚିମବଙ୍ଗରେ ଲୋକ ସଭା ନିର୍ବାଚନ ଚାଲିଥିବାବେଳେ ବିଏସ୍‌ଏଫ୍‌ର ଜଣେ ଯବାନଙ୍କ ବିରୋଧରେ ନିର୍ବାଚନ ଆୟୋଗ(ଇସି) କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଉଲୁବେରିଆ ଲୋକ ସଭା ଆସନରେ ନିର୍ବାଚନ ଡ୍ୟୁଟିରେ ଥିବା ଉକ୍ତ ଯବାନଙ୍କୁ ସୋମବାର ଇସି ହଟାଇଦେଇଛନ୍ତି। ରବିବାର ସନ୍ଧ୍ୟାରେ ଉଲୁବେରିଆ ଥାନାରେ ଜଣେ ମହିଳା ଉକ୍ତ ଯବାନଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ କରିଥିଲେ। ତେବେ ପୋଲିସ ରିପୋର୍ଟ ଆସିବା ପରେ ଅବଶିଷ୍ଟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଇସିର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗର ୫୭% ମତଦାନ କେନ୍ଦ୍ରକୁ ଇସି ସମ୍ବେଦନଶୀଳ ଘୋଷଣା କରି ରାଜ୍ୟରେ ୬୦ ହଜାରରୁ ଅଧିକ ବିଭିନ୍ନ କେନ୍ଦ୍ରୀୟ ସୁରକ୍ଷା ବଳ ଯବାନଙ୍କୁ ନିୟୋଜିତ କରିଛନ୍ତି।

## ନେତାନ୍ୟାହୁ, ହମାସ୍ ନେତାଙ୍କ ନାଁରେ ଗିରଫ ପରୱାନା ଜାରି କରିବ ଆଇସିସି

**ହେଗ୍,୨୦।୫**

ଯୁଦ୍ଧ ଅପରାଧରେ ସମ୍ପୃକ୍ତ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ, ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ୍ ଗାଲାଣ୍ଟ, ହମାସ୍ ନେତା ୟାହୟା ସିନ୍‌ୱାର, ମହମ୍ମଦ ଡିଆବ ଇବ୍ରାହିମ ଅଲ୍-ମସ୍ରି ଏବଂ ଇସ୍‌ମାଇଲ୍ ହାନିୟେହଙ୍କ ବିରୋଧରେ ଅନ୍ତର୍ଜାତୀୟ ଅପରାଧିକ ଅଦାଲତ (ଆଇସିସି) ଗିରଫ ପରୱାନା ଜାରି କରିବା ନିମନ୍ତେ ଏହାର ମୁଖ୍ୟ ପ୍ରସିକ୍ୟୁଟର ଆବେଦନ କରିଛନ୍ତି। ଗତବର୍ଷ ଅକ୍ଟୋବର ୭ରେ ହମାସ୍ ଆତଙ୍କବାଦୀମାନେ ଇସ୍ରାଏଲ୍ ଉପରେ ଆକ୍ରମଣର ପରିଣତି ସ୍ୱରୂପ ଗାଜା ଯୁଦ୍ଧ ହୋଇଥିଲା। ଆଇସିସି ମୁଖ୍ୟ ପ୍ରସିକ୍ୟୁଟର କରିମ ଖାନ୍ ଏହାକୁ ଯୁଦ୍ଧ ଅପରାଧ ଓ ମାନବଜାତି ବିରୋଧରେ ଅପରାଧ ବୋଲି ଅଭିଯୋଗ କରିଛନ୍ତି। ସିନ୍‌ୱାର, ହାନିୟେହ ଏବଂ ଅଲ୍ ମସ୍ରିଙ୍କ ବିରୋଧରେ ଧ୍ୱଂସସାଧନ, ହତ୍ୟା, ପଣବନ୍ଦୀ କରିବା, ବଳାତ୍କାର



ବେଞ୍ଜାମିନ୍ ନେତାନ୍ୟାହୁ ୟାହୟା ସିନ୍‌ୱାର

ଓ ଯୌନ ଉତ୍ପୀଡ଼ନ ଆଦି ଅଭିଯୋଗ ଲଗାଯାଇଥିବାବେଳେ ନେତାନ୍ୟାହୁ ଓ ଗାଲାଣ୍ଟଙ୍କ ବିରୋଧରେ ଯୁଦ୍ଧଜନିତ ଧ୍ୱଂସ ସାଧନ, ଲୋକଙ୍କୁ କ୍ଷୁଧିତ ରଖିବା, ରିଲିଫ ସହାୟତାକୁ ଯୁଦ୍ଧପୀଡ଼ିତଙ୍କ ନିକଟରେ ପହଞ୍ଚାଇବାକୁ ନ ଦେବା ଆଦି ଅଭିଯୋଗ ହୋଇଛି। ପ୍ରଥମ ଥର ପାଇଁ ଆମେରିକାର ଘନିଷ୍ଠ ସହଯୋଗୀ ନେତାନ୍ୟାହୁଙ୍କ ବିରୋଧରେ ଆଇସିସି ଗିରଫ ପରୱାନା ଜାରି କରିବାକୁ ଯାଉଛି। ୟୁକ୍ରେନ୍ ବିରୋଧରେ ଯୁଦ୍ଧ ପାଇଁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଆଇସିସି ଗିରଫ ପରୱାନାର ସମ୍ମୁଖୀନ ହେବାକୁ ପଡ଼ିଥିଲା।

# ୫ମ ପର୍ଯ୍ୟାୟରେ ୫୯% ମତଦାନ

**ନୂଆଦିଲ୍ଲୀ,୨୦।୫**

ଲୋକ ସଭା ନିର୍ବାଚନର ପଞ୍ଚମ ପର୍ଯ୍ୟାୟରେ ରାତି ୧୦ଟା ସୁଦ୍ଧା ୫୯.୧୧ ପ୍ରତିଶତ ମତଦାନ ହୋଇଥିବା ନିର୍ବାଚନ କମିଶନଙ୍କ ତଥ୍ୟରୁ ଜଣାପଡ଼ିଛି। ସୋମବାର ୬ ରାଜ୍ୟ ଓ ୨ କେନ୍ଦ୍ରଶାସିତ ଅଞ୍ଚଳର ୪୯ଟି ଆସନରେ ଭୋଟିଂ ହୋଇଥିଲା। ପଶ୍ଚିମବଙ୍ଗରେ ସର୍ବାଧିକ ୭୩ ପ୍ରତିଶତ ମତଦାନ ହୋଇଥିବାବେଳେ ଲଦାଖରେ ୬୭.୧୫%, ଝାଡ଼ଖଣ୍ଡରେ ୬୩% ଏବଂ ଓଡ଼ିଶାରେ ୬୦.୭୨ ପ୍ରତିଶତ ମତଦାନ ହୋଇଛି। ଉତ୍ତରପ୍ରଦେଶରେ ୫୭.୭୯ ପ୍ରତିଶତ ଭୋଟିଂ ହୋଇଥିବାବେଳେ ଜମ୍ମୁ-କଶ୍ମୀରରେ ୫୪.୬୭%, ବିହାରରେ ୫୨.୬୦% ଏବଂ ମହାରାଷ୍ଟ୍ରରେ ସର୍ବନିମ୍ନ ୪୯ ପ୍ରତିଶତ ମତଦାନ ହୋଇଛି। ପଶ୍ଚିମବଙ୍ଗରେ ଭୋଟ ବେଳେ କାଁଭାଁ ହିଂସାକାଣ୍ଡ ଘଟିଥିବାବେଳେ ଉତ୍ତରପ୍ରଦେଶର ଏକ ଗ୍ରାମରେ ଲୋକେ ଭୋଟ ବର୍ଜନ କରିଥିଲେ। ପଶ୍ଚିମବଙ୍ଗର




ପଶ୍ଚିମବଙ୍ଗର ହାୱଡାର ଏକ ବୁଥ୍‌ରେ ଭୋଟ ଦେବା ପାଇଁ ୮୫ ବର୍ଷୀୟ ଅସୁସ୍ଥ ମହିଳାଙ୍କୁ ତାଙ୍କ ପୁଅ କାନ୍ଧେଇ ଆଣିଛନ୍ତି।

ବାରାକପୋର, ବଙ୍ଗାଁଓ ଏବଂ ଆରାମବାଗ ନିର୍ବାଚନ ମଣ୍ଡଳୀର କେତେକ ସ୍ଥାନରେ ଟିଏମ୍‌ସି ଏବଂ ଭାଜପା କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ପଶ୍ଚିମବଙ୍ଗ ଓ ଓଡ଼ିଶାର କେତେକ ବୁଥ୍‌ରେ ଇଭିଏମ୍‌ରେ ତ୍ରୁଟି ଅଭିଯୋଗ ହୋଇଥିଲା। ଇଭିଏମ୍ ତ୍ରୁଟି, ଏଜେଣ୍ଟଙ୍କୁ ବୁଥ୍‌ରେ ପୂରାଇ ନ ଦେବା ଆଦି ୧,୦୩୬ଟି ଅଭିଯୋଗ ମିଳିଥିବା ନିର୍ବାଚନ କମିଶନ କହିଛନ୍ତି। ମହାରାଷ୍ଟ୍ରର କେତେକ ବୁଥ୍‌ରେ ଅସୁବିଧା ନେଇ ଭୋଟରମାନେ ଅଭିଯୋଗ କରିଥିବା ଶିବସେନା (ୟୁବିଟି) ନେତା ଆଦିତ୍ୟ ଠାକ୍‌ରେ ଜଣାଇଛନ୍ତି। ମୁମ୍ବାଇରେ ବହୁ ବଲିଉଡ୍ ସେଲିବ୍ରିଟି ଲାଇନରେ ଆସି ସେମାନଙ୍କ ମତାଧିକାର ସାବ୍ୟସ୍ତ କରୁଥିବା ଦେଖିବାକୁ ମିଳିଥିଲା। ପଞ୍ଚମ ପର୍ଯ୍ୟାୟରେ ୮.୯୫ କୋଟିରୁ ଉର୍ଦ୍ଧ୍ୱ ଭୋଟର ମତଦାନ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ସେଥିପାଇଁ ୯୪,୭୩୨ଟି ବୁଥ୍ ହୋଇଥିବାବେଳେ ୯.୪୭ ଲକ୍ଷ ପୋଲିଂ ଅଫିସରଙ୍କୁ ନିୟୋଜିତ କରାଯାଇଥିଲା। ଏହି ପର୍ଯ୍ୟାୟର କଂଗ୍ରେସ ନେତା ରାହୁଲ ଗାନ୍ଧୀ, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, ସ୍ମୃତି ଇରାନୀ, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ, ସାଧ୍ୱୀ ନିରଞ୍ଜନ ଜ୍ୟୋତି, ସାନ୍ତନୁ ଠାକୁର, ଏଲ୍‌ଜେପି ନେତା ଚିରାଗ ପାଶ୍ୱାନ, ଶିବସେନାର ଶ୍ରୀକାନ୍ତ ଶିନ୍ଦେ, ଭାଜପାର ରାଜୀବ ପ୍ରତାପ ରୁଡି, ଆର୍‌ଜେଡିର ରୋହିଣୀ ଆଚାର୍ଯ୍ୟ ପ୍ରମୁଖ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ୫ମ ପର୍ଯ୍ୟାୟ ସୁଦ୍ଧା ମୋଟ ୩୭୯ଟି ଲୋକ ସଭା ଆସନରେ ମତଦାନ ଶେଷ ହୋଇଛି। ଆସନ୍ତା ୨୫ରେ ଷଷ୍ଠ ପର୍ଯ୍ୟାୟ ଓ ଜୁନ୍ ୧ରେ ସପ୍ତମ ପର୍ଯ୍ୟାୟ ଭୋଟିଂ ପରେ ୪ରେ ଭୋଟ ଗଣତି ହେବ।

## ଫୁର୍‌ସତ୍

# ଶାନ୍ତି, ସୌହାର୍ଦ୍ଦ୍ୟ ରକ୍ଷା ଜରୁରୀ



### ଆଜି ଆତଙ୍କବାଦ ବିରୋଧୀ ଦିବସ

**ଆ**ତଙ୍କବାଦ ବିରୋଧୀ ଦିବସ ପ୍ରତିବର୍ଷ ମେ' ୨୧ରେ ଭାରତରେ ପାଳନ କରାଯାଏ। ଆତଙ୍କବାଦ ବିଷୟରେ ଲୋକଙ୍କୁ ସଚେତନ କରାଇବା ଏବଂ ଆତଙ୍କବାଦ ବିରୋଧରେ ଏକତାର ବାର୍ତ୍ତା ପ୍ରଚାର ପ୍ରସାର କରିବା ଏହି ଦିନର ମୂଳ ଉଦ୍ଦେଶ୍ୟ। ଉକ୍ତ ଦିନ ଯୁବକମାନଙ୍କୁ ଆତଙ୍କବାଦ ଏବଂ ହିଂସା ପଥରୁ ଦୂରେଇ ରଖିବା ପାଇଁ ଏକ ବାର୍ତ୍ତା ଦିଆଯାଏ। ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ମେ' ୨୧, ୧୯୯୧ରେ ତାମିଲନାଡୁର ଶ୍ରୀପେରୁମ୍ବୁଦୁରରେ ଆତ୍ମଘାତୀ ଆକ୍ରମଣରେ ନିହତ ହୋଇଥିଲେ। ଏହି ଘଟଣା ପରେ ଭାରତ ସରକାରଙ୍କ ପକ୍ଷରୁ ମେ' ୨୧କୁ ଆତଙ୍କବାଦ ବିରୋଧୀ ଦିବସ ଭାବେ ପାଳନ କରିବାକୁ ଘୋଷଣା କରିଥିଲେ। ସେବେଠାରୁ ରାଜୀବ ଗାନ୍ଧୀଙ୍କ ସ୍ମୃତିରେ ମେ' ୨୧ରେ ଆତଙ୍କବାଦ ବିରୋଧୀ ଦିବସ ପାଳନ କରାଯାଉଛି। ଲୋକଙ୍କ ମଧ୍ୟରେ ଶାନ୍ତି, ମାନବିକତା, ଏକତା ଏବଂ ସୌହାର୍ଦ୍ଦ୍ୟ ରକ୍ଷା କରିବା ତଥା ଆତଙ୍କବାଦ ବିରୋଧୀ ସାମାଜିକ କାର୍ଯ୍ୟକଳାପ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି ପାଳନ କରାଯାଏ।

ଆତଙ୍କବାଦ ବିରୋଧୀ ଦିବସ ଅବସରରେ ବିଭିନ୍ନ ସରକାରୀ, ବେସରକାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଏହି ଦିନ ବିଭିନ୍ନ ଫୋରମରେ ଆତଙ୍କବାଦ ବିରୋଧୀ ଶପଥ ନିଆଯାଏ। ଆତଙ୍କବାଦ ସମ୍ବନ୍ଧୀୟ ପ୍ରସଙ୍ଗରେ ସେମିନାର, ବିତର୍କ, ଚିତ୍ରାଙ୍କନ ପ୍ରତିଯୋଗିତା, ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୁଏ।

## ଇଭିଏମକୁ ଫୁଲମାଳ ପିନ୍ଧାଇଲେ ସ୍ୱାଧୀନ ପ୍ରାର୍ଥୀ

**ନାସିକ:** ଚଳିତ ଲୋକ ସଭା ନିର୍ବାଚନର ପଞ୍ଚମ ପର୍ଯ୍ୟାୟ ମତଦାନ ସୋମବାର ଅନୁଷ୍ଠିତ ହୋଇ ଯାଇଛି। ତେବେ ଏହି ନିର୍ବାଚନ ଚାଲିଥିବାବେଳେ ମହାରାଷ୍ଟ୍ରର ନାସିକରୁ ଏକ ଭିଡିଓ ଫୁଟେଜ ସାମନାକୁ ଆସିଛି ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ମହାରାଷ୍ଟ୍ରର ନାସିକରୁ ଶାନ୍ତିଗିରି ମହାରାଜ ନାମକ ଜଣେ ସ୍ୱାଧୀନ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ସୋମବାର ସେ ଏକ ମତଦାନ କେନ୍ଦ୍ରରେ ଭୋଟ ଦେବା ପାଇଁ ଆସିଥିଲେ। ସେ ଜଣେ ସନ୍ଥ ହୋଇଥିବାବେଳେ, ଗେରୁଆ ପୋଷାକ ପରିଧାନ କରି ମତଦାନ କେନ୍ଦ୍ର ମଧ୍ୟରେ ପ୍ରବେଶ କରିଥିଲେ। ଏହି ସମୟରେ ସେ ନିଜ ସହ ରଖିଥିବା ଏକ ଫୁଲମାଳକୁ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍) ଚାରିପାଖରେ ନିର୍ମିତ ଏନ୍‌କ୍ଲୋଜରରେ ଲଗାଇଦେଇ ଇଭିଏମ୍ ମେଶିନକୁ ପ୍ରଣାମ କରିଥିଲେ। ତେବେ ସେ ଯିବାର କିଛି ସମୟ ପରେ ଉକ୍ତ ମତଦାନ କେନ୍ଦ୍ରରେ ନିୟୋଜିତ ଥିବା ପୋଲିଂ ଅଧିକାରୀ ଉକ୍ତ ଫୁଲମାଳକୁ ଉଠାଇ ଦେଇଥିଲେ।

## ଭୋଟ ଦେଉ ନ ଥିବା ଲୋକଙ୍କ ଟିକସ ବଢ଼ାଯାଉ: ପରେଶ ରାୱଲ

**ମୁମ୍ବାଇ:** ମହାରାଷ୍ଟ୍ରର ୧୩ ଲୋକ ସଭା ଆସନରେ ସୋମବାର ମତଦାନ ଅନୁଷ୍ଠିତ ହୋଇଯାଇଛି। ଗଣତନ୍ତ୍ରର ଏହି ମହାପର୍ବ ଅବସରରେ ମୁମ୍ବାଇରେ ଅନେକ ବଲିଉଡ୍ ସେଲିବ୍ରିଟି ନିଜ ମତଦାନର ଅଧିକାରକୁ ସାବ୍ୟସ୍ତ କରିଛନ୍ତି। ବଲିଉଡ୍‌ର ଭେଟେରାନ ଅଭିନେତା ତଥା ପୂର୍ବତନ ଏମ୍‌ପି ପରେଶ ରାୱଲ ମଧ୍ୟ ସୋମବାର ଭୋଟ୍ ଦେଇଛନ୍ତି। ଏହି ଅବସରରେ କମ୍ ମତଦାନ ହେଉଥିବା ନେଇ ପରେଶଙ୍କୁ କିଛି ଗଣମାଧ୍ୟମ ପ୍ରତିନିଧି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଭୋଟ ଦେଉ ନ ଥିବା ବ୍ୟକ୍ତିଙ୍କ ଉପରେ ବଲିଉଡ୍‌ର ଏହି ବରିଷ୍ଠ ଅଭିନେତା ବିରକ୍ତି ପ୍ରକାଶ କରିଛନ୍ତି। ଯେଉଁମାନେ ଭୋଟ୍ ଦେଉନାହାନ୍ତି, ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ପରେଶ କହିଛନ୍ତି। ପରେଶ ରାୱଲଙ୍କ ଏହି ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହି ଭିଡିଓରେ ସେ କହିଛନ୍ତି, "ଯେଉଁମାନେ ଭୋଟ୍ ଦେବାକୁ ଯାଉନାହାନ୍ତି ସେମାନଙ୍କୁ ଦଣ୍ଡ ଦିଆଯିବା ଉଚିତ, ଯାହାଫଳରେ ଲୋକମାନେ ଅଧିକ ସଂଖ୍ୟାରେ ଭୋଟ୍ ଦେବାକୁ ଆସିବେ। କିଛି ଲୋକ କହୁଛନ୍ତି ସରକାର କିଛି କରନ୍ତି ନାହିଁ, କିନ୍ତୁ ଏଥିପାଇଁ ଲୋକଙ୍କୁ ଅଧିକ ସଂଖ୍ୟାରେ ଆସି ଭୋଟ ଦେବାକୁ ପଡ଼ିବ। ଯଦି କିଛି ମତଦାତା ଭୋଟ ଦେବେ ନାହିଁ, ତେବେ ସରକାରଙ୍କୁ ପ୍ରଶ୍ନ ପଚାରିବାକୁ ସେମାନଙ୍କର କୌଣସି ମଧ୍ୟ ଅଧିକାର ନାହିଁ। ଯେଉଁମାନେ ଭୋଟ୍ ଦେଉ ନାହାନ୍ତି ସେମାନଙ୍କ ଟିକସ ବଢାଇ ଦିଆଯାଉ କିମ୍ବା ସେମାନଙ୍କ ପାଇଁ ଅନ୍ୟ କୌଣସି ଦଣ୍ଡ ବ୍ୟବସ୍ଥା ରହୁ"।



**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: .............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୬.୫% ଜିଡିପି ଅଭିବୃଦ୍ଧି ହାରରେ ଦେଶ ଧନୀ ହେବନାହିଁ

**ଭୁବନେଶ୍ୱର,୨୦।୫(ଅନୁରାଧା ମହାରଣା)**

ଜି -୨୦ ଦେଶ ମଧ୍ୟରେ ଭାରତର ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ତଥାପି ଏହା ଏକ ଗରିବ ଦେଶରେ ଗଣାଯାଉଛି। ଭାରତରେ ସଂଖ୍ୟାରେ ଏକ ଡିଭିଡେଣ୍ଡ ରହିଛି। ବହୁ ସଂଖ୍ୟାରେ ଯୁବକ ଶ୍ରମ ବଜାରକୁ ଆସୁଛନ୍ତି। ସେମାନଙ୍କୁ ରୋଜଗାର ଯୋଗାଇବାରେ ଆମେ ସଫଳ ହେଲେ ହିଁ ଭାରତ ଦ୍ରୁତ ଗତିରେ ଅର୍ଥନୈତିକ ବିକାଶ ହାସଲ କରିବାକୁ ସକ୍ଷମ ହେବ। ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ)ର ପୂର୍ବତନ ଗଭର୍ନର ରଘୁରାମ ରାଜନ ଆମେରିକୀୟ ନ୍ୟୁଜ ଚ୍ୟାନେଲ ସିଏନଏନକୁ ଦେଇଥିବା ଏକ ସାକ୍ଷାତକାରରେ ଏପରି ମତ ରଖିଛନ୍ତି। ରାଜନ କହିଛନ୍ତି, ଭାରତ ଗ୍ରେଟ ବ୍ରିଟେନକୁ ପଛରେ ପକାଇ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି ଏବଂ ଜାପାନ ଏବଂ ଜର୍ମାନୀକୁ ଛାଡି ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ। ମାତ୍ର ଭାରତ ଏକ ବୃଦ୍ଧ ଦେଶ ହେବା ପୂର୍ବରୁ ଭାରତୀୟ ଧନୀ ହେବେ ନାହିଁ ସେନେଇ ପ୍ରଶ୍ନ ଉଠୁଛି। ରାଜନ କହିଛନ୍ତି ଯେ, ୨୦୪୭-୨୦୫୦ ସୁଦ୍ଧା ଭାରତର ଜନସଂଖ୍ୟାର ଏକ ବଡ଼ ଅଂଶ ବୃଦ୍ଧ ହୋଇଯିବେ, ତେଣୁ ଭାରତ ୬ କିମ୍ବା ୬.୫ ପ୍ରତିଶତ ହାରରେ ଆର୍ଥିକ ଅଭିବୃଦ୍ଧି କଲେ ମଧ୍ୟ ଭାରତ ଏକ ଧନୀ ଦେଶ ହୋଇପାରିବ ନାହିଁ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବେକାରି ସମସ୍ୟା ଦେଶର ସବୁଠାରୁ ବଡ଼ ପ୍ରସଙ୍ଗ ହୋଇଥିବାବେଳେ



ରଘୁରାମ ରାଜନ

ଭାରତୀୟ ଅର୍ଥନୀତିକୁ ନେଇ ସରକାର ଆଣିଥିବା ରିପୋର୍ଟରେ ଏନେଇ କୌଣସି କଥା ଉଲ୍ଲେଖ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ସରକାରଙ୍କୁ ଏକ କ୍ଷମତାସୀନ ସରକାର ବୋଲି ବର୍ଣ୍ଣନା କରି ରଘୁରାମ ରାଜନ କହିଛନ୍ତି ଯେ, ଭିତ୍ତିଭୂମି ବିକାଶ ଦିଗରେ ଏଭଳି ସରକାର ସଫଳ ହୋଇଛନ୍ତି କାରଣ ସେମାନେ ପରିବେଶ ଭଳି ପ୍ରସଙ୍ଗରେ ଶୀଘ୍ର ଅନୁମୋଦନ ପାଇବାକୁ ସକ୍ଷମ ଅଟନ୍ତି। ସଂଖ୍ୟାଲଘୁ ପ୍ରସଙ୍ଗରେ ରଘୁରାମ ରାଜନ କହିଛନ୍ତି, ଯେ ଯଦି କୌଣସି ସରକାର ଏହାର ବୃହତ ଜନସଂଖ୍ୟାକୁ ଦ୍ୱିତୀୟ ଶ୍ରେଣୀର ନାଗରିକଙ୍କ ପରି ବ୍ୟବହାର କରନ୍ତି, ତେବେ ସେହି ଦେଶ କଦାପି ସଫଳ ହେବ ନାହିଁ। ବାସ୍ତବରେ, ଦେଶରେ ବେକାରି ସମସ୍ୟାକୁ ଆକଳନ କରାଯାଇପାରିବ ଯେ ନିକଟରେ ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଏ) ଭାରତ ରୋଜଗାର ରିପୋର୍ଟ ୨୦୨୪ ନାମରେ ଏହାର ରିପୋର୍ଟ ପ୍ରକାଶ କରିଛି । ଏଥିରେ ଯୁବକମାନଙ୍କ ମଧ୍ୟରେ ରୋଜଗାର ପରିସ୍ଥିତି ସମ୍ପର୍କରେ ଏକ ତଥ୍ୟ ପ୍ରକାଶ ପାଇଛି। ଭାରତରେ ବେକାରି ପରିସ୍ଥିତିକୁ ଆଇଏଲଏ ଅତ୍ୟନ୍ତ ଗମ୍ଭୀର ବୋଲି କହିଛି। ଆଇଏଲଏ ରିପୋର୍ଟ ଅନୁଯାୟୀ, ଉତ୍ତମ ଗୁଣାତ୍ମକ ନିଯୁକ୍ତି ସୁଯୋଗ ଅଭାବରୁ ଉଚ୍ଚଶିକ୍ଷା ଲାଭ କରିଥିବା ଯୁବକମାନଙ୍କ ମଧ୍ୟରେ ବେକାରି ହାର ବହୁତ ଅଧିକ। ରିପୋର୍ଟରେ କୁହାଯାଇଛି ଯେ ଦେଶର ୮୩ ପ୍ରତିଶତ ଯୁବପିଢ଼ି ବେକାର ଅଛନ୍ତି। ଏହି ରିପୋର୍ଟରେ କୁହାଯାଇଛି ଯେ, ମୋଟ ବେକାର ଯୁବକମାନଙ୍କ ମଧ୍ୟରେ ମାଧ୍ୟମିକ କିମ୍ବା ଉଚ୍ଚ ମାଧ୍ୟମିକ ଶିକ୍ଷା ଲାଭ କରୁଥିବା ଯୁବକଙ୍କ ସଂଖ୍ୟା ୨୦୦୦ ରେ ୩୫.୨ ପ୍ରତିଶତ ଥିଲା, ୨୦୨୨ ମସିହାରେ ଏହା ପ୍ରାୟ ଦ୍ୱିଗୁଣିତ ହୋଇ ୬୫.୭ ପ୍ରତିଶତକୁ ପହଞ୍ଚିଛି।

# ଓଡ଼ିଶାରେ ସିବିଆଇର ପ୍ରଥମ ମହିଳା ଶାଖା



**ଭୁବନେଶ୍ୱର,୨୦।୫ (ଅଭୟ ଦାଶ)**

ଓଡ଼ିଶାରେ ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ବା ସିବିଆଇର ପ୍ରଥମ ମହିଳା ଶାଖା ଭୁବନେଶ୍ୱରସ୍ଥିତ ନୟାପଲ୍ଲୀଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମୁମ୍ବାଇସ୍ଥିତ ସିବିଆଇ କେନ୍ଦ୍ରୀୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ସଞ୍ଜୁ ଭି ମଙ୍ଗରୁଲକର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିବିଆଇର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ମୁମ୍ବାଇସ୍ଥିତ ସିବିଆଇ କେନ୍ଦ୍ରୀୟ କାର୍ଯ୍ୟାଳୟର ମହାପ୍ରବନ୍ଧକ ସଞ୍ଜୁ ଭି ମଙ୍ଗରୁଲକର ନିକଟରେ ଭୁବନେଶ୍ୱର ଆସିଥିଲେ। ତାଙ୍କର ଏହି ପ୍ରଥମ ଗସ୍ତ ଅବସରରେ ସେ ବ୍ୟାଙ୍କର ପ୍ରଥମ ମହିଳା ଶାଖାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମଙ୍ଗରୁଲକର ଉପସ୍ଥିତ ସମସ୍ତଙ୍କୁ ସମ୍ବୋଧନ କରିବା ସହ ମହିଳାମାନେ ବିଭିନ୍ନ କ୍ଷେତ୍ରରେ ଅଗ୍ରଣୀ ରହୁଥିବା ବେଳେ ମହିଳା ଶାଖାର ଗୁରୁତ୍ୱ ମହିଳା ଉଦ୍ୟୋଗୀମାନଙ୍କର ଆବଶ୍ୟକତାକୁ ପୂରଣ କରିବା ସହ ବ୍ୟାଙ୍କର ବ୍ୟବସାୟିକ ଅଭିବୃଦ୍ଧିରେ ସହାୟକ ହୋଇପାରିବ ବୋଲି ସେ କହିଥିଲେ। ସେହିଭଳି ବ୍ୟାଙ୍କ ପକ୍ଷରୁ ଆୟୋଜିତ ଗ୍ରାହକ ସମ୍ମିଳନୀରେ ଯୋଗ ଦେଇ ସେ ଗ୍ରାହକମାନଙ୍କ ସହ ଭାବାନୁପ୍ରଦାନ କରିବା ସହ ସେମାନଙ୍କୁ ସର୍ବୋତ୍ତମ ଗ୍ରାହକ ସେବା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ର ଅନ୍ତର୍ଗତ ସମସ୍ତ ଶାଖା ମୁଖ୍ୟମାନଙ୍କର ଏକ ସମୀକ୍ଷା ବୈଠକ ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମଙ୍ଗରୁଲକର ପ୍ରତ୍ୟେକ ଅଭାବୀ ଗ୍ରାହକଙ୍କ ନିକଟରେ ପହଞ୍ଚିବାକୁ ସେ ଶାଖା ମୁଖ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସିବିଆଇର ରାୟପୁର ଆଞ୍ଚଳିକ ମୁଖ୍ୟ ବି.ଆର୍.ରାମକ୍ରିଷ୍ଣା ନାଏକ, ସିବିଆଇ ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଶ୍ରୀଶ କୁମାର ଶର୍ମା, ଉପ-କ୍ଷେତ୍ରୀୟ ମୁଖ୍ୟ ସୁରେଶ ଚନ୍ଦ୍ର ଏବଂ ନୟାପଲ୍ଲୀ ଶାଖାର ଶାଖା ମୁଖ୍ୟ ଦୀପିକା ଶ୍ରଦ୍ଧାଞ୍ଜଳିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।





ଆମେରିକାର ହ୍ୟୁଷ୍ଟନଠାରେ ଜୟଆଲୁକ୍କାସର ନବୀକରଣ ହୋଇଥିବା ଶୋ'ରୁମ୍‌ର ପୁନଃ ଉନ୍ମୋଚନ (ଶୁଭାରମ୍ଭ) ନିକଟରେ ହୋଇଯାଇଛି। ଏହି ଅବସରରେ ନିମନ୍ତ୍ରିତ ଅତିଥି ଓ ଜୟଆଲୁକ୍କାସର ବରିଷ୍ଠ ଅଧିକାରୀ ଏବଂ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଶୁଭେନ୍ଦୁ ନାଲ୍‌କୋର ମାନବସମ୍ବଳ ମହାପ୍ରବନ୍ଧକ

**ଅନୁଗୋଳ,୨୦।୫ (ଅମିତ କୁମାର ସାମଲ)**

ଅନୁଗୋଳସ୍ଥିତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋର ନୂଆ ମାନବ ସମ୍ବଳ ମହାପ୍ରବନ୍ଧକ ଭାବେ ଦାୟିତ୍ୱ ତୁଲାଇବେ ଶୁଭେନ୍ଦୁ କୁମାର ନାୟକ। ଏ ନେଇ ନାଲ୍‌କୋ ଉଚ୍ଚକର୍ତ୍ତୃପକ୍ଷଙ୍କ ପକ୍ଷରୁ ରବିବାର ନିଯୁକ୍ତି ପତ୍ର ଦିଆଯାଇଛି। ନାୟକ ଦୀର୍ଘ ୨୪ ବର୍ଷ ଧରି ନାଲ୍‌କୋର ବିଭିନ୍ନ ବିଭାଗରେ ଯଥା ସ୍ମେଲଟର ଅପରେଶନ ବିଭାଗ, ଟ୍ରେନିଂ ସେଣ୍ଟର, ହଟି କଲଚର୍ ଏବଂ ଅନ୍ୟାନ୍ୟ ପ୍ରଶାସନିକ ବିଭାଗରେ ସଫଳତାର ସହ କାର୍ଯ୍ୟ କରିସାରିଛନ୍ତି। ଏହି ନୂଆ ଅଧିକାରୀଙ୍କୁ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଛି। ପାରିପାର୍ଶ୍ୱିକ ଅଞ୍ଚଳର କ୍ଷତିଗ୍ରସ୍ତ ପ୍ରଜାମାନଙ୍କ ଅଭିଯୋଗ ଶୁଣାଣି କରି ନ୍ୟାୟୋଚିତ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି ନାୟକ ପ୍ରକାଶ କରିଛନ୍ତି।



ଶୁଭେନ୍ଦୁ କୁମାର ନାୟକ।

# ଆଇଏଆଇର ଉପାଧ୍ୟକ୍ଷ ହେଲେ ଜନ୍ ସ୍ଲାଭେନ

**ଭୁବନେଶ୍ୱର,୨୦।୫**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ବେଦାନ୍ତ ଆଲୁମିନିୟମ ସିଇଓ ଜନ୍ ସ୍ଲାଭେନଙ୍କୁ ନିକଟରେ ଅନ୍ତର୍ଜାତୀୟ ଆଲୁମିନିୟମ ପ୍ରତିଷ୍ଠାନ (ଆଇଏଆଇ)ର ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଏପରିକି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ତା'ର ସିଇଓ ଜନ୍ ସ୍ଲାଭେନଙ୍କୁ ଆଇଏଆଇର ଉପାଧ୍ୟକ୍ଷ ଭାବେ ମଧ୍ୟ ଘୋଷଣା କରିଛି। ସେହିଭଳି ସ୍ଲାଭେନ୍ ଆଲୁମିନିୟମ୍ ଶିଳ୍ପର ସ୍ଥାୟୀ ରୂପାନ୍ତରଣକୁ ବୃଦ୍ଧି କରିବା ତଥା ଜିରୋ କାର୍ବନ୍ ଆଧୁନିକ ଦୁନିଆରେ ଶକ୍ତି ପରିବର୍ତ୍ତନକୁ ସକ୍ଷମ କରିବା ସହିତ ଆଲୁମିନିୟମର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରୋତ୍ସାହିତ କରିବା ପାଇଁ ବିଶ୍ୱସ୍ତରୀୟ ପଦକ୍ଷେପଗୁଡିକର ନେତୃତ୍ୱ ନେବେ ବୋଲି ଜଣାପଡିଛି।

ଉଲ୍ଲେଖଯୋଗ୍ୟ, ୧୯୭୨ରେ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ଆଲୁମିନିୟମ ପ୍ରତିଷ୍ଠାନ (ଆଇଏଆଇ) ହେଉଛି ଏକମାତ୍ର ସଂଗଠନ, ଯାହାକି ବିଶ୍ୱବ୍ୟାପୀ ପ୍ରାଥମିକ ଆଲୁମିନିୟମ ଶିଳ୍ପକୁ ପ୍ରତିନିଧିତ୍ୱ କରିଥାଏ। ବର୍ତ୍ତମାନ ବିଶ୍ୱର ଅଗ୍ରଣୀ ବକ୍ସାଇଟ୍, ଆଲୁମିନା ଏବଂ ଆଲୁମିନିୟମ୍ କମ୍ପାନୀଗୁଡିକ ହେଉଛନ୍ତି ଆଇଏଆଇ ସଦସ୍ୟ। ଉତ୍ପାଦନ, ବ୍ୟବହାର, ଶକ୍ତି ବ୍ୟବହାର ଏବଂ ପରିବେଶ ପ୍ରଭାବ ଉପରେ ୪୦ବର୍ଷରୁ ଅଧିକ ବିଶ୍ଳେଷଣ ସହିତ ଏହା ଆଲୁମିନିୟମ ଶିଳ୍ପ ଉପରେ ସର୍ବଭାରତୀୟ ବିଶ୍ୱସ୍ତରୀୟ ତଥ୍ୟକୁ ଧାରଣ କରିଥାଏ।



ଜନ୍ ସ୍ଲାଭେନ

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମ୍‌ର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ଅନ୍ତର୍ଜାତୀୟ ଆଲୁମିନିୟମ୍ ପ୍ରତିଷ୍ଠାନର ଉପାଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରି ମୁଁ ବେଶ୍ ଉତ୍ସାହିତ ଅଛି। ଏପରିକି ଏକ ନେଟ୍ ଜିରୋ ଭବିଷ୍ୟତ ଦିଗରେ ଆବଶ୍ୟକ ପଦକ୍ଷେପ ସହ ବିଶ୍ୱ ପରିବର୍ତ୍ତନରେ ଆଲୁମିନିୟମ୍ ନିଜକୁ ଜରୁରୀ ପ୍ରମାଣିତ କରିସାରିଛି। ମୁଁ ବିଶ୍ୱାସ କରେ ଯେ, ଆଲୁମିନିୟମ୍‌ର ଅସୀମ ସମ୍ଭାବନା ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ସବୁଜ ଗୃହ ନିର୍ମାଣରେ ଏହାର ପ୍ରୟୋଗକୁ ସୁଦୃଢ କରିବା ପାଇଁ ସାମୂହିକ ଶିଳ୍ପର ବିଶ୍ୱସ୍ତରୀୟ ନେତା ଭାବେ ଆମ ଉପରେ ପ୍ରଭାବ ପଡିଛି। ଏହି ପରିପ୍ରେକ୍ଷୀରେ ଆଇଏଆଇ ପ୍ରୟାସ ଜାରି ରଖିଛି ଏବଂ ଭବିଷ୍ୟତର ନିର୍ଦ୍ଦିଷ୍ଟ ଧାତୁ ଭାବେ ଆଲୁମିନିୟମକୁ ସୁଦୃଢ କରିବା ପାଇଁ ମୁଁ ମୋର ସାଥୀ ବୋର୍ଡ ସଦସ୍ୟ ଏବଂ ସହକର୍ମୀମାନଙ୍କ ସହିତ କାର୍ଯ୍ୟ କରିବାକୁ ଅପେକ୍ଷା କରିଛି।

# ଇପିଏଫ୍‌ଓରେ ଯୋଡ଼ି ହେଲେ ୧୪.୪୧ ଲକ୍ଷ ସଦସ୍ୟ

**ଭୁବନେଶ୍ୱର,୨୦।୫(ଅନୁରାଧା ମହାରଣା)**

କର୍ମଚାରୀ ଭବିଷ୍ୟନିଧି ସଂଗଠନ(ଇପିଏଫ୍‌ଓ)ଗତ ମାର୍ଚ୍ଚ ମାସରେ ୧୪.୪୧ ଲକ୍ଷ ନେଟ୍ ସଦସ୍ୟଙ୍କୁ ଯୋଡ଼ିଛି। ଇପିଏଫ୍‌ଓ ପକ୍ଷରୁ ସୋମବାର ମିଳିଥିବା ତଥ୍ୟ ଅନୁସାରେ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ଏନେଇ ଏକ ପ୍ରେସ୍ ବିଜ୍ଞପ୍ତିରେ ବିସ୍ତୃତ ସୂଚନା ଦେଇଛି। ଚଳିତ ବର୍ଷ ମାର୍ଚ୍ଚରେ ପ୍ରାୟ ୭.୪୭ ଲକ୍ଷ ନୂତନ ସଦସ୍ୟ ଯୋଡ଼ି ହୋଇଥିବାବେଳେ ୧୮ରୁ ୨୫ ବର୍ଷ ବୟସ୍କଙ୍କ ସଂଖ୍ୟା ସର୍ବାଧିକ ରହିଛି। ନୂତନ ସଦସ୍ୟଙ୍କ ୫୬.୮୩% ଏହି ବର୍ଗର ବ୍ୟକ୍ତି ବୋଲି ସୂଚନା ରହିଛି। ଇପିଏଫ୍‌ଓରେ ଯୋଡ଼ିହୋଇଥିବା ଅଧିକାଂଶ ଯୁବପିଢ଼ି ବା ପ୍ରଥମ ଥର ଚାକିରିରେ ନିଯୁକ୍ତ ହୋଇଥିବା ବ୍ୟକ୍ତି ଅଟନ୍ତି। ମିଳିଥିବା ସୂଚନାନୁସାରେ ପ୍ରାୟ ୧୧.୮୦ ଲକ୍ଷ ସଦସ୍ୟଙ୍କ ନାମ ତାଲିକାରୁ ହଟିଥିବାବେଳେ ବର୍ତ୍ତମାନ ପୁଣିଥରେ ଯୋଗ ଦେଇଛନ୍ତି। ଏହି ସଦସ୍ୟମାନେ ସେମାନଙ୍କର ଚାକିରି ବଦଳାଇଥିବାବେଳେ ପାଣ୍ଠିରୁ ଜମା ଟଙ୍କା ଉଠାଇବା ପରିବର୍ତ୍ତେ ଜମା ଅର୍ଥରାଶିକୁ ସ୍ଥାନାନ୍ତର କରିଛନ୍ତି। ତେବେ ନୂତନ ସଦସ୍ୟଙ୍କ ମଧ୍ୟରୁ ପ୍ରାୟ ୨ ଲକ୍ଷ ନୂତନ ସଦସ୍ୟ ମହିଳା ଅଟନ୍ତି। ମାର୍ଚ୍ଚ ମାସରେ ନେଟ ମହିଳା ସଦସ୍ୟଙ୍କ ସଂଖ୍ୟା ପ୍ରାୟ ୨.୯୦ ଲକ୍ଷ ଥିଲା। ମାସକୁ ମାସ କରାଯାଇଥିବା ବିଶ୍ଳେଷଣରୁ ଶିଳ୍ପ କ୍ଷେତ୍ରରେ ନିୟୋଜନ ବଢ଼ିଥିବା ଜଣାପଡ଼ିଛି। ଉତ୍ପାଦନ, ମାର୍କେଟିଂ ସେବା, କମ୍ପ୍ୟୁଟରର ବ୍ୟବହାର, ରେଷ୍ଟୁରାଣ୍ଟ, ଚାର୍ଟାର୍ଡ କିମ୍ବା ପଞ୍ଜୀକୃତ ପ୍ରତିଷ୍ଠାନ ସହ ମାଛ ପ୍ରକ୍ରିୟାକରଣ ଏବଂ ଆମିଷ ଖାଦ୍ୟ ସଂରକ୍ଷଣ, ବିଡି ତିଆରି ଇତ୍ୟାଦି। ସମୁଦାୟ ନେଟ ସଦସ୍ୟତା ମଧ୍ୟରୁ ପ୍ରାୟ ୪୩% ଅତିରିକ୍ତ ବିଶେଷଜ୍ଞ ସେବାଗୁଡିକ ମାନବସମ୍ବଳ ଯୋଗାଣକାରୀ, ସାଧାରଣ କଣ୍ଟ୍ରାକ୍ଟର, ସୁରକ୍ଷା ସେବା, ବିବିଧ କାର୍ଯ୍ୟକଳାପ ଇତ୍ୟାଦିକୁ ନେଇ ଗଠିତ ।

# ବିଓଏମ୍‌ର ନୂଆ ମାଇଲଖୁଣ୍ଟ

**ଭୁବନେଶ୍ୱର,୨୦।୫**

ବ୍ୟାଙ୍କ୍ ଅଫ ମହାରାଷ୍ଟ୍ର (ବିଓଏମ୍)ର ବାର୍ଷିକ ଫଳାଫଳ ଅନୁଯାୟୀ ବ୍ୟାଙ୍କ ମୋଟ୍ ବ୍ୟବସାୟ ଅଭିବୃଦ୍ଧି ତଥା ଋଣଦାତାଙ୍କ ମଧ୍ୟରେ ଉଲ୍ଲେଖନୀୟ ସଫଳତା ସହ ନୂଆ ମାଇଲଖୁଣ୍ଟ ହାସଲ କରିଛି। ଏପରିକି ଜମା ସଂଗ୍ରହ କ୍ଷେତ୍ରରେ ବିଓଏମ ଶ୍ରେଷ୍ଠ ପ୍ରଦର୍ଶନକାରୀ ବ୍ୟାଙ୍କ ଭାବେ ପରିଗଣିତ ହୋଇଛି,ଯେତେବେଳେ କି ଅଧିକାଂଶ ଋଣଦାତା ୨ ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିବାରେ ନାନା ସମସ୍ୟା ଓ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉଲ୍ଲେଖଯୋଗ୍ୟ, ପୁଣେସ୍ଥିତ ବିଓଏମ୍‌ର ମୁଖ୍ୟ କାର୍ଯ୍ୟାଳୟର ସୂଚନା ଅନୁଯାୟୀ ବ୍ୟାଙ୍କର ମୋଟ୍ ବ୍ୟବସାୟ (ଘରୋଇ)ରେ ୧୫.୯୪% ଅଭିବୃଦ୍ଧି ଘଟିଛି। ଏପରିକି ୨୦୨୩-୨୪ ଆର୍ଥିକ ବର୍ଷରେ ବ୍ୟାଙ୍କର ଜମା ସଂଗ୍ରହ ଅଭିବୃଦ୍ଧି କ୍ଷେତ୍ରରେ ୧୫.୬୬% ହାରରେ ବ୍ୟାଙ୍କ ନିଜର ଶ୍ରେଷ୍ଠ ସ୍ଥାନ ବଜାୟ ରଖିଛି। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ୧୨ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମଧ୍ୟରୁ ବିଓଏମକୁ ମିଶାଇ କେବଳ ୪ଟି ବ୍ୟାଙ୍କ ୨ଅଙ୍କ ବିଶିଷ୍ଟ ଅଭିବୃଦ୍ଧି ହାସଲ କରିପାରିଛନ୍ତି। ଏପରିକି ବ୍ୟାଙ୍କର ଚଳନ୍ତି ଖାତା ଏବଂ ସଞ୍ଚୟ ଖାତା (କାସା) ଜମା କ୍ଷେତ୍ରରେ ୫୨.୭୩% ଅଭିବୃଦ୍ଧି ହାର ହାସଲ କରି ଶୀର୍ଷ ସ୍ଥାନରେ ପହଞ୍ଚିଛି,ଋଣ ଅଭିବୃଦ୍ଧି କ୍ଷେତ୍ରରେ ୧୬.୩୦% ଅଭିବୃଦ୍ଧି ଘଟିଛି। ସେହିପରି ୨୦୨୪ ମାର୍ଚ୍ଚ ଶେଷ ସୁଦ୍ଧା ବ୍ୟାଙ୍କର ଗ୍ରସ ଏନ୍‌ପିଏ ଓ ନେଟ୍ ଏନ୍‌ପିଏ ଯଥାକ୍ରମେ ୧.୮୮% ଏବଂ ୦.୨%କୁ ହ୍ରାସ ପାଇଛି। ବ୍ୟାଙ୍କର ପୁଞ୍ଜି ସ୍ୱଚ୍ଛଳତା ହାର ୧୭.୩୮% ଅଭିବୃଦ୍ଧି ହାର ହାସଲ କରି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ମଧ୍ୟରେ ଶ୍ରେଷ୍ଠ ସ୍ଥାନ ହାସଲ କରିଛି।

# ଆଜି ଖୋଲିବ ଏବିଏଲ୍‌ର ରାଇଟ୍‌ସ ଇସ୍ୟୁ

**ନୂଆଦିଲ୍ଲୀ,୧।୫**

ଦେଶର ଅଗ୍ରଣୀ ତଥା ଏକ ପିୟୋର ଭେଜ (ପୂର୍ଣ୍ଣ ଶାକାହାରୀ) ପ୍ରାଣୀ ସ୍ୱାସ୍ଥ୍ୟ ପ୍ରଯତ୍ନକାରୀ ସମାଧାନ କମ୍ପାନୀ ଅର୍ଜୁନି ବାୟୋଟେକ ଲିମିଟେଡ ବା ଏବିଏଲ (ଏନ୍‌ଏସଇ-ଆର୍ଜୁନି)ର ରାଇଟ୍‌ସ ଇସ୍ୟୁ ୨୦୨୪ ମେ ୨୧ରେ ଖୋଲିବାକୁ ଯାଉଛି। ଏପରିକି ଏବିଏଲର ୪୩.୮୧ କୋଟି ଟଙ୍କାର ରାଇଟ୍‌ସ ଇସ୍ୟୁ କରିବାକୁ ଯାଉଛି। ଏହି ଇସ୍ୟୁ ଜରିଆରେ ସଂଗୃହୀତ ହେବାକୁ ଥିବା ପାଣ୍ଠିକୁ ଭୂମି ଅଧିଗ୍ରହଣ ବାବଦ ଖର୍ଚ୍ଚ, ସ୍ଥାନର ବିକାଶ ଏବଂ ସିଭିଲ କାର୍ଯ୍ୟ, କାରଖାନା ଓ ଯନ୍ତ୍ରପାତି କ୍ରୟ, କାର୍ଯ୍ୟକାରୀ ମୂଳଧନ ଆବଶ୍ୟକତା ନିମନ୍ତେ ଆଂଶିକ ପାଣ୍ଠି ଯୋଗାଣ ଏବଂ କର୍ପୋରେଟ ଉଦ୍ଦେଶ୍ୟରେ ବିନିଯୋଗ କରାଯିବ। କମ୍ପାନୀର ରାଇଟସ ଇସ୍ୟୁ ଶେୟାର ପିଛା ୫ଟଙ୍କା ମୂଲ୍ୟରେ ଯୋଗାଇ ଦିଆଯାଉଛି। ଏପରିକି ୨୦୨୪ ମେ ୧୮ରେ ବନ୍ଦ ହୋଇଥିବା ଶେୟାର ମୂଲ୍ୟ ୬.୫ ଟଙ୍କା ଉପରେ ୨୦% ରିହାତି ପ୍ରଦାନ କରାଯାଉଛି। ଏପରିକି ରାଇଟସ ଇସ୍ୟୁ ୨୦୨୪ ମେ ୩୧ରେ ବନ୍ଦ ହେବ। କମ୍ପାନୀର ପ୍ରମୋଟର ଗ୍ରୁପ ମଧ୍ୟ ଏହି ରାଇଟସ ଇସ୍ୟୁରେ ଅଂଶଗ୍ରହଣ କରୁଛନ୍ତି। ସେହିଭଳି କମ୍ପାନୀ ପ୍ରତି ୫ଟଙ୍କା ମୂଲ୍ୟର ଇକ୍ୱିଟି ଶେୟାର ପିଛା ପ୍ରତି ୨ଟଙ୍କା ଫେସ ଭାଲ୍ୟୁର ନଗଦ ଅର୍ଥରେ ୮,୭୬,୧୩,୭୨୧ ଫୁଲି ପେଡ-ଅପ ଇକ୍ୱିଟି ଶେୟାର ଇସ୍ୟୁ କରିବ। ଏହାର ମୋଟ ମୂଲ୍ୟ ୩.୮୧ କୋଟି ଟଙ୍କା ରହିଛି। ଏପରିକି ପ୍ରସ୍ତାବିତ ଇସ୍ୟୁ ନିମନ୍ତେ ରାଇଟସ ଏନଟାଇଟଲମେଣ୍ଟ ଅନୁପାତ ୧:୧ (ରେକର୍ଡ ତାରିଖ ୨୦୨୪ମେ ୭ରେ ଇକ୍ୱିଟି ଅଂଶଧନ ଧାରକଙ୍କ ଦ୍ୱାରା ଧାରଣ କରାଯାଇଥିବା ପ୍ରତ୍ୟେକ ୧ଟି ଇକ୍ୱିଟି ଶେୟାର ପିଛା ପ୍ରତ୍ୟେକ ୨ ଟଙ୍କା ଫେସ ଭାଲ୍ୟୁ ବିଶିଷ୍ଟ ୧ଟି ଇକ୍ୱିଟି ଶେୟାର) ଧାର୍ଯ୍ୟ କରାଯାଇଛି। ରାଇଟସ ଏନଟାଇଟଲମେଣ୍ଟର ଅନ-ମାର୍କେଟ ପରିସମାପ୍ତିର ଶେଷ ତାରିଖ ୨୦୨୪ ମେ ୨୭ ରଖାଯାଇଛି।

ଏ ସମ୍ପର୍କରେ ଅର୍ଜୁନି ବାୟୋଟେକ ଲିମିଟେଡର ମ୍ୟାନେଜିଂ ଡାଇରେକ୍ଟର ଯଶଯୋତ ସିଂହ କହିଥିଲେ, ଆମେ ଉଚ୍ଚ ଗୁଣମାନର ପିୟୋର ଭେଜ ଗୋ ଖାଦ୍ୟ ଏବଂ ପିୟୋର ଭେଜ ପରିପୂରକ ଯୋଗାଇ ଦେବା କ୍ଷେତ୍ରରେ ସ୍ୱତନ୍ତ୍ର ଅଭିଜ୍ଞତା ହାସଲ କରିଛୁ, ଯାହା ଗାଈ-ଗୋରୁଙ୍କର ଖାଦ୍ୟଗତ ଆବଶ୍ୟକତା ପୂରଣ କରୁଛି। ଏପରିକି ଆମର ଉତ୍ପାଦଗୁଡିକ ସୁସ୍ଥ ଅଭିବୃଦ୍ଧି ଓ ପ୍ରଜନନ କ୍ଷମତାରେ ଉନ୍ନତି ଏବଂ ଗୋରୁ ଗାଈଙ୍କର ସାମଗ୍ରିକ ବୃଦ୍ଧି ଘଟାଇବା ନିମନ୍ତେ ଡିଜାଇନ କରାଯାଇଛି। ସେହିଭଳି ପ୍ରାଣୀ ସ୍ୱାସ୍ଥ୍ୟ ଓ କଲ୍ୟାଣ ଉପରେ ଆମର ଦୃଷ୍ଟି ନିବଦ୍ଧ ହୋଇଥିବାରୁ ଆମେ କୃଷକଙ୍କୁ ସେମାନଙ୍କର ଗୋରୁ ଗାଈଙ୍କ ପାଇଁ ଯଥାସମ୍ଭବ ସର୍ବୋତ୍ତମ ସମାଧାନ ଯୋଗାଇଦେବାକୁ ପ୍ରତିବଦ୍ଧ ରହିଛୁ। ଏପରିକି ଆମେ ସମ୍ପ୍ରତି ବି୨ସି ବଜାରରେ ପ୍ରବେଶ କରୁଛୁ, ଯାହା ଆମର ବ୍ୟବସାୟିକ ସୁଯୋଗର ଏକ ଉଲ୍ଲେଖଯୋଗ୍ୟ ସମ୍ପ୍ରସାରଣ ହେଉଛି।


**Classified Everyday**
**0674-2580101, 2549949**



REAL ESTATE

**SALE**

**Plot for sale at Pitapalli- 6000sqft. (120'x50') plot for sale close to Mahavir Engineering College on Pitapalli- Barang Road at Rs.- 750/-sqft. Three persons can buy at (40'x50'). Mob- 9937786833.** D-75742

**Duplex sale at Bhubaneswar @ 57 lakhs only. Contact- 9777433701.** D-75958

**Plot sale near Pitapalli, Janla, Tamando, Bhubaneswar Rs- 1299/-sqft. 6372670155.** D-75959

ପାହାଳ ଜଗନ୍ନାଥ ମନ୍ଦିରରୁ 4K.M. ଅଟଳାରେ SC Plot 2000sqft. 28,00,000/-. 9114705579. D-75956

**Developed gharabari plot at ଉତ୍ତରାଛକ ଗୁଡ଼ିଆପୋଖରୀ ଏବଂ ପିପିଲି-NH. 9337110932.** D-322

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।





Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75740

Newly open Jyoti Spa positively health benefits (Expert Therapist). 8458067955. D-76119

Relax, refresh your body, Mind by expert therapist. Contact- 9938843929. D-76122

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Relax, Refresh your body, Mind at Saikrupa Spa with best therapies. 8984068077.** D-306

Fully relaxed body massage trained therapist. Central SPA. 9556483961. D-75741

Monalisa massage Club: All types Body massage with hiprofile smart lady rooms service available. 9708545108. D-335

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**CLASSIFIED DISPLAY**
MORE SPACE • SAME PRICE
TARIFF — For Single Day, For 7 Days, For 15 Days, For 30 days — GST 5%

**ଆଡ୍‌ୱାର୍ଲ୍ଡ**
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମେଟ୍, ପଲାସପଲ୍ଲୀ, ନବିନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ
ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଚିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୭୧ ଶିବପୁରୀ
ୟୁପି-ଏ୭୭, ସେକ୍ଟର ୫, ନୋଏଡ଼ା
9810432170
7606841840

**BINET SCIENCE ACADEMY**
Best Coaching Centre in Bhubaneswar since 2010
CBSE Class - XI & XII
(Physics, Chemistry, Mathematics & Biology)
(NEET, JEE, IIT-Foundation, BOARDS, NISER, KVPY, NDA)
FREE ADMISSION & DEMO CLASSES
SAILASHREE VIHAR PHASE-II / BOMIKHAL, BHUBANESWAR
Contact No.: 9438014738, 8847864947

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପାନୀୟ ଜଳ ସମସ୍ୟାରୁ ଭୋଟ ବର୍ଜନ



ହାଣ୍ଡି ମାଠିଆ ଧରି ଭୋଟରଙ୍କ ଆନ୍ଦୋଳନ।



ଶୂନ୍‌ଶାନ୍ ଭୋଟ କେନ୍ଦ୍ର।

- ବାରମ୍ବାର ଦାବି ସତ୍ତ୍ୱେ ଶୁଣିଲାନି ପ୍ରଶାସନ
- ମତଦାନ କେନ୍ଦ୍ର ସମ୍ମୁଖରେ ହାଣ୍ଡି ମାଠିଆ ରଖି ଆନ୍ଦୋଳନ

ଦିଗପହଣ୍ଡି/ପାଟପୁର,୨୦।୫ (ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ସାତପେଣ୍ଠ ଗୋପାଳପୁର ଗ୍ରାମ ପଞ୍ଚାୟତ ଗୁଡ଼ିଆ ପାଟଣା ଗ୍ରାମବାସୀ ପାନୀୟ ଜଳ ସମସ୍ୟାର ସମାଧାନ ନ ହେବାରୁ ସୋମବାର ଭୋଟ ବର୍ଜନ କରିଛନ୍ତି। ଗ୍ରାମର ମତଦାନ କେନ୍ଦ୍ର ୧୨୯ ନଂ. ବୁଥ୍ ସମ୍ପୂର୍ଣ୍ଣ ଫାଙ୍କା ପଡ଼ିଥିବା ବେଳେ ଗ୍ରାମବାସୀଙ୍କ ପକ୍ଷରୁ ବୁଥ୍ ସମ୍ମୁଖରେ ହାଣ୍ଡି ମାଠିଆ ଧରି ଆନ୍ଦୋଳନ କରାଯାଇଥିଲା।

ଉକ୍ତ ଗ୍ରାମରେ ପ୍ରାୟ ୨୫୦ ପରିବାରର ୧୨ ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଦୀର୍ଘ ବର୍ଷ ଧରି ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗି ରହିଥିଲା। ଏଥିପାଇଁ ଗ୍ରାମବାସୀ ନିକଟସ୍ଥ ନଦୀ ଓ ଦୂଷିତ ପୋଖରୀ ଉପରେ ନିର୍ଭରଶୀଳ। ଗ୍ରାମବାସୀ ବିଶୁଦ୍ଧ ପାନୀୟ ଜଳ ପାଇବା ପାଇଁ ବାରମ୍ବାର ପ୍ରଶାସନ, ସ୍ଥାନୀୟ ସରପଞ୍ଚ ଏବଂ ବିଧାୟକଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ସେମାନଙ୍କ ସମସ୍ୟାର ସ୍ଥାୟୀ ସମାଧାନ କରାଗଲା ନାହିଁ। ପ୍ରତ୍ୟେକ ନିର୍ବାଚନ ଆସିଲେ ଗ୍ରାମକୁ ମାଲମାଲ ନେତା ଆସି ପାନୀୟ ଜଳ ପାଇଁ ପ୍ରତିଶ୍ରୁତି ଦେଇ ଚାଲିଯାଇଥାନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ପାନୀୟ ଜଳ ସମସ୍ୟାର ସମାଧାନ ହୋଇପାରୁ ନ ଥିଲା।

ଫଳରେ ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ସୋମବାର ଗଣତନ୍ତ୍ରର ମହାପର୍ବରେ ସାମିଲ ନ ହୋଇ ସମୁଦାୟ ୬୩୦ ଜଣ ଭୋଟର ଭୋଟ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏପରିକି ସକାଳୁ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଭୋଟ ଦେବା ପରିବର୍ତ୍ତେ ନିଜ ଜିଦ୍‌ରେ ଅଟଳ ରହି ମତଦାନ କେନ୍ଦ୍ର ସମ୍ମୁଖରେ ହାଣ୍ଡି ମାଠିଆ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବର ପ୍ରଚାରିତ ପରେ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ବିଫଳ ହୋଇ ଫେରିଥିବା ଜଣାପଡ଼ିଛି।

## କୌଣସି ପ୍ରକାର ହିଂସାକୁ ବରଦାସ୍ତ କରାଯିବ ନାହିଁ: ସିଇଓ

ଭୁବନେଶ୍ୱର, ୨୦।୫(ଅସମାପିକା ସାହୁ)

କେନ୍ଦୁଝର ଘସିପୁରାରେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ରାଲିକୁ ବିଜେଡି ନେତା ଓ ସମର୍ଥକମାନେ ଅଟକାଇବା ସହ ଗାଳିଗୁଲଜ ଓ ଧମକଚମକ ଦେଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ନିକୁଞ୍ଜ ଧଳ କଡ଼ା ଚେତାବନୀ ଦେଇଛନ୍ତି। କୌଣସି ପ୍ରକାର ହିଂସାକୁ ବରଦାସ୍ତ କରାଯିବ ନାହିଁ। ସ୍ଥିତି ନିୟନ୍ତ୍ରଣ ସହ ଆବଶ୍ୟକ ପଦକ୍ଷେପ ନେବାକୁ ସିଇଓ ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେବା ସହ ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି। ନିର୍ବାଚନ ପୂର୍ବରୁ, ନିର୍ବାଚନ ସମୟରେ ଏବଂ ନିର୍ବାଚନ ପରେ କୌଣସି ପ୍ରକାର ହିଂସାକାଣ୍ଡ କିମ୍ବା ଗୁଣ୍ଡାଗର୍ଦ୍ଦିକୁ ବରଦାସ୍ତ କରାଯିବନି ବୋଲି ସେ କହିଛନ୍ତି।

## ୯ ବିଧାନସଭା କ୍ଷେତ୍ର ଲାଗି ୧୭ଜଣଙ୍କୁ ଦାୟିତ୍ୱ ଦେଲା ବିଜେଡି

ଭୁବନେଶ୍ୱର, ୨୦।୫(ସୁନିତ୍ ମିଶ୍ର)

ରାଜ୍ୟର ତୃତୀୟ ଏବଂ ୪ର୍ଥ ପର୍ଯ୍ୟାୟ ମତଦାନ ହେବାକୁ ଥିବା ବିଭିନ୍ନ ନିର୍ବାଚନମଣ୍ଡଳୀ ଦାୟିତ୍ୱ ୧୭ ଜଣ ନେତାଙ୍କୁ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ପ୍ରଦାନ କରିଛନ୍ତି। ଏନେଇ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତରେ ଦୁଇଟି ଚିଠି ଜାରି କରାଯାଇଛି। ଚିଠି ଅନୁଯାୟୀ ନିମାପଡ଼ା ବିଧାନସଭା କ୍ଷେତ୍ର ପାଇଁ ସହ ପର୍ଯ୍ୟବେକ୍ଷକ ଭାବେ ୮ ଜଣଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନେ ହେଲେ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଲତିକା ପ୍ରଧାନ, ଜୟପୁରର ସୁବାସ ରାଉତ, ନଚିକେତା ସ୍ୱାଇଁ, ସତ୍ୟନାରାୟଣ ସ୍ୱାଇଁ, ଭବାନୀ ଶଙ୍କର ମଲିକ, ଅମରେଶ ଜେନା ଓ ରାଜେଶ ନିଗମ। ଶ୍ରୀକାନ୍ତ ସାହୁଙ୍କୁ ପିପିଲି ବିଧାନସଭା ଆସନର ସହ ପର୍ଯ୍ୟବେକ୍ଷକ ଦାୟିତ୍ୱ ମିଳିଛି। ସେହିପରି ନିର୍ବାଚନ ସଂଯୋଜକ ଭାବେ ନିଆଳି ବିଧାନସଭା ଆସନ ଲାଗି ବିରଞ୍ଚି ନାରାୟଣ ମହାସୁପକାରଙ୍କୁ ଦାୟିତ୍ୱ ଦିଆଯାଇଥିବାବେଳେ, ହିନ୍ଦୋଳ ଲଗି ନୀହାର ରଞ୍ଜନ ବେହେରା, କେନ୍ଦ୍ରାପଡ଼ା ଆୟୁବଖାନ୍, ସମ୍ବଲପୁର ସରୋଜ ମେହେର, ପରଜଙ୍ଗ ଦେବେନ୍ଦ୍ର ଦାସ, କିଶୋର ନାଏକ, ରେମୁଣା ବିଧାନସଭା କ୍ଷେତ୍ର ଲାଗି ଆରତ ରଞ୍ଜନ ବିଶ୍ୱାଳ, ଅନୁଗୋଳ ମ୍ୟୁନିସିପାଲିଟି ନିର୍ବାଚନ ସଂଯୋଜକ ଭାବେ ପ୍ରଶାନ୍ତ ସେଠୀଙ୍କୁ ଦଳ ଦାୟିତ୍ୱ ପ୍ରଦାନ କରିଛି।

## ବାସୁଦେବପୁରରେ ରାଜନୈତିକ ହିଂସା

- ପୋଷ୍ଟର ଲଗାଇବାକୁ କେନ୍ଦ୍ରକରି ବିଜେଡି ନେତାଙ୍କୁ ଆକ୍ରମଣ
- ଭାଜପା କାଉନସିଲର ଗିରଫ



ଆକ୍ରମଣରେ ଗୁରୁତର ସତ୍ୟକାନ୍ତ ନାୟକ।

ବାସୁଦେବପୁର,୨୦।୫ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକାର ୫ ନଂ. ୱାର୍ଡରେ ପୋଷ୍ଟର, ବ୍ୟାନର ଲଗାଇବାକୁ କେନ୍ଦ୍ରକରି ସୋମବାର ପୂର୍ବାହ୍ନରେ ରାଜନୈତିକ ହିଂସା ଘଟିଛି। ଭାଜପା କାଉନସିଲର ଓ ତାଙ୍କ ସମର୍ଥକଙ୍କ ଆକ୍ରମଣର ଶିକାର ହୋଇଛନ୍ତି ବିଜେଡିର ୱାର୍ଡନେତା ସତ୍ୟକାନ୍ତ ନାୟକ। ଗୁରୁତର ଅବସ୍ଥାରେ ତାଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତାଙ୍କ ମୁଣ୍ଡରେ ଏକାଧିକ ସ୍ଥାନରେ କ୍ଷତ ହୋଇଛି। ଏହି ଘଟଣାରେ ପୋଲିସ ୫ ନଂ. ୱାର୍ଡର ଭାଜପା କାଉନସିଲର ଜଗବନ୍ଧୁ ଦାସଙ୍କୁ ଗିରଫ କରିଛି।

ସତ୍ୟକାନ୍ତ ବିଜେଡି ୱାର୍ଡ ନେତା ହୋଇଥିବା ବେଳେ ଗତ ପୌରପାଳିକା ନିର୍ବାଚନରେ ସେ କାଉନସିଲର ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ସୋମବାର ସେ ୫ ନଂ. ୱାର୍ଡରେ ଦଳୀୟ ପୋଷ୍ଟର, ବ୍ୟାନର ଲଗାଇଥିଲେ। ଏହାକୁ ନେଇ ସତ୍ୟକାନ୍ତଙ୍କ ସହ ଜଗବନ୍ଧୁ ଓ ତାଙ୍କର କେତେଜଣ ସମର୍ଥକଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଏହା ଉଗ୍ରରୂପ ଧାରଣ କରିଥିଲା। ଭାଜପା ସମର୍ଥକଙ୍କ ଆକ୍ରମଣରେ ସତ୍ୟକାନ୍ତ ଲହୁଲୁହାଣ ହୋଇଥିଲେ। ତାଙ୍କ ସ୍ତ୍ରୀ ଲଭ୍‌ଲି ନାୟକଙ୍କ ଅଭିଯୋଗକ୍ରମେ ବାସୁଦେବପୁର ଥାନାରେ ଏକ ମାମଲା (ନଂ. ୩୫୮/୨୪) ରୁଜୁ କରାଯାଇଛି। ଏହି ରାଜନୈତିକ ହିଂସା ଘଟିବା ପରେ ବାସୁଦେବପୁର ଥାନାରେ ଭାଜପା ଓ ବିଜେଡି କର୍ମୀ, ସମର୍ଥକଙ୍କ ଭିଡ଼ ଜମିଥିଲା। ଘଟଣାର ତଦନ୍ତ କରାଯାଉଛି। ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ଲୋପାମୁଦ୍ରା ନାୟକ କହିଛନ୍ତି।

## କଙ୍ଗାରୁ କୋର୍ଟରେ ଯୁବକଙ୍କୁ ନିସ୍ତୁକ ମାଡ଼

### ଗୁଣିଗାରେଡ଼ି ସନ୍ଦେହ

### ଚିକିତ୍ସା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗଲେ ମାରିଦେବାକୁ ଧମକ

ପଡ଼ିଆ,୨୦।୫(ଭାସ୍କର ରାଓ)

ଗୁଣିଗାରେଡ଼ି ସନ୍ଦେହରେ ଗାଁ କଙ୍ଗାରୁ କୋର୍ଟରେ ଯୁବକଙ୍କୁ ନିସ୍ତୁକ ମାଡ଼ ମରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରକୁ କିମ୍ବା ଥାନାରେ ଅଭିଯୋଗ କଲେ ପରିବାରର ସମସ୍ତଙ୍କୁ ଜୀବନରୁ ମାରିଦେବାକୁ ଧମକ ଦିଆଯାଇଛି। ଏ ସମ୍ପର୍କରେ ପୋଲିସ ଜାଣିପାରି ତୁରନ୍ତ ଉକ୍ତ ଗ୍ରାମରେ ପହଞ୍ଚି ଆହତ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା କରାଇଛି। ଏଭଳି ଘଟଣା ମାଲକାନଗିରି ଜିଲା ଏମ୍‌ଭି ୭୯ ଥାନା ପଡିଆ ବ୍ଲକ କାଲଧାପଲ୍ଲୀ ପଞ୍ଚାୟତ ଟାଙ୍ଗୁଡ଼କୋଣ୍ଡା ଗ୍ରାମରେ ରବିବାର ଦେଖିବାକୁ ମିଳିଛି। ମାଡ଼ ଖାଇଥିବା ଯୁବକ ହେଲେ ଚେନସା ମାଡ଼ି (୩୫)।

ଚେନସାଙ୍କ କହିବା ଅନୁଯାୟୀ, କିଛିଦିନ ପୂର୍ବେ ଗ୍ରାମବାସୀଙ୍କୁ ସ୍ୱପ୍ନ ହୋଇଥିଲା ଯେ, ସେ ଗୁଣିଗାରେଡ଼ି କରୁଛନ୍ତି। ଏହାକୁ ନେଇ ଗ୍ରାମରେ କଙ୍ଗାରୁ କୋର୍ଟ ବସିଥିଲା। ସେଠାରେ ତାଙ୍କୁ ମାଡ଼ ମରାଯିବା ସହ ବେକରେ ରସି ଲଗାଇ ଜୀବନରୁ ମାରିଦେବା ପାଇଁ ଉଦ୍ୟମ କରାଯାଇଥିଲା। ପରେ ତାଙ୍କୁ ଗ୍ରାମର କେତେକ ଯୁବକ ନଦୀକୂଳକୁ ନେଇ ନିସ୍ତୁକ ମାଡ଼ ମାରି ଗୁରୁତର ଅବସ୍ଥାରେ ଘରେ ଆଣି ପକାଇ ଦେଇଥିଲେ। ଯଦି ଥାନା କିମ୍ବା ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବ, ତେବେ ପରିବାରର ସମସ୍ତଙ୍କୁ ଜୀବନରୁ ମାରିଦେବୁ ବୋଲି ଚେତାବନୀ ଦେଇଥିଲେ। ଘଟଣା ପରେ ପରିବାର ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଗୁଣିଗାରେଡି ସନ୍ଦେହରେ ଗ୍ରାମର କେତେକ ଯୁବକ ନିସ୍ତୁକ ମାଡ଼ ମାରିଥିବା ଖବର ଏମ୍‌ଭି ୭୯ ପୋଲିସ ଜାଣିପାରି ଗ୍ରାମରେ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସା କରିଥିବା ଜଣାପଡିଛି। ଏହାକୁ ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନାହିଁ।



ଗୁରୁତର ଚେନସା ମାଡ଼ି।

ଏ ସମ୍ପର୍କରେ ଥାନା ଅଧିକାରୀ ସୁବାସ କର୍କରାଙ୍କୁ ପଚାରିବାରୁ ଖବର ଜାଣିବା ପରେ ତୁରନ୍ତ ପଡିଆ ଥାନାକୁ ଘଟଣା ସମ୍ପର୍କରେ ଜଣାଇବା ସହ ଟିମ୍ ଗ୍ରାମରେ ପହଞ୍ଚି ଯୁବକଙ୍କୁ ଆଣି ଚିକିତ୍ସା କରାଇଛନ୍ତି। ବର୍ତ୍ତମାନ ଚେନସା ସୁସ୍ଥ ଅଛନ୍ତି। ଏ ପର୍ଯ୍ୟନ୍ତ ସେ କିମ୍ବା ତାଙ୍କ ପରିବାର ତରଫରୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପୋଲିସ ପକ୍ଷରୁ ଗ୍ରାମର ମୁଖିଆଙ୍କୁ ଡକାଯାଇଛି। ପଚରା ଉଚରା ପରେ ସମ୍ପୂର୍ଣ୍ଣ ଘଟଣା ଜଣାପଡିବ। ଘଟଣାର ତଦନ୍ତ ଚାଲିଥିବା ଥାନାଧିକାରୀ କର୍କରା କହିଛନ୍ତି।

## ଗଛରେ ପିଟିହେଲା ନଡ଼ିଆ ବୋଝେଇ ଟ୍ରକ୍: ଡ୍ରାଇଭର ମୃତ

ପଟ୍ଟାଙ୍ଗି,୨୦।୫(ଶରତ ଧଳ)

ଭାରସାମ୍ୟ ହରାଇ ସୋମବାର ଭୋର ସମୟରେ ଗଛରେ ପିଟି ହୋଇ ଏକ ନଡିଆ ବୋଝେଇ ମିନିଟ୍ରକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଟ୍ରକ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଶେଖ୍ ଆର୍ସାଦ। ଏଥିରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଦୁର୍ଘଟଣା ଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ପୋଲିସ ପହଞ୍ଚି ଯାତାୟାତ ସ୍ୱାଭାବିକ କରିଥିଲା।

କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ପୁକାଲି ଛକ ନିକଟରେ ଏପରି ଘଟଣା ଘଟିଛି। ଖବରରୁ ଜଣାପଡିଛି, ପଡୋଶୀ ଆନ୍ଧ୍ରରୁ ନଡ଼ିଆ ବୋଝେଇ ଏକ ମିନି ଟ୍ରକ୍ (ଏପି୦୭ଟିଜି-୯୭୫୯) ଓଡ଼ିଶାର ଜୟପୁର ଅଭିମୁଖେ ଆସୁଥିଲା। ସେମିଳିଗୁଡାର ପୁକାଲି ଛକ ନିକଟରେ ଟ୍ରକଟି ଜାତୀୟ ରାଜପଥ କଡରେ ରହିଥିବା ଡିଭାଇଡର୍‌କୁ ଧକ୍କା ଦେଇ ଏକ ଗଛରେ ପିଟି ହୋଇଯାଇଥିଲା। ଫଳରେ ଘଟଣା ସ୍ଥଳରେ ଟ୍ରକ୍ ଚାଳକ ଆର୍ସାଦ୍‌ଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣାରେ ଟ୍ରକ୍‌ର ହେଲପର ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ସ୍ଥାନୀୟ ଥାନା ଅଧିକାରୀ ଚତୁର୍ଭୁଜ ନାୟକ ଓ ପୋଲିସ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଓଡିଶା ମୋଟର ଚାଳକ ସଂଘ ପଟ୍ଟାଙ୍ଗି ଶାଖା କର୍ମଚାରୀ ଏବଂ ଉପସ୍ଥିତ ସିପାଇପୁଟ୍ ଗ୍ରାମବାସୀଙ୍କ ସହଯୋଗରେ ହେଲପରଙ୍କୁ ଉଦ୍ଧାର କରି କୁନ୍ଦୁଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଚାଳକ ଆର୍ସାଦ୍‌ଙ୍କ ମୃତଦେହ ପଟ୍ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ସେଠାରେ ବ୍ୟବଚ୍ଛେଦ ପରେ ଉପସ୍ଥିତ ତାଙ୍କ ସମ୍ପର୍କୀୟମାନଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଥିଲା। ଦୁର୍ଘଟଣା ସ୍ଥଳରେ ଉଭୟ ପାର୍ଶ୍ୱରେ ଅଟକି ରହିଥିବା ଗାଡ଼ି ମୋଟରକୁ ଚଳାଚଳ କରିବା ଲାଗି ରାସ୍ତା ସ୍ୱାଭାବିକ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛ। ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ଟି ଆନ୍ଧ୍ର ରାଜ୍ୟର ବୋଲି ଜଣାପଡିଛି।



ଦୁର୍ଘଟଣାଗ୍ରସ୍ତ ଟ୍ରକ।

## ଜଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଯାହା ନ ଦେଖିବ ଆପେ,**
**ପରତେ ନ ଯିବ ବାପେ।**

ଯିଏ ଯେତେ କହିଲେ ମଧ୍ୟ ତାହା ଯଦି ନିଜ ଆଖିରେ ଦେଖାଯାଇ ନ ଥାଏ ତେବେ ତାକୁ ବିଶ୍ୱାସ କରିବା ଅନୁଚିତ। ନିଜ ଆଖି ହିଁ ସବୁଠୁ ବଡ଼ ବିଶ୍ୱାସଯୋଗ୍ୟ ସାକ୍ଷୀ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯେ ପାଞ୍ଚେ ପର ମନ୍ଦ,**
**ତା'ମନ୍ଦ ପାଞ୍ଚନ୍ତି ଗୋବିନ୍ଦ।**

ଯିଏ ଅନ୍ୟକୁ ଖାଲରେ ପକାଇବାକୁ ଚେଷ୍ଟା କରେ ସେ ଦିନେନା ଦିନେ ସେଇ ଖାଲରେ ପଡ଼ିଥାଏ। ଅନ୍ୟର ମନ୍ଦ ପାଞ୍ଚୁଥିବା ବ୍ୟକ୍ତିଙ୍କୁ ଈଶ୍ୱର କେବେ କ୍ଷମା ଦେଇ ନ ଥାନ୍ତି। ଯେତେ ଚାଲାକ ହଉନା କାହିଁକି ବିଳମ୍ବରେ ହେଲେ ମଧ୍ୟ ତାହାର କଲାକର୍ମର ଫଳ ତାକୁ ଭଗବାନ ନିଶ୍ଚୟ ଦେଇଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ

### ସରିଲା ୨ୟ ପର୍ଯ୍ୟାୟ...

ଫଳରେ ମତଦାନ କିଛି ସମୟ ବାଧାପ୍ରାପ୍ତ ହୋଇଥିଲା। କିନ୍ତୁ ସେଠାରେ ବିଦ୍ୟୁତ ସରବରାହ ରିଷ୍ଟୋର୍ କରାଯାଇଥିଲା। ସେସବୁ ବୁଥ୍‌ରେ ଯେଉଁମାନେ ଭୋଟ ଦେବା ପାଇଁ ଆସିଥିଲେ ସେମାନେ କିପରି ସୁରୁଖୁରୁରେ ଯିବେ ସେଥିପାଇଁ ସମସ୍ତ ବ୍ୟବସ୍ଥା ହୋଇଥିଲା। ଶାନ୍ତିଶୃଙ୍ଖଳା ସହିତ ସବୁଠି ମତଦାନ ହୋଇଛି। ଏଥିରେ ସବୁ ବର୍ଗର ଭୋଟର ଉତ୍ସାହର ସହିତ ଆସି ମତଦାନ କରିଥିବା ଦେଖାଯାଇଥିଲା। ଯୁବ, ମହିଳା, ବୟସ୍କ ମତଦାତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ପ୍ରତି ବୁଥ୍‌ରେ ସ୍ୱେଚ୍ଛାସେବୀମାନେ ଅତି ଉତ୍ସାହର ସହ କାର୍ଯ୍ୟ କରିଥିଲେ। ସମସ୍ତ ପୋଲିଂ କର୍ମଚାରୀ ନିଷ୍ଠାର ସହ କାର୍ଯ୍ୟ କରିଥିଲେ। କାଁ ଭାଁ କିଛି ସ୍ଥାନରେ ପୋଲିଂ କର୍ମଚାରୀଙ୍କୁ ବଦଳାଇବାକୁ ପଡ଼ିଥିଲା। ଯଦିଓ ମହିଳା ପୋଲିଂ କର୍ମଚାରୀ ପ୍ରଥମଥର ପାଇଁ କାର୍ଯ୍ୟ ନିର୍ବାହ କରୁଥିଲେ, ତେଣୁ କେତେକଙ୍କ ମନରେ ଆଶଙ୍କା ମଧ୍ୟ ରହିଥିଲା। ତେଣୁ ଆମେ ସେମାନଙ୍କୁ ସହଯୋଗ କରିଲୁ ଏବଂ ସେମାନେ ଦୃଢ଼ବିଶ୍ୱାସ ସହିତ ନିଜ କାର୍ଯ୍ୟ ନିର୍ବାହ କରିଥିଲେ। ଅପରାହ୍ନ ୫ଟା ସୁଦ୍ଧା ଯେଉଁସବୁ ସ୍ଥାନରେ ମତଦାନ ଶେଷ ହୋଇଥିଲା, ସେସବୁ କେନ୍ଦ୍ରରୁ ପୋଲିଂ କର୍ମଚାରୀମାନେ ଫେରି ଆସିଥିବା ସିଇଓ ଧଳ କହିଛନ୍ତି।

ସୂଚନାଯୋଗ୍ୟ, ଦ୍ୱିତୀୟ ପର୍ଯ୍ୟାୟରେ ମୋଟ ୯,୧୪୮ଟି ମତଦାନ କେନ୍ଦ୍ରରେ ପୋଲିଂ ହୋଇଥିଲା। ମୋଟ ୩୦୫ଜଣ ପ୍ରାର୍ଥୀ ନିର୍ବାଚନୀ ମଇଦାନରେ ରହିଥିଲେ। ୫ଟି ଲୋକ ସଭା ଆସନରେ ୪୦ ଜଣ ପ୍ରାର୍ଥୀ ଥିବାବେଳେ ୩୫ଟି ବିଧାନସଭା ଆସନ ପାଇଁ ୨୬୫ଜଣ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ୨୦୧୯ରେ ବିଜେଡି ଆସିକା ଓ କନ୍ଧମାଳ ଆସନ ଜିତିଥିବାବେଳେ ଭାଜପା ବରଗଡ଼, ବଲାଙ୍ଗୀର, ସୁନ୍ଦରଗଡ଼ ଲୋକ ସଭା ଆସନ ଜିତିଥିଲା। ଏଥର ସେହି ଧାରା ବଜାୟ ରହିବ ନା କିଏ ବାଜି ମାରିନେବ ତାହା ଫଳାଫଳ ଆସିବା ପରେ ଜଣାପଡ଼ିବ। ସେହିପରି ୩୫ଟି ବିଧାନସଭା ଆସନରୁ ବିଜେଡି ଏକାକୀ ୨୬ଟି ଜିତିଥିବାବେଳେ ଉଭୟ ଭାଜପା ଓ କଂଗ୍ରେସ ୪ଟି ଲେଖାଏ ଆସନ ଜିତିଥିଲେ। ସିପିଆଇଏମ୍ ଗୋଟିଏ ଆସନ ଜିତିଥିଲା। ତେବେ ଏହି ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଆକର୍ଷଣ ଥିଲେ। ସେ ହିଞ୍ଜିଳି ଓ କଣ୍ଟାବାଞ୍ଜିରୁ ପ୍ରାର୍ଥୀ ହୋଇଥିଲେ।

### ନୂଆ ଆପରାଧିକ ଆଇନ...

ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ସ୍ଥାନରେ ତାହା ଲାଗୁ ହେବାକୁ ଯାଉଛି। ଉକ୍ତ ୩ ନୂଆ ଆଇନର କାର୍ଯ୍ୟକାରିତା ଉପରେ ସ୍ଥଗିତାଦେଶ ଲାଗୁ କରିବା ପାଇଁ ତିୱାରୀ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଏର କରିଥିଲେ। ଖଣ୍ଡପୀଠ କହିଥିଲେ, ନୂଆ ଆଇନ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଆବେଦନକାରୀ କୌଣସି ଚିନ୍ତା ନ କରି ଆକସ୍ମିକ ଭାବେ ଏଭଳି ପିଟିଶନ ଦାଏର କରିଛନ୍ତି। ଯଦି ଏହା ଉପରେ ଅଧିକ ଯୁକ୍ତି କରିବ ତେବେ ସେଥିପାଇଁ ମୂଲ୍ୟ ସହ ପିଟିଶନକୁ ଖାରଜ କରାଯିବ ବୋଲି ଖଣ୍ଡପୀଠ କହିବା ପରେ ଆବେଦନକୁ ପ୍ରତ୍ୟାହାର କରିନେବା ପାଇଁ ତିୱାରୀ ନିବେଦନ କରିଥିଲେ।

### ହେଲିକପ୍ଟର ଦୁର୍ଘଟଣାରେ...

ପାଗ ଯୋଗୁ ରାଷ୍ଟ୍ରପତି ରଇସିଙ୍କ ହେଲିକପ୍ଟର ଦୁଘଟଣାଗ୍ରସ୍ତ ହେଲା ବୋଲି କୁହାଯାଉଥିବାବେଳେ ସରକାରୀ ଭାବେ ଦୁର୍ଘଟଣାର କାରଣ ସ୍ପଷ୍ଟ କରାଯାଇ ନାହିଁ। ଇସ୍ରାଏଲ୍-ହମାସ୍ ଯୁଦ୍ଧକୁ ନେଇ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗିରହିଥିଲାବେଳେ ଗତ ମାସରେ ଇସ୍ରାଏଲ୍ ଉପରେ ଇରାନ ଡ୍ରୋନ୍ ଓ ମିଶାଇଲ ଆକ୍ରମଣ କରିଥିଲା। ଇରାନରେ ଅଣୁଅସ୍ତ୍ର ନିର୍ମାଣ ପାଇଁ ଉପଯୁକ୍ତ ୟୁରାନିୟମ ଥିବାରୁ ଏହାକୁ ନେଇ ପାଶ୍ଚାତ୍ୟ ରାଷ୍ଟ୍ର ସହ ତେହେରାନ୍‌ର ଉତ୍ତେଜନା ବଢ଼ିଥିଲା। ଏଥିସହିତ ୟୁକ୍ରେନ୍ ବିରୋଧୀ ଯୁଦ୍ଧରେ ତେହରାନ ରୁଷିଆକୁ ବୋମାବାହୀ ଡ୍ରୋନ୍ ଓ ସଶସ୍ତ୍ର ଯବାନ ଯୋଗାଇଥିବାରୁ ଏହା ମଧ୍ୟ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକୁ କ୍ଷୁବ୍ଧ କରିଥିଲା। ରାଷ୍ଟ୍ରପତିଙ୍କ ହେଲିକପ୍ଟର ଦୁର୍ଘଟଣା ପଛରେ ଇସ୍ରାଏଲର ସମ୍ପୃକ୍ତି ଥିବା ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଥିବାବେଳେ ଜେରୁଜେଲମ୍ ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି।

### ମହମ୍ମଦ ମୋଖବେର କାର୍ଯ୍ୟକାରୀ ରାଷ୍ଟ୍ରପତି

ହଲିକପ୍ଟର ଦୁର୍ଘଟଣାରେ ଇରାନ ରାଷ୍ଟ୍ରପତି ଇବ୍ରାହିମ ରଇସିଙ୍କର ମୃତ୍ୟୁ ଘଟିବା ପରେ ଦେଶର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇ ସୋମବାର ପ୍ରଥମ ଉପରାଷ୍ଟ୍ରପତି ମହମ୍ମଦ ମୋଖବେରଙ୍କୁ କାର୍ଯ୍ୟକାରୀ ରାଷ୍ଟ୍ରପତି ନିଯୁକ୍ତ କରିଛନ୍ତି। ରଇସିଙ୍କ ପରଲୋକରେ ଖାମେନେଇ ଦେଶରେ ୫ ଦିନିଆ ଶୋକ ଦିବସ ଘୋଷଣା କରିଛନ୍ତି।

### ବାଇକ୍‌କୁ ଧକ୍କା ଦେଲା...

ଏକ ବାଇକ୍ (ନଂ. ଓଡି.୦୬-ଏମ୍-୯୨୨୩)ରେ ଭଉଣୀ ସୁମି ଦେଓଗାମ୍(୨୫) ଓ ଭାଣିଜୀ ପୂର୍ଣ୍ଣିମା ଦେଓଗାମ୍(୭) ଏବଂ ସମ୍ପର୍କୀୟ ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଗେଣ୍ଡପୋଖରିଆ ଗ୍ରାମର ସନାତନ ସିଂଙ୍କୁ ବସାଇ ପିଙ୍ଗୁଆ ବସ୍‌ଷ୍ଟାଣ୍ଡକୁ ଯାଉଥିଲେ। ସମ୍ପର୍କୀୟ ସନାତନଙ୍କୁ ବସ୍‌ଷ୍ଟାଣ୍ଡରେ ଛାଡି ସେମାନେ ଘରକୁ ଫେରିଥାନ୍ତେ। ହେଲେ ଟୋଲରପଶି ଗ୍ରାମ ନିକଟରେ ସମ୍ମୁଖରୁ ଦ୍ରୁତଗତିରେ ଆସୁଥିବା ଏକ ୧୦ ଚକିଆ ହାଇୱା (ନଂ. ଓଡି.୦୪ଭି-୬୭୨୭) ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ଜଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ହେଲେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ନିହଲପ୍ରସାଦ ପୋଲିସ ଘଟଣାସ୍ଥଳରେ ପହଞ୍ଚି ହାଇୱା ଓ ବାଇକ୍‌କୁ ଜବତ କରି ଥାନାକୁ ଆଣିଥିଲା। ହାଇୱା ଚାଳକଙ୍କୁ ଥାନାରେ ଅଟକ ରଖାଯାଇଛି। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇ ଦିଆଯାଇଥିବା ପୋଲିସ ସୂଚନା ଦେଇଛି।

### ଭୋଟରଙ୍କୁ ଆଣିଥିବା...

ଘଟଣାସ୍ଥଳରେ ପହଞ୍ଚିଥିବା ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ମଧ୍ୟ ଅନୁରୂପ ମନ୍ତବ୍ୟ ଦେଇଛନ୍ତି। ତେବେ ମୃତକ ଏବଂ ଅଭିଯୁକ୍ତଙ୍କ ମଧ୍ୟରେ ସେଭଳି କିଛି ବ୍ୟକ୍ତିଗତ ଶତ୍ରୁତା ଥିବା ନେଇ ସେମାନେ ଜାଣି ନ ଥିବା ପରିବାର ଏବଂ ଗ୍ରାମବାସୀ କହିଛନ୍ତି। ଅନ୍ୟପଟେ ଅଭିଯୁକ୍ତଙ୍କ ବିରୋଧରେ ଆଗରୁ ଏକାଧିକ ମାମଲା ରହିଛି ଏବଂ ସେ ପୂର୍ବରୁ ଗିରଫ ହୋଇ ଜେଲ ଯାଇଥିଲେ ବୋଲି କେତେଜଣ ଗାଁ ଲୋକ କହିଛନ୍ତି। ଅପରପକ୍ଷେ ସ୍ୱାମୀଙ୍କ ମୃତ୍ୟୁରେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିବା ମୃତକଙ୍କ ସ୍ତ୍ରୀ କୁନ୍ତୀ କହିଛନ୍ତି, କାହାରି ସହିତ ସ୍ୱାମୀଙ୍କ ଶତ୍ରୁତା ଥିବା ସେ ଜାଣିନାହାନ୍ତି। ସେମାନେ ଗରିବ ଲୋକ। ସ୍ୱାମୀ ଅଟୋ ଚଳାଇ ପରିବାର ପୋଷଣ କରୁଥିଲେ। ସ୍ୱାମୀ ଚାଲିଗଲା ପରେ ୨ଶିଶୁକନ୍ୟାଙ୍କୁ ଧରି ସେ କେମିତି ଚଳିବେ ବୋଲି କହିଛନ୍ତି।

### ମହାପ୍ରଭୁଙ୍କ ଦର୍ଶନ ସହ...

ଥିବା ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନ କରି ଆତ୍ମବିଭୋର ହୋଇଥିଲେ। ନୀଳଚକ୍ର ଦର୍ଶନ କରି ଶ୍ରୀମନ୍ଦିର ଭିତରେ ପ୍ରାୟ ଅଧଘଣ୍ଟା ରହି ପ୍ରସ୍ଥାନ କରିଥିଲେ। ତାଙ୍କୁ ଦେଖିବା ପାଇଁ ଅପେକ୍ଷାରତ ଜନସାଧାରଣଙ୍କୁ ହାତ ହଲାଇ ସେ ଅଭିନନ୍ଦନ ଜଣାଇଥିଲେ। ଏହି ସମୟରେ ଜଣେ କୁନିଝିଅ ପ୍ରସ୍ତୁତ କରି ରଖିଥିବା ମହାପ୍ରଭୁଙ୍କ ଏକ ଫଟୋଚିତ୍ର ଉପରେ ତାଙ୍କର ନଜର ପଡ଼ିଥିଲା। ମୋଦି ସେହି କୁନିଝିଅଙ୍କୁ ପାଖକୁ ଡାକି କଥା ହେବା ସହ ତାଙ୍କଠାରୁ ଫଟୋଚିତ୍ର ନେଇଥିଲେ। ପରେ ଆନନ୍ଦ ବଜାରଠାରେ ଥିବା ସେବାୟତଙ୍କୁ ମୋଦି ହାତ ହଲାଇ ଶୁଭେଚ୍ଛା ଜଣାଇଥିଲେ। ପରେ ମୋଦି ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଚାଲି ଚାଲି ବଡ଼ଦାଣ୍ଡର ମରିଚୀକୋଟ ଛକ ଯିବା ସହ ଲୋକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହାପରେ ସେ ମରିଚିକୋଟ ଛକରୁ ମେଡ଼ିକାଲ ଛକ ପର୍ଯ୍ୟନ୍ତ ରୋଡ଼ ଶୋ' କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗିଥିଲେ। ଏଥିରେ ମୋଦିଙ୍କ ସହ ପୁରୀ ଏମ୍‌ପି ପ୍ରାର୍ଥୀ ସମ୍ବିତ ପାତ୍ର, ବିଧାୟକ ପ୍ରାର୍ଥୀ ଜୟନ୍ତ ଷଡ଼ଙ୍ଗୀ ଏବଂ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ସାମିଲ ଥିଲେ। ରୋଡ୍ ଶୋ' ସମୟରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଝଲକ ଦେଖିବାକୁ ମିଳିଥିଲା। ସକାଳ ୯ଟା ୫ରେ ରୋଡ୍ ଶୋ' ସରିବା ପରେ ମୋଦି ଭୁବନେଶ୍ୱର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଥିଲେ।

## ଦାଦାବଟି ନ ଦେବାରୁ ଖଣ୍ଡା ଚୋଟ, ୨ ଗିରଫ

ଭୁବନେଶ୍ୱର,୨୦।୫ (ସୂର୍ଯ୍ୟକାନ୍ତ ବେହେରା)

ଦାବି ମୁତାବକ ଦାଦାବଟି ନ ଦେବାରୁ ଜଣେ ଯୁବକଙ୍କୁ ଖଣ୍ଡା ଚୋଟ ହୋଇଛି। ଏୟାରପୋର୍ଟ ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ଆକ୍ରମଣର ଶିକାର ହୋଇଥିବା ଦିନେଶ ଦାସଙ୍କ ଅଭିଯୋଗ ଆଧାରରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୀମଟାଙ୍ଗି ଅଞ୍ଚଳର ପ୍ରଦୀପ୍ତ କୁମାର ସାହୁ ଓ ଭରତପୁର ଥାନା ଅଞ୍ଚଳର ସାଇଦେବ ରେଡ୍ଡୀ। ଉଭୟଙ୍କଠାରୁ ୨ ହଜାର ଟଙ୍କା ଓ ଆକ୍ରମଣରେ ବ୍ୟବହୃତ ଖଣ୍ଡା ଜବତ ହୋଇଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପ୍ରଦୀପ୍ତଙ୍କ ନାମରେ ପୂର୍ବରୁ ଭୁବନେଶ୍ୱରର ବିଭିନ୍ନ ଥାନାରେ ୭ରୁ ଅଧିକ ଆପରାଧିକ ମାମଲା ରହିଥିବାବେଳେ ସାଇଦେବଙ୍କ ନାମରେ ଗୋଟିଏ ମାମଲା ଥିବା ପୋଲିସ ସୂଚନା ଦେଇଛି।

ସୂଚନାନୁସାରେ, ଅଭିଯୋଗକାରୀ ଦିନେଶ ରବିବାର ରାତିରେ କାର୍ଗିଲ ବସ୍ତି ଅନ୍ତର୍ଗତ ତ୍ରିନାଥ ମଣ୍ଡପ ନିକଟରେ ବସିଥିବାବେଳେ ୨ ଅଭିଯୁକ୍ତ ସେଠାରେ ପହଞ୍ଚି ତାଙ୍କୁ ୪ ହଜାର ଟଙ୍କା ଦାଦାବଟି ଦେବାକୁ କହିଥିଲେ। ଦିନେଶ ଭୟଭୀତ ହୋଇ ୨ହଜାର ଟଙ୍କା ଦେଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଅଭିଯୁକ୍ତ ଦ୍ୱୟ ତାଙ୍କୁ ଗାଳିଗୁଲଜ କରିବା ସହିତ ହଠାତ ଏକ ଖଣ୍ଡାରେ ତାଙ୍କୁ ଆକ୍ରମଣ କରିଥିଲେ। ଖଣ୍ଡା ଚୋଟରେ ଦିନେଶଙ୍କର ଡାହାଣ ହାତ ଅଙ୍ଗୁଳିରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା।



ପୋଡିୟମ୍‌ରେ ଏସିଆନ ରିଲେ ଚାମ୍ପିୟନଶିପ୍‌ର ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ମିକ୍ସଡ୍ ରିଲେ ଟିମ୍ (ମଝି)।

# ଭାରତ ମିକ୍ସଡ ୪X୪୦୦ ରିଲେ ଟିମ୍‌କୁ ସ୍ୱର୍ଣ୍ଣ

**ବ୍ୟାଙ୍କକ୍, ୨୦।୫ (ପି.ଟି.)**

ଭାରତର ମିକ୍ସଡ ୪X୪୦୦ ରିଲେ ଟିମ୍ ଏଠାରେ ଏସିଆନ ରିଲେ ଚାମ୍ପିୟନଶିପ୍‌ର ଉଦ୍‌ଘାଟନୀ ସଂସ୍କରଣରେ ଜାତୀୟ ରେକର୍ଡ ଟାଇମିଂ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛି। ତେବେ ଏହି ଟିମ୍ ପ୍ୟାରିସ ଅଲିମ୍ପିକ୍ସ କ୍ୱାଲିଫିକେଶନ ଅଙ୍କ ହାସଲ କରିପାରି ନାହିଁ। ମହମ୍ମଦ ଅଜମଲ, ଜ୍ୟୋତିକା ଶ୍ରୀ ଦାଣ୍ଡି, ଅମୋଜ ଜାକବ ଓ ଶୁଭା ଭେଙ୍କଟେଶନ ୩ ମିନିଟ ୧୪.୧୨ ସେକେଣ୍ଡ ଟାଇମିଂରେ ରେସ୍ ଜିତିଥିଲେ। ପୂର୍ବରୁ ଗତବର୍ଷ ଏସିଆନ ଗେମ୍ସରେ ଭାରତୀୟ ଦଳ ୩:୧୪.୩୪ ଜାତୀୟ ରେକର୍ଡ ଟାଇମିଂ ସହ ହାଙ୍ଗ୍‌ଝୋ ଏସିଆନ ଗେମ୍ସରେ ରୌପ୍ୟ ଜିତିଥିଲା।

### ଏସିଆନ ରିଲେ ଚାମ୍ପିୟନଶିପ୍

ଏଥିରେ ଶ୍ରୀଲଙ୍କା (୩:୧୭.୦୦) ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଭିଏତନାମ (୩:୧୮.୪୫) ତୃତୀୟ ହୋଇଥିଲା। ରିଲେର ୪ଟି ଯାକ ଲେଗ୍‌ରେ ଭାରତ ଆଗରେ ରହିଥିଲା। ସୋମବାର ଟାଇମିଂ ରୋଡ୍ ଟୁ ପ୍ୟାରିସ ଲିଷ୍ଟ ଅଫ୍ ୱାର୍ଲ୍ଡ ଆଥଲେଟିକ୍ସ ତାଲିକାରେ ଭାରତକୁ ୨୧ତମ ସ୍ଥାନ ମିଳିଛି। ମାତ୍ର ପ୍ୟାରିସ ଟିକେଟ ହାସଲ ପାଇଁ ଭାରତୀୟ ଦଳକୁ ୧୫ତମ କିମ୍ବା ୧୬ତମ ସ୍ଥାନ ଆବଶ୍ୟକ ପଡ଼ୁଥିଲା।

# ନର୍ଥଇଷ୍ଟରେ ୬ ଇନ୍‌ଡୋର କ୍ରିକେଟ ଏକାଡେମୀ

**ନୂଆଦିଲ୍ଲୀ,୨୦।୫(ପି.ଟି)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ପକ୍ଷରୁ ନର୍ଥ ଇଷ୍ଟ ରାଜ୍ୟଗୁଡ଼ିକରେ ୬ଟି ଇନ୍‌ଡୋର କ୍ରିକେଟ ଏକାଡେମୀ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ରାଜ୍ୟଗୁଡ଼ିକର କ୍ରିକେଟ ପ୍ରତିଭାଙ୍କୁ ଆଗକୁ ବଢ଼ାଇବା ପାଇଁ ବିସିସିଆଇ ଏଭଳି ନିଷ୍ପତ୍ତି ନେଇଛି। ଶିଲଂ, ଇଟାନଗର, କୋହିମା, ଆଇଜଲ, ଇମ୍ଫାଲ ଓ ଗାଙ୍ଗଟକ୍‌ରେ ଏହି ୬ଟି ଏକାଡେମୀ ସ୍ଥାପନ ହେବ। ଏହା ଦ୍ୱାରା ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ ଓ ସିକ୍କିମ ଭଳି ରାଜ୍ୟର ଖେଳାଳିମାନଙ୍କୁ ସୁବିଧା ମିଳିପାରିବ। ପୂର୍ବର ଏହି ସମସ୍ତ ରାଜ୍ୟର ଖେଳାଳିମାନଙ୍କୁ ବର୍ଷା ଋତୁରେ କୋଲକାତା, ବେଙ୍ଗାଲୁରୁ, ଚେନ୍ନାଇ, ମୁମ୍ବାଇ ଓ ଅହମଦାବାଦ ଭଳି ରାଜ୍ୟକୁ ଅଭ୍ୟାସ ପାଇଁ ଯିବାକୁ ପଡୁଥିଲା। ବିସିସିଆଇ ସମ୍ପାଦକ ଜୟ ଶାହା ଏହାକୁ ନେଇ ଖୁସି ଜାହିର କରିଛନ୍ତି। ଏହି ୬ ରାଜ୍ୟର କ୍ରୀଡ଼ା ପ୍ରତିଭାଙ୍କୁ ଆଉ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ନାହିଁ ବୋଲି କହିଛନ୍ତି ଶାହା। ଏହା ସହିତ ବିସିସିଆଇ ପକ୍ଷରୁ ନର୍ଥଇଷ୍ଟ କ୍ରିକେଟ ଡେଭେଲପମେଣ୍ଟ କମିଟି ମଧ୍ୟ ଗଠନ କରାଯାଇଛି। ଏହି ସମସ୍ତ ଏକାଡେମୀରେ ବିଶ୍ୱସ୍ତରୀୟ ଇନ୍‌ଡୋର ନେଟ୍ସ, ସୁଇମିଂପୁଲ୍ ଓ ଫିଟ୍‌ନେସ୍ ସେଣ୍ଟର ରହିବ ବୋଲି କହିଛନ୍ତି ଶାହା। ଏହା ସହ ମିଜୋରାମ କ୍ରିକେଟ ଷ୍ଟାଡିୟମରେ ଏକ ନୂଆ ପ୍ୟାଭିଲିୟନର ଲୋକାର୍ପଣ କରାଯାଇଛି। ବିସିସିଆଇ ବେଙ୍ଗାଲୁରୁ ସ୍ଥିତ ଏନ୍‌ସିଏ ପରିସରକୁ ଆହୁରି ବୃଦ୍ଧି କରିବାକୁ ପ୍ରୟାସ କରୁଥିବା ଶାହା କହୁଛନ୍ତି।


ଲୋକାର୍ପିତ ହୋଇଥିବା ଇନ୍‌ଡୋର କ୍ରିକେଟ ଏକାଡେମୀ।

# ପାରାମାଉଣ୍ଟ 'ଏ' ଫାଇନାଲରେ

**ଭୁବନେଶ୍ୱର, ୨୦।୫ (ବିଜୟ ରଣା)**

ସ୍ଥାନୀୟ ପାରାମାଉଣ୍ଟ ସ୍ପୋର୍ଟିଙ୍ଗ୍ସ ଆନୁକୂଲ୍ୟରେ ଅରବିନ୍ଦମେମୋରିଆଲ ପାରାମାଉଣ୍ଟ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି ପାରାମାଉଣ୍ଟ 'ଏ' ଦଳ। ସୋମବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଦଳ ୨୨୬ରନରେ ସିଏପି ଟିମ୍‌କୁ ଶୋଚନୀୟ ପରାସ୍ତ କରିଛି। ପାରାମାଉଣ୍ଟ ଗ୍ରାଉଣ୍ଡରେ ବିଜୟୀ

### ଅରବିନ୍ଦ ମେମୋରିଆଲ ପାରାମାଉଣ୍ଟ କପ୍

ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ପ୍ରନ୍ତିକ ପି. ନାୟକ ଓ ସ୍ୱାଗତ ଏସ୍. ମିଶ୍ରଙ୍କ ଶତକ ସହାୟତାରେ ନିର୍ଦ୍ଧାରିତ ୪୦ ଓଭରରେ ମାତ୍ର ୨ ଉଇକେଟରେ ୩୪୦ ରନ କରିଥିଲା। ପ୍ରନ୍ତିକ ୧୪୭ ବଲ୍‌ରୁ ସମ୍ମୁଖୀନ ହୋଇ ୨୫ଚୌକା ଓ ୬ ଛକା ସହ ୧୮୮ ରନ କରି ଅପରାଜିତ ରହିଥିଲେ। ସ୍ୱାଗତ ୭୬ ବଲ୍‌ରେ ୧୦ ଚୌକା ଓ ୩ ଛକା ସହ ୧୦୦ ରନ କରିଥିଲେ। ଜବାବରେ ସିଏପି ଦଳ ୨୦.୨ ଓଭରରେ ୧୧୪ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ଅରବିନ୍ଦ ମୁଦୁଲି ୩୮ ରନ କରିଥିଲେ। ପାରାମାଉଣ୍ଟ 'ଏ' ଦଳ ପକ୍ଷରୁ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଥିବା ଶୁଭମ ପରିଡା ୧୪ ରନ ବିନିମୟରେ ୩ ଉଇକେଟ ନେଇଥିବା ବେଳେ ନକିବ ସରବର ଓ ଏସ୍. ଆର. ସୁବୁଦ୍ଧି ୨ଟି ଲେଖାଏଁ ଉଇକେଟ ନେଇଥିଲେ। ପାରାମାଉଣ୍ଟ 'ଏ'ର ପ୍ରନ୍ତିକ ପି. ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଆଡଭୋକେଟ ତଥା ବିଜେଇଏମ୍ ସ୍କୁଲର ସଦସ୍ୟ ଡକ୍ଟର ଗଙ୍ଗାଧର ମାନ୍‌ସିଂ ସୋମବାର ମ୍ୟାଚର ଅତିଥିଭାବେ ଯୋଗ ଦେଇଥିଲେ। ମଙ୍ଗଳବାର ଦ୍ୱିତୀୟ ସେମିଫାଇନାଲ ରାମେଶ୍ୱର ବନାମ ପ୍ରଗତି ମଧ୍ୟରେ ହେବ। ଫାଇନାଲ ମ୍ୟାଚ ଆସନ୍ତା ୨୬ ତାରିଖରେ ଖେଳାଯିବ।


ପ୍ରନ୍ତିକ ପି. ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ଟିକେଟ୍ ବିକ୍ରି ବୃଦ୍ଧି ପାଇଁ କ୍ୟାମ୍ପେନ୍

**ପ୍ୟାରିସ୍,୨୦।୫(ପି.ଟି)**

ପ୍ୟାରିସ୍ ପାରାଲିମ୍ପିକ୍ସକୁ ଆଉ ୧୦୦ ଦିନ ବାକି ରହିଛି। ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୮ ତାରିଖ ଯାଏ ଏହି ମେଗା ଇଭେଣ୍ଟ ଅନୁଷ୍ଠିତ ହେବ। ଏହା ସହ ପାରାଲିମ୍ପିକ୍ସ ଟିକେଟ ବିକ୍ରିକୁ ବୃଦ୍ଧି କରିବା ପାଇଁ ଏକ ଭିଡିଓ କ୍ୟାମ୍ପେନ୍ ଲଞ୍ଚ କରାଯାଇଛି। ୩ ପାରା ଆଥଲେଟ ଏକ ଷ୍ଟାଡିୟମ

### ପାରାଲିମ୍ପିକ୍ସ ୧୦୦ ଦିନ କାଉଣ୍ଟଡାଉନ୍

ମଝିରେ ଏକୁଟିଆ ଛିଡା ହୋଇଛନ୍ତି। 'ଆମେ ଅନ୍ୟ କିଛି ନୁହେଁ ଆପଣଙ୍କୁ ମିସ୍ କରୁଛୁ ବୋଲି କହିଛନ୍ତି ସମସ୍ତ ଆଥଲେଟ। ଅଧିକ ଲୋକ ଯେଭଳି ପାରାଲିମ୍ପିକ୍ସରେ ସାମିଲ ହେବେ ତାହା ସୁନିଶ୍ଚିତ କରିବା ପାଇଁ ଏହି କ୍ୟାମ୍ପେନ୍ ଲଞ୍ଚ କରାଯାଇଛି। ଏହି କ୍ୟାମ୍ପେନରେ ଲଙ୍ଗ ଜମ୍ପ ଓ ଟ୍ରିପଲ ଜମ୍ପ ଆଥଲେଟ ଆର୍ନାଉଡ ଆସୌମାନି, ହୁଇଲ ଚେୟାର ଟେନିସ୍ ଖେଳାଳି ପଲିନ୍ ଡେରୋଲିଡ ଓ ଦୃଷ୍ଟିବାଧିତ ଫୁଟବଲ ଖେଳାଳି ଗେଲ୍ ରିଭିଏରଙ୍କୁ ଦେଖିବାକୁ ମିଳିଥିଲା। ପାରାଲିମ୍ପିକ୍ସ ପାଇଁ ୨୮ ଲକ୍ଷ ଟିକେଟ ବିକ୍ରିର ଲକ୍ଷ୍ୟ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୯ ଲକ୍ଷ ଟିକେଟ ବିକ୍ରି ସରିଲାଣି। ଟିକେଟର ମୂଲ୍ୟ ୧୫ ଡଲାରରୁ ଆରମ୍ଭ ହୋଇ ସର୍ବାଧିକ ୪୯ ଡଲାର ଯାଏ ରହିବ। ଗାୟକ ପଲ୍ ମ୍ୟାକେର୍ଟନି ୧୦୦ ଦିନ କାଉଣ୍ଟଡାଉନ୍ ଅବସରରେ ୱି ଅଲ୍ ଷ୍ଟାଣ୍ଡ ଟୁଗେଦର ଗୀତ ଗାଇଥିଲେ।


୧୦୦ ଦିନ କାଉଣ୍ଟଡାଉନ୍ ଅବସରରେ ସଙ୍ଗୀତ ପରିବେଷଣ କରୁଛନ୍ତି ପଲ୍ ମ୍ୟାକେର୍ଟନି।

# ପ୍ରଥମ ରାଉଣ୍ଡରୁ ନାଗାଲ ବିଦା

**ଜେନେଭା, ୨୦।୫ (ପି.ଟି.):** ଭାରତର ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ସୁମିତ ନାଗାଲ ଜେନେଭା ଓପନ ଟେନିସ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ବିଶ୍ୱର ୯୪ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ଖେଳାଳି ଆର୍ଜେଣ୍ଟିନାର ସେବଷ୍ଟିଆନ ବେଜ୍‌ଙ୍କଠାରୁ ୬-୭ (୭), ୩-୬ରେ ହାରିଯାଇଛନ୍ତି। ବିଶ୍ୱର ୧୯ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ଆମେରିକୀୟ ଖେଳାଳି ବେଜ୍ ହେଉଛନ୍ତି ଜଣେ କ୍ଲେକୋର୍ଟ ସ୍ପେଶାଲିଷ୍ଟ। ମ୍ୟାଚ୍‌ଟି ୫୨ ମିନିଟ ଧରି ଚାଲିଥିଲା। ନାଗାଲ କହିଛନ୍ତି ଏହି ପରାଜୟରେ ସେ ନିରାଶ ଅଟନ୍ତି, କିନ୍ତୁ ଆଗରେ ରୋଲାଣ୍ଡ ଗ୍ୟାରସ ଏବଂ ପ୍ୟାରିସ ପାଇଁ ସେ ନିଜକୁ ଭଲରୂପେ ପ୍ରସ୍ତୁତ କରିଛନ୍ତି। ଭାରତୀୟ ଖେଳାଳି ଫ୍ରେଞ୍ଚ ଓପନ ପାଇଁ ଯୋଗ୍ୟତା ହାସଲ କରିସାରିଛନ୍ତି।

# ବାଲାଜୀ କିମ୍ବା ୟୁକି ହୋଇପାରନ୍ତି ରୋହନଙ୍କ ପାର୍ଟନର

**ନୂଆଦିଲ୍ଲୀ, ୨୦।୫ (ପି.ଟି.)**

ଭାରତର ଟପ୍ ଡବଲ ଖେଳାଳି ରୋହନ ବୋପାନ୍ନା ପ୍ୟାରିସ ଅଲିମ୍ପିକ୍ସ ପାଇଁ ଏନ୍. ଶ୍ରୀରାମ ବାଲାଜୀ କିମ୍ବା ୟୁକି ଭାମ୍ବ୍ରିଙ୍କୁ ତାଙ୍କ ପାର୍ଟନର କରିପାରନ୍ତି। କମ୍ବିନେଶନ ନେଇ ସିଲେକ୍ସନ କମିଟିରେ ଆଲୋଚନା ହେବ। ହେଲେ ଯଥାସମ୍ଭବ ବୋପାନ୍ନାଙ୍କ ପସନ୍ଦକୁ ସର୍ବଭାରତୀୟ ଟେନିସ ଆସୋସିଏଶନ (ଆଇଟା) ଗ୍ରହଣ କରିନେବ। ବିଶ୍ୱ ୪ ନମ୍ବର ର୍‍ୟାଙ୍କିଙ୍ଗପ୍ରାପ୍ତ ୪୪ ବର୍ଷୀୟ ବୋପାନ୍ନା ଜଣେ ଟପ୍ ୧୦ ଖେଳାଳି ହୋଇଥିବାରୁ ନିୟମାନୁସାରେ ସେ ତାଙ୍କ ପସନ୍ଦ ଅନୁସାରେ ଜଣେ ଖେଳାଳିଙ୍କୁ ନେଇପାରିବେ। ପ୍ୟାରିସ ଗେମ୍ସ ପାଇଁ ପୁରୁଷ ଡବଲ୍ସ ଡ୍ର ୩୨ଟି ଦଳକୁ ନେଇ ହେବ। ଗୋଟିଏ ଦେଶ ଅତି ବେଶିରେ ଦୁଇଟି ଦଳ ପଠାଇପାରିବ। ଯୋଗ୍ୟତା ମାନଦଣ୍ଡ ଅନୁସାରେ ଟପ୍ ୧୦ ଖେଳାଳି ନିଜ ନିଜ ପାର୍ଟନର ବାଛିପାରିବେ, ତେବେ ଖେଳାଳି ଜଣକ ଏଟିପି ଓ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍ ତାଲିକାର ଟପ୍ ୩୦୦ ମଧ୍ୟରେ ରହିବା ଆବଶ୍ୟକ। ଫ୍ରେଞ୍ଚ ଓପନ ଶେଷ ହେବା ପରେ ଜୁନ ୧୦ର ର୍‍ୟାଙ୍କିଙ୍ଗ୍ ତାଲିକାକୁ କ୍ୱାଲିଫିକେଶନ ପାଇଁ ବିଚାରକୁ ନିଆଯିବ। ସୂଚନାଯୋଗ୍ୟ, ପ୍ୟାରିସ ଅଲିମ୍ପିକ୍ସକୁ ଦୃଷ୍ଟିରେ ରଖି ବାଲାଜୀ ଓ ଭାମ୍ବ୍ରିଙ୍କୁ ଟପ୍ସ (ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍) ରେ ସାମିଲ କରିବା ଲାଗି ବୋପାନ୍ନା ଜାତୀୟ ମହାସଂଘକୁ ସୁପାରିସ କରିଥିବା ଆଇଟା ସୂତ୍ରରୁ ପ୍ରକାଶ।

# ଫ୍ରେଞ୍ଚ୍ ଓପନ କ୍ୱାଲିଫାଇଂରୁ ଓହରିଲେ ରାଡୁକାନୁ

**ପ୍ୟାରିସ, ୨୦।୫ (ଏପି):** ଏମା ରାଡୁକାନୁ ଫ୍ରେଞ୍ଚ ଓପନ କ୍ୱାଲିଫାଇଙ୍ଗରୁ ଓହରିଯାଇଛନ୍ତି। ସେ ଗ୍ରାସ୍ ଓ ହାର୍ଡକୋର୍ଟ ସିଜନ ପାଇଁ ମନୋନିବେଶ କରିବା ଲାଗି ସ୍ଥିର କରିଛନ୍ତି। ଏହି ୨୧ ବର୍ଷୀୟା ଖେଳାଳି ୩ ରାଉଣ୍ଡ କ୍ୱାଲିଫାଇଂ ଖେଳି ରୋଲାଣ୍ଡ ଗ୍ୟାରସର ମୁଖ୍ୟ ଡ୍ର'ରେ ଖେଳିବେ ବୋଲି ଆଶା କରାଯାଉଥିଲା, ଠିକ୍ ଯେମିତି ସେ ୨୦୨୧ରେ କ୍ୱାଲିଫାଇଙ୍ଗ ଜରିଆରେ ୟୁଏସ୍ ଓପନ ମୁଖ୍ୟ ଡ୍ର'ରେ ପ୍ରବେଶ କରି ଶେଷରେ ଚାମ୍ପିୟନ ହୋଇଥିଲେ। ମାତ୍ର ବ୍ରିଟିଶର ଏହି ଟେନିସ ଖେଳାଳି ଆଶ୍ଚର୍ଯ୍ୟଜନକ ଭାବେ କ୍ଲେ-କୋର୍ଟ ଟୁର୍ନାମେଣ୍ଟରୁ ଓହରିଯାଇଛନ୍ତି। ରାଡୁକାନୁ ତାଙ୍କ ୧୦୩ ର୍‍ୟାଙ୍କିଙ୍ଗର ଉପଯୋଗ କରି ଟୁର୍ନାମେଣ୍ଟରେ ପ୍ରବେଶ କରିବାକୁ ଚାହୁଁଥିଲେ। ମାତ୍ର ସେ ମୁଖ୍ୟ ଡ୍ରରୁ ୩ ସ୍ଥାନ ବାହାରେ ରହିଥିଲେ।

# ୧୫ତମ ଷ୍ଟେଜ୍‌ରେ ପୋଗାକାର ବିଜୟୀ

**ରୋମ୍, ୨୦।୫**

ଟାଡେଜ ପୋଗାକାର (ସ୍ଲୋଭାକିଆ/ ୟୁଏଇ ଟିମ୍ ଏମିରେଟ୍ସ) ଗିରୋ ଡି' ଇଟାଲିଆ ସାଇକେଲ ରେସ୍‌ର ୧୫ତମ ଷ୍ଟେଜ୍ ଜିତିଛନ୍ତି। ସେ ୬ ଘଣ୍ଟା ୧୧ମିନିଟ ୪୩ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରିଥିଲେ। ଏଥିସହିତ ସେ ଓଭରଅଲ୍ ଜେନେରାଲ କ୍ଲାସିଫିକେଶନରେ ସେ ତାଙ୍କ ସ୍ଥିତିକୁ ଅଧିକ ସୁଦୃଢ଼ କରିପାରିଛନ୍ତି।

### ଗିରୋ ଡି' ଇଟାଲିଆ ସାଇକ୍ଲିଂ

ଚଳିତବର୍ଷର ଗିରୋ ଡି' ଇଟାଲିଆର ୧୫ତମ ଷ୍ଟେଜ୍ ସମଗ୍ର ରେସ୍‌ର ସବୁଠାରୁ ଦୀର୍ଘତମ ଏବଂ କଷ୍ଟସାଧ୍ୟ ଥିଲା। ୨୨୨କିଲୋମିଟର ଦୂରତା ବିଶିଷ୍ଟ ରେସ୍‌କୁ ପୋଗାକାର ୬ ଘଣ୍ଟା ୧୧ ମିନିଟ ୪୩ ସେକେଣ୍ଡରେ ଶେଷ କରିଥିଲେ। ତାଙ୍କଠାରୁ ୨୯ ସେକେଣ୍ଡ ବିଳମ୍ବରେ ନାଇରୋ କ୍ୱିଣ୍ଟାନା (କଲମ୍ବିଆ/ମୋଭିଷ୍ଟାର) ଦ୍ୱିତୀୟ ଏବଂ ୨ ମିନିଟ ୩୨ ସେକେଣ୍ଡ ପଛରେ ଜର୍ଜ ଟିନ୍‌ହାଉଜର (ଜର୍ମାନୀ)ତୃତୀୟ ହୋଇଥିଲେ। ସେହିପରି ଯଥାକ୍ରମେ ଚତୁର୍ଥରୁ ୬ଷ୍ଠ ସ୍ଥାନରେ ରହିଥିଲେ ରୋମେନ ବାର୍ଡେଟ (ଫ୍ରାନ୍ସ), ଡାନି ମାର୍ଟିନେଜ (କଲମ୍ବିଆ) ଓ ଜରେଣ୍ଟ ଥୋମାସ (ଗ୍ରେଟ ବ୍ରିଟେନ)। ମାର୍ଟିନେଜ ଓ ଥୋମସ ୫ ଓ ୬ଷ୍ଠ ସ୍ଥାନ ଅଧିକାର କରିଥିଲେ ମଧ୍ୟ ଜେନେରାଲ କ୍ଲାସିଫିକେଶନରେ ଥୋମାସ ପୋଗାକାରଙ୍କଠାରୁ ୬ ମିନିଟ ୧୧ ସେକେଣ୍ଡ ପଛରେ ଏବଂ ମାର୍ଟିନେଜଙ୍କଠାରୁ ୧୫ ସେକେଣ୍ଡ ଆଗରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି।



ଟାଡେଜ ପୋଗାକାର

# ୪୦୦ ମିଟରରେ ଦୀପ୍ତିଙ୍କ ବିଶ୍ୱରେକର୍ଡ

### ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ

**କୋବ୍ (ଜାପାନ), ୨୦।୫ (ପି.ଟି.)**

ଭାରତର ଦୀପ୍ତି ଜୀବନଜୀ ଏଠାରେ ଚାଲିଥିବା ବିଶ୍ୱ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍ ମହିଳା ୪୦୦ମିଟର ଟି୨୦ କାଟେଗୋରିରେ ବିଶ୍ୱ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେ ୫୫.୦୭ ସେକେଣ୍ଡ ଟାଇମିଂରେ ଫିନିଶ ଲାଇନ ଅତିକ୍ରମ କରିଥିଲେ। ଗତବର୍ଷ ଚାମ୍ପିୟନଶିପ୍‌ର ପ୍ୟାରିସ ସଂସ୍କରଣରେ ଆମେରିକାର ବ୍ରିନା କ୍ଲାର୍କ ୫୫.୧୨ ସେକେଣ୍ଡ ଟାଇମିଂ ସହ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଥିଲେ। ଦୀପ୍ତି ତାଙ୍କ ରେକର୍ଡକୁ ଭଙ୍ଗ କରିବାରେ ସଫଳ ହୋଇଛନ୍ତି। ତୁର୍କୀର ଆଇଜେଲ ଓଣ୍ଡର (୫୫.୧୯) ଦ୍ୱିତୀୟ ହୋଇଥିବା ବେଳେ ଇକ୍ୱେଡରର ଲିଜାନଶେଲା ଆଙ୍ଗୁଲୋ (୫୬.୬୮) ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସୂଚନାଯୋଗ୍ୟ, ବୌଦ୍ଧିକ ଦୁର୍ବଳତା ଥିବା ଆଥଲେଟମାନେ ଟି୨୦ କାଟେଗୋରିରେ ଭାଗ ନେଇଥାନ୍ତି। ଯୋଗେଶ କାଥୁନିୟା (୪୧.୮୦ମିଟର) ପୁରୁଷ ଏଫ୍୫୬ କାଟେଗୋରି ଡିସ୍‌କସ୍ ଥ୍ରୋରେ ଏକ ରୌପ୍ୟ ପଦକ ଲାଭ କରିଛନ୍ତି। ଏଫ୍ ୫୬ କାଟେଗୋରିରେ ମେରୁଦଣ୍ଡରେ ଇଞ୍ଜୁରି ଥିବା ଆଥଲେଟଙ୍କୁ ବସିଥିବା ଅବସ୍ଥାରେ ପ୍ରତିଯୋଗିତାରେ ଭାଗ ନେବାକୁ ପଡ଼ିଥାଏ। ଚାମ୍ପିୟନଶିପ୍‌ରେ ବର୍ତ୍ତମାନ ଭାରତର ପଦକ ସଂଖ୍ୟା ୪ (୧ ସ୍ୱର୍ଣ୍ଣ,୨ ରୌପ୍ୟ ଓ ୧ ବ୍ରୋଞ୍ଜ)ରେ ପହଞ୍ଚିଛି। ରବିବାର ନିଶାଦ କୁମାର (ଟି୪୭ ହାଇଜମ୍ପ) ଏବଂ ପ୍ରୀତି ପାଲ୍ (ଟି୩୫ ୨୦୦ମିଟର ରେସ୍) ଗୋଟିଏ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପାଇଥିଲେ।



ବିଶ୍ୱ ପାରା ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ମହିଳା ୪୦୦ମିଟର ଟି୨୦ କାଟେଗୋରିରେ ସ୍ୱର୍ଣ୍ଣ ପଦକ ବିଜୟୀ ଦୀପ୍ତି ଜୀବନଜୀ (ମଝି)।

ଫ୍ୟାଶନ

# ଗ୍ରୀଷ୍ମଋତୁରେ ଦେଖାଯିବେ ଷ୍ଟାଇଲିଶ୍



**ଖ**ରାଦିନରେ ଆପଣଙ୍କ ସ୍କିନ୍‌ର ଦେଖାଶୁଣା ବହୁତ ଆବଶ୍ୟକ। ତା' ସହ ଏହିଦିନରେ ଆପଣ କେଉଁ ପ୍ରକାର କପଡ଼ା ପିନ୍ଧୁଛନ୍ତି ଏହାଦ୍ୱାରା ବି ଆପଣଙ୍କ ତ୍ୱଚା ଉପରେ ଏହାର ପ୍ରଭାବ ପଡ଼ିଥାଏ। ଫ୍ୟାଶନ କଥା ପଡ଼ିଲେ କେତେକ ମହିଳା ଡିସିସନ୍ ନେବାକୁ ସମସ୍ୟାରେ ପଡ଼ିଯାଇଥାନ୍ତି। ସେମାନେ କେଉଁ ଫ୍ୟାଶନ ଟିପ୍ସକୁ ଆପଣାଇବେ। ଏଥିପାଇଁ ଆପଣଙ୍କୁ ଆବଶ୍ୟକତା ପଡ଼ିପାରେ ବେସିକ୍ ଫ୍ୟାଶନ ଟିପ୍ସ।

**ଡ୍ରେସ୍:** ଖରାଦିନରେ କେଉଁ ପ୍ରକାର ଡ୍ରେସ୍ ପିନ୍ଧୁଛନ୍ତି ଏହା ନିର୍ଦ୍ଧାରଣ କରିବା ହୋଇଥାଏ ମୁସ୍କିଲ୍। ଏହି ଦିନରେ ଢିଲା ଡ୍ରେସ୍ ପିନ୍ଧିବା ଏକ ଭଲ ଅପ୍‌ସନ ହୋଇଥାଏ। ଏହା ସହ ଆପଣ ଯେଉଁ ଡ୍ରେସ୍ ପିନ୍ଧୁଛନ୍ତି ତାହା କେଉଁ ଫାବ୍ରିକ୍‌ର ଜାଣିବା ମଧ୍ୟ ଜରୁରୀ ହୋଇଥାଏ। ରେୟନ୍, ପଲିଷ୍ଟର, ନାଇଲନ୍ ଭଳି ଫାବ୍ରିକ୍ ଆଭୋଏଡ୍ କରିବା ଭଲ ଅପ୍‌ସନ। କେତେଜଣ ଫ୍ୟାଶନ ଏକ୍ସପର୍ଟଙ୍କ ମତରେ ଏହିଦିନରେ କଟନ୍ ଡ୍ରେସ୍ ପିନ୍ଧିବା ବେଷ୍ଟ ଅପ୍‌ସନ ହୋଇଥାଏ। ଏହା ସହ ଲାଇଟ୍ କଲର ପିନ୍ଧିବା ଏକ ଭଲ ବିକଳ୍ପ ହୋଇପାରିବ। ଧୂଆହୋଇଥିବା ସଫା କପଡ଼ା ପିନ୍ଧିବା ଆରାମଦାୟକ ହେବା ସହ ଏହା ଆପଣଙ୍କୁ କୁଲ୍ ରଖିଥାଏ।

**ଜୁଏଲେରି:** ଯେତେ ସମ୍ଭବ ହୁଏ ସେତେ କମ୍ ଜୁଏଲେରି ପିନ୍ଧିବା ଆବଶ୍ୟକ। ଫ୍ୟାଶନ ଏକ୍ସପର୍ଟଙ୍କ ମତରେ ଛୋଟ ଇୟର ରିଂ, ପେଣ୍ଡେଣ୍ଟ୍‌ର ବ୍ୟବହାର କରନ୍ତୁ। ଏହି ପ୍ରଡକ୍ଟ ଆପଣଙ୍କ ତ୍ୱଚା ସଂସ୍ପର୍ଶରେ କମ୍ ଆସିଥାଏ। ଏହା ଆପଣଙ୍କ ତ୍ୱଚା ଲାଗି ସେଫ୍ ହୋଇଥାଏ। ବ୍ରେସ୍‌ଲେଟ୍ସ ଓ ରିଂ ଆଭଏଡ୍ କରିବା ଭଲ। ତା' ସହ ମେଟାଲିକ୍ ଜୁଏଲେରି ଆଭଏଡ୍ କରିବା ଭଲ ବିକଳ୍ପ।

**ଫୁଲ୍ କଭର:** ସ୍କିନ୍‌କୁ ଖରା ଦାଉରୁ ରକ୍ଷା କରିବାକୁ ହେଲେ ଫୁଲ୍ କଭର ଡ୍ରେସ୍ ପିନ୍ଧିବା ନିହାତି ଜରୁରୀ। ଯେତେ ଆପଣ ନିଜ ତ୍ୱଚାକୁ ଖରା ଦାଉରୁ ରକ୍ଷା କରିବେ ସେତେ ଭଲ। ଏହା ସହ କଟନ୍ ସ୍କାର୍ଫ ସାହାଯ୍ୟରେ ବେକ ଏବଂ ମୁହଁକୁ ଭଲକରି କଭର କରନ୍ତୁ। ଏହା ସହ କ୍ୟାପ୍ ,ହ୍ୟାଟ୍ ଏବଂ ଆଖି ପାଇଁ ସନ୍‌ଗ୍ଲାସ୍ ବି ସାଥିରେ ରଖନ୍ତୁ।

# ଗୃହିଣୀଙ୍କ ପାଇଁ ...

- ଡାଲି କରିବା ସମୟରେ ଯଦି ସେଥିରେ ୧ ଚାମଚ ଦେଶୀ ଘିଅ ପକାଯାଏ ତେବେ କେବଳ ଡାଲିର ସ୍ୱାଦ ବଢ଼ିବା ସହ ପ୍ରେସର କୁକରର ସିଟିରୁ ଡାଲି ବାହାରକୁ ଆସି ନ ଥାଏ। ଫଳରେ ସିଟି ଖରାପ ହୋଇ ନ ଥାଏ।
- ଯେତେବେଳେ ଆପଣ ପୁରି କିମ୍ବା ପକୁଡ଼ି ତେଲରେ ଛାଣୁଛନ୍ତି ସେତେବେଳେ ତେଲରେ ଚିମୁଟାଏ ଲୁଣ ପକାଇ ଦିଅନ୍ତୁ। ଦେଖିବେ ଯେତିକି ତେଲ ଟାଣୁଥିବ ସେ ତୁଳନାରେ କମ୍ ତେଲ ଖର୍ଚ୍ଚ ହେବ।



- ଯେତେବେଳେ ବି ଅଦା ରସୁଣ ପେଷ୍ଟ କରୁଛନ୍ତି ସେତେବେଳେ ସେଥିରେ ଅଳ୍ପ ଟିକେ ଲୁଣ ପକାଇ ଦିଅନ୍ତୁ ଦେଖିବେ ମସଲାରୁ ଭଲ ବାସ୍ନା ସହ ସ୍ୱାଦ ମଧ୍ୟ ଆସିଥାଏ।
- ଦହି ଯଦି ଅଧିକ ଖଟା ହୋଇଯାଏ ତେବେ ଦହି ବସାଇବା ସମୟରେ ଅଧା ଚାମଚ ଚିନି ପକାନ୍ତୁ । ଫଳରେ ଦହି ଟିକେ ମିଠା ହେବା ସହ ଏହା ଖଟା ହୋଇ ନ ଥାଏ।
- ଆମ୍ବ ଚଟଣି କରିବା ସମୟରେ ଯଦି ଆମ୍ବ ଭଲଭାବେ ମିଶୁନି ତେବେ ମିକ୍ସଚରରେ ଖାଲି ଲୁଣ ପକାଇ ଗ୍ରାଇଣ୍ଡିଂ କରନ୍ତୁ। ଫଳରେ ଖଟାପଣ ଯୋଗୁ ବ୍ଲେଡ୍ ଖରାପ ହେବନାହିଁ ବରଂ ବ୍ଲେଡ୍ ଧାର ହୋଇଯିବ ।
- ପାମ୍ପଡ଼ ଯଦି ଖାଇବାକୁ ପସନ୍ଦ କରୁଥାନ୍ତି ତେବେ ଏହାକୁ ଛାଣିଲା ପରେ କୌଣସି ଏୟାର ଟାଇଟ୍ କଣ୍ଟେନରରେ ଭର୍ତ୍ତିକରି ରଖନ୍ତୁ। କିଛି ସମୟ ପରେ ଖାଇପାରିବେ।

# ପାଞ୍ଚଟି କଥା




"ଦାମ୍ପତ୍ୟ ଜୀବନକୁ ସୁରୁଖୁରୁରେ ଆଗେଇନେବା ପାଇଁ ଉଭୟେ ସ୍ୱାମୀସ୍ତ୍ରୀଙ୍କ ଆତ୍ମବିଶ୍ୱାସ ଦୃଢ଼ହେବା ଦରକାର। ନ ହେଲେ ସେମାନେ କୌଣସି କ୍ଷେତ୍ରରେ ନିଷ୍ପତ୍ତି ନେବା ସମୟରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଯଦି ଘର ଚଳାଇବା ସେମାନଙ୍କ ଉପରେ ଶତ ପ୍ରତିଶତ ନିର୍ଭର କରୁଥାଏ, ତେବେ ସେମାନେ ଏ ନେଇ ଆହୁରି ସଚେତନ ହେବା ଆବଶ୍ୟକ।"

**ବି**ବାହ ହେଉଛି ଏକ ପବିତ୍ର ବନ୍ଧନ। ଏଥିରେ ଥରେ ବାନ୍ଧି ହୋଇଗଲେ ତାହା ସାତ ଜନମ ପର୍ଯ୍ୟନ୍ତ ରହିଥାଏ ବୋଲି କଥିତ ଅଛି। ଝିଅଟିଏ ଶାଶୁଘରେ ବୋହୂ ସାଜିବା ପରେ ସେଠାକାର ପରିବେଶ ଏବଂ ପରିବାର ସଦସ୍ୟଙ୍କ ସହ ମନ ମିଳାଇ ତାଙ୍କୁ ନିଜ ଜୀବନ ରାସ୍ତାର ଅବଶିଷ୍ଟ ସମୟ କଟାଇବାକୁ ପଡ଼େ। ବିବାହ ପରେ ସ୍ତ୍ରୀ-ସ୍ୱାମୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଦାମ୍ପତ୍ୟ ଜୀବନକୁ ସୁମଧୁର କରିଥାଏ। ଯଦି ପରସ୍ପର ଭିତରେ ମନାନ୍ତର ଆଉ ମତାନ୍ତର ଲାଗି ରହିଲା ତେବେ ବୈବାହିକ ଜୀବନରେ ଆସିଥାଏ ଝଡ଼। ଆଉ ଏହା ସେମାନଙ୍କର ବାକି ଜୀବନରେ ଭରିଦିଏ ଯନ୍ତ୍ରଣା। ତେଣୁ ବିବାହ ପରେ ବୈବାହିକ ଜୀବନକୁ ସୁଖମୟ କରିବାକୁ କେତୋଟି ବିଷୟ ପ୍ରତି ଧ୍ୟାନଦେବାକୁ ପଡ଼ିଥାଏ। ସେପରି ପ୍ରମୁଖ ପାଞ୍ଚଟି ବିଷୟରେ ନିମ୍ନରେ ସୂଚନା ଦିଆଯାଉଛି।

### ବୁଝାମଣା

ବିବାହ ପରେ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ବୁଝାମଣା ଦୃଢ଼ ରହିବା ନିହାତି ଦରକାର। କାରଣ ଏହା ଏପରି ଏକ ଜିନିଷ ଯେଉଁଥିରେ ଅସନ୍ତୁଳନ



ଦେଖାଦେଲେ ତାହା ବୈବାହିକ ଜୀବନକୁ ଅନେକାଂଶରେ ପ୍ରଭାବିତ କରିଥାଏ। ଜଣେ ପୁରୁଷ ନିଜ ଧର୍ମପତ୍ନୀଙ୍କ ମନର ପରିଭାଷାକୁ ଭଲ ଭାବରେ ପଢ଼ିପାରୁଥିବା ଦରକାର। ଠିକ୍ ସେହିପରି ଜଣେ ସ୍ତ୍ରୀ ସ୍ୱାମୀଙ୍କ ମନକୁ ଠିକ୍ ଭାବରେ ଅଧ୍ୟୟନ କରିପାରିଲେ ତାହା ସେମାନଙ୍କର ଦାମ୍ପତ୍ୟ ଜୀବନରେ ଖୁସି ଭରିଦେଇଥାଏ। ତେଣୁ ହାତକୁ ଦି'ହାତ ହେବା ପରେ ସେମାନଙ୍କ ମଧ୍ୟରେ ବୁଝାମଣା ଦୃଢ଼ ହେବା ଦରକାର। ଯଦି ଏ ନେଇ ମନରେ କିଛି ସନ୍ଦେହ ଉଙ୍କିମାରୁଛି, ତେବେ ତାହାର ଯେତେଶୀଘ୍ର ସମାଧାନ କରନ୍ତୁ। କାରଣ ବୁଝାମଣାର ଅଭାବ ଦାମ୍ପତ୍ୟ ଜୀବନକୁ ଅନେକ କ୍ଷେତ୍ରରେ ପ୍ରଭାବିତ କରିଥାଏ।

### ଆତ୍ମବିଶ୍ୱାସ

ଦାମ୍ପତ୍ୟ ଜୀବନକୁ ସୁରୁଖୁରୁରେ ଆଗେଇନେବା ପାଇଁ ଉଭୟଙ୍କ ଆତ୍ମବିଶ୍ୱାସ ଦୃଢ଼ ହେବା ଦରକାର। ନ ହେଲେ ସେମାନେ କୌଣସି କ୍ଷେତ୍ରରେ ନିଷ୍ପତ୍ତି ନେବା ସମୟରେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଯଦି ଘର ଚଳାଇବା ସେମାନଙ୍କ ଉପରେ ଶତ ପ୍ରତିଶତ ନିର୍ଭର କରୁଥାଏ, ତେବେ ସେମାନେ ଏ ନେଇ ଆହୁରି ସଚେତନ ହେବା ଆବଶ୍ୟକ। ଏହି ସମୟରେ ଆତ୍ମବିଶ୍ୱାସ ଦୃଢ଼ ରହିଲେ ସେମାନେ ମିଳିମିଶି ସେମାନଙ୍କର ସଂସାର ରଥକୁ ଆଗକୁ ଆଗେଇ ନେଇପାରିବେ।

### ସହଯୋଗ

ବିବାହ ପରେ ନିଜ ସଂସାରକୁ ଆଗେଇ ନେବା ପାଇଁ ଉଭୟ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ସହଯୋଗର ଆବଶ୍ୟକତା ରହିଛି। ନ ହେଲେ ପରିବାରକୁ ଚଳାଇବାକୁ ଅନେକ ପ୍ରକାର ସମସ୍ୟା ଉପୁଜିଥାଏ। ତେଣୁ ପରସ୍ପର ମଧ୍ୟରେ ସହଯୋଗର ଆବଶ୍ୟକତା ରହିଛି। କୌଣସି କଥାରେ ଶେଷ ନିଷ୍ପତ୍ତି ନେବା ପୂର୍ବରୁ ଦୁହେଁ ବିଷଦ ଭାବରେ ଆଲୋଚନା କରନ୍ତୁ। ଏହାଦ୍ୱାରା ଘଟଣାଟିକୁ ସହଜରେ ସମାଧାନ କରିହେବ। ନ ହେଲେ ଏହାର ସୂତ୍ର ଖୋଜୁ ଖୋଜୁ ସମୟ ଅତିକ୍ରାନ୍ତ ହୋଇଯାଇଥିବ। କୌଣସି କାମ ତୁଲାଇବା ସମୟରେ ଯଦି କିଛି ସମସ୍ୟାର ସମ୍ମୁଖୀନ ହୁଅନ୍ତି ତେବେ ପରସ୍ପର ଭିତରେ କଥାବାର୍ତ୍ତା ହୁଅନ୍ତୁ। ଯଦି ସମସ୍ୟା ଜଟିଳ, ତେବେ ଏ ନେଇ ପରିବାର ସଦସ୍ୟଙ୍କ ସହ ଆଲୋଚନା କରନ୍ତୁ। ଆଜିକାଲି ପ୍ରାୟ ସ୍ତ୍ରୀ-ସ୍ୱାମୀ କର୍ମଜୀବୀ। ଦିନ ଥିଲା ମହିଳାମାନେ ନିଜକୁ କେବଳ ଘର ଭିତରେ ଆବଦ୍ଧ କରି ରଖୁଥିଲେ। ହେଲେ ଏବେ ସମୟ ସମ୍ପୂର୍ଣ୍ଣ ଭାବରେ ବଦଳିଯାଇଛି। ପୁରୁଷମାନଙ୍କ ଭଳି ସେମାନେ ବିଭିନ୍ନ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇବା ସହ ଚାକିରି କରି ପରିବାର ଚଳାଇ ପାରୁଛନ୍ତି। ତେଣୁ ଦୁହେଁ, ଚାକିରି କରିଥିଲେ ଘର ଚଳାଇବାକୁ ଦୁହିଁଙ୍କର ସହଯୋଗର ନିହାତି ଆବଶ୍ୟକତା ରହିଛି। କାରଣ ପ୍ରାୟ ଦିନତମାମ ଦୁହିଁଙ୍କୁ ଚାକିରି କ୍ଷେତ୍ରରେ ରହିବାକୁ ପଡ଼ିଥାଏ। ତେଣୁ ତା' ସହ ଘରର ସମସ୍ୟା, ପିଲାମାନଙ୍କର ପାଠପଢ଼ା, ସ୍ୱାସ୍ଥ୍ୟ ସମସ୍ୟା, ବନ୍ଧୁବାନ୍ଧବ ଆଦିକୁ ଦୃଷ୍ଟି ଦେବାକୁ ପଡ଼େ। ତେଣୁ ଏଭଳି ସମୟରେ ଉଭୟଙ୍କୁ ସମାନ୍ତରାଳ ଭାବରେ ଦୁଇଟି ରାସ୍ତା-ଚାକିରି ଏବଂ ପରିବାରରେ ଚାଲିବାକୁ ପଡ଼େ। ଏହି ସମୟରେ ସେମାନେ ପରସ୍ପର ଉପରେ ଦୃଢ଼ବିଶ୍ୱାସ ବ୍ୟତୀତ ସହଯୋଗାତ୍ମକ ମନୋଭାବ ରଖିବା ଦରକାର।

### ସନ୍ଦେହ

ବୈବାହିକ ଜୀବନରେ ସନ୍ଦେହ ଏପରି ଏକ ଭାଇରସ୍ ଯାହା ନିମିଷକ ମଧ୍ୟରେ ସୁନାର ସଂସାରକୁ ବିଷମୟ କରିଦିଏ। କୌଣସି କଥାକୁ ନେଇ ଯଦି ଦୁହିଁଙ୍କ ମନରେ ସନ୍ଦେହ ବସା ବାନ୍ଧିଲା ତେବେ ତାହା ସମୟକ୍ରମେ ନିଜର କାୟାବିସ୍ତାର କରିଚାଲେ। ତେଣୁ ଏଭଳି ପରିସ୍ଥିତି ଯେପରି ଜୀବନରେ ନ ଆସେ ସେଥିପ୍ରତି ଉଭୟ ସ୍ୱାମୀ ଏବଂ ସ୍ତ୍ରୀ ସତର୍କ ରହିବା ଦରକାର। କାହା କଥାକୁ ଗୁରୁତ୍ୱ ଦେଇ ବିଶ୍ୱାସ କରିବା ପୂର୍ବରୁ ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଦୁହିଁଙ୍କୁ ନେଇ ଯଦି କେହି କିଛି ଅପପ୍ରଚାର କରୁଛି ତେବେ ତାହା ପଛରେ କେତେ ସତ୍ୟତା ଅଛି ତାହା ପ୍ରଥମେ ଜାଣିବା ନିହାତି ଦରକାର। ନ ହେଲେ ସେହି କଥାକୁ ଗଣ୍ଠିକରି ଆଗେଇଲେ ତାହାର ସିଧାସଳଖ ପ୍ରଭାବ ପରିବାର ଉପରେ ପଡ଼ିଥାଏ। ତେଣୁ ଏ ବିଷୟରେ ଜାଣିବା ମାତ୍ରେ ଦୁହେଁ ସେଭଳି କଳାବାଦଲ ଯେପରି ସେମାନଙ୍କ ଜୀବନ ଆକାଶରୁ ସବୁଦିନ ପାଇଁ ଅପସରିଯାଏ, ସେ ନେଇ ମିଳିତ ନିଷ୍ପତ୍ତି ନେବା ଦରକାର।

### ସଫଳତାର ଚାବିକାଠି

ଦାମ୍ପତ୍ୟ ଜୀବନର ସଫଳତାର ଚାବିକାଠି କେଉଁଠି ରହିଛି-ଏଭଳି ପ୍ରଶ୍ନ ହୁଏତ ଅନେକ ଦମ୍ପତିଙ୍କ ମନରେ ଉଙ୍କିମାରିପାରେ। ହେଲେ ତାହାକୁ ଆଉ କେଉଁଠି ଖୋଜିବା ଆବଶ୍ୟକ ନାହିଁ। ତାହା ଦୁହିଁଙ୍କ ମନ ଭିତରେ ହିଁ ରହିଛି। ଯେତେ ଝଡ଼ଝଞ୍ଜା ଆସୁନା କାହିଁକି ଦୁଇଜଣ ତାହାକୁ ସାହସର ସହ ସାମ୍ନା କରିବା ଦରକାର। ମନ ମିଳାଇ ନିଜ ବୈବାହିକ ଜୀବନକୁ ଆଗେଇନେଲେ ପରିବାରରେ ସବୁବେଳେ ହସଖୁସି ବଜାୟ ରହିଥାଏ। ତେଣୁ ଉଭୟ ସ୍ୱାମୀ-ସ୍ତ୍ରୀ ସବୁ କଥାରେ ସହଯୋଗର ହାତ ବଢ଼ାଇ ଏବଂ ମନ ମିଳାଇ ଚଳିଲେ ଦାମ୍ପତ୍ୟ ଜୀବନର ମଜା ସାରା ଜୀବନ ନେଇପାରିବେ।





ସୌନ୍ଦର୍ଯ୍ୟ

# ରୋଜ୍‌ମେରୀ ଫେସ୍‌ପ୍ୟାକ୍



ରୋଜ୍‌ମେରୀ ଫେସ୍‌ପ୍ୟାକ୍ କେଶ ଏବଂ ତ୍ୱଚା ଲାଗି ବହୁ ଉପକାରୀ ହୋଇଥାଏ। ରୋଜ୍‌ମେରୀର ଫୁଲ ଏବଂ ଗଛ କେତେକ ସ୍ୱାସ୍ଥ୍ୟଜନିତ ଲାଭକାରୀ ହୋଇଥାଏ। ଏହା ତ୍ୱଚାର ଦେଖାଶୁଣା କରିବା ଲାଗି ଏକ ଭଲ ଉପାୟ। ଏହାକୁ ଫେସ୍‌ପ୍ୟାକ୍ ରୂପେ ବ୍ୟବହାର କରିବା ଦ୍ୱାରା କଳାଦାଗ କମ୍ ହୋଇପାରେ। ଏହା ମୁହଁରେ ବ୍ରଣ ବ୍ୟତୀତ ସ୍କିନ୍ ବ୍ୟାକ୍ଟେରିଆକୁ ରୋକିଥାଏ।

### ରୋଜ୍‌ମେରୀ ଦହି ପ୍ୟାକ୍

ଏହି ପ୍ୟାକ୍ ଲାଗି ଅଳ୍ପ ପରିମାଣର ରୋଜ୍‌ମେରୀ ଅଏଲ, ୨ବଡ଼ ଚାମଚ ଦହି, ଅଧା ବଡ଼ ଚାମଚ ହଳଦୀ ପାଉଡର ଏହି ସାମଗ୍ରୀକୁ ଭଲ ଭାବେ ମିଶାଇ ପେଷ୍ଟ ବନାଇ ଦିଅନ୍ତୁ। ଏହାକୁ ନିଜ ମୁହଁରେ ୩୦ମିନିଟ୍ ପର୍ଯ୍ୟନ୍ତ ଲଗାଇ ଛାଡ଼ି ଦିଅନ୍ତୁ। ଏହାପରେ ସାଦା ପାଣିରେ ମୁହଁକୁ ଭଲଭାବେ ଧୋଇଦିଅନ୍ତୁ।

### ରୋଜ୍‌ମେରୀ ମହୁ ପ୍ୟାକ୍

ଏକ ପାତ୍ରରେ ୨ ଚାମଚ ରୋଜ୍‌ମେରୀ ପାଉଡର ନିଅନ୍ତୁ। ଏଥିରେ ୧ ଚାମଚ ମହୁ ମିଶାନ୍ତୁ। ଏହାକୁ ମିଶାଇଲା ପରେ ଏହି ମିଶ୍ରଣକୁ ମୁହଁରେ ଭଲଭାବେ ଲଗାଇ ଦିଅନ୍ତୁ। ଏହାକୁ ପାଖାପାଖି ୧୫ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇ ରଖନ୍ତୁ। ଏହାପରେ ଥଣ୍ଡା ପାଣିରେ ମୁହଁକୁ ଭଲଭାବେ ଧୋଇଦିଅନ୍ତୁ।

### ରୋଜ୍‌ମେରୀ ଓଟ୍ସପ୍ୟାକ୍

ରୋଜ୍‌ମେରୀ ଓଟ୍ସ ଫେସ୍‌ପ୍ୟାକ୍ ସବୁଠାରୁ ପ୍ରଭାବଶାଳୀ ହୋଇଥାଏ, ଯାହାର ପ୍ରୟୋଗ ତ୍ୱଚାକୁ ହାଲ୍‌କା କରିବା ଲାଗି କରାଯାଇଥାଏ। ପେସା ହୋଇଥିବା ଓଟ୍ସକୁ ୧ ଚାମଚ ରୋଜ୍‌ମେରୀ ପାଉଡର ସହ ମିଶାନ୍ତୁ। ଏଥିରେ ୨ ବଡ଼ ଚାମଚ ଗୋଲାପ ଜଳ ଭଲଭାବେ ମିଶାଇ ଦିଅନ୍ତୁ। ଏହାକୁ ମୁହଁରେ ଏବେ ଲଗାନ୍ତୁ, ୧୫ମିନିଟ୍ ରଖିବା ପରେ ଥଣ୍ଡା ପାଣିରେ ଏହାକୁ ଧୋଇଦିଅନ୍ତୁ।

### ରୋଜ୍‌ମେରୀ ଆଲୋଭେରା

ଆଲୋଭେରା ଜେଲ୍ ଓ ରୋଜ୍‌ମେରୀ ପାଉଡର ସମାନ ମାତ୍ରାରେ ନେଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ଏବେ ମୁହଁରେ ଲଗାଇ ଶୁଖାଇ ଦିଅନ୍ତୁ। ପ୍ୟାକ୍ ଶୁଖିଗଲା ପରେ ଥଣ୍ଡା ପାଣିରେ ମୁହଁକୁ ଭଲଭାବେ ଧୋଇ ଦିଅନ୍ତୁ। ଏହାଦ୍ୱାରା ତ୍ୱଚା ଅଏଲୀ ହୋଇନଥାଏ।



ଖାଦ୍ୟରୁଚି

# କାକୁଡ଼ି ରାଇତା

**ଆବଶ୍ୟକ ସାମଗ୍ରୀ**

୨ଟି କାକୁଡ଼ି,୪୦୦ଗ୍ରାମ ଦହି,ଛୋଟ ଆକାରରେ କଟାହୋଇଥିବା କଞ୍ଚାଲଙ୍କା,ଅଳ୍ପ ପରିମାଣର ଗୋଲମରିଚ ଗୁଣ୍ଡ,ଏକଚତୁର୍ଥାଂଶ କଳାଲୁଣ,ତିନିଚତୁର୍ଥାଂଶ ଭଜା ଏବଂ ଗୁଣ୍ଡ ହୋଇଥିବା ଜୀରା ଏବଂ ଧନିଆ ପାଉଡର, ସ୍ୱାଦଅନୁସାରେ ଲୁଣ,ଛୋଟ ଆକାରରେ କଟାହୋଇଥିବା ଧନିଆଁପତ୍ର।

**ପ୍ରସ୍ତୁତି ପ୍ରଣାଳୀ**

କାକୁଡ଼ିର ୨ମୁଣ୍ଡିକୁ କାଟି ଏହାକୁ ସେହି ମୁଣ୍ଡି ସାହାଯ୍ୟରେ ଦୁଇପଟକୁ ଘସି ଦିଅନ୍ତୁ। ଫଳରେ ଏଥିରେ ଥିବା ପିତା ଅଂଶ ଦୂରହୋଇଯିବ। ଏଥିରୁ ପୁଣି ଭଲଭାବେ ଚୋପା ଛଡ଼ାଇ କଦୁକସ୍ ସାହାଯ୍ୟରେ କାକୁଡ଼ିକୁ ଏଥିରେ ଘସି ଦିଅନ୍ତୁ। ଏହା ସହ ଦହିକୁ ଭଲଭାବେ ଗୋଳାଇ ଦିଅନ୍ତୁ। ଏବେ ଦହିରେ ଘସା ହୋଇଥିବା କାକୁଡ଼ି,କଞ୍ଚାଲଙ୍କା,ଗୋଲମରିଚ ଗୁଣ୍ଡ,ସାଦା ଲୁଣ,କଳାଲୁଣ,କଟା ଧନିଆଁପତ୍ର , ଏବେ ଆଗରୁ ପ୍ରସ୍ତୁତ ହୋଇଥିବା ଜୀରା ପାଉଡର ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଏହା ଉପରେ କଟା ହୋଇଥିବା ଧନିଆଁପତ୍ରକୁ ପକାନ୍ତୁ। ଏବେ ଆପଣଙ୍କର ପ୍ରସ୍ତୁତ ହୋଇଗଲା କାକୁଡ଼ି ରାଇତା।




DHARITRI
ଧରିତ୍ରୀ 50 Years

www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ମେ ୨୧/୨୦୨୪ | Bhubaneswar, Tuesday, May 21/ 2024


# ସନ୍‌ରାଇଜର୍ସ ପାୱାରହିଟିଂ ବନାମ କେକେଆର୍ ସ୍ପିନ୍

## ଆଇପିଏଲ୍ କ୍ୱାଲିଫାୟର-୧



ଦୁଇ ଅଧିନାୟକ ପ୍ୟାଟ୍ କମିନ୍ସ ଓ ଶ୍ରେୟସ ଆୟର।

**ଅହମଦାବାଦ,୨୦।୫(ପି.ଟି)**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ଏହାର ଅନ୍ତିମ ଚରଣରେ ପହଞ୍ଚିଛି। ଲିଗ୍ ପର୍ଯ୍ୟାୟ ଶେଷ ହୋଇଥିବା ବେଳେ ଟେବୁଲର ପ୍ରଥମ ଦୁଇ ସ୍ଥାନରେ ଥିବା କୋଲକାତା ନାଇଟ ରାଇଡର୍ସ(କେକେଆର୍) ଓ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଖେଳାଯିବ କ୍ୱାଲିଫାୟର-୧। ଏହି ମ୍ୟାଚ୍ ଜିତି ଉଭୟ ଦଳ ପ୍ରଥମେ ଫାଇନାଲରେ ସ୍ଥାନ ସୁରକ୍ଷିତ କରିବାକୁ ଚାହିଁବେ। ଉଭୟ ଦଳ ଚଳିତ ଟୁର୍ନାମେଣ୍ଟରେ ଆକ୍ରମଣାତ୍ମକ ବ୍ରାଣ୍ଡର କ୍ରିକେଟ ଖେଳିଛନ୍ତି। ସନରାଇଜର୍ସ ହାଇଦ୍ରାବାଦ ଖାସ୍ କରି ଆକ୍ରମଣାତ୍ମକ ବ୍ୟାଟିଂର ଏକ ନୂଆ ଟ୍ରେଣ୍ଡ ସେଟ୍ କରିଛି। ତେଣୁ ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ସନରାଇଜର୍ସର ବ୍ୟାଟିଂ ଫାୟାର ପାୱାର ଓ କୋଲକାତାର ସ୍ପିନ୍ ବୋଲିଂ ମଧ୍ୟରେ କଡା ଟକ୍କର ଦେଖିବାକୁ ମିଳିବ। ଉଭୟ ଦଳ ଆଇପିଏଲ୍‌ର ଅନ୍ତିମ ଦିନରେ ମ୍ୟାଚ୍ ଖେଳିଛନ୍ତି। ମାତ୍ର ଗୋଟିଏ ଦିନର ସମୟ ରହିଥିବା ବେଳେ ଖେଳାଳିମାନଙ୍କୁ ଅଧିକ ଟ୍ରାଭେଲ ମଧ୍ୟ କରିବାକୁ ପଡିଛି। ତେଣୁ ଯେଉଁ ଦଳ ଚାପକୁ ଠିକ୍ ଭାବରେ ମୁକାବିଲା କରିପାରିବ ସେ ଫାଇନାଲରେ ପ୍ରବେଶ କରିବ। ଦୁଇ ଥରର ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସ କ୍ରମାଗତ ୪ ମ୍ୟାଚ ଜିତି କ୍ୱାଲିଫାଏ କରିଥିଲା। ଦଳର ଅନ୍ତିମ ୨ ଲିଗ୍ ମ୍ୟାଚ୍ ବର୍ଷା କାରଣରୁ ଧୋଇ ଯାଇଥିଲା। ଦଳର ଖେଳାଳିମାନେ ୧୦ ଦିନ ପରେ କ୍ୱାଲିଫାୟର-୧ ଖେଳିବାକୁ ଯାଉଥିବା ବେଳେ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଅନ୍ୟପକ୍ଷରେ ମେ ୧୧ରେ ସନ୍‌ରାଇଜର୍ସ ଏହାର ଅନ୍ତିମ ମ୍ୟାଚରେ ପଞ୍ଜାବ କିଙ୍ଗ୍ସକୁ ୪ ଉଇକେଟରେ ପରାସ୍ତ କରିଥିଲା। ଦଳ ପକ୍ଷରୁ ଅଭିଷେକ ଶର୍ମା ଓ ଟ୍ରାଭିସ୍ ହେଡ୍ ଚମତ୍କାର ଫର୍ମରେ ରହିଛନ୍ତି। ଉଭୟ ଖେଳାଳି ଅଧିକାଂଶ ମ୍ୟାଚରେ ହାଇଦ୍ରାବାଦକୁ ଭଲ ଆରମ୍ଭ ଦେଇଛନ୍ତି। ଏହା ସହ ହେନ୍‌ରିଚ୍ କ୍ଲାସେନ୍ ମଧ୍ୟ ଚମତ୍କାର ଫର୍ମରେ ରହିଛନ୍ତି। ତେବେ ଏହି ୩ ଖେଳାଳିଙ୍କୁ ବାଦ୍ ଦେଲେ ଅନ୍ୟ କୌଣସି ଖେଳାଳିଙ୍କ ନିକଟରୁ ଉପଯୋଗୀ ଅବଦାନ ମିଳି ପାରି ନାହିଁ। ବଡ ମ୍ୟାଚ୍‌ରେ ଏହା ଦଳ ପାଇଁ ସମସ୍ୟା ସୃଷ୍ଟି କରିପାରେ। ଅନ୍ୟ ପକ୍ଷରେ କୋଲକାତା ନାଇଟ ରାଇଡର୍ସ ପକ୍ଷରୁ ୪୩୫ ରନ୍ ସଂଗ୍ରହ କରିଥିବା ଫିଲ୍ ସଲ୍ଟ ପରବର୍ତ୍ତୀ ମ୍ୟାଚ୍‌ଗୁଡିକ ପାଇଁ ଉପଲବ୍ଧ ନାହାନ୍ତି। ଜାତୀୟ ଡ୍ୟୁଟି ପାଇଁ ସଲ୍ଟ ଦଳ ଛାଡିଥିବା ବେଳେ ଏହା ଏକ ବଡ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଦଳ ପକ୍ଷରୁ ସୁନୀଲ ନାରିନ୍(୪୬୧ ରନ୍) ଉଭୟ ବ୍ୟାଟ୍ ଓ ବଲ୍ ଜରିଆରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଆନ୍ଦ୍ରେ ରସେଲ୍ ଉପଯୋଗୀ ରନ୍ କରିଥିବା ବେଳେ ରିଙ୍କୁ ସିଂଙ୍କ ପାଇଁ ଚଳିତ ସିଜନ ସମ୍ପୂର୍ଣ୍ଣ ଅଫ୍ ରହିଛି। ତେବେ ଅଧିନାୟକ ଶ୍ରେୟସ୍ ଆୟର ଏଯାଏ ଏକ ପ୍ରଭାବୀ ଇନିଂସ ଖେଳି ପାରିନାହାନ୍ତି। ବୋଲିଂରେ ନାରିନଙ୍କ ସହ ବରୁନ୍ ଚକ୍ରବର୍ତ୍ତୀ, ବୈଭବ ଅରୋରା ଓ ଆନ୍ଦ୍ରେ ରସେଲ ରହିଛନ୍ତି। ଅନ୍ୟ ପକ୍ଷରେ ସନରାଇଜର୍ସ ନିକଟରେ ପ୍ରମୁଖ ସମସ୍ୟା ଏହାର ସ୍ପିନ୍ ବୋଲିଂ ରହିଛି। ପ୍ୟାଟ୍ କମିନ୍ସ, ଭୁବନେଶ୍ୱର କୁମାର ଓ ଟି. ନଟରାଜନ ଚମତ୍କାର ବୋଲିଂ କରିଥିବା ବେଳେ ଦଳ ନିକଟରେ କ୍ୱାଲିଟି ସ୍ପିନରଙ୍କ ଅଭାବ ରହିଛି।

### ଆଜିର ମ୍ୟାଚ୍

**ହାଇଦ୍ରାବାଦ ବନାମ କୋଲକାତା**

ସ୍ଥାନ: ଅହମଦାବାଦ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


### ଅରେଞ୍ଜ କ୍ୟାପ୍

| ଖେଳାଳି | ମ୍ୟାଚ୍ | ଇନିଂସ | ରନ୍ | ଆଭରେଜ୍ | ଷ୍ଟ୍ରାଇକରେଟ୍ |
|---|---|---|---|---|---|
| ବିରାଟ କୋହଲି | ୧୪ | ୧୪ | ୭୦୮ | ୬୪.୩୬ | ୧୫୫.୬୦ |
| ଋତୁରାଜ ଗାଏକ୍ୱାଡ | ୧୪ | ୧୪ | ୫୮୩ | ୫୩.୦୦ | ୧୪୧.୧୬ |
| ଟ୍ରାଭିସ୍ ହେଡ୍ | ୧୨ | ୧୨ | ୫୩୩ | ୪୮.୪୫ | ୨୦୧.୧୩ |
| ରିୟାନ ପରାଗ | ୧୩ | ୧୨ | ୫୩୧ | ୫୯.୦୦ | ୧୫୨.୫୯ |
| ସାଇ ସୁଦର୍ଶନ | ୧୨ | ୧୨ | ୫୨୭ | ୪୭.୯୧ | ୧୪୧.୨୯ |

### ପର୍ପଲକ୍ୟାପ୍

| ଖେଳାଳି | ମ୍ୟାଚ୍ | ଓଭର | ରନ୍ | ଉଇକେଟ | ଆଭରେଜ |
|---|---|---|---|---|---|
| ହର୍ଷଲ ପଟେଲ୍ | ୧୪ | ୪୯ | ୪୭୭ | ୨୪ | ୧୯.୮୮ |
| ଯଶ୍‌ପ୍ରୀତ୍ ବୁମ୍‌ରା | ୧୩ | ୫୧.୫ | ୩୩୬ | ୨୦ | ୧୬.୮୦ |
| ଅର୍ଶଦୀପ ସିଂ | ୧୪ | ୫୦.୨ | ୫୦୫ | ୧୯ | ୨୬.୫୮ |
| ବରୁନ୍ ଚକ୍ରବର୍ତ୍ତୀ | ୧୨ | ୪୪ | ୩୬୭ | ୧୮ | ୨୦.୩୯ |
| ତୁଷାର ଦେଶପାଣ୍ଡେ | ୧୩ | ୪୮ | ୪୨୪ | ୧୭ | ୨୪.୯୪ |

## ଶାରଜା ମାଷ୍ଟର୍ସ ଚେସ୍‌ରେ ଅରବିନ୍ଦ ଆଗୁଆ



ଶାମ୍ ଶାଙ୍କଲାଣ୍ଡଙ୍କ ବିପକ୍ଷ ମ୍ୟାଚ୍‌ରେ ଅରବିନ୍ଦ ଚିଦାମ୍ବରମ।

**ଶାରଜା, ୨୦।୫ (ପି.ଟି)**

ଭାରତୀୟ ଗ୍ରାଣ୍ଡମାଷ୍ଟର ଅରବିନ୍ଦ ଚିଦାମ୍ବରମ ଶାରଜା ମାଷ୍ଟର୍ସ ଚେସ୍ ଟୁର୍ନାମେଣ୍ଟରେ ପ୍ରଥମ ସ୍ଥାନରେ ରହିଛନ୍ତି। ଆମେରିକାର ଶାମ୍ ଶାଙ୍କଲାଣ୍ଡଙ୍କ ସହ ମ୍ୟାଚ୍ ଡ୍ର ରଖି ସେ ପ୍ରଥମ ସ୍ଥାନରେ ପହଞ୍ଚିଛନ୍ତି। ୬ ରାଉଣ୍ଡ ଖେଳ ଶେଷ ହୋଇଥିବା ବେଳେ ଅରବିନ୍ଦ ୫ ପଏଣ୍ଟ ଅର୍ଜନ କରିଛନ୍ତି। ସେହିପରି ୨୭୦୦ ରେଟେଡ୍ କ୍ଲବରୁ ସେ ମାତ୍ର ୨ ପଏଣ୍ଟ ଦୂରରେ ରହିଛନ୍ତି। ଆହୁରି ୩ ରାଉଣ୍ଡ ଖେଳ ବାକି ଥିବା ବେଳେ ଅରବିନ୍ଦ ଏହି ମାଇଲଖୁଣ୍ଟ ହାସଲ କରିବାର ସମ୍ଭାବନା ରହିଛି। ସୋମବାର ଅନ୍ୟତମ ଭାରତୀୟ ତଥା ଟପ୍ ସିଡ୍ ଅର୍ଜୁନ ଏରିଗାସୀ ରୁଷିଆର ଡାନିଲ ୟୁଫାଙ୍କୁ ପରାସ୍ତ କରିଛନ୍ତି। ବିଜୟ ସହ ଅର୍ଜୁନ ୪.୫ ପଏଣ୍ଟ ହାସଲ କରି ଯୁଗ୍ମ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଇରାନର ବର୍ଡିୟା ଡେନାଭର ଓ ଅମିନ୍ ଟାବାଟାବାଇ, ଆମେରିକାର ହାନ୍ସ ମୋକ୍ ନେମାନ୍ ଓ ଶାମ୍ ଶାଙ୍କଲାଣ୍ଡ, ସର୍ବିଆର ଆଲେକ୍ସେ ସରାନା ୪.୫ ପଏଣ୍ଟ ସହ ମିଳିତ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ଟିଡିମ୍ ରୋଡ, ବେଙ୍ଗାଲୁରୁର ବୃହତ୍ ବିଜୟ

**ଭୁବନେଶ୍ୱର, ୨୦।୫ (ସରୋଜ ଜେନା)**

ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ)ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସବ୍‌ଜୁନିୟର ଲିଗ୍ ଫୁଟ୍‌ବଲରେ ସୋମବାର ଟିଡିମ୍ ରୋଡ ଆଥଲେଟିକ୍ ୟୁନିୟନ ଓ ବେଙ୍ଗାଲୁରୁ ଏଫ୍‌ସି ବୃହତ ବିଜୟ ହାସଲ କରିଛନ୍ତି। ଓଡ଼ିଶା ଫୁଟବଲ ଏକାଡେମୀରେ ୪ ମ୍ୟାଚ୍ ଖେଳା ଯାଇଥିବା ବେଳେ ବିଧାନ ନଗର ମୁନିସିପାଲ ସ୍ପୋର୍ଟ୍ସ ଏକାଡେମୀ, ବେଙ୍ଗାଲୁରୁ ଏଫ୍‌ସି, ଏଫ୍‌ସି ମାଦ୍ରାସ ଓ ଟିଡିମ୍ ରୋଡ ଆଥଲେଟିକ୍ ୟୁନିୟନ ବିଜୟୀ ହୋଇଛନ୍ତି। ବିଧାନ ନଗର ମୁନିସିପାଲ ସ୍ପୋର୍ଟ୍ସ ଏକାଡେମୀ ୨-୧ ଗୋଲରେ ଇଷ୍ଟ ବେଙ୍ଗଲ ଏଫ୍‌ସିକୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ଡାନିଏଲ ଲାଲୱାମପୁଇଆଙ୍କ ହ୍ୟାଟ୍ରିକ ବଳରେ ବେଙ୍ଗାଲୁରୁ ଏଫ୍‌ସି ୯-୫ ଗୋଲରେ ଦ ସ୍ପୋର୍ଟ୍ସ ସ୍କୁଲକୁ ହରାଇଥିଲା। ତୃତୀୟ ମ୍ୟାଚ୍‌ରେ ଏଫ୍‌ସି ମାଦ୍ରାସ ୩-୨ ଗୋଲରେ ମୁମ୍ବାଇ ସିଟି ଏଫ୍‌ସିକୁ ହରାଇଛି। ଅନ୍ୟ ପକ୍ଷରେ ଆହେବାମ୍ ରୋନାନଦେବ ଓ ସିନାମ ପାଇଖୋମ୍ବା ସିଂଙ୍କ ହ୍ୟାଟ୍ରିକ୍ ଗୋଲ ବଳରେ ଟିଡିମ୍ ରୋଡ ଆଥଲେଟିକ୍ ୟୁନିୟନ ୧୧-୩ ଗୋଲରେ ମୁମ୍ବାଇ ସ୍କୁଲ ସ୍ପୋର୍ଟ୍ସ ଆସୋସିଏଶନକୁ ପରାସ୍ତ କରିଛି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ